# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ବୁଧବାର, ମେ ୭/୨୦୨୫ (୧୨ ପୃଷ୍ଠା) | Bhubaneswar, Wednesday, May 7/2025 | Page 12 | ₹ 7.00

୫୧ଶ ଭାଗ ୧୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 161 | ମୂଲ୍ୟ ₹୭/-




## ଦିବ୍ୟଦର୍ଶିନୀଙ୍କ ଶତକ

ବଲାଙ୍ଗୀର ବିପକ୍ଷ ଓସିଏ ଆନ୍ତଃ ଜିଲା ମହିଳା ଟି୨୦ ସୁପର ଲିଗ୍‌ରେ ଭୁବନେଶ୍ୱରର ସୁଶ୍ରୀ ଦିବ୍ୟଦର୍ଶିନୀ ଶତକ ହାସଲ କରିଛନ୍ତି।

୧୨

୦୨

## ମେଟ୍ ଗାଲାରେ କିଙ୍ଗ ଖାନ୍‌ଙ୍କ ଡେବ୍ୟୁ

ପ୍ରତିଷ୍ଠିତ ଫେଶନ୍ ଇଭେଣ୍ଟ 'ମେଟ୍ ଗାଲା ୨୦୨୫'ରେ ଅଭିନେତା ଶାହରୁଖ ଖାନ୍ ନିଜର ସ୍ୱତନ୍ତ୍ର ଅନ୍ଦାଜ ସହ ଡେବ୍ୟୁ କରିଛନ୍ତି।





ଦେଶବ୍ୟାପୀ ବୁଧବାର ସିଭିଲ୍ ଡିଫେନ୍ସ ମକ୍ ଡ୍ରିଲ୍ ହେବାକୁ ଥିବାବେଳେ ଏହାର ଅବ୍ୟବହିତ ପୂର୍ବରୁ ପ୍ରୟାଗରାଜରେ ପ୍ରସ୍ତୁତି ଚାଲିଛି।

# ମୋଦି ପାଇଥିଲେ ଆକ୍ରମଣର ଗୋଇନ୍ଦା ରିପୋର୍ଟ: ଖାର୍ଗେ

**ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍‌ସ୍ଥିତ ବୈସରନ୍ ଉପତ୍ୟକାରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୨୬ ହିନ୍ଦୁ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। ଏହାର ୩ ଦିନ ପୂର୍ବରୁ ଅର୍ଥାତ୍ ୧୯ ତାରିଖରେ ସମ୍ଭାବ୍ୟ ଆକ୍ରମଣ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗୋଇନ୍ଦା ରିପୋର୍ଟ ପ୍ରଦାନ କରାଯାଇଥିଲା। କିନ୍ତୁ ସରକାର ଉକ୍ତ ଗୋଇନ୍ଦା ତଥ୍ୟ ସଶସ୍ତ୍ର ବଳକୁ ନ ଦେବାରୁ ଏତେ ବଡ଼ ଆକ୍ରମଣ ଘଟିଗଲା ବୋଲି ମଙ୍ଗଳବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଥିବାବେଳେ ଖାର୍ଗେ ଏପରି ଦାୟିତ୍ୱହୀନ ମନ୍ତବ୍ୟ ଦେବା ଅନୁଚିତ। ସେ ଯାହା ଦାବି କରୁଛନ୍ତି ସେନେଇ ପ୍ରମାଣ ଦିଅନ୍ତୁ, ନଚେତ୍ ନିଜ ମନ୍ତବ୍ୟ ପାଇଁ କ୍ଷମା ମାଗନ୍ତୁ ବୋଲି ଭାଜପା କହିଛି।**

ରାଞ୍ଚି/ନୂଆଦିଲ୍ଲୀ,୬।୫



ମଲ୍ଲିକାର୍ଜୁନ ଖାର୍ଗେ

କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ମଙ୍ଗଳବାର ଝାଡ଼ଖଣ୍ଡର ରାଞ୍ଚିରେ ଆୟୋଜିତ 'ସମ୍ବିଧାନ ବଞ୍ଚାଅ' ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସରକାର ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଖାର୍ଗେ କହିଛନ୍ତି, ପହଲଗାମ୍ ଆକ୍ରମଣ ସମ୍ପର୍କରେ ଆଗୁଆ ଗୋଇନ୍ଦା ରିପୋର୍ଟ ମିଳିବା ସତ୍ତ୍ୱେ ସେଠାରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଅଣଦେଖା କରାଯାଇଥିଲା। ଏପରି କି ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବିତ କଶ୍ମୀର ଗସ୍ତ କାର୍ଯ୍ୟକ୍ରମକୁ ମଧ୍ୟ ବାତିଲ କରାଯାଇଥିଲା। ଯଦି ଗୋଇନ୍ଦା ତଥ୍ୟ ଆଧାରରେ ଗସ୍ତ ବାତିଲ କଲେ ତେବେ ସେଠାକୁ ଅଧିକ ସୁରକ୍ଷା ବଳ କାହିଁକି ପଠାଇଲେ ନାହିଁ? ସ୍ଥାନୀୟ ପୋଲିସକୁ କାହିଁକି ସତର୍କ କରାଇଲେ ନାହିଁ? ସମ୍ପୃକ୍ତ ଅଞ୍ଚଳରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଯବାନଙ୍କୁ ମୁତୟନ କରାଯିବା ଆବଶ୍ୟକ ଥିଲା। ସୁରକ୍ଷାରେ ତ୍ରୁଟି ହୋଇଥିବା ବିଷୟ ଏପ୍ରିଲ ୨୪ରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ସରକାର ମାନିଥିଲେ। ଯଦି ସେମାନେ ନିଜ ବିଫଳତା ସ୍ୱୀକାର କରିଥିଲେ, ତେବେ ଏତେ ଲୋକଙ୍କ ପ୍ରାଣହାନି ପାଇଁ ନିଜକୁ ଉତ୍ତରଦାୟୀ କରିବା ଉଚିତ। ଏକ ଖବରକାଗଜ ରିପୋର୍ଟକୁ ଭିତ୍ତିକରି ଖାର୍ଗେ ଏହି ପ୍ରସଙ୍ଗ ଉଠାଇଥିବା କହିଥିଲେ ମଧ୍ୟ ନିଜ ଅଭିଭାଷଣରେ ଉକ୍ତ ସୂତ୍ର ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବେ କିଛି ସ୍ପଷ୍ଟ କରିନାହାନ୍ତି। ଖାର୍ଗେ ଆହୁରି କହିଛନ୍ତି, ପହଲଗାମ୍ ଆକ୍ରମଣକୁ ନେଇ କଂଗ୍ରେସ ରାଜନୀତି କରିବାକୁ ଚାହୁଁନାହିଁ। ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କୁ ଯେପରି ନ୍ୟାୟ ମିଳିବ ତାହା ସୁନିଶ୍ଚିତ କରିବା ଏକ ସାମୂହିକ ଉଦ୍ୟମ। ତେଣୁ ଆତଙ୍କବାଦ ପ୍ରସଙ୍ଗରେ ସରକାର ପାକିସ୍ତାନ ଉପରେ ଯାହା କାର୍ଯ୍ୟାନୁଷ୍ଠାନ ନେବେ କଂଗ୍ରେସ ତାକୁ ସମର୍ଥନ କରିବ ବୋଲି ଖାର୍ଗେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ବରିଷ୍ଠ ଭାଜପା ନେତା ରବିଶଙ୍କର ପ୍ରସାଦ ଖାର୍ଗେଙ୍କ ଏହି ମନ୍ତବ୍ୟକୁ ନିନ୍ଦା କରିଛନ୍ତି। ରବିଶଙ୍କର କହିଛନ୍ତି, ଖାର୍ଗେ ଜାତୀୟ ସୁରକ୍ଷା ଉପରେ ବିବାଦୀୟ ମନ୍ତବ୍ୟ ଦେଉଥିବା କଂଗ୍ରେସ ନେତାମାନଙ୍କୁ ନିୟନ୍ତ୍ରଣ କରିବା ପରିବର୍ତ୍ତେ ସେମାନଙ୍କ ଗୋଷ୍ଠୀରେ ସାମିଲ ହୋଇଯାଇଛନ୍ତି। ସେମାନେ ଜାତୀୟ ସୁରକ୍ଷାକୁ ମଜଭୁତ କରିବା କଥା କହି ଏହାକୁ ଦୁର୍ବଳ କରିବାକୁ ଉଦ୍ୟମ ଚଳାଇଛନ୍ତି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ସମାଲୋଚନା କରିଛନ୍ତି। ସେହିପରି ଭାଜପା ମୁଖପାତ୍ର ସି.ଆର୍. କେଶବନ୍ କହିଛନ୍ତି, ଖାର୍ଗେ ଯାହା ଦାବି କରୁଛନ୍ତି ସେନେଇ ପ୍ରମାଣ ଦିଅନ୍ତୁ। ନଚେତ୍ ନିଜ ମନ୍ତବ୍ୟ ପାଇଁ କ୍ଷମା ମାଗନ୍ତୁ।

## ୧୩ ସୁଦ୍ଧା ଆଣ୍ଡାମାନ ଛୁଇଁପାରେ ମୌସୁମୀ

ନୂଆଦିଲ୍ଲୀ,୬।୫

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୧୩ ତାରିଖ ସୁଦ୍ଧା ଦକ୍ଷିଣ ଆଣ୍ଡାମାନ୍ ସାଗର, ଦକ୍ଷିଣ-ପୂର୍ବ ବଙ୍ଗୋପସାଗରର କେତେକ ଅଞ୍ଚଳ ଏବଂ ନିକୋବର ଦ୍ୱୀପପୁଞ୍ଜ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି। ସ୍ୱାଭାବିକ ସମୟଠାରୁ ସପ୍ତାହେ ପୂର୍ବରୁ ଉପରୋକ୍ତ ଅଞ୍ଚଳରେ ମୌସୁମୀ ପହଞ୍ଚିବା ଆଶା କରାଯାଉଛି ବୋଲି ମଙ୍ଗଳବାର ଅପରାହ୍ନରେ ପାଣିପାଗ ବିଭାଗ କହିଛି। ଆଣ୍ଡାମାନ ସାଗରରେ ମୌସୁମୀ ପହଞ୍ଚିବାର ୧୫ ଦିନ ମଧ୍ୟରେ କେରଳର ଦକ୍ଷିଣ-ପଶ୍ଚିମ ଉପକୂଳ ଛୁଇଁଥାଏ। ଆଣ୍ଡାମାନ୍‌ରେ ସଅଳ ପହଞ୍ଚିବାକୁ ଥିବାରୁ କେରଳରେ ମଧ୍ୟ ଶୀଘ୍ର ମୌସୁମୀ ବର୍ଷା ହେବା ଆଶା କରାଯାଏ।

## ଦୁର୍ଘଟଣା ପୀଡ଼ିତଙ୍କୁ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ଲେସ୍ ଚିକିତ୍ସା

ନୂଆଦିଲ୍ଲୀ,୬।୫

ଜରୁରୀ ଚିକିତ୍ସାରେ ଉନ୍ନତି ଆଣିବା ପାଇଁ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ସ୍ୱରୂପ ଦେଶବ୍ୟାପୀ ସମସ୍ତ ସଡ଼କ ଦୁର୍ଘଟଣା ପୀଡ଼ିତଙ୍କ ପାଇଁ କ୍ୟାଶ୍‌ଲେସ୍ ଚିକିତ୍ସା ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଦେଶର ସମସ୍ତ ସରକାରୀ ଓ ଘରୋଇ ହସ୍ପିଟାଲରେ ସଡ଼କ ଦୁର୍ଘଟଣା ପୀଡ଼ିତଙ୍କ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ମିଳିବ। ଦୁର୍ଘଟଣା ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ 'ସୁବର୍ଣ୍ଣ ସମୟ'ରେ ଜରୁରୀ ଚିକିତ୍ସା ଯୋଗାଇଦେଇ ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏହି ଯୋଜନା ଘୋଷଣା କରାଯାଇଛି। ମନ୍ତ୍ରଣାଳୟ କ୍ୟାଶ୍‌ଲେସ୍ ଟ୍ରିଟ୍‌ମେଣ୍ଟ ଅଫ୍ ରୋଡ୍ ଆକ୍ସିଡେଣ୍ଟ ଭିକ୍ଟିମ୍ ସ୍କିମ୍, ୨୦୨୫ ଭାବେ ପୂର୍ବରୁ ଜଣାଶୁଣା ଏହି ଯୋଜନାର ଲକ୍ଷ୍ୟ ହେଲା ତ୍ୱରିତ୍ ଏବଂ ଜରୁରୀ ଚିକିତ୍ସା ମାଗଣାରେ ଯୋଗାଇଦେଇ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା କମାଇବା। ୨୦୨୩ରେ ଭାରତରେ ମୋଟ ୪,୮୦,୦୦୦ ରାସ୍ତା ଦୁର୍ଘଟଣା ହୋଇଥିବାବେଳେ ସେଥିରେ ୧,୭୨,୦୦୦ ଜଣଙ୍କ ଜୀବନ ଯାଇଥିଲା। ତୁରନ୍ତ ଡାକ୍ତରୀ ଚିକିତ୍ସା ମିଳିଥିଲେ ଅନେକଙ୍କ ଜୀବନ ରକ୍ଷା ହୋଇପାରିଥାନ୍ତା। ତେଣୁ ଦୁର୍ଘଟଣାର ଠିକ୍ ପରବର୍ତ୍ତୀ ସୁବର୍ଣ୍ଣ ସମୟରେ ଚିକିତ୍ସା ଯୋଗାଇଦେବା ଉପରେ ନୂଆ ଯୋଜନା ଗୁରୁତ୍ୱ ଦେଉଛି। ଦୁର୍ଘଟଣାର ୭ ଦିନ ମଧ୍ୟରେ ଏହି ସୁବିଧା ଉପଲବ୍ଧ ହେବାକୁ ଥିବାବେଳେ ଏହା ସମସ୍ତେ ପାଇପାରିବେ।


ଆଜିର ସମ୍ପାଦକୀୟ

କଫ୍ ସିରପ୍‌ର ମଜା


# କ୍ଷୀରରେ ଅପମିଶ୍ରଣ, ଜୀବନ ସହ ଖେଳ

## ୫୦ ବସ୍ତା ଅପମିଶ୍ରିତ ଦୁଗ୍ଧ ପାଉଡର ଜବତ, ଅଭିଯୁକ୍ତ ଫେରାର

**କମ୍ ଖର୍ଚ୍ଚରେ ଅଧିକ ଲାଭ ଆଶା ରଖି କେତେକ ଲୋକ ଜନସାଧାରଣଙ୍କୁ ଠକୁଛନ୍ତି। ଏପରି କି କ୍ଷୀର ଭଳି ଏକ ଅତ୍ୟାବଶ୍ୟକ ସାମଗ୍ରୀରେ ରାସାୟନିକ ପଦାର୍ଥ ବ୍ୟବହାର କରି ଅନ୍ୟମାନଙ୍କ ଜୀବନ ସହ ଖେଳିବାକୁ ପଛାଉନାହାନ୍ତି। ଅନ୍ୟକେହି ଯେପରି ଜାଣି ନ ପାରିବେ ସେଥିଲାଗି ଏହି ଅପମିଶ୍ରଣ ଓମ୍‌ଫେଡ୍ ଦ୍ୱାରା ପରିଚାଳିତ ଦୁଗ୍ଧ ସଂଗ୍ରହ କେନ୍ଦ୍ରରେ ଚଳାଇଥିଲେ। ଏଭଳି ଏକ ଅପମିଶ୍ରିତ ଗୋଦାମ ଠାବ ହୋଇଛି ଜଗତ୍‌ସିଂହପୁର ଜିଲାରେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଖାଦ୍ୟ ସୁରକ୍ଷା ଅଧିକାରୀ ମଙ୍ଗଳବାର ବାଲିକୁଦା ବ୍ଲକ ଅନ୍ତର୍ଗତ ତରାସାହିସ୍ଥିତ ଏକ ଦୁଗ୍ଧ ସଂଗ୍ରହ କେନ୍ଦ୍ରରେ ଚଢ଼ାଉକରି ବହୁ ପରିମାଣର ଅପମିଶ୍ରିତ କ୍ଷୀର ଏବଂ ୫୦ ବସ୍ତା ସିନ୍ଥେଟିକ୍ ମିଲ୍କ ପାଉଡର ଜବତ କରିଛନ୍ତି।**




ଜଗତ୍‌ସିଂହପୁର,୬।୫
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ତରାସାହି ଗ୍ରାମରେ ଓମଫେଡ୍ ଦ୍ୱାରା ପରିଚାଳିତ ଏକ ଦୁଗ୍ଧ ସଂଗ୍ରହ କେନ୍ଦ୍ରରେ ମଙ୍ଗଳବାର ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ଚଢ଼ାଉ କରି କ୍ଷୀରରେ ମିଶ୍ରଣ ପାଇଁ ଲୁଚାଇ ରଖାଯାଇଥିବା ୫୦ ବସ୍ତା(୧୨୫୦ କିଲୋଗ୍ରାମ) ଅପମିଶ୍ରିତ ପାଉଡର୍ ଜବତ କରିଛନ୍ତି। ଏହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ତେବେ ଏତେ ପରିମାଣର ଅପମିଶ୍ରିତ ପାଉଡର କେଉଁ ଉଦ୍ଦେଶ୍ୟରେ ରଖାଯାଇଥିଲା ତା'ର ସ୍ପଷ୍ଟ ସୂଚନା ମିଳି ନ ଥିଲେ ସୁଦ୍ଧା କ୍ଷୀରର ପରିମାଣ ସହ ପାରାମିଟର ବୃଦ୍ଧି ପାଇଁ ବ୍ୟବହାର ହେଉଥିଲା ବୋଲି କୁହାଯାଉଛି। ଏଥିସହ ପନିର୍ ପ୍ରସ୍ତୁତିରେ ଏହି ପାଉଡର୍ ସହାୟକ ହେଉଥିଲା ବୋଲି ଆଲୋଚନା ହେଉଛି। ଜୀବନ ସହ ଖେଳୁଥିବା ଏଭଳି ବ୍ୟକ୍ତିମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରିବା ପାଇଁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହୋଇଛି।

ଜଗତ୍‌ସିଂହପୁର ଖାଦ୍ୟ ସୁରକ୍ଷା ଅଧିକାରିଣୀ(ଫୁଡ୍ ସେଫ୍ଟି ଅଫିସର) ସମିତା ଦାସଙ୍କ କହିବାନୁସାରେ, ଉପଜିଲାପାଳ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବାଲିକୁଦା ତହସିଲଦାର, ଆଇଆଇସି ଏବଂ ନିଜେ ଖାଦ୍ୟ ସୁରକ୍ଷା ଅଧିକାରିଣୀ ଉକ୍ତ ଦୁଗ୍ଧ ସଂଗ୍ରହ କେନ୍ଦ୍ରରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଉକ୍ତ କେନ୍ଦ୍ରର ପରିଚାଳକ ତଥା ମା' ଛତରାଇ ଦୁଗ୍ଧ ସମବାୟ ସମିତି ସମ୍ପାଦକ ଉଲ୍ଲାସ ଦାସ ସେଠାରୁ ଖସି ପଳାଇଯାଇଥିଲେ। ଯାଞ୍ଚ ସମୟରେ ୨୫ କିଲୋଗ୍ରାମ ହିସାବରେ ୪୦ ବସ୍ତା ବିଭିନ୍ନ ବ୍ରାଣ୍ଡର ଅପମିଶ୍ରିତ ପାଉଡର ଗଚ୍ଛିତ ଥିବା ଜଣାପଡ଼ିଥିଲା। ଏହାବାଦ୍ ଆଉ ୧୦ ବସ୍ତାରେ ୨୫ଟି କିଲିକିଆ ପ୍ୟାକେଟ୍ ଥିବା ଜଣାଯାଇଥିଲା। ଏତେ ପରିମାଣର ଅପମିଶ୍ରିତ ପାଉଡର୍ ବ୍ୟବହାର ପାଇଁ ଗଚ୍ଛିତ ରଖାଯିବା ସାଧାରଣ କଥା ନୁହେଁ। ବିଭାଗ ଏହାକୁ ଗମ୍ଭୀରତାର ସହ ନେଇଛି। ନମୁନା ସଂଗ୍ରହ କରାଯାଇ ଷ୍ଟେଟ୍ ଫୁଡ୍ ଟେଷ୍ଟିଂ ଲାବରେଟୋରି ପଠାଯିବ। ତା'ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଦାସ କହିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇଙ୍କୁ ପଚାରିବାରୁ ସେ କହିଥିଲେ, ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ କରାଯାଇଥିଲା। ଉଲ୍ଲାସଙ୍କ ଘର ଆଗରେ ଚଢ଼ାଉ ଟିମ୍‌ର ଗାଡ଼ି ପହଞ୍ଚିବାପରେ ସେ ସନ୍ଦେହ କରି ଖସି ପଳାଇଥିଲେ। ତାଙ୍କୁ ଡାକିବା ପାଇଁ ପରିବାର ଲୋକଙ୍କୁ କୁହାଯାଇଥିଲେ ସୁଦ୍ଧା ସେ ଆସି ନ ଥିଲେ। ପାଉଡର୍ ବସ୍ତାଗୁଡ଼ିକ ତାଙ୍କ ଘର ପାର୍ଶ୍ୱ ଅନ୍ୟ ଜଣେ ବ୍ୟକ୍ତିଙ୍କ ବାରଣ୍ଡାରେ ପଲିଥିନ୍ ଘୋଡ଼ାଇ ରଖିଥିଲେ। ତେବେ ଏତେ ପରିମାଣର ପାଉଡର ଗଚ୍ଛିତ ପଛର ରହସ୍ୟ ଜାଣିବା ପାଇଁ ପୋଲିସର ଆଶ୍ରୟ ନିଆଯିବ ବୋଲି ତରାଇ କହିଛନ୍ତି। କେତେଜଣଙ୍କ କହିବା କଥା ହେଲା, ୧ କିଲୋଗ୍ରାମ ପାଉଡର୍‌ରେ ୧୦ଲିଟର୍ କ୍ଷୀର ହେଉଛି। ଆଉ କେତେଜଣ କହୁଛନ୍ତି କମ୍ କ୍ଷୀରରେ କିଛି ପାଉଡର ମିଶାଯାଇ ପରିମାଣ ବୃଦ୍ଧି କରାଯାଉଛି। ସେହିପରି ପନିରରେ ଏହା ମଧ୍ୟ ବ୍ୟବହାର ହେଉଛି। ତେବେ ପରୀକ୍ଷା ରିପୋର୍ଟ ଆସିଲା ପରେ ବାସ୍ତବରେ ଏହା ଜୀବନ ପ୍ରତି ବିପଦ ସୃଷ୍ଟିକରେ କି ନୁହେଁ ତାହା ସ୍ପଷ୍ଟ ହୋଇଯିବ ବୋଲି ଉପଜିଲାପାଳ କହିଛନ୍ତି। ଅପରପକ୍ଷରେ ଖାଇବା ସୋଡା, ଲୁଣ, ୟୁରିଆ ଓ ରିଫାଇନ ତେଲ ସହ ଉକ୍ତ ନକଲି ପାଉଡର୍ ମିଶାଯାଇ ପ୍ରକୃତ କ୍ଷୀରର ପରିମାଣକୁ ଦ୍ୱିଗୁଣିତ କରି ଦିଆଯାଏ। ଏପରି କି ତାହା ଅପମିଶ୍ରିତ ବୋଲି ଜାଣିବା ସହଜ ହେଉ ନ ଥିବାରୁ ଅସାଧୁ ବ୍ୟକ୍ତିମାନେ ଏହାର ଭରପୂର ଫାଇଦା ଉଠାଉଛନ୍ତି ବୋଲି କେତେଜଣ ଦୁଗ୍ଧ ସମବାୟ ସମିତି ସମ୍ପାଦକ ନାମ ଗୋପନ ରଖି କହିଛନ୍ତି।

# ମାନବ ବିକାଶ ସୂଚକାଙ୍କ: ଶ୍ରୀଲଙ୍କା ତଳେ ଭାରତ

## ଶୀର୍ଷରେ ଆୟର୍ଲାଣ୍ଡ



ନୂଆଦିଲ୍ଲୀ, ୬।୫

ୟୁନାଇଟେଡ୍ ନେଶନ ଡେଭେଲପ୍‌ମେଣ୍ଟ ପ୍ରୋଗ୍ରାମ (ୟୁଏନ୍‌ଡିପି) ପକ୍ଷରୁ ମଙ୍ଗଳବାର ଜାରି ହୋଇଥିବା ମାନବ ବିକାଶ ସୂଚକାଙ୍କ(ଏଚ୍‌ଡିଆଇ)ରେ ଭାରତ ୧୯୩ ଦେଶ ମଧ୍ୟରୁ ୧୩୦ତମ ସ୍ଥାନରେ ରହିଛି। ୨୦୨୨ରୁ ୨୦୨୩ ମଧ୍ୟରେ ଭାରତର ଏଚ୍‌ଡିଆଇ ର୍‍ୟାଙ୍କିଂ ୧୩୩ତମ ସ୍ଥାନରୁ ଉନ୍ନୀତ ହୋଇ ୧୩୦ ତମ ସ୍ଥାନରେ ପହଞ୍ଚିଛି। ସେହିପରି ୨୦୨୨ରେ ଭାରତର ଏଚ୍‌ଡିଆଇ ଭାଲ୍ୟୁ ୦.୬୭୬ ଥିବାବେଳେ ୨୦୨୩ରେ ଏହା ବୃଦ୍ଧି ଘଟି ୦.୬୮୫ରେ ପହଞ୍ଚିଛି। ୦.୯୭୨ ଏଚ୍‌ଡିଆଇ ଭାଲ୍ୟୁ ସହ ଏହି ସୂଚକାଙ୍କରେ ଆୟର୍ଲାଣ୍ଡ ସର୍ବୋଚ୍ଚ ସ୍ଥାନ ହାସଲ କରିଛି। ନରୱେ, ସୁଇଜରଲାଣ୍ଡ, ଡେନ୍‌ମାର୍କ ଏବଂ ଜର୍ମାନୀ ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନରେ ରହିଛନ୍ତି। ଭାରତର ର୍‍ୟାଙ୍କିଂ ପଡ଼ୋଷୀ ବାଂଲାଦେଶ ସହ ସମାନ ରହିଛି। ସେହିପରି ଦେଶର ଅନ୍ୟ ୩ ପଡ଼ୋଷୀ ଶ୍ରୀଲଙ୍କା, ନେପାଳ ଏବଂ ପାକିସ୍ତାନ ଯଥାକ୍ରମେ ଏହି ସୂଚକାଙ୍କରେ ୮୯, ୧୪୫ ଏବଂ ୧୬୮ତମ ସ୍ଥାନରେ ରହିଛନ୍ତି। ୦.୩୮୮ ଏଚ୍‌ଡିଆଇ ଭାଲ୍ୟୁ ସହ ଦକ୍ଷିଣ ସୁଦାନ ଏହି ସୂଚକାଙ୍କର ସର୍ବନିମ୍ନ ସ୍ଥାନରେ ରହିଛି।

ଏହି ରିପୋର୍ଟ ଅନୁଯାୟୀ, ଭାରତ ମଧ୍ୟମ ମାନବ ବିକାଶ ବର୍ଗରେ ରହିଛି। ଉଚ୍ଚ ମାନବ ବିକାଶ ବର୍ଗରେ ରହିବା ପାଇଁ ଆବଶ୍ୟକ ଏଚ୍‌ଡିଆଇ ଭାଲ୍ୟୁ ୦.୭୦୦ରେ ଭାରତ ନିକଟତର ହୋଇଛି। ତେବେ ଅସମାନତା ଭାରତର ଏଚ୍‌ଡିଆଇ ଭାଲ୍ୟୁକୁ ୩୦.୭% ପର୍ଯ୍ୟନ୍ତ ହ୍ରାସ କରୁଛି, ଯାହା ଭାରତର ଏଚ୍‌ଡିଆଇ ଭାଲ୍ୟୁକୁ ସର୍ବାଧିକ କ୍ଷତି ପହଞ୍ଚାଉଥିବା ଏହି ରିପୋର୍ଟ କହିଛି। ଭାରତରେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ରହିଥିବା ଅସମାନତାରେ ଉନ୍ନତି ଆସିଥିବାବେଳେ ଦେଶରେ ଆୟ ଏବଂ ଲିଙ୍ଗଗତ ଅସମାନତା ଏବେ ମଧ୍ୟ ଜାରି ରହିଛି। ଭାରତର ଶ୍ରମଶକ୍ତିରେ ମହିଳାଙ୍କ ଭାଗୀଦାରି ଏବଂ ରାଜନୈତିକ ପ୍ରତିନିଧିତ୍ୱ ଦୃଷ୍ଟିରୁ ମହିଳାଙ୍କ ସ୍ଥିତି ଏବେ ମଧ୍ୟ ଅନ୍ୟ ଦେଶ ତୁଳନାରେ ଦୁର୍ବଳ ଥିବା ଏହି ରିପୋର୍ଟ କହିଛି। ସେହିପରି ଭାରତରେ ପ୍ରତିବ୍ୟକ୍ତିଙ୍କ ହାରାହାରି ଆୟୁ ୭୧.୭ ବର୍ଷରୁ ୭୨ ବର୍ଷକୁ ବୃଦ୍ଧି ପାଇ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବା ଏହି ରିପୋର୍ଟ କହିଛି। ୟୁଏନ୍‌ଡିପି ଇଣ୍ଡିଆର ରେସିଡେଣ୍ଟ ରିପ୍ରେଜେଣ୍ଟେଟିଭ୍ ଆଞ୍ଜେଲା ଲୁସିଗି କହିଛନ୍ତି, ୨୦୨୨ ତୁଳନାରେ ୨୦୨୩ରେ ଭାରତ ଏଚ୍‌ଡିଆଇରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଏହି ରିପୋର୍ଟ ଏଚ୍‌ଡିଆଇର ପ୍ରମୁଖ ଦିଗଗୁଡ଼ିକରେ ଭାରତର ଉନ୍ନତିକୁ ପ୍ରତିଫଳିତ କରୁଛି। ବିଶେଷ କରି ସ୍କୁଲ୍ ଶିକ୍ଷା, ମୁଣ୍ଡ ପିଛା ଜାତୀୟ ଆୟରେ ଭାରତର ପ୍ରଦର୍ଶନରେ ଉନ୍ନତି ଆସିଥିବା ସେ କହିଛନ୍ତି।

# ୩୩ ପଇସା କମିବ ବିଦ୍ୟୁତ୍ ଦର

ଭୁବନେଶ୍ୱର,୬।୫(ରବିନାରାୟଣ ଜେନା)




ଦୀର୍ଘଦିନ ପରେ ରାଜ୍ୟର ଖୁଚୁରା ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇ ଭଲ ଖବର ଶୁଣିବାକୁ ମିଳିଛି। ମଙ୍ଗଳବାର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି)ଙ୍କ ପକ୍ଷରୁ ଜନଶୁଣାଣି ବେଳେ ବିଦ୍ୟୁତ୍ ଟାରିଫ୍ ୟୁନିଟ୍ ପିଛା ୩୩ ପଇସା କମିବ ବୋଲି ଜଣାପଡ଼ିଛି। ବିଦ୍ୟୁତ୍ ବିତରଣ କମ୍ପାନୀ ଏବଂ ଜନସାଧାରଣଙ୍କ ଯୁକ୍ତି ଶୁଣିବା ପରେ ଆୟୋଗ ଏହି ନିଷ୍ପତ୍ତି ନେଇଛନ୍ତି। ଖୁବ୍‌ଶୀଘ୍ର ଏସଂକ୍ରାନ୍ତରେ ଆୟୋଗଙ୍କ ପକ୍ଷରୁ ସରକାରଙ୍କ ଅନୁମତି ନେବାପରେ ବିଧିବଦ୍ଧ ଘୋଷଣା ହେବ।

ସୂଚନା ଅନୁଯାୟୀ, ଚଳିତବର୍ଷର ଖୁଚୁରା ବିଦ୍ୟୁତ୍ ମୂଲ୍ୟ ନିର୍ଣ୍ଣୟ କରିବାପାଇଁ ଫେବୃଆରୀରେ ହୋଇଥିବା ଜନଶୁଣାଣି ବେଳେ ଓଡ଼ିଶା ପାୱାର ଜେନେରେଶନ କରପୋରେଶନ(ଓପିଜିସି) ଦାଖଲ କରିଥିବା ଦରଖାସ୍ତକୁ ଆୟୋଗ ଫଇସଲା ନ କରି ବିଦ୍ୟୁତ୍ ମୂଲ୍ୟକୁ ଅପରିବର୍ତ୍ତିତ ରଖିଥିଲା। ମଙ୍ଗଳବାର ଓପିଜିସି ଦାଖଲ କରିଥିବା ଟାରିଫ ଦରଖାସ୍ତକୁ ଜନଶୁଣାଣି ପାଇଁ ଗ୍ରହଣ କରିଥିଲା। ଜରୁରୀ କାର୍ଯ୍ୟ ପାଇଁ ଆୟୋଗଙ୍କ ସଭ୍ୟ ଗଜେନ୍ଦ୍ର ମହାପାତ୍ର ଶୁଣାଣି ସମୟରେ ବିରତି ନେଇଥିବା ବେଳେ ଆୟୋଗଙ୍କ ପକ୍ଷରୁ ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା ଓ ଅନ୍ୟତମ ସଭ୍ୟ ସୁଶାନ୍ତ ରାୟ ମହାପାତ୍ର ଜନଶୁଣାଣି କରିଥିଲେ। ଓପିଜିସିର ସାଧାରଣ ପରିଚାଳକ ହରେଶ ତ୍ରିପାଠୀ ଦ୍ୱିତୀୟ ପର୍ଯ୍ୟାୟ ପ୍ଲାଣ୍ଟ ପାଇଁ ଗତ ଜନଶୁଣାଣି ସମୟରେ ଅସ୍ଥାୟୀ ଭାବେ ବିଦ୍ୟୁତ୍ ମୂଲ୍ୟ ୟୁନିଟ୍ ପିଛା ୩ ଟଙ୍କା ୪୦ ପଇସା ଅନୁମୋଦନ ସମ୍ପର୍କରେ ସୂଚନା ପ୍ରଦାନକରି ଦରଖାସ୍ତଟିକୁ ଅନୁମୋଦନ ପାଇଁ ଆୟୋଗଙ୍କୁ ନିବେଦନ କରିଥିଲେ।

ଜନଶୁଣାଣି ବେଳେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଥିଲେ, ଓଡ଼ିଶାର ସମୁଦାୟ ବିଦ୍ୟୁତ୍ ଚାହିଦାର ଏକ-ତୃତୀୟାଂଶ ଭାଗ ଓପିଜିସି ପୂରଣ କରୁଛି। ଓପିଜିସିର ତୃତୀୟ ପର୍ଯ୍ୟାୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଗଲେ ଓଡ଼ିଶାର ଅର୍ଦ୍ଧାଧିକ ସିଂହଭାଗ ବିଦ୍ୟୁତ୍ ଚାହିଦା ପୂରଣ କରିବ। ତେଣୁ ଓପିଜିସି ବିଦ୍ୟୁତ୍ ମୂଲ୍ୟ ଉପଭୋକ୍ତା ପଇଠ କରୁଥିବା ଖୁଚୁରା ବିଦ୍ୟୁତ୍ ମୂଲ୍ୟକୁ ଭଲଭାବେ ପ୍ରଭାବିତ କରୁଛି। ଓପିଜିସିରେ ଲୋକଙ୍କ ଅଂଶଧନ ବାବଦକୁ ୪୧୯୨ କୋଟି ଟଙ୍କା ପ୍ରକଳ୍ପରେ ପୁଞ୍ଜିନିବେଶ ହୋଇଥିଲେ ମଧ୍ୟ ଏହାର ସୁଫଳ ଉପଭୋକ୍ତାଙ୍କୁ ମିଳିପାରୁ ନାହିଁ। ଓପିଜିସିର କୋଇଲା ଖର୍ଚ୍ଚ ଟନ୍ ପିଛା ୧୮୦୦ ଟଙ୍କା ଅସ୍ଥାୟୀ ଭାବେ ଅନୁମୋଦନ ହୋଇଛି। କୋଇଲାର ଏପରି ଅତ୍ୟଧିକ ଅସ୍ଥାୟୀ ମୂଲ୍ୟ ନିରୂପଣ ଉପରେ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଥିବା ସୂଚନା ଆନନ୍ଦ ଆୟୋଗଙ୍କୁ ଅବଗତ କରିଥିଲେ। ସେ କହିଥିଲେ, ଏହାର ସମାଧାନ ହୋଇଗଲେ ଓପିଜିସି ବିଦ୍ୟୁତ୍ ମୂଲ୍ୟ ୟୁନିଟ୍ ପିଛା ପ୍ରାୟ ୧ ଟଙ୍କା କମ୍ ହୋଇଯିବ, ଯାହାର ସିଧାସଳଖ ଲାଭ ଉପଭୋକ୍ତାଙ୍କୁ ମିଳିବ। ଖୁଚୁରା ବିଦ୍ୟୁତ୍ ମୂଲ୍ୟ ୟୁନିଟ୍ ପିଛା ୩୩ ପଇସା ହ୍ରାସ ଘଟିବ।

**୨୦୨୭ ପ୍ରାରମ୍ଭରେ ଗଗନ୍ୟାନର ପ୍ରଥମ କ୍ରିଉ ମିଶନ**

ଗଗନୟାନ ପ୍ରୋଜେକ୍ଟର ପ୍ରଥମ ମାନବଯୁକ୍ତ ମିଶନ ୨୦୨୭ର ପ୍ରଥମ ଭାଗରେ ଲଞ୍ଚ ହେବ। ମଙ୍ଗଳବାର ଇସ୍ରୋ ଅଧକ୍ଷ ଭି. ନାରାୟଣନ ଏହି ସୂଚନା ଦେଇଛନ୍ତି। ଗଗନୟାନ ପ୍ରୋଜେକ୍ଟର ପ୍ରଥମ ମାନବ ବିହୀନ ମିଶନ ଚଳିତ ବର୍ଷ ଶେଷ ଭାଗରେ ହେବ। ପ୍ରଥମ ମାନବଯୁକ୍ତ ମିଶନ ପୂର୍ବରୁ ଇସ୍ରୋ ହାଫ୍ ହ୍ୟୁମାନୋଏଡ ରୋବର୍ଟ ଭ୍ୟୋମିତ୍ରକୁ ଲୋ ଆର୍ଥ ଅର୍ବିଟକୁ ପଠାଇବ।

**ସଂକ୍ଷେପରେ**

## ୱକ୍ଫ ଦୁର୍ନୀତି: ଗୁଜରାଟର ୯ ସ୍ଥାନରେ ଇଡି ଚଢ଼ାଉ

ଅହମ୍ମଦାବାଦ, ୬।୫

ଗୁଜରାଟରେ ୱକ୍ଫ ସମ୍ପତ୍ତିରେ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗର ତଦନ୍ତ କରି ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅହମ୍ମଦାବାଦ ସମେତ ୯ ସ୍ଥାନରେ ଚଢ଼ାଉ କରିଛି। ମାମଲାରେ ମୁଖ୍ୟ ଅଭିଯୁକ୍ତ ସଲିମ ଜୁମ୍ମାଖାନ ପଠାନଙ୍କ ସହ ତାଙ୍କ ସହଯୋଗୀ ମହମ୍ମଦ ୟାସର ଅବଦୁଲ ହମିଆ ଶେଖ, ମହମୁଦ ଜୁମ୍ମା ଖାନ ପଠାନ, ଫେଜ୍ ମହମ୍ମଦ ପୀର ମହମ୍ମଦ ଚୌବ୍‌ଦାର ଏବଂ ସାହିଦ ଅହମ୍ମଦ ୟାକୁଭାଇ ଶେଖ୍‌ଙ୍କ ବିରୋଧରେ ଇଡି ପ୍ରିଭେନ୍‌ସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ ଅନ୍ତର୍ଗତ ମାମଲା ରୁଜୁ କରିଛି। ମୁଖ୍ୟ ଅଭିଯୁକ୍ତ ସଲିମ ଜୁମ୍ମାଖାନ ପଠାନ ଓ ତାଙ୍କ ସହଯୋଗୀଙ୍କ ୯ଟି ଠିକଣାରେ ଚଢ଼ାଉ କରାଯାଇଛି। ଅଭିଯୁକ୍ତମାନେ ଟ୍ରଷ୍ଟର ଜମିରେ ଦୋକାନ ନିର୍ମାଣ କରି ଭଡ଼ା ଆଦାୟ କରୁଥିବା ଇଡି ସନ୍ଦେହ କରୁଛି। ବ୍ୟକ୍ତିଗତ ଲାଭ ପାଇଁ ସେମାନେ ଅହମ୍ମଦାବାଦ ନଗର ନିଗମ ଏବଂ ୱକ୍ଫ ବୋର୍ଡ ବିରୋଧରେ ଷଡ଼ଯନ୍ତ୍ର ରଚି ଠକେଇ କରୁଥିଲେ ବୋଲି ଇଡିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ଭାରତର ପାଣି ଦେଶରେ ବ୍ୟବହୃତ ହେବ: ମୋଦି



ନୂଆଦିଲ୍ଲୀ,୬।୫

ସିନ୍ଧୁନଦୀ ଜଳ ଚୁକ୍ତିକୁ ସ୍ଥଗିତ ରଖାଯାଇଥିବାବେଳେ ଭାରତର ପାଣି ଦେଶ ଭିତରେ ବ୍ୟବହାର ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର କହିଛନ୍ତି। ପୂର୍ବରୁ ଭାରତ ଅଧିକାରଭୁକ୍ତ ପାଣି ଦେଶ ବାହାରକୁ ଚାଲିଯାଉଥିଲା। ଏଣିକି ତାହା କେବଳ ଭାରତର ସୁବିଧା ପାଇଁ ବହିବ ଏବଂ ଦେଶ ପାଇଁ ବିନିଯୋଗ ହେବ। ବଡ଼ ନିଷ୍ପତ୍ତି ନେବା ଏବଂ ଲକ୍ଷ୍ୟ ହାସଲ ପାଇଁ ଜାତୀୟ ସ୍ୱାର୍ଥକୁ ପ୍ରାଥମିକତା ଦେବା ସହ ଦେଶର ସାମର୍ଥ୍ୟ ଉପରେ ବିଶ୍ୱାସ କରିବା ଗୁରୁତ୍ୱପୂର୍ଣ୍ଣ । ସରକାର ଏବେ ଜିଡିପି କୈନ୍ଦ୍ରିକ ଦୃଷ୍ଟିକୋଣରୁ ସମସ୍ତଙ୍କ ସଶକ୍ତୀକରଣ ଆଧାରିତ ବିକାଶ ଆଡ଼କୁ ଗତି କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

# ଆଜି ମକ୍ ଡ୍ରିଲ୍

# ଆଲର୍ଟରେ ପ୍ରତିରକ୍ଷା ପ୍ରତିଷ୍ଠାନ



ନାଗରିକ ସୁରକ୍ଷା ମକ୍ ଡ୍ରିଲ୍‌ର ଦିନକ ପୂର୍ବରୁ ମଙ୍ଗଳବାର ଜମ୍ମୁର ଏକ ସ୍କୁଲରେ ପିଲାମାନେ ଅଭ୍ୟାସ କରୁଛନ୍ତି।

ନୂଆଦିଲ୍ଲୀ,୬।୫(ପି.ଟି.)

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ସହ ବଢୁଥିବା ଉତ୍ତେଜନାର ଜବାବ ଦେବାକୁ ଯାଇ ଭାରତ ପକ୍ଷରୁ ପ୍ରତିରକ୍ଷା ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ଏହି କ୍ରମରେ ବୁଧବାର ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପାଖାପାଖି ୩୦୦ ସିଭିଲ୍ ଡିଫେନ୍ସ ଜିଲାରେ ନାଗରିକ ସୁରକ୍ଷା ପ୍ରସ୍ତୁତି ନିମନ୍ତେ ମକ୍ ଡ୍ରିଲ୍ କରାଯିବ। ଆଣବିକ ପ୍ଲାଣ୍ଟ, ପ୍ରତିରକ୍ଷା ପ୍ରତିଷ୍ଠାନ, ତୈଳ ବିଶୋଧନାଗାର, ଜଳବିଦ୍ୟୁତ୍ ଡ୍ୟାମ୍ ଆଦିକୁ ଆଲର୍ଟରେ ରଖାଯାଇଛି।

ଏହି ଡ୍ରିଲ୍‌ରେ ଏୟାର-ରେଡ୍ ସାଇରନ୍, ନାଗରିକ ତାଲିମ, ବଙ୍କର ପରିଚାଳନା ଆଦି ସାମିଲ ହେବ। ଏଥିରେ ଜିଲାର ବିଭିନ୍ନ ଅଧିକାରୀ, ସିଭିଲ୍ ଡିଫେନ୍ସ ୱାର୍ଡେନ, ସ୍ୱେଚ୍ଛାସେବୀ, ହୋମ୍‌ଗାର୍ଡ, ନ୍ୟାଶନାଲ କ୍ୟାଡେଟ୍ କର୍ (ଏନ୍‌ସିସି), ନ୍ୟାଶନାଲ ସର୍ଭିସ ସ୍କିମ୍ (ଏନ୍‌ଏସ୍‌ଏସ୍), ନେହେରୁ ଯୁବ କେନ୍ଦ୍ର ସଂଗଠନ (ଏନ୍‌ୱାଇକେଏସ୍), ସ୍କୁଲ୍ କଲେଜର ଛାତ୍ରୀଛାତ୍ର ସକ୍ରିୟ ଅଂଶଗ୍ରହଣ କରିବେ। ଏଥିସହ ସରକାରୀ ଓ ଘରୋଇ ଅନୁଷ୍ଠାନର କର୍ମଚାରୀ, ହସ୍ପିଟାଲ କର୍ମଚାରୀ, ରେଲୱେ ଏବଂ ମେଟ୍ରୋ କର୍ମଚାରୀ, ପୋଲିସ, ଅର୍ଦ୍ଧସାମରିକ ଓ ପ୍ରତିରକ୍ଷା ବଳକୁ ମଧ୍ୟ ସାମିଲ କରାଯିବା ପାଇଁ ରାଜ୍ୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ଅଧିକରୁ ଅଧିକ ଲୋକେ ଯେପରି ସକ୍ରିୟ ଭାବେ ସାମିଲ ହେବେ, ସେଥିପାଇଁ ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା ହୋଇଛି। ଏଥିରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବ ଏବଂ ସିଭିଲ୍ ଡିଫେନ୍ସ ମୁଖ୍ୟମାନେ ଯୋଗ ଦେଇଥିଲେ। ଏହା ବ୍ୟତୀତ ସିଭିଲ୍ ଡିଫେନ୍ସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ମହାନିର୍ଦ୍ଦେଶକ ମଧ୍ୟ ଉପସ୍ଥିତ ଥିଲେ।

ସାଧାରଣ ପ୍ରଶାସନିକ ଜିଲାଠାରୁ ସିଭିଲ୍ ଡିଫେନ୍ସ ଜିଲା ଅଲଗା। ଆଣବିକ ପ୍ଲାଣ୍ଟ, ସାମରିକ ଘାଟି, ତୈଳ ବିଶୋଧନାଗାର, ଜଳବିଦ୍ୟୁତ୍ ଡ୍ୟାମ୍ ଆଦି ଥିବା ଅଞ୍ଚଳକୁ ସିଭିଲ୍ ଡିଫେନ୍ସ ଜିଲା ଭାବେ ରାଜ୍ୟ ସରକାର ଚିହ୍ନଟ କରିଥାନ୍ତି। ମକ୍ ଡ୍ରିଲ୍ ବେଳେ ଆକାଶମାର୍ଗରୁ ଆକ୍ରମଣଜନିତ ସତର୍କତା ସାଇରନ୍ ବାଜିବ ଏବଂ ନାଗରିକମାନେ ଏହି ସମୟରେ ନିଜକୁ କିପରି ସୁରକ୍ଷିତ ରଖିବେ ସେନେଇ ତାଲିମ ଦିଆଯିବ। ବଙ୍କର ଏବଂ ଟ୍ରେଞ୍ଚକୁ କିପରି ପରିଷ୍କାର କରିବେ ତାହା ମଧ୍ୟ ଶିକ୍ଷା ଦିଆଯିବ। ଏହା ବ୍ୟତୀତ କ୍ରାସ୍-ବ୍ଲାକ୍‌ଆଉଟ୍ ପଦକ୍ଷେପ ସ୍ୱରୂପ ରାତିରେ ଆକ୍ରମଣ ସମୟରେ କିପରି ଆଲୋକ ଲିଭାଇବାକୁ ବା ଝାପ୍‌ସା କରିବାକୁ ହେବ, ତାହା ଶିକ୍ଷା ଦିଆଯିବ। ମୁଖ୍ୟତଃ ରାସ୍ତାଘାଟ ଆଲୋକ, ଫ୍ୟାକ୍ଟ୍ରି ଆଲୋକ ଏବଂ ଗାଡ଼ିମୋଟର ଆଲୋକ ଉପରେ କଟକଣା ରହିବ। ବିପଦ ଥିବା ଅଞ୍ଚଳରେ ଉଜ୍ଜ୍ୱଳ ବିଜ୍ଞାପନ ସାଇନ୍‌ବୋର୍ଡଗୁଡ଼ିକୁ ହଟାଯିବ। ଗୁରୁତ୍ୱପୂର୍ଣ୍ଣ ପ୍ଲାଣ୍ଟ ଓ ପ୍ରତିଷ୍ଠାନଗୁଡ଼ିକୁ ଘୋଡ଼ାଇବାର ବ୍ୟବସ୍ଥା ହେବା ସହ ଲୋକଙ୍କୁ ସ୍ଥାନାନ୍ତର ଯୋଜନାର ଅଭ୍ୟାସ କରାଯିବ। ଭାରତୀୟ ବାୟୁସେନା ସହ ହଟ୍‌ଲାଇନ୍ ଏବଂ ରେଡିଓ ଯୋଗାଯୋଗ ଲିଙ୍କ୍‌ଗୁଡ଼ିକୁ କାର୍ଯ୍ୟକାରୀ କରାଯିବ। ନାଗରିକମାନଙ୍କୁ ପାଖରେ ଚିକିତ୍ସା ସାମଗ୍ରୀ, ମହମବତି, ଟର୍ଚ୍ଚ ଏବଂ ପାଖରେ ଜରୁରୀ ଆବଶ୍ୟକତା ପାଇଁ ନଗଦ ଅର୍ଥ ରଖିବାକୁ ପରାମର୍ଶ ଦିଆଯିବ।

## ଆକ୍ରମଣ ଆଶଙ୍କା: ପିଓକେ ବାସିନ୍ଦା ଛାନିଆ

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଶଙ୍କା କରି ପାକ୍ ଅଧିକୃତ କଶ୍ମୀରର ଜନସାଧାରଣ ଆତଙ୍କିତ ହୋଇଛନ୍ତି। ସେଠାରେ ଏମର୍ଜେନ୍ସି ଭଳି ପରିବେଶ ସୃଷ୍ଟି ହୋଇଛି। ପରିବାରଗୁଡ଼ିକ ସେମାନଙ୍କ ବଙ୍କରକୁ ମଜଭୁତ କରିବା ସହ ସୁରକ୍ଷିତ ସ୍ଥାନକୁ ଯିବା ଯୋଜନା କରୁଛନ୍ତି। ହସ୍ପିଟାଲଗୁଡ଼ିକରେ ଅତ୍ୟାବଶ୍ୟକ ଔଷଧ ମହଜୁଦ ରଖାଯାଉଥିବାବେଳେ ସ୍କୁଲ୍ ପିଲାଙ୍କୁ ଜରୁରୀ ପ୍ରାଥମିକ ଚିକିତ୍ସା ତାଲିମ ଦିଆଯାଉଛି। ପହଲଗାମ୍ ଆକ୍ରମଣ ପରେ ପାକିସ୍ତାନ ବିଶ୍ୱସ୍ତରରେ ଅଧିକ ଏକଘରିକିଆ ହେବାରେ ଲାଗିଛି। ଏହା କେବଳ ବିଶ୍ୱନୀୟତା ହରାଇନାହିଁ, ବନ୍ଧୁଙ୍କୁ ହରାଇଛି। ସାଉଦି ଆରବ ଏବଂ ୟୁଏଇ ଭଳି ଉପସାଗରୀୟ ଦେଶଗୁଡ଼ିକ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି। ଏପରିକି ପାକିସ୍ତାନର ସବୁଦିନିଆ ବନ୍ଧୁ ଚାଇନା ମଧ୍ୟ ମାପିଚୁପି ପ୍ରତିକ୍ରିୟା ଦେଉଛି ଏବଂ ଉତ୍ତେଜନା ହ୍ରାସ ଲାଗି ଉଭୟ ଭାରତ ଓ ପାକିସ୍ତାନକୁ ଅନୁରୋଧ କରିଛି। ବର୍ତ୍ତମାନ ସୁଦ୍ଧା କେବଳ ତୁର୍କୀ ପାକିସ୍ତାନକୁ ସମର୍ଥନ କରିବା ସହ ଏହାର ନୌସେନା ଜାହାଜ ରବିବାର କରାଚୀ ବନ୍ଦରରେ ପହଞ୍ଚିଛି। ଏହା ପୂର୍ବରୁ ତୁର୍କୀ ବାୟୁସେନାର ସି-୧୩୦ ବିମାନ କାରଚୀରେ ପହଞ୍ଚିଥିଲା।

## ଭାରତ ସହ ପ୍ରତିରକ୍ଷା ଚୁକ୍ତିରେ ସଂଶୋଧନ ହୋଇଛି: ମାଳଦ୍ୱୀପ



ମହମ୍ମଦ ମୁଇଜୁ

ନୂଆଦିଲ୍ଲୀ,୬।୫

ମାଳଦ୍ୱୀପ ସାର୍ବଭୌମତ୍ୱ ଏବଂ ସ୍ୱାଧୀନତାରେ ଯେପରି ସାଲିସ୍ କରା ନ ଯିବ, ସେଥିପାଇଁ ଭାରତ ସହ ପ୍ରତିରକ୍ଷା ଚୁକ୍ତିରେ ସଂଶୋଧନ କରାଯାଇଥିବା ଏହାର ପ୍ରତିରକ୍ଷା ମନ୍ତ୍ରୀ ମହମ୍ମଦ ଘାସାନ ମୌମୁନ୍ କହିଛନ୍ତି। ଗତବର୍ଷ ଏକ ଚୁକ୍ତିନାମା ବଳରେ ମାଳଦ୍ୱୀପରେ ପୂର୍ବରୁ ରହୁଥିବା ୭୪ ଜଣ ଭାରତୀୟ ସୈନ୍ୟଙ୍କୁ ବିଦା କରାଯାଇଥିଲା। ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁ ସୋମବାର ୧୫ ଘଣ୍ଟାର ମାରାଥନ ଖବରଦାତା ସମ୍ମିଳନୀରେ କହିଥିଲେ ଭାରତ ସମେତ ଅନ୍ୟ ଦେଶଗୁଡ଼ିକ ସହ ପୂର୍ବ ସରକାର ବେଳେ ସ୍ୱାକ୍ଷର ହୋଇଥିବା ଚୁକ୍ତିନାମାକୁ ନେଇ ଚିନ୍ତା କରିବାର କିଛି ନାହିଁ। ମଙ୍ଗଳବାର ପାର୍ଲାମେଣ୍ଟ ସଦସ୍ୟମାନେ ଉଠାଇଥିବା ପ୍ରଶ୍ନର ଉତ୍ତର ଦେଇ ମୌମୁନ୍ କହିଛନ୍ତି, ଭାରତ ସହ ଦୀର୍ଘମିଆଦୀ ବନ୍ଧୁତା ପାଇଁ ପୂର୍ବରୁ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିରେ ସଂଶୋଧନ ଦେଶର ସାର୍ବଭୌମତ୍ୱ ଓ ସ୍ୱାଧୀନତାର ସୁରକ୍ଷାକୁ ସୁନିଶ୍ଚିତ କରାଯାଇଛି।

## ଗୁଜରାଟରେ କାଳବୈଶାଖୀ: ୧୪ ମୃତ

ଅହମଦାବାଦ,୬।୫

ଗୁଜରାଟରେ ମଙ୍ଗଳବାର ଅଦିନିଆ କାଳବୈଶାଖୀ ବର୍ଷା ଓ ପ୍ରବଳ ବେଗରେ ପବନ ବହିବା ଯୋଗୁ ଅନ୍ୟୂନ ୧୪ ଜଣଙ୍କ ମୃତ୍ୟୁ ଘଟିବା ସହ ୧୬ ଜଣ ଆହତ ହୋଇଛନ୍ତି। ଏଥିରେ ୭ ଘର ଭାଙ୍ଗିଥିବାବେଳେ ୨୬ ଜୀବଜନ୍ତୁଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବର୍ଷା ସାଙ୍ଗକୁ ୬୦ କିଲୋମିଟର ବେଗରେ ପବନ ଆଉ କେତେଦିନ ଲାଗିରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ସଙ୍କଟ ବଢ଼ିବା ଆଶଙ୍କା କରାଯାଉଛି। ଗତ ୨୪ ଘଣ୍ଟାର ପ୍ରବଳ ବର୍ଷା ପବନରେ ରାଜ୍ୟର ୨୫୩ ତାଲୁକା ମଧ୍ୟରୁ ୧୬୮ଟି କ୍ଷତିଗ୍ରସ୍ତ ହୋଇଛି।

## ପାକିସ୍ତାନକୁ ସମାଲୋଚନା କଲା ୟୁଏନ୍‌ଏସ୍‌ସି

ଜାତିସଂଘ, ୬।୫

ଜମ୍ମୁ-କଶ୍ମୀରରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ନେଇ ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ପକ୍ଷରୁ ମଙ୍ଗଳବାର ଡକାଯାଇଥିବା ଏକ ରୁଦ୍ଧଦ୍ୱାର ବୈଠକରେ ପାକିସ୍ତାନକୁ ସମାଲୋଚନା କରାଯାଇଛି। ପହଲଗାମ୍ ଆକ୍ରମଣରେ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲଇଟି)ର ସମ୍ପୃକ୍ତି ରହିଛି କି ନାହିଁ ସେନେଇ ପାକିସ୍ତାନକୁ ପ୍ରଶ୍ନ କରାଯାଇଛି। ଏହି ବୈଠକରେ ଅନେକ ସଦସ୍ୟ ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ଏନେଇ ଦାୟିତ୍ୱବୋଧର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି କେତେଜଣ ସଦସ୍ୟ ଏହି ବୈଠକରେ ପର୍ଯ୍ୟଟକଙ୍କୁ ସେମାନଙ୍କ ଧାର୍ମିକ ବିଶ୍ୱାସ ଆଧାରରେ ଟାର୍ଗେଟ କରାଯିବାର ପ୍ରସଙ୍ଗ ଉଠାଇଥିଲେ। ପାକିସ୍ତାନ ପକ୍ଷରୁ କରାଯାଉଥିବା ମିଶାଇଲ ପରୀକ୍ଷଣ ଏବଂ ଦେଶର ନେତାମାନେ ପରମାଣୁ ଆକ୍ରମଣ ନେଇ କରୁଥିବା ବୟାନବାଜି ଯୋଗୁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢୁଛି ବୋଲି ଏହି ବୈଠକରେ ଅନେକ ଦେଶ କହିଥିଲେ।

## ଆଜିଠୁ ପାକ୍ ସୀମାରେ ବାୟୁସେନାର ଯୁଦ୍ଧାଭ୍ୟାସ

ନୂଆଦିଲ୍ଲୀ,୬।୫

ଭାରତୀୟ ବାୟୁସେନା ବୁଧବାରଠାରୁ ପାକିସ୍ତାନ ସୀମାରେ ୨ ଦିନିଆ ବିଶାଳ ଯୁଦ୍ଧାଭ୍ୟାସ କରିବାକୁ ଯାଉଛି। ଏଥିରେ ରାଫାଲ, ସୁଖୋଇ-୩୦, ଏମ୍‌କେଆଇ, ମିଗ୍-୨୯, ମିରାଜ-୨୦୦୦, ତେଜସ୍ ଏବଂ ଜାଗୁଆର ସମେତ ସମସ୍ତ ଫ୍ରଣ୍ଟଲାଇନ ଯୁଦ୍ଧବିମାନ ସାମିଲ ହେବ ବୋଲି ପ୍ରତିରକ୍ଷା ପ୍ରତିଷ୍ଠାନ ସୂତ୍ରରୁ କୁହାଯାଇଛି। ପହଲଗାମ୍ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିବାବେଳେ



ବାୟୁସେନା ସମରାଭ୍ୟାସ କରିବାକୁ ଯାଉଛି। ଭାରତ-ପାକ୍ ସୀମାର ଦକ୍ଷିଣ ଓ ପଶ୍ଚିମ ଭାଗରେ ଏହି ଯୁଦ୍ଧାଭ୍ୟାସ ହେବାକୁ ଥିବାରୁ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ନୋଟିସ୍ ଟୁ ଏୟାରମେନ୍ ଜାରି କରିଛନ୍ତି।

## 'ଜାତିଭିତ୍ତିକ ସଂରକ୍ଷଣ ରେଳ ଡବା ସଦୃଶ'

**୪ ସପ୍ତାହରେ ମହାରାଷ୍ଟ୍ର ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ନୂଆଦିଲ୍ଲୀ, ୬।୫

ଦେଶରେ ଜାତିଭିତ୍ତିକ ସଂରକ୍ଷଣ ରେଳ ଡବା ସଦୃଶ। ସାଧାରଣତଃ ରେଳ ଡବାରେ ପ୍ରବେଶ କରୁଥିବା ଯାତ୍ରୀମାନେ ଅନ୍ୟମାନଙ୍କୁ ଭିତରକୁ ଯିବା ପାଇଁ ଦେବାକୁ ଚାହାନ୍ତି ନାହିଁ। ଦେଶରେ ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥାର ଅବସ୍ଥା ଏବେ ଠିକ୍ ସେହିପରି ହୋଇଯାଇଛି ବୋଲି ମହାରାଷ୍ଟ୍ର ପଞ୍ଚାୟତ ନିର୍ବାଚନ ପାଇଁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ସଂରକ୍ଷଣ ସମ୍ପର୍କିତ ମାମଲାର ଶୁଣାଣିକରି ସୁପ୍ରିମକୋର୍ଟ ଏହି ଟିପ୍ପଣୀ କରିଛନ୍ତି। ମହାରାଷ୍ଟ୍ରରେ ଶେଷ ପଞ୍ଚାୟତ ନିର୍ବାଚନ ୨୦୧୬-୧୭ରେ ହୋଇଥିଲା। ୨୦୨୨ର ବାନ୍ଥିଆ କମିଶନ ରିପୋର୍ଟକୁ ଆଧାରକରି ନିର୍ବାଚନରେ ଓବିସି ବର୍ଗକୁ ସଂରକ୍ଷଣ ଦିଆଯାଉ ବୋଲି ରାଜ୍ୟରେ ବିଭିନ୍ନ ଦଳ ଏବଂ ସଙ୍ଗଠନ ଦାବି କରିଥିଲେ। ଫଳରେ ରାଜ୍ୟରେ ୨୦୧୬ ପରଠାରୁ ପଞ୍ଚାୟତ ନିର୍ବାଚନ ହୋଇପାରି ନ ଥିଲା। ଶୁଣାଣି ସମୟରେ ୪ ସପ୍ତାହ ମଧ୍ୟରେ ମହାରାଷ୍ଟ୍ରରେ ପଞ୍ଚାୟତ ନିର୍ବାଚନ କରାଇବା ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ସର୍ବୋଚ୍ଚ ଅଦାଲତ ମହାରାଷ୍ଟ୍ର ରାଜ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨ର ବାନ୍ଥିଆ କମିଶନ ରିପୋର୍ଟ ପୂର୍ବରୁ ଓବିସିଙ୍କ ପାଇଁ ନିର୍ବାଚନରେ ରହିଥିବା ସଂରକ୍ଷଣ ବ୍ୟବସ୍ଥା ଏହି ପଞ୍ଚାୟତ ନିର୍ବାଚନରେ ଲାଗୁହେବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।



## ନୂଆ ପୋପ୍ ନିର୍ବାଚନ ପାଇଁ ଆଜି କାର୍ଡିନାଲଙ୍କ ବୈଠକ

ନୂଆଦିଲ୍ଲୀ,୬।୫

ପୋପ୍ ଫ୍ରାନ୍ସିସଙ୍କର ଗତ ଏପ୍ରିଲ ୨୧ରେ ପରଲୋକ ପରେ ନୂଆ ପୋପ୍ ନିର୍ବାଚନ ଲାଗି ବୁଧବାର ଭାଟିକାନ୍ ସିଟିର ସିଷ୍ଟାଇନ୍ ଚାପେଲ୍‌ରେ କାର୍ଡିନାଲମାନଙ୍କ ସଭା ବସିବ। ନିର୍ବାଚନ ପ୍ରକ୍ରିୟାରେ ସର୍ବାଧିକ ୧୩୩ ଜଣ କାର୍ଡିନାଲ। ମଙ୍ଗଳବାରଠାରୁ ସେମାନେ ସିଷ୍ଟାଇନ୍ ଚାପେଲରେ ପହଞ୍ଚିଥିବାବେଳେ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ସେଠାରେ ରହିବେ। ନିର୍ବାଚନରେ ଗୋପନୀୟତା ପାଇଁ ସମସ୍ତ ମୋବାଇଲ୍ ଫୋନ୍ ସିଗ୍‌ନାଲକୁ ବୁଧବାର ଅପରାହ୍ନରେ ବ୍ଲକ୍ କରିଦିଆଯିବ। କନ୍‌କ୍ଲେଭ୍ ସମୟରେ ପୂର୍ଣ୍ଣ ଗୋପନୀୟତା ବଜାୟ ରଖିବା ପାଇଁ ସିଷ୍ଟାଇନ୍ ଚାପେଲ ଚାରିପଟେ ସ୍ୱତନ୍ତ୍ର ସିଗ୍ନାଲ ଜାମର ବ୍ୟବହାର କରାଯିବ। ସମସ୍ତ ପ୍ରକାର ଡିଜିଟାଲ ଯୋଗାଯୋଗକୁ ବନ୍ଦ ରଖାଯିବ।

## ଭାରତ-ବ୍ରିଟେନ୍ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର

ନୂଆଦିଲ୍ଲୀ,୬।୫


ଭାରତ ଏବଂ ବ୍ରିଟେନ୍ ମଧ୍ୟରେ ବହୁପ୍ରତୀକ୍ଷିତ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ଏବଂ ଡବଲ କଣ୍ଟ୍ରିବ୍ୟୁଶନ କନ୍‌ଭେନ୍‌ଶନ ଚୁକ୍ତିନାମା ମଙ୍ଗଳବାର ସ୍ୱାକ୍ଷରିତ ହୋଇଛି। ଫଳରେ ଭାରତର ୯୯ ପ୍ରତିଶତ ରପ୍ତାନୀ ଉପରେ ଶୁଳ୍କ ହ୍ରାସ ପାଇବା ସହ ବ୍ରିଟେନ୍ କମ୍ପାନୀଗୁଡ଼ିକ ପାଇଁ ହ୍ୱିସ୍କି, କାର୍ ଓ ଅନ୍ୟାନ୍ୟ ସାମଗ୍ରୀ ଭାରତକୁ ରପ୍ତାନୀ କରିବା ସହଜ ହେବ। ଏଥିସହିତ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ବୃଦ୍ଧି ପାଇବ। ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଐତିହାସିକ ସଫଳତା କହିବା ସହ ଦୁଇ ଦେଶର ରଣନୈତିକ ସହଭାଗିତା, ବାଣିଜ୍ୟ, ନିବେଶ ଆଦି କ୍ଷେତ୍ରରେ ସମ୍ପର୍କ ଅଧିକ ଦୃଢ଼ ହେବ ବୋଲି କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଟେଲିଫୋନ୍ ଯୋଗେ ବ୍ରିଟେନ୍ ପ୍ରତିପକ୍ଷ କେର୍ ଷ୍ଟାର୍ମରଙ୍କ ସହ କଥା ହୋଇଛନ୍ତି ଓ ତାଙ୍କୁ ଭାରତ ଆସିବା ଲାଗି ଆମନ୍ତ୍ରଣ କରିଛନ୍ତି। ମୁକ୍ତ ବାଣିଜ୍ୟ ଚୁକ୍ତିନାମା ପାଇଁ ୩ ବର୍ଷ ହେଲା ବୁଝାମଣା ଚାଲିଥିଲା। ଏହା ସ୍ୱାକ୍ଷରିତ ହୋଇଥିବାରୁ ଭାରତୀୟ ପଣ୍ୟ ପାଇଁ ବ୍ରିଟେନ୍‌ରେ ବ୍ୟାପକ ବଜାର ସୁବିଧା ନିଶ୍ଚିତ ହୋଇଛି। ଟାରିଫ୍ ହ୍ରାସ ଯୋଗୁ ଭାରତ ଲାଭବାନ ହେବ।

## ବିହାରରେ ଆଉ ଏକ ଏନ୍‌ଇଇଟି ଦୁର୍ନୀତି, ୨ ଗିରଫ

ସମସ୍ତିପୁର, ୬।୫

ଗତ ୪ ତାରିଖରେ ହୋଇଥିବା ମେଡିକାଲ ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି)ର ଆଡମିଟ୍ କାର୍ଡକୁ ଜାଲ୍ କରିବା ସହ ପରୀକ୍ଷାରେ ପ୍ରକ୍ସି ପ୍ରାର୍ଥୀଙ୍କୁ ସୁବିଧା ଯୋଗାଇବା ଅଭିଯୋଗରେ ମଙ୍ଗଳବାର ସମସ୍ତିପୁର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ବେଗୁସରାଇ ଜିଲା ଜେଲରେ ନିଯୁକ୍ତ ଜଣେ ଡାକ୍ତର ଅଛନ୍ତି। ଏନ୍‌ଇଇଟି ହେଉଥିବା ବେଳେ ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ କାର୍ ଯୋଗେ ଏକ ଗ୍ୟାଙ୍ଗ୍ ସକ୍ରିୟ ଭାବେ ବୁଲୁଥିବା ସହ ପରୀକ୍ଷା ପ୍ରକ୍ରିୟାକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିବା ନେଇ ପୋଲିସକୁ ଗୁପ୍ତ ସୂଚନା ମିଳିଥିଲା। ଗିରଫ ୨ ଅଭିଯୁକ୍ତ ଦରଭଙ୍ଗାର ରାମବାବୁ ମଲ୍ଲିକ ଏବଂ ସମସ୍ତିପୁର ନିବାସୀ ଡାକ୍ତର ରଣଜିତ କୁମାର ହୋଇଥିବା ପୋଲିସ ସୂଚନା ଦେଇଛି। ଜେରା ସମୟରେ ଉଭୟ ଅଭିଯୁକ୍ତ ଏନ୍‌ଇଇଟି ୨୦୨୫ରେ ପ୍ରକ୍ସି ପ୍ରାର୍ଥୀଙ୍କ ଏକ ର୍ୟାକେଟକୁ ପରିଚାଳନା କରୁଥିବାର ସ୍ୱୀକାର କରିଛନ୍ତି।

## ମେଟ୍ ଗାଲାରେ କିଙ୍ଗ୍ ଖାନ୍‌ଙ୍କ ଡେବ୍ୟୁ



ଶାହାରୁଖ ଖାନ୍

**ନ୍ୟୁୟର୍କ:** ବିଶ୍ୱର ସବୁଠାରୁ ପ୍ରତିଷ୍ଠିତ ଫ୍ୟାଶନ୍ ଇଭେଣ୍ଟ ମେଟ୍ ଗାଲା ୨୦୨୫ ସୋମବାର ନ୍ୟୁୟର୍କସ୍ଥିତ ମେଟ୍ରୋ ପଲିଟାନ ମ୍ୟୁଜିୟମ ଅଫ୍ ଆର୍ଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଇଭେଣ୍ଟରେ ଦେଶ ତଥା ବିଶ୍ୱର ଅନେକ ବଡ଼ ସେଲିବ୍ରିଟି ଆସି ସେମାନଙ୍କ ଷ୍ଟାଇଲିଶ୍ ଲୁକ୍‌କୁ ପ୍ରେଜେଣ୍ଟ କରିଥିଲେ। ବଲିଉଡ୍‌ରେ କିଙ୍ଗ୍ ଖାନ୍ ଭାବେ ପରିଚିତ ଶାହାରୁଖ ଖାନ୍ ମେଟ୍ ଗାଲା ୨୦୨୫ରେ ନିଜର ସ୍ୱତନ୍ତ୍ର ଅନ୍ଦାଜ ସହ ଡେବ୍ୟୁ କରିଛନ୍ତି। ସେ ମେଟ୍ରୋ ପଲିଟାନ ମ୍ୟୁଜିୟମ ଅଫ୍ ଆର୍ଟରେ ପହଞ୍ଚିବା ମାତ୍ରେ ତାଙ୍କୁ ସେଠାରେ ଉପସ୍ଥିତ ପ୍ରଶଂସକ ଜୋର୍‌ସୋରରେ ସ୍ୱାଗତ କରିଥିଲେ। ଏହି ଅନ୍ତର୍ଜାତୀୟ ଫ୍ୟାଶନ୍ ଇଭେଣ୍ଟରେ ବିଭିନ୍ନ ବିଦେଶୀ ଗଣମାଧ୍ୟମକୁ ଶାହରୁଖ କହିଛନ୍ତି, ମେଟ୍ ଗାଲା ୨୦୨୫ରେ ଡେବ୍ୟୁକରି ସେ ବହୁତ ଖୁସି ଅନୁଭବ କରୁଛନ୍ତି। ଏହି ଇଭେଣ୍ଟ ପାଇଁ ପ୍ରସିଦ୍ଧ ଫ୍ୟାଶନ ଡିଜାଇନର ସବ୍ୟସାଚୀ ମୁଖାର୍ଜୀ ତାଙ୍କର ଲୁକ୍‌କୁ ଡିଜାଇନ୍ କରିଥିବା ସେ କହିଛନ୍ତି। ଶାହାରୁଖ କହିଛନ୍ତି, ସେ ଖୁବ୍ କମ୍ ରେଡ୍ କର୍ପେଟ ଇଭେଣ୍ଟରେ ନଜରକୁ ଆସନ୍ତି। ତେଣୁ ଏଠାକୁ ଆସିବା ପାଇଁ ସେ ନର୍ଭସ ଥିଲେ। ତେବେ ଏବେ ସେ ଉତ୍ସାହିତ ଅଛନ୍ତି। ଶାହାରୁଖଙ୍କ ବ୍ୟତୀତ ମେଟ୍ ଗାଲା ୨୦୨୫ରେ ନିଜ ଜଲୱା ଦେଖାଇଥିବା ଅନ୍ୟ ଭାରତୀୟମାନେ ହେଉଛନ୍ତି ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ୍, କିଆରା ଆଡ଼ଭାନୀ, ଗାୟକ ତଥା ଅଭିନେତା ଦିଲ୍‌ଜିତ ଦୋସାଞ୍ଜ ଏବଂ ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ଝିଅ ଈଶା ଅମ୍ବାନୀ।

## ସମ୍ପତ୍ତି ତାଲିକା ଘୋଷଣାକଲେ ସୁପ୍ରିମକୋର୍ଟ ବିଚାରପତି

**ସିଜେଆଇ ସଞ୍ଜୀବ ଖାନ୍ନାଙ୍କ ସ୍ଥାୟୀ ଜମା ୫୫.୭୫ ଲକ୍ଷ ଟଙ୍କା**



ନୂଆଦିଲ୍ଲୀ,୬।୫

ସୁପ୍ରିମକୋର୍ଟର ୩୩ ବିଚାରପତିଙ୍କ ମଧ୍ୟରୁ ୨୧ ଜଣ ସୋମବାର ରାତିରେ ସେମାନଙ୍କର ଓ ସେମାନଙ୍କ ଜୀବନସାଥୀଙ୍କ ସମ୍ପତ୍ତି ତାଲିକା ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ବିଦାୟୀ ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନାଙ୍କ ସ୍ଥାୟୀ ଜମା ପରିମାଣ ୫୫.୭୫ ଲକ୍ଷ ଟଙ୍କା ହୋଇଥିବାବେଳେ ଦକ୍ଷିଣ ଦିଲ୍ଲୀରେ ତାଙ୍କର ୩ ବେଡ୍‌ରୁମ୍ ବିଶିଷ୍ଟ ଡିଡିଏ ଫ୍ଲାଟ୍ ଏବଂ କମନ୍‌ୱେଲ୍‌ଥ କ୍ରୀଡ଼ା ଗ୍ରାମରେ ୨,୪୪୬ ବର୍ଗଫୁଟର ଏକ ୪ ବେଡ୍‌ରୁମ୍ ବିଶିଷ୍ଟ ଫ୍ଲାଟ୍ ରହିଛି। ୧୩ରେ ଅବସର ନେବାକୁ ଯାଉଥିବା ସିଜେଆଇ ଖାନ୍ନାଙ୍କର ଗୁରୁଗ୍ରାମର ସିସ୍‌ପାଲ ବିହାରରେ ୪ବେଡ୍‌ରୁମ୍ ଫ୍ଲାଟ୍‌ରେ ୫୬% ଶେୟାର ଏବଂ ହିମାଚଳପ୍ରଦେଶର ଡେଲହାଉସିରେ ଘର ଓ ଜମିରେ ଶେୟାର ରହିଛି। ପିପିଏଫରେ ତାଙ୍କର ୧.୦୬ କୋଟି ଟଙ୍କା ଜମା ଥିବାବେଳେ ଜିପିଏଫ୍ ପରିମାଣ ୧,୭୭,୮୯,୦୦୦ ଟଙ୍କା, ଏଲ୍‌ଆଇସି ମନିବ୍ୟାକ୍ ପଲିସି ବାର୍ଷିକ ପ୍ରିମିୟମ୍ ୨୯,୬୨୫ ଟଙ୍କା ଏବଂ ୧୪,୦୦୦ ଟଙ୍କାର ଶେୟାର ରହିଛି। ଅସ୍ଥାବର ସମ୍ପତ୍ତି ମଧ୍ୟରେ ୨୫୦ ଗ୍ରାମ ସୁନା, ୨ କିଲୋଗ୍ରାମ ରୁପା ଏବଂ ୨୦୧୫ରେ ଏକ ମାରୁତି ସ୍ୱିଫ୍ଟ କାର୍ ରହିଛି।

୧୪ରେ ପରବର୍ତ୍ତୀ ସିଜେଆଇ ଭାବେ ଦାୟିତ୍ୱ ନେବାକୁ ଯାଉଥିବା ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ୧୯.୬୩ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା, ମହାରାଷ୍ଟ୍ରର ଅମରାବତୀରେ ପୈତୃକ ଘର, ମୁମ୍ବାଇର ବାନ୍ଦ୍ରା ଏବଂ ଦିଲ୍ଲୀର ଡିଫେନ୍ସ କଲୋନିରେ ଆପାର୍ଟମେଣ୍ଟ ଏବଂ ଅମରାବତୀ ଓ ନାଗପୁରରେ କୃଷିଜମି ରହିଛି। ତାଙ୍କ ପାଖରେ ଥିବା ସୁନା ପରିମାଣ ୫.୨୫ ଲକ୍ଷ ଟଙ୍କା ହୋଇଥିବାବେଳେ ସ୍ତ୍ରୀଙ୍କ ପାଖରେ ୨୯.୯୦ ଲକ୍ଷ ଟଙ୍କାର ଅଳଙ୍କାର ଓ ୬୧,୩୨୦ ଟଙ୍କା ଜମାରାଶି ରହିଛି। ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କର ଚଣ୍ଡିଗଡ଼ର ସେକ୍ଟର ୧୦ରେ ଘର, ପଞ୍ଚକୁଲାରେ ୧୩ ଏକର ଚାଷଜମି, ଗୁରୁଗ୍ରାମରେ ୩୦୦ ବର୍ଗ ଗଜ ପ୍ଲଟ୍ ରହିଛି। ଜଷ୍ଟିସ୍ ଅଭୟ ଏସ୍ ଓକାଙ୍କର ଠାଣେରେ ଆବାସିକ ଫ୍ଲାଟ, କୃଷିଜମି, ୨୧.୭୬ ଲକ୍ଷ ଟଙ୍କାର ସ୍ଥାୟୀ ଜମା ଏବଂ ୯.୧୦ ଲକ୍ଷ ଟଙ୍କାର ଜମାରାଶି ରହିଛି। ସୁପ୍ରିମକୋର୍ଟରେ ସ୍ୱଚ୍ଛତା ବଢ଼ାଇବା ପାଇଁ ବିଚାରପତିମାନେ ସେମାନଙ୍କ ସମ୍ପତ୍ତି ସର୍ବସାଧାରଣରେ ଘୋଷଣା କରିବା ନିମନ୍ତେ ଏପ୍ରିଲ୍ ୧ରେ ପୂର୍ଣ୍ଣ ଅଦାଲତ ନିଷ୍ପତ୍ତି ନେଇଥିଲା।

**ହାତୀ ଆକ୍ରମଣରେ ମହିଳା ମୃତ**

ସୁନ୍ଦରଗଡ଼,୬।୫(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ଼ ବନଖଣ୍ଡ ସଦର ରେଞ୍ଜ ଅନ୍ତର୍ଗତ କରମଡିହି ଗୀତପଡ଼ାରେ ମଙ୍ଗଳବାର ସକାଳେ ହାତୀ ଆକ୍ରମଣରେ ମେରିମାଇକେଲ ଟେଟେ (୬୪)ଙ୍କ ମୃତ୍ୟୁ ଘଟିଛି। ।ସଦର ଥାନା ପୋଲିସ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ମେରିମାଇକେଲ ବିଧବା ହୋଇଥିବାରୁ ତାଙ୍କର ଏକମାତ୍ର ଝିଅଙ୍କୁ ଆବଶ୍ୟକ କ୍ଷତିପୂରଣ ଦିଆଯିବ ବୋଲି ଡିଏଫ୍‌ଓ ମିରାସେ କହିଛନ୍ତି।




# ଗାଁ ମାଟିରେ କ୍ରୀଡ଼ାତନ୍ତ୍ରର ଶିଳାନ୍ୟାସ

**ସୂର୍ଯ୍ୟବଂଶୀ ସୂରଜ**



୨୦୨୩ରେ ମୁମ୍ବାଇଠାରେ ଅନୁଷ୍ଠିତ ୧୪୧ତମ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ଅଭିଭାଷଣରେ କହିଥିଲେ କ୍ରୀଡ଼ା ଆମ ସମାଜ, ସଭ୍ୟତା ଏବଂ ସଂସ୍କୃତି ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ବୈଦିକ ଯୁଗଠାରୁ ଆରମ୍ଭ କରି ବେଦପୁରାଣ ଏବଂ ଗ୍ରନ୍ଥ-ଉପନିଷଦ ପର୍ଯ୍ୟନ୍ତ ସବୁଠି କ୍ରୀଡ଼ାର କଳା, କୌଶଳ, ବୈଶିଷ୍ଟ୍ୟ ଏବଂ ମହତ୍ତ୍ୱ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଧନୁର୍ବିଦ୍ୟା, ଅଶ୍ୱାରୋହ, ସନ୍ତରଣ, କୁସ୍ତି ଭଳି ଅନେକ କ୍ରୀଡ଼ା ହେଉଛି ଆମ ସଭ୍ୟତାର ଏକ ଅବିଚ୍ଛେଦ୍ୟ ଅଂଶ। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ପକ୍ଷରୁ କରାଯାଇଥିବା ପ୍ରତ୍ନତାତ୍ତ୍ୱିକ ଖନନ ରିପୋର୍ଟ ଆଧାରରେ ଗୁଜରାଟର ଧୋଲାବୀରା ଏବଂ ହରିୟାଣାର ରାଖୀଗଡ଼ୀଠାରେ ପ୍ରାୟ ୫୦୦୦ ବର୍ଷ ପୂର୍ବେ ବିଶାଳ ଷ୍ଟାଡିୟମ ଥିବାର ସନ୍ଧାନ ମିଳିବା ଏବଂ ସେହି ଷ୍ଟାଡିୟମରେ ହଜାର ହଜାର ଦର୍ଶକଙ୍କ ବସିବା ଲାଗି ବ୍ୟବସ୍ଥା ଥିବା ପ୍ରାଚୀନ ସମୟରୁ କ୍ରୀଡ଼ା ସଂସ୍କୃତି ପ୍ରତି ରହିଥିବା ଆମର ଭଲପାଇବାକୁ ପ୍ରଦର୍ଶିତ କରିଥାଏ। କ୍ରୀଡ଼ା କେବଳ ଜିତିବା କିମ୍ବା ହାରିବାର ପ୍ରତିଯୋଗିତା ନୁହେଁ ବରଂ ଏହା ଆମକୁ ଜୀବନରେ ଏକ ନୂତନ ଅନୁଭବ ତଥା ଅନୁଶାସନର ପାଠ ମଧ୍ୟ ପଢ଼ାଇଥାଏ। ଦେଶଦୁନିଆକୁ ସଂଯୋଗ କରୁଥିବା ଆମର ଏହି କ୍ରୀଡ଼ା ସଂସ୍କୃତି ଆମ ମଧ୍ୟରେ 'ବସୁଧୈବ କୁଟୁମ୍ବକମ୍'ର ଭାବନାକୁ ସଶକ୍ତ କରିବା ସହିତ ଶାନ୍ତି, ସୌହାର୍ଦ୍ଦ୍ୟ, ବିକାଶ ଏବଂ ପ୍ରଗତିର ବାର୍ତ୍ତା ପ୍ରଦାନ କରିଥାଏ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମ ଦେଶ ଏବଂ ଆମ ରାଜ୍ୟକୁ ବିଶ୍ୱ ମାନଚିତ୍ରରେ ଏକ କ୍ରୀଡ଼ାହବ୍ ଭାବେ ଚିତ୍ରିତ କରାଇବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ଓଡ଼ିଶାରେ ତୃଣମୂଳସ୍ତରରେ କ୍ରୀଡ଼ା ଭିତ୍ତିଭୂମି ଏବଂ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ଓଡ଼ିଶାର ୩୧୪ ବ୍ଲକରେ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ହେବ। ସମଗ୍ର ଓଡ଼ିଶାରେ ଏହି ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ନିମନ୍ତେ ସରକାରଙ୍କ ତରଫରୁ ୪୧୨୪ କୋଟି ଟଙ୍କାର ବ୍ୟୟବରାଦ ମଧ୍ୟ କରାଯାଇଛି।

ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମିକୁ ଓଡ଼ିଶାର ପ୍ରତିଟି ବ୍ଲକରେ ପହଞ୍ଚାଇବା ଲକ୍ଷ୍ୟରେ ବ୍ଲକସ୍ତରୀୟ ଷ୍ଟାଡିୟମର ରୂପରେଖ ପ୍ରସ୍ତୁତ କରାଯାଇଛି। ବ୍ଲକସ୍ତରୀୟ ଷ୍ଟାଡିୟମ କ୍ରୀଡ଼ା ପ୍ରତିଭାଙ୍କ ପାଇଁ ଏକ କ୍ରୀଡ଼ା ନର୍ସରି ଭାବେ କାର୍ଯ୍ୟ କରିବ। ଷ୍ଟାଡିୟମରେ ଫୁଟବଲ୍ ଏବଂ କ୍ରିକେଟ ଗ୍ରାଉଣ୍ଡ, ଆଥ୍‌ଲେଟିକ୍ ଟ୍ରାକ୍, ଥ୍ରୋ ଏରିଆ, ଜମ୍ପ ଏରିଆ, ଭଲିବଲ୍ କୋର୍ଟ ଆଦିର ନିର୍ମାଣ କରାଯିବ। ଏଥିସହିତ ବିଭିନ୍ନ ଦେଶୀୟ ବା ଆଞ୍ଚଳିକ କ୍ରୀଡ଼ା ଯଥା ଖୋଖୋ, କବାଡ଼ି ଆଦି ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବା ସହିତ ସ୍ଥାନୀୟ କ୍ରୀଡ଼ା ସଂସ୍କୃତିକୁ ମଧ୍ୟ ପ୍ରାଧାନ୍ୟ ଦିଆଯିବ। ଷ୍ଟାଡିୟମରେ ଇନ୍‌ଡୋର ହଲ୍‌ର ମଧ୍ୟ ନିର୍ମାଣ କରାଯିବ। ଇନ୍‌ଡୋର ହଲ୍‌ରେ ବ୍ୟାଡମିଣ୍ଟନ କୋର୍ଟ, ଟେବୁଲ ଟେନିସ, ଜିମ୍‌ନାଷ୍ଟିକ, ଭାରୋତ୍ତୋଳନ ଆଦି କ୍ରୀଡ଼ା ନିମନ୍ତେ ଆବଶ୍ୟକୀୟ ଭିତ୍ତିଭୂମି ପ୍ରଦାନ କରାଯିବ।

ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିର ଅଭାବ ରହିଥିବା ଖବର ଖବରକାଗଜର ପୃଷ୍ଠା ବିମଣ୍ଡନ କରୁଥିଲା ସତ, କିନ୍ତୁ ପୂର୍ବ ସରକାରଙ୍କ ସମୟରେ ଏହି ଦିଗରେ କିଛି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇ ନ ଥିଲା। ତୃଣମୂଳସ୍ତରରେ କ୍ରୀଡ଼ା ଭିତ୍ତିଭୂମି ଏବଂ ପ୍ରତିଭାର ବିକାଶ ହୋଇପାରିଲେ ହିଁ ପ୍ରକୃତରେ କ୍ରୀଡ଼ାର ବିକାଶ ହୋଇପାରିବ। ଏହି ଲକ୍ଷ୍ୟରେ ଆମେ ସରକାରକୁ ଆସିବାର ମାତ୍ର ୧୦ ମାସ ସମୟ ମଧ୍ୟରେ ଓଡ଼ିଶାର ପ୍ରତ୍ୟେକ ବ୍ଲକରେ ଷ୍ଟାଡିୟମ ନିର୍ମାଣ କରିବା ପାଇଁ ୪,୧୨୪ କୋଟି ଟଙ୍କାର ବ୍ୟୟ ମଞ୍ଜୁରୀକୁ କ୍ୟାବିନେଟରେ ପାରିତ କରିଥିଲୁ ଏବଂ ଏଥିସହିତ ଅଦ୍ୟାବଧି ବ୍ଲକସ୍ତରୀୟ ଷ୍ଟାଡିୟମ ପ୍ରକଳ୍ପର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ ହୋଇସାରିଛି। ସରକାରଙ୍କ ଏହି ଐତିହାସିକ ନିଷ୍ପତ୍ତି ଆଜି ଓଡ଼ିଶାର କ୍ରୀଡ଼ା ସମାଜକୁ ପ୍ରେରିତ କରିଛି।

ତୃଣମୂଳ ସ୍ତରରେ କ୍ରୀଡ଼ାର ବିକାଶ ନିମନ୍ତେ ନିକଟ ଅତୀତରେ ଓଡ଼ିଶାର ୩୦ଟି ଜିଲାରେ ୩୦ଟି ଖେଲୋ ଇଣ୍ଡିଆ ସେଣ୍ଟରର ମଧ୍ୟ ଉଦ୍‌ଘାଟନ କରାଯାଇଛି। ଜିଲାଗୁଡ଼ିକରେ ଖେଲୋ ଇଣ୍ଡିଆ ସେଣ୍ଟରର ପରିଚାଳନା ନିମନ୍ତେ ସରକାରଙ୍କ ତରଫରୁ ବାର୍ଷିକ ୫ ଲକ୍ଷ ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯିବ। ଏଥିସହିତ ରାଜ୍ୟରେ ପ୍ରଥମ ଥର ପାଇଁ ଆୟୋଜନ କରାଯାଉଥିବା ସିଏମ୍-ଟ୍ରଫି (ଅଣ୍ଡର-୧୫) ଫୁଟବଲ୍ ଚାମ୍ପିୟନଶିପ୍ ସମସ୍ତ ଜିଲାରେ ଅନୁଷ୍ଠିତ ହୋଇସାରିଛି। ଏହାର ଆୟୋଜନ ଦ୍ୱାରା ନିଶ୍ଚିତ ଭାବରେ ଓଡ଼ିଶାରେ ଯୁବ କ୍ରୀଡ଼ାପ୍ରତିଭାର ବିକାଶ ହୋଇପାରିଛି।

ରାଜ୍ୟରେ କ୍ରୀଡ଼ା ଏବଂ କ୍ରୀଡ଼ାବିତ୍‌ମାନଙ୍କ ବିକାଶ କରିବା ହିଁ ଆମର ପ୍ରାଥମିକ ଲକ୍ଷ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ୨୦୩୬ରେ ଭାରତରେ ଅଲିମ୍ପିକ୍ସ ଗେମ୍ସ ଆୟୋଜନ ହେବାର ଲକ୍ଷ୍ୟ ରଖାଯାଇଛି। ଏଥିସହିତ ବିକଶିତ ଓ ସମୃଦ୍ଧ ଓଡ଼ିଶା-୨୦୩୬ ଗଠନର ଲକ୍ଷ୍ୟ ସହିତ ବିଶ୍ୱ କ୍ରୀଡ଼ା ଜଗତରେ ଓଡ଼ିଶାକୁ କ୍ରୀଡ଼ା ରାଜଧାନୀ ରୂପେ ପରିଗଣିତ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି।

ବିଗତ ଦିନରେ ଓଡ଼ିଶାରେ କଳିଙ୍ଗ ସୁପର କପ୍ ଫୁଟବଲ୍ ଟୁର୍ନାମେଣ୍ଟ, ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍, ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ, ଜାତୀୟ ସନ୍ତରଣ ଓ ଆଥ୍‌ଲେଟିକ୍ସ ଟୁର୍ନାମେଣ୍ଟ ଆଦି ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ ହେବା ସହିତ ଆଗାମୀ ଦିନରେ ଭାରତର ପ୍ରଥମ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ଓଡ଼ିଶାରେ ଆୟୋଜନ କରାଯିବାର ଯୋଜନା ରହିଛି। ସେହିପରି ଭାବେ ନ୍ୟାଶନାଲ ଗେମ୍ସଠାରୁ ନେଇ ପ୍ୟାରିସ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଆମ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ପଦକ ହାସଲ କରି ଓଡ଼ିଶା ପାଇଁ ଗୌରବ ଅର୍ଜନ କରିଛନ୍ତି।

**କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ, ଓଡ଼ିଶା ସରକାର**



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଗସ୍ତ ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ମଣ୍ଡୁଆ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ସମ୍ମୁଖରେ ଟ୍ରକ୍ ମାଲିକ ସଂଘର ଆମ୍ବୁଲାନ୍ସ ଓ ମହାଯାତ୍ରା ଗାଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି। ନିକଟରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ତେଲକୋଇ ବିଧାୟକ ଡ. ଫକୀର ନାୟକ, ଜିଲା ଟ୍ରକ୍ ମାଲିକ ସଂଘର ସାଧାରଣ ସମ୍ପାଦକ ପ୍ରଦୀପ ବାରିକ ଉପସ୍ଥିତ ଅଛନ୍ତି।

## ପରୀକ୍ଷାର୍ଥୀଙ୍କୁ ମିଳିବ ୬ ମାର୍କ ଗ୍ରେସ୍

### ଏସ୍‌ଡିଆଇପିଆର୍ ନିଯୁକ୍ତି ପରୀକ୍ଷାରେ ତ୍ରୁଟି ପ୍ରସଙ୍ଗ

**ଭୁବନେଶ୍ୱର,୬।୫(ସୁଚିସ୍ମିତା ସାହୁ)**

ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନ (ଓପିଏସ୍‌ସି) ପକ୍ଷରୁ ମାର୍ଚ୍ଚ ୨୯ ଓ ୩୦ ତାରିଖରେ ଏସ୍‌ଡିଆଇପିଆର୍ (ଓଆର୍‌ଏସ୍-୨) ନିଯୁକ୍ତି ପରୀକ୍ଷା ହୋଇଥିଲା। ଏହି ପରୀକ୍ଷାରେ ତ୍ରୁଟି ଦେଖିବାକୁ ମିଳିଥିଲା। ଏଥିଯୋଗୁ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ ପରୀକ୍ଷାର୍ଥୀମାନଙ୍କୁ ୬ମାର୍କ ଗ୍ରେସ୍ ଦେବାକୁ ଓପିଏସ୍‌ସି ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି।

## ବାଣ ଗୋଦାମରେ ବିସ୍ଫୋରଣ : ୨ ମୃତ, ୩ ଗୁରୁତର

**ଭଦ୍ରକ,୬।୫(ସନାତନ ରାଉତ)**

ଭଦ୍ରକ ପୌରପାଳିକା ଅନ୍ତର୍ଗତ ୨୫ନଂ. ୱାର୍ଡର ହଳଦୀଡିହ ବାଇପାସ୍‌ଠାରେ ଥିବା ଏକ ବାଣ ଗୋଦାମରେ ମଙ୍ଗଳବାର ବିସ୍ଫୋରଣ ଘଟି ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ହଳଦୀଡିହ ବାଇପାସ୍‌ର ଶେଖ ଅକ୍ତରଙ୍କ ପୁଅ ଶେଖ ମୁସାରଫ୍(୧୨) ଓ ରହିତୁନ୍ ବିବି(୪୦)। ଗୁରୁତର ହଳଦୀଡିହ ବାଇପାସ୍‌ର ସୁଲତାନା ବିବି(୪୦), ପଠାଣମହଲାର ଅଜିଫା ବିବି(୩୦), ଗରଦପୁର କାଜିବଜାରର କୁନୁ ଜେନାଙ୍କ ଝିଅ ରଶ୍ମିତା ଜେନା(୨୪) ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ତେବେ ମୃତଦେହ ବ୍ୟବଚ୍ଛେଦ ହୋଇ ଗାଁରେ ପହଞ୍ଚିବା ପରେ ଉତ୍ତ୍ୟକ୍ତ ଲୋକେ ହଳଦୀଡିହଠାରେ ଭଦ୍ରକ-ଚାନ୍ଦବାଲି ରାସ୍ତା ଅବରୋଧ କରିଥିବା ସୂଚନା ମିଳିଛି। ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ସମିତ ମାଝୀ, ଟାଉନ ଥାନା ଅଧିକାରୀ ପ୍ରଭାଂଶୁ ମିଶ୍ର ପ୍ରମୁଖ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦ ବର୍ଷ ତଳେ ଏହି ଗୋଦାମରେ ବିସ୍ଫୋରଣ ଘଟି ପ୍ରାୟ ୫ ଜଣଙ୍କ ମୃତ୍ୟୁ ଘଟିଥିଲା ବୋଲି ସ୍ଥାନୀୟ କାଉନସିଲର ଅଭିଯୋଗ କରିଛନ୍ତି। ଏପରି ଦୁର୍ଘଟଣା ଘଟିଥିବା ଗୋଦାମ କିପରି ଏତେବର୍ଷ ଧରି ସେଠାରେ ଚାଲୁଥିଲା ବୋଲି ୨୫ ନଂ. କାଉନସିଲର ଫରିୟାଦ୍ ଖାନ୍ ପ୍ରଶ୍ନ କରିଛନ୍ତି।

# ଦୀଘା ଜଗନ୍ନାଥ ମନ୍ଦିରରେ 'ଧାମ' ଶବ୍ଦ ବ୍ୟବହାର କରନ୍ତୁନାହିଁ

## ମମତାଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୬।୫ (ସୁନିତ୍ ମିଶ୍ର)**

ଦୀଘା ଜଗନ୍ନାଥ ମନ୍ଦିରକୁ ନେଇ ବିବାଦ ଜୋର୍ ଧରିଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଏହି ପ୍ରସଙ୍ଗରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଚିଠି ଲେଖିଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ପଶ୍ଚିମବଙ୍ଗର ଦୀଘାଠାରେ ନିର୍ମିତ ଜଗନ୍ନାଥ ମନ୍ଦିରର ନାମ 'ଜଗନ୍ନାଥ ଧାମ' ରଖାଯିବା ଘଟଣାକୁ ଓଡ଼ିଶା ସରକାର ଗମ୍ଭୀରତାର ସହ ନେଇଛନ୍ତି। ଜଗନ୍ନାଥ ଧାମ ପୁରୀ ହେଉଛି ଦେଶର ୪ ଧାମ ଭିତରୁ ଅନ୍ୟତମ। ଏହା ସମଗ୍ର ଦେଶ ଏବଂ ବିଶ୍ୱରେ ଥିବା ଜଗନ୍ନାଥପ୍ରେମୀଙ୍କ ସମ୍ମାନ ଓ ସାଂସ୍କୃତିକ ସମ୍ବେଦନଶୀଳତାକୁ ବଜାୟ ରଖେ। ଦୀଘାସ୍ଥିତ ମନ୍ଦିରକୁ ଜଗନ୍ନାଥ ଧାମ ଭାବେ ନାମକରଣ ଭକ୍ତ ଓ ତୀର୍ଥଯାତ୍ରୀଙ୍କ ଭାବାବେଗକୁ କୁଠାରାଘାତ କରିଛି। ଦୀଘା ମନ୍ଦିରକୁ ଧାମ କୁହାଯିବା ଏବଂ ପ୍ରଚାରରେ ବ୍ୟବହାର କରିବା ଯୋଗୁ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ତେଣୁ ପଶ୍ଚିମବଙ୍ଗ ସରକାର ଏହା ଉପରେ ପୁନର୍ବିଚାର କରନ୍ତୁ। ଧାମ ବ୍ୟବହାର କରିବା ଏବଂ ଏହାକୁ ସରକାରୀ ଭାବେ ନାମକରଣ କରିବା ସହ ପ୍ରଚାରପ୍ରସାର କରିବାରୁ ନିବୃତ୍ତ ରୁହନ୍ତୁ। ଆନ୍ତଃରାଜ୍ୟ ସମ୍ମାନ ଓ ସଂସ୍କୃତିକୁ ବଜାୟ ରଖି ଏହି ବିଷୟକୁ ପଶ୍ଚିମବଙ୍ଗ ସରକାର ବିଚାର କରିବେ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ଆଶାବ୍ୟକ୍ତ କରିଥିବା ଚିଠିରେ ଦର୍ଶାଇଛନ୍ତି।

ଅନ୍ୟପକ୍ଷେ ଦୀଘା ମନ୍ଦିରକୁ ଜଗନ୍ନାଥ ଧାମ କୁହାଯାଇପାରିବ ନାହିଁ ବୋଲି ଓଡ଼ିଶାରୁ ସ୍ୱର ଉଠିବା ପରେ ସେ ସମ୍ପର୍କିତ ଲେଖାକୁ ହଟାଇ ଦିଆଯାଇଥିଲା। ହେଲେ ସୋମବାର ବିଳମ୍ବିତ ରାତିରେ ପୁଣି ଥରେ ଏହାରର ନାଁ 'ଜଗନ୍ନାଥ ଧାମ' ବୋଲି ସ୍ଥାୟୀ ଭାବେ ଲେଖାଯାଇଛି। ଏହି ଘଟଣାକୁ ନେଇ ରାଜନୀତି ଜୋର୍ ଧରିବାରେ ଲାଗିଛି। ବରିଷ୍ଠ ମନ୍ତ୍ରୀ, ଭାଜପା ବିଧାୟକ ଓ ଏମ୍‌ପିମାନେ ମମତାଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ପଶ୍ଚିମବଙ୍ଗରୁ ଆରମ୍ଭ ହୋଇଥିବା 'ବୟକଟ୍ ପୁରୀ' ସମ୍ବନ୍ଧିତ ଟ୍ୟାଗ୍ ଲାଇନକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରବଳ ବର୍ଷିଛନ୍ତି। ପ୍ରଭାତୀ କହିଛନ୍ତି, ପୁରୀ ଏପରି ଏକ ଜାଗା, ଯାହାର ପ୍ରଚାରପ୍ରସାର ଅନାବଶ୍ୟକ। 'ବୟକଟ୍ ପୁରୀ' ଟ୍ୟାଗ୍‌ଲାଇନ ଯୋଗୁ ପୁଣି ଥରେ ପୁରୀ ଚର୍ଚ୍ଚାକୁ ଆସିଛି। ଯାହାଙ୍କ ପାଖରେ ଜଗନ୍ନାଥ ଏବଂ ତାଙ୍କ ଆଶୀର୍ବାଦ ରହିଛି, ସେମାନଙ୍କୁ ବୟକଟ୍, ଧମକ, ନାଲିଆଖି କିଛି କରିପାରିବ ନାହିଁ। ସରକାର, ଗଜପତି ମହାରାଜା, ମୁକ୍ତିମଣ୍ଡପ ଏହା ଉପରେ ସବୁକିଛି ସ୍ପଷ୍ଟ କରିଛନ୍ତି। ଜଗନ୍ନାଥଙ୍କ ସଂସ୍କୃତିକୁ ନେଇ ମମତା ବାରମ୍ବାର ଏପରି କରିବା ଅଶୋଭନୀୟ ଆଚରଣ ବୋଲି ପ୍ରଭାତୀ କହିଛନ୍ତି।

ଭାଜପା ବିଧାୟକ ପଦ୍ମଲୋଚନ ପଣ୍ଡା କହିଛନ୍ତି, ପୁରୀ ଆସିଲେ ମମତାଙ୍କୁ ଆମେ ପୂରାଇ ଦେବୁନାହିଁ। ସାଢେ ୪ କୋଟି ଓଡ଼ିଆ ତାଙ୍କୁ ବିରୋଧ କରିବେ। ଦୀଘାରେ ଜଗନ୍ନାଥ ମନ୍ଦିର କରିବାରେ ଅସୁବିଧା ନାହିଁ, ହେଲେ ତା'ର ନାଁ ଜଗନ୍ନାଥ ଧାମ ଦେଇପାରିବେନାହିଁ ବୋଲି ସେ କହିଛନ୍ତି। ଭାଜପା ଏମ୍‌ପି ପ୍ରତାପ ଷଡ଼ଙ୍ଗୀ କହିଛନ୍ତି, ହିମାଳୟରେ ଯାଇ ମୁଣ୍ଡ ବାଡ଼େଇଲେ ମୁଣ୍ଡ ଫାଟିଯିବ ସିନା ପର୍ବତ ଗଡ଼ିପଡିବନାହିଁ। ମମତା ଦିଦି ତାଙ୍କ ଔକାତ ଜାଣିନାହାନ୍ତି। ଓଡ଼ିଶାରେ ଜଗନ୍ନାଥଙ୍କୁ ଅପମାନିତ କରି ଏଠାରୁ ଗୋଟିଏ ସରକାରର ପତନ ହେଲା। ଦାରୁ ଉପରେ ଶୋଇ ଫଟୋ ଛାଡ଼ିଲେ ପୂର୍ବ ସରକାରଙ୍କ ମନ୍ତ୍ରୀ। ମମତାଙ୍କର ସେମିତି ଗୋଟିଏ ଶେଷ ସମୟ ଆସିଗଲାଣି। ଜଗନ୍ନାଥଙ୍କୁ ଅସମ୍ମାନକଲେ ମାନେ ତାଙ୍କର ପତନ ଅନିବାର୍ଯ୍ୟ। ମମତା ଦିଦି ଯାହା କହିଦେଲେ କ'ଣ ସେଇଟା ଧାମ ହୋଇଯିବ କି, ସେମିତି ହୁଏ ନାହିଁ। ମମତାଙ୍କ ଶେଷ ସମୟ ଆସିଗଲାଣି ବୋଲି ପ୍ରତାପ କହିଛନ୍ତି। ଜ୍ୟୋତିର୍ମଠ ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ କହିଛନ୍ତି, ଦୀଘା ପାଇଁ ଧାମ ଶବ୍ଦ ଠିକ୍ ନୁହେଁ । ଏହା କେବଳ ଗୋଟିଏ ସ୍ଥାନରେ ରହିପାରିବ ତାହା ହେଉଛି ପୁରୀ। ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଏହି ପ୍ରସଙ୍ଗ ନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଦୀଘାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଯେଉଁପରି ତା'ର ନାଁ ଜଗନ୍ନାଥ ଧାମ ବୋଲି ପ୍ରଚାର କରାଯାଉଛି ତାହା କେବେ ଗ୍ରହଣଯୋଗ୍ୟ ନୁହେଁ। ଅନ୍ୟ କେଉଁଠି ଜଗନ୍ନାଥ ଧାମ ହୋଇପାରିବ ନାହିଁ। ଏହା ଉପରେ ପଦକ୍ଷେପ ନେବାକୁ ସୁଦର୍ଶନ ନିଜ ପତ୍ରରେ ଅନୁରୋଧ କରିଛନ୍ତି।

## ୧୧୬୪ ଏକରରେ ହେବ ପୁରୀ ବିମାନବନ୍ଦର

**ଭୁବନେଶ୍ୱର, ୬।୫(ସୁନିତ୍ ମିଶ୍ର)**

- **୫୬୩୧ କୋଟି ଟଙ୍କା ଖର୍ଚ୍ଚ ହେବ, ୪୬ ଲକ୍ଷ ଯାତ୍ରୀ ସୁବିଧା ପାଇବେ**
- **ପ୍ରଧାନମନ୍ତ୍ରୀ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଧନ୍ୟବାଦଦେଲେ ମୁଖ୍ୟମନ୍ତ୍ରୀ**

ପୁରୀଠାରେ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ପ୍ରତିଷ୍ଠା କରିବା ଲାଗି କେନ୍ଦ୍ର ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ କରିବା ପାଇଁ କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଶ୍ରୀଜଗନ୍ନାଥ ବିମାନବନ୍ଦର ନାମରେ ନାମିତ ଏହି ମହତ୍ତ୍ୱାକାଂକ୍ଷୀ ଭିତ୍ତିଭୂମି ପ୍ରକଳ୍ପଟି ୫୬୩୧ କୋଟି ଟଙ୍କା ମୂଲ୍ୟରେ ୧୧୬୪ ଏକର ଜମିରେ ବିକଶିତ ହେବ। ଏହାର ନିର୍ମାଣ କାର୍ଯ୍ୟ ୩ଟି ପର୍ଯ୍ୟାୟରେ ହେବ। ଏହା ସମ୍ପୂର୍ଣ୍ଣ ହେବା ପରେ ୪୬ ଲକ୍ଷ ଯାତ୍ରୀଙ୍କୁ ବିମାନ ଯାତାୟାତର ସୁବିଧା ପ୍ରଦାନ କରିବ। ଏହି ବିମାନବନ୍ଦର ଦ୍ୱାରା ରାଜ୍ୟରେ ଆଞ୍ଚଳିକ ସଂଯୋଗୀକରଣ ବୃଦ୍ଧିହେବା ସହ ରାଜ୍ୟରେ ଆର୍ଥିକ ଅଭିବୃଦ୍ଧିକୁ ଏକ ନୂତନ ଗତି ମିଳିବ। ପୁରୀ ସହର ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ପାଇଁ ସୁଗମ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଶା ପ୍ରକାଶ କରିଛନ୍ତି। ଏହି ପଦକ୍ଷେପ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁଙ୍କୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମାଝୀ ଧନ୍ୟବାଦ ଜଣାଇଛନ୍ତି।

## ପୂର୍ବ ସରକାରଙ୍କ ଶ୍ରେୟ: ଶୁଭାଶିଷ

**ଭୁବନେଶ୍ୱର, ୬।୫(ସୁନିତ୍ ମିଶ୍ର)**

ପୁରୀ ଗ୍ରୀନ୍‌ଫିଲ୍ଡ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠାର ଶ୍ରେୟ ପୂର୍ବ ସରକାରଙ୍କର ବୋଲି ବିଜେଡି ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି। ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶୁଭାଶିଷ କହିଛନ୍ତି, ଶ୍ରୀକ୍ଷେତ୍ର ପୁରୀକୁ ବିଶ୍ୱର ପର୍ଯ୍ୟଟକଙ୍କ ଆଗମନକୁ ସୁବ୍ୟବସ୍ଥିତ କରିବାକୁ ରଖି ୨୦୨୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବିମାନବନ୍ଦର ପ୍ରତିଷ୍ଠା ଲାଗି ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ୨୦୨୩ରେ ପ୍ରକଳ୍ପ ଲାଗି ସାଇଟ୍ କ୍ଲିୟରାନ୍ସ ମିଳିଥିଲା। ୧୧୪୬ ଏକର ଜମିକୁ ପ୍ରକଳ୍ପ ଏରିଆ ଭାବେ ଚିହ୍ନଟ କରାଯାଇଥିବାବେଳେ ୨୫୧ ଏକର ଜମି ଅଧିଗ୍ରହଣ କରାଯାଇଥିଲା।



ଶୁଭାଶିଷ ଖୁଣ୍ଟିଆ

ଶ୍ରୀକ୍ଷେତ୍ର ପୁରୀର ସୌନ୍ଦର୍ଯ୍ୟକରଣକୁ ବିଶ୍ୱସ୍ତରୀୟ କରିବା ପାଇଁ ଶ୍ରୀମନ୍ଦିର କରିଡର ପ୍ରକଳ୍ପଠାରୁ ଆରମ୍ଭ କରି ବ୍ଲୁ-ଫ୍ଲାଗ୍ ବିଚ୍ ନିର୍ମାଣ ଓ ସ୍ୱର୍ଗଦ୍ୱାରର ନବୀକରଣ ଇତ୍ୟାଦି ସହ ଏହି ବିମାନବନ୍ଦର ପ୍ରତିଷ୍ଠାର ପରିକଳ୍ପନା କରାଯାଇଥିଲା। ରାଜ୍ୟ ସଭା ସଦସ୍ୟକୁ ଯିବାପରେ ସେ ଏୟାରପୋର୍ଟ ପ୍ରତିଷ୍ଠା ଲାଗି ବାରମ୍ବାର ଦାବି କରିଥିଲେ ବୋଲି ଶୁଭାଶିଷ କହିଛନ୍ତି।


DSPL-54

ଓଡ଼ିଶା ସରକାର

# ଘୁଷୁରି ଜ୍ୱର
## (Classical Swine Fever)

- Classical Swine Fever ଘୁଷୁରି ଠାରେ ଦେଖାଯାଉଥିବା ଏକ ଭୂତାଣୁଜନିତ ସଂକ୍ରାମକ ରୋଗ ।
- ଏହି ରୋଗ ହେଲେ ଘୁଷୁରିମାନେ ସାଧାରଣତଃ ଏକ ରୁ ଦୁଇ ସପ୍ତାହ ମଧ୍ୟରେ ମୃତ୍ୟୁ ମୁଖରେ ପଡିଥାନ୍ତି ।



**ଘୁଷୁରିଙ୍କ ଠାରେ ଦେଖାଯାଉଥିବା ଲକ୍ଷଣ:**

- ଅତ୍ୟଧିକ ଜ୍ୱର ହୋଇଥାଏ
- କାନ, ଗୋଡ଼ ଏବଂ ତଳିପେଟରେ ଲାଲ ବା ବାଦାମି ରଙ୍ଗର ଦାଗ ଦେଖାଯାଏ
- ହଳଦିଆ ରଙ୍ଗର ତରଳ ଝାଡ଼ା ହେବା ସହ ବାନ୍ତି ମଧ୍ୟ ହୋଇଥାଏ
- ଖାଇବା କମିଯିବା ସହ ଘୁଷୁରିମାନେ ବହୁତ ଦୁର୍ବଳ ହୋଇଯାଆନ୍ତି
- ବନ୍ଧ୍ୟାଦୋଷ, ଗର୍ଭପାତ ଏବଂ ସ୍ନାୟୁ ଜନିତ ରୋଗ ମଧ୍ୟ ଦେଖାଯାଏ



**ନିୟନ୍ତ୍ରଣ ପାଇଁ କଣ କରିବେ?**

- ରୋଗାକ୍ରାନ୍ତ ଘୁଷୁରିଙ୍କୁ ସୁସ୍ଥ ଘୁଷୁରିଙ୍କ ଠାରୁ ଅଲଗା ରଖନ୍ତୁ ।
- ପ୍ରାଣିଚିକିତ୍ସକଙ୍କ ପରାମର୍ଶ କ୍ରମେ ଘୁଷୁରିମାନଙ୍କୁ ପ୍ରତିଷେଧକ ଟିକା ଦିଅନ୍ତୁ । ଏହି ଟିକା ପ୍ରାଣିଚିକିତ୍ସାଳୟରେ ମାଗଣାରେ ଉପଲବ୍ଧ ।



ଅଧିକ ସୂଚନା ପାଇଁ ବ୍ଲକ ପ୍ରାଣିଚିକିତ୍ସାଳୟ କିମ୍ବା ଦେୟମୁକ୍ତ ନମ୍ବର 155333 କିମ୍ବା 7205598125 ସହ ଯୋଗାଯୋଗ କରନ୍ତୁ

OIPR-06014/13/0037/2526

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର
fard.odisha.gov.in

Follow us farddepartment farddepartment farddepartment farddept

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟନ, ସ୍ଥାନ: ଆନନ୍ଦବନ, ସମୟ: ସକାଳ ୯ଟା ୧୫।
- ଦୀଘା ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ନାମକରଣର ପ୍ରତିବାଦ ଓ ପୁରୀ ଜଗନ୍ନାଥ ଧାମର ଗାରିମା ବଜାୟ ରଖିବା ଦାବିରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର, ସ୍ଥାନ: ରାଜ ଭବନ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ମେଣ୍ଟାଲ ହେଲ୍‌ଥ ଆଣ୍ଡ ୱେଲନେସ୍ ଆୱେରନେସ ସମିଟ୍, ସ୍ଥାନ: ଆଇଟିସି ୱେଲକମ୍ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଉତ୍କଳ ପ୍ରଶିକ୍ଷିତ ସଂସ୍କୃତ ଶିକ୍ଷକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ରେଡକ୍ରସ୍ ଭବନ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## କଟକ

- କଟକ ଜିଲା କଂଗ୍ରେସ ପକ୍ଷରୁ ଜିଲା ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଖପୁରିଆ, ନୂଆପଡ଼ା, କଟକ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସାହିତ୍ୟ ସମାଜର ୧୨୩ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଏସ୍‌ଟିଏଫ୍‌ଆଇର ଇଷ୍ଟର୍ନ ଜୋନ ସମ୍ମିଳନୀ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଶାସନ ପକ୍ଷରୁ ମକ୍‌ଡ୍ରିଲ, ସ୍ଥାନ: ସହରର ବିଭିନ୍ନ ସ୍ଥାନ, ସମୟ: ଅପରାହ୍ନ ୪ଟା।
- ଦୟାନିଧି ସଙ୍ଗୀତ ସୁଧା ପକ୍ଷରୁ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ନରେନ୍ଦ୍ର ଚକଡ଼ା, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବରିହା, ସିମୁଳିଆ, ସମୟ: ଦିବସବ୍ୟାପୀ।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ନୂଆବଜାର ପରିବା ମାର୍କେଟ୍, ବାଲେଶ୍ୱର, ସମୟ: ସକାଳ ୮ଟା।
- ଖଇରା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ସମୟ: ସକାଳ ୯ଟା।
- ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ, ସ୍ଥାନ: ବାଲେଶ୍ୱର ସହର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ଶ୍ରୀ ହନୁମାନଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଗିଲୋ, ବନ୍ତ, ସମୟ: ସକାଳ ୯ଟା।
- ମା' ଯୋଗେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ, ସ୍ଥାନ: ରତାଙ୍ଗ ଗ୍ରାମ, ବସୁଦେବପୁର, ସମୟ: ପୂର୍ବାହ୍ନ ୯ ଟା।
- ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଖେମପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ ଟା।
- ଜଗବନ୍ଧୁ ମେମୋରିଆଲ ଆନ୍ତଃ ରାଜ୍ୟ ଦିବାରାତ୍ର ଫୁଟବଲ ମ୍ୟାଚ୍ ୩ୟ ଦିବସ, ସ୍ଥାନ: ଏବି ହାଇସ୍କୁଲ ପରିସର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ ଟା।
- ମକ୍‌ଡ୍ରିଲ, ସ୍ଥାନ: ବାତ୍ୟାଶ୍ରୟ ସ୍ଥଳ, ଦୋସିଙ୍ଗା, ଚାନ୍ଦବାଲି, ସମୟ: ଅପରାହ୍ନ ୪ ଟା।
- ମକ୍‌ଡ୍ରିଲ, ସ୍ଥାନ: ବାତ୍ୟାଶ୍ରୟ ସ୍ଥଳ, ଚନ୍ଦିନୀପାଳ, ଚାନ୍ଦବାଲି, ସମୟ: ଅପରାହ୍ନ ୪ ଟା।

## କେନ୍ଦୁଝର

- ଜଳପୁରୁଷଙ୍କ କେନ୍ଦୁଝର ଗସ୍ତ, ସ୍ଥାନ: ଗୋନାଶିକା, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ମୟୂରଭଞ୍ଜ

- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ–୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଆଧାତ୍ମିକ ପତ୍ରିକା ମହାବାହୁ ପ୍ରକାଶନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ:ଉଦଳା ବରିଷ୍ଠ ନାଗରିକ ସଂଘ ସଭାଗୃହ, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ

- ସିଭିଲ ଡିଫେନ୍ସ ମକ୍‌ଡ୍ରିଲ, ସ୍ଥାନ:ଗୋପାଳପୁର ବନ୍ଦର ଓ ଛତ୍ରପୁର ଆଇଆରଇଏଲ, ସମୟ: ଅପରାହ୍ନ ୪ଟା।

## ଗଜପତି

- ଜିଲା ପରିଷଦ ବୈଠକ, ସ୍ଥାନ: ପାରଳାଖେମୁଣ୍ଡି ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୮ଟା ୩୦।

## ଢେଙ୍କାନାଳ

- ସାମ୍ଭାବ୍ୟ ଯୁଦ୍ଧକୁ ନେଇ ମକ୍‌ଡ୍ରିଲ, ସ୍ଥାନ: ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ଜିଲାରେ ଏ–୧ ଗ୍ରେଡ୍ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା ୩୦।

## କେନ୍ଦ୍ରାପଡ଼ା

- ସମ୍ଭାବ ଯୁଦ୍ଧ ମୁକାବିଲା ପାଇଁ ମକ୍ ଡ୍ରିଲ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୪ଟା।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ହରିଦାସପୁର, ବେଡାରୀ, ଗରଦପୁର, ସମୟ: ସନ୍ଧ୍ୟା ୬ଟା।
- ମା' ମହିପାଳିନୀ ମନ୍ଦିରର ବାର୍ଷିକ ଉତ୍ସବ ଓ ରାମଚରିତ ମାନସ ପାରାୟଣ, ସ୍ଥାନ: ମହୀପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଶ୍ରୀଶ୍ରୀ ସିଦ୍ଧ ମହାବୀର ହନୁମାନ ଜୀଉଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉପଲକ୍ଷେ ଯଜ୍ଞୋତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତର ବ୍ରହ୍ମଣଦା, ସମୟ: ସକାଳ ୬ଟା୧୦ମିନିଟ୍।
- ମା ମଙ୍ଗଳା ମନ୍ଦିରର ୧୩ ତମ ବାର୍ଷିକ ପ୍ରତିଷ୍ଠା ଯଜ୍ଞୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ : ଭିକିପୁର ଗ୍ରାମ ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା।

## ନୟାଗଡ଼

- ୪୨ ମୌଜା ମହିଳା ମଣ୍ଡଳ ଉତ୍ସବ, ସ୍ଥାନ: ଖଣ୍ଡପଡା ବ୍ଲକ ଗୋପିନାଥପୁର ଶୁଳିଆ ଠାକୁରାଣୀ, ସମୟ: ପ୍ରାତଃ ୪ଟା ।
- ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞର ସପ୍ତମ ଦିବସ, ସ୍ଥାନ: ନୟାଗଡ ବ୍ଲକ ଗୋବିନ୍ଦପୁର ବିଜେ ସୋମନାଥ ଦେବଙ୍କ ପୀଠ, ସମୟ: ପ୍ରାତଃ ୫ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ଅଷ୍ଟମ, ସ୍ଥାନ:ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ଅଷ୍ଟମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ଅଷ୍ଟମ ଦିବସ, ସ୍ଥାନ:ନୟାଗଡ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ଅଷ୍ଟମ ଦିବସ, ସ୍ଥାନ:ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା ।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ଅଷ୍ଟମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଚନ୍ଦନଯାତ୍ରାର ଅଷ୍ଟମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଚାଟେରି ଭୋଗଖିଆର ପ୍ରସ୍ତୁତି ବୈଠକ, ସ୍ଥାନ:ଡାକବଙ୍ଗଳା କଣ୍ଟିଲୋ, ସମୟ: ଅପରାହ୍ନ ୩ଟା।

## ରାୟଗଡ଼ା

- ରାୟଗଡାରେ କାର୍ଯ୍ୟରତ ସାମ୍ବାଦିକଙ୍କ ପକ୍ଷରୁ ସ୍ୱର୍ଗତ ସାମ୍ବାଦିକ ରାଜୀବ ଲୋଚନ ପଣ୍ଡାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶୋକସଭା, ସ୍ଥାନ: ସଂସ୍କୃତି ଭବନ, ରାୟଗଡା, ସମୟ: ସକାଳ ୯ଟା ୩୦ ।
- ଜିଲାସ୍ତରୀୟ ଦିଶା ବୈଠକ, ସ୍ଥାନ: ରାୟଗଡା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସିଭିଲ ଡିଫେନ୍ସ ମକ୍ ଡ୍ରିଲ, ସ୍ଥାନ: ରାୟଗଡା ସହର ଓ ଉପକଣ୍ଠ ଅଞ୍ଚଳ, ସମୟ: ଅପରାହ୍ନ ୪ଟା।
- ମା' ମୁତ୍ୟାଲାମା ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଅବସରରେ ପୌରାଣିକ ନାଟକ ରାମାୟଣ କାର୍ଯ୍ୟକ୍ରମ, ସ୍ଥାନ: କୋଲନରା, ସମୟ: ରାତି ୯ଟା।

## ନବରଙ୍ଗପୁର

- କିନ୍ନର ସମ୍ପ୍ରଦାୟ ପକ୍ଷରୁ ବହୁଚରା ମାତାଙ୍କ ଷୋହଳ ପୂଜା, ସ୍ଥାନ: ଉମରକୋଟ ଗୁଲିପାଟଣା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ମା' ମୁତ୍ୟାଲୁମାଙ୍କ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ, ସ୍ଥାନ: ପୋଲିସ କଲୋନୀସ୍ଥିତ ଅସ୍ଥାୟୀ ମଣ୍ଡପ କୋରାପୁଟ, ସମୟ: ସକାଳ ୬ଟା।
- ସିପିଆଇ ଓ ୟୁଥ ଆସୋସିଏସନର ଶୋଭାଯାତ୍ରା, ସାଧାରଣ ସଭା, ସ୍ଥାନ:ଆରଟିଓ କାର୍ଯ୍ୟାଳୟ ପଡିଆ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ମକ୍‌ଡ୍ରିଲ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ସଦର ମହକୁମା, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା ।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ବିଭିନ୍ନ ଦାବି ପୂରଣ ନେଇ କର୍ମଚାରୀ ସଂଘର ଆନ୍ଦୋଳନ, ସ୍ଥାନ : ଜେଏସଡବ୍ଲୁବିପିଏସଏଲ ମୁଖ୍ୟ ଫାଟକ, ସମୟ : ଅପରାହ୍ନ ୧ଟା ୩୦ ।
- ଜିଲା ପ୍ରଶାସନ ପକ୍ଷରୁ ଡିଫେନ୍ସ ମକ୍ ଡ୍ରିଲ, ସ୍ଥାନ : ଲକ୍ଷ୍ମୀ ଟକିଜ ଛକରୁ କ୍ଷେତରାଜପୁର, ସମୟ : ଅପରାହ୍ନ ୪ଟା ।

## ବଲାଙ୍ଗୀର

- ଅସୀ ଚାଳନା ର୍‍ୟାଙ୍କିଙ୍ଗ୍ ପ୍ରତିଯୋଗିତା, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ।

## ରାଉରକେଲା

- ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ସମାରୋହ ଶୁଭାରମ୍ଭ, ସ୍ଥାନ: ଇସ୍ପାତ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ନାଗରିକ ପ୍ରତିରକ୍ଷା ମକ୍ ଡ୍ରିଲ୍, ସ୍ଥାନ: ଉଦିତନଗର ଖେଳ ପଡିଆ, ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼

- ତହସିଲଦାରଙ୍କୁ ଟକୁଲି ପଞ୍ଚାୟତ କୃଷକ ସଙ୍ଗଠନର ଦାବିପତ୍ର ପ୍ରଦାନ,ସ୍ଥାନ:ତହସିଲ କାର୍ଯ୍ୟାଳୟ, ଅତାବିରା,ସମୟ: ସକାଳ ୯ଟା।
- ବୈଶାଖମେଳାରେ ବିଶ୍ୱଶାନ୍ତି ମହାଯଜ୍ଞ, କଳସ ଅଧିବାସ,ସ୍ଥାନ: ନୃସିଂହନାଥ ମନ୍ଦିର, ପାଇକମାଲ,ସମୟ: ସନ୍ଧ୍ୟା ୫ଟା।
- ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଏ.ଇ.ଏମ୍ ପବ୍ଲିକ୍ ସ୍କୁଲ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ସାମୂହିକ ମକ୍‌ଡ୍ରିଲ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ସକାଳ ୯ଟା।
- ଭାଜପା କାର୍ଯ୍ୟକର୍ତ୍ତା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍ଭାବନା ସଭାଗୃହ, ବୌଦ୍ଧ, ସମୟ: ସକାଳ ୯ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବୀରମହାରାଜପୁର ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସଭାଗୃହ, ସମୟ: ସକାଳ ୮ଟା।
- ଡୁଙ୍ଗୁରିପାଲି ଦିଗଶିରା ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ ସାଧାରଣ ବୈଠକ, ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ପରିସର, ସମୟ: ସମୟ ୯ ଟା।
- ତରଭା ବ୍ଲକ ମରାଡୁଗୋଛାରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ତେଲନଦୀ କୂଳରୁ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।
- ଅଲେଖ ମହିମା ଅଖଣ୍ଡ ବ୍ରହ୍ମଯଜ୍ଞର ଶୁଭାରମ୍ଭ, ସ୍ଥାନ: ସୁବର୍ଣ୍ଣପୁର ସହର ଖୁଡୁପିପଡା ସ୍ଥିତ ଅଲେଖ ମହିମା ମଠ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ସୋସେଙ୍ଗ ପଞ୍ଚାୟତ ଦେଓସିଲ ଗାଁ, ସମୟ: ସକାଳ ୯ଟା ୩୦।
- ନାମଯଜ୍ଞ ଅବସରରେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ସୋସେଙ୍ଗ ପଞ୍ଚାୟତ ଦେଓସିଲ ଗାଁ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ସିନାପାଲି ବ୍ଲକ କରନବାହାଲି ପଞ୍ଚାୟତ କୁଲିଆଡୋଙ୍ଗରୀ ଗାଁ, ସମୟ: ସକାଳ ୮ଟା ୧୫।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଆରମ୍ଭ, ସ୍ଥାନ: କୋମନା ବ୍ଲକ ପଲସିପାଣି ପଞ୍ଚାୟତ କାଶିପଲା ଗାଁ, ସମୟ: ଅପରାହ୍ନ ୨ଟା ୩୦।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଧରି ନ ପାଇଲି ମନକୁ**
**ଦଣ୍ଡେ ପାଇଁ କି ପଣତ ପାରିଲି,**
**କଳଙ୍କ ରଖିଲି କୁଳକୁ ।**

କ୍ଷଣିକ ଆବେଗର ବଶବର୍ତ୍ତୀ ହୋଇ କିଛି ବ୍ୟକ୍ତି ଅବୈଧ ସମ୍ପର୍କ ବା ଚୋରା ପ୍ରୀତିରେ ଲିପ୍ତ ରହିଥାନ୍ତି। ତେବେ ଏହା ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ କିଛି ଭୁଲ୍ ହେବ ନାହିଁ। ଯୌବନାବସ୍ଥାରେ ମନକୁ ସଂଯତ ବା ଆୟତ୍ତରେ ରଖିପାରି ନ ଥିବା ଜଣେ ବିଟପୀ ନାରୀର ଏ ନେଇ ମନରେ ଅନୁଶୋଚନା ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧାନ ହାଣ୍ଡିକ କୁଟେଇବ**
**ହଳଦୀ କଠୁଆକୁ ବଟେଇବ**
**ତେବେ ଯାଇ ଝିଅ ପଠେଇବ।**

ନାରୀର ଜୀବନ ଚିତ୍ର। ଆଗକାଳରେ ନାରୀ ଶିକ୍ଷା, ଲେଖା ପଢ଼ାରେ ନ ଥିଲା। କାଟିବା, କୁଟିବା, ବାଟିବା, ରାନ୍ଧିବା, ବାଢ଼ିବା ବୋହୂ ହେବାକୁ ଯଥେଷ୍ଟ ଥିଲା। ବୋହୂ ଆଣିବାକୁ ବୋହୂ ବାପଘରକୁ ଯାଇଥିବା ଲୋକର ଶାଶୁକୁ ଖବର ଦିଆଯିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜି ୧୨ ଜିଲାରେ ସୁରକ୍ଷା ମକ୍‌ଡ୍ରିଲ୍



ମକ୍‌ଡ୍ରିଲ ପାଇଁ ବରମୁଣ୍ଡା ଫାୟାରଷ୍ଟେଶନ ପଡ଼ିଆରେ ମଙ୍ଗଳବାର ଓସ୍‌ଡମା ପକ୍ଷରୁ ପ୍ରସ୍ତୁତି ଚାଲିଛି। (ଫଟୋ: ବିକାଶ ନାୟକ)

## ଅପରାହ୍ନ ୪ଟାରେ ବାଜିବ ସାଇରନ୍

ଭୁବନେଶ୍ୱର,୬।୫(ସତ୍ୟଜିତ ରାଉତ)

ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖାଯାଇ ବୁଧବାର ଅପରାହ୍ନ ୪ଟାରେ ଦେଶବ୍ୟାପୀ ସିଭିଲ୍ ଡିଫେନ୍ସ (ନାଗରିକ ପ୍ରତିରକ୍ଷା) ମକ୍‌ଡ୍ରିଲ୍ କରାଯିବ। ଓଡ଼ିଶାରେ ୧୨ଟି ଜିଲା ସମ୍ବେଦନଶୀଳ ତାଲିକାଭୁକ୍ତ ହୋଇଥିବାବେଳେ ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଏହି ଜିଲାଗୁଡ଼ିକ ହେଲା ଅନୁଗୋଳ (ତାଳଚେର), ଖୋର୍ଦ୍ଧା(ଭୁବନେଶ୍ୱର), ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଗଞ୍ଜାମ, ଜଗତ୍‌ସିଂହପୁର(ପାରାଦୀପ), ଢେଙ୍କାନାଳ, ପୁରୀ, କୋରାପୁଟ ଏବଂ ସୁନ୍ଦରଗଡ଼ (ରାଉରକେଲା)। ପ୍ରଥମ ବର୍ଗରେ ତାଳଚେର ରଖାଯାଇଥିବାବେଳେ ଦ୍ୱିତୀୟ ବର୍ଗରେ ବାଲେଶ୍ୱର, କୋରାପୁଟ, ଭୁବନେଶ୍ୱର, ଗୋପାଳପୁର, ହୀରାକୁଦ, ପାରାଦୀପ, ରାଉରକେଲା ଏବଂ ତୃତୀୟ ବର୍ଗରେ ଭଦ୍ରକ, ଢେଙ୍କାନାଳ, ଜଗତ୍‌ସିଂପୁର, କେନ୍ଦ୍ରାପଡ଼ାକୁ ରଖାଯାଇଛି। ଶତ୍ରୁ ଆକ୍ରମଣ ବେଳେ କେମିତି ସାଧାରଣ ଲୋକେ ନିଜକୁ ସୁରକ୍ଷିତ ରଖିବେ, ଆକ୍ରମଣ ବେଳେ କେଉଁ ନିରାପଦ ସ୍ଥାନକୁ ଯିବେ, ଯୁଦ୍ଧ ପରର କ୍ଷୟକ୍ଷତି ଉଦ୍ଧାର କେମିତି ହେବ ଆଦିକୁ ନେଇ ମକ୍‌ଡ୍ରିଲ୍ କରାଯିବା ସହ ଲୋକଙ୍କୁ ପ୍ରଶିକ୍ଷଣ ଦିଆଯିବ। ୧୨ଟି ଜିଲାରେ ଥିବା ବାତ୍ୟା ଆଶ୍ରୟସ୍ଥଳ ଓ ଅନ୍ୟାନ୍ୟ ସ୍ଥାନରେ ମକ୍‌ଡ୍ରିଲ୍‌ର ବ୍ୟବସ୍ଥା ହୋଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ ରାଜ୍ୟଗୁଡ଼ିକ ସହ ମକ୍‌ଡ୍ରିଲ୍ ପରିଚାଳନା ସମ୍ପର୍କିତ ବୈଠକ କରିଥିଲେ। ଏପଟେ ଜିଲାପାଳମାନଙ୍କ ସହ ଭର୍ଚୁଆଲ୍ ଜରିଆରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଅଧ୍ୟକ୍ଷତା କରି କହିଥିଲେ, ଏହି ପ୍ରସ୍ତୁତି ୭ ତାରିଖରୁ ଆରମ୍ଭହୋଇ ସପ୍ତାହ ଯାଏ ଚାଲିବ। ୭ ତାରିଖର ପ୍ରସ୍ତୁତି ନିର୍ଦ୍ଦିଷ୍ଟ ସହରାଞ୍ଚଳ ଓ ଉପକୂଳାଞ୍ଚଳରେ କରାଯିବ। ଶତ୍ରୁ ବିମାନ ଆକ୍ରମଣ କଲେ ସାଇରନ୍ ବଜାଇ ଲୋକଙ୍କୁ ସତର୍କ କରାଯିବ। ଏହି ସାଇରନ୍ ଲମ୍ବାସମୟ ଧରି ବାଜିବ। ୭ ତାରିଖ ଅପରାହ୍ନ ୪ଟା ବେଳେ ସାଇରନ୍ ବାଜିବ। ସାଇରନ୍ ବାଜିବା ପରେ ଜନସାଧାରଣ କଂକ୍ରିଟ ଛାତଥିବା ଘର ଭିତରକୁ ଚାଲିଯିବେ। ଦିନବେଳେ ପରୀକ୍ଷା କରାଯାଉଥିବାରୁ ଅନ୍ଧକାରର ଆବଶ୍ୟକ ପଡ଼ିବ ନାହିଁ। ଏନେଇ ଜିଲା କର୍ତ୍ତୃପକ୍ଷଙ୍କୁ ବସ୍ତି ଅଞ୍ଚଳ ପାଇଁ ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳୀ ନିର୍ଦ୍ଧାରଣ କରିବାକୁ କୁହାଯାଇଛି। ଥରେ ଆକ୍ରମଣର ପ୍ରଭାବ ସରିଗଲେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନେ ପୁଣି ଲମ୍ବା ସାଇରନ୍ ବଜାଇବେ, ଯାହା ସୂଚିତ କରିବ ଯେ ଶତ୍ରୁ ବିମାନ ଫେରିଗଲା। ଏହାପରେ ବେସାମରିକ ପ୍ରତିରକ୍ଷା, ଏନ୍‌ସିସି, ଏନ୍‌ଏସ୍‌ଏସ୍ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ଆହତ ବ୍ୟକ୍ତିମାନଙ୍କୁ ଡାକ୍ତରଖାନା ନେବାର ବ୍ୟବସ୍ଥା କରିବେ। ବୁଧବାର ସୁଦ୍ଧା ରାଜ୍ୟ ଓ ଜିଲାସ୍ତରରେ ନିୟନ୍ତ୍ରଣ କକ୍ଷମାନ କରାଯିବ। ଜେନେଭା ଚୁକ୍ତି ଅନୁସାରେ ବେସାମରିକ ପ୍ରତିରକ୍ଷା ଓ ରେଡ୍‌କ୍ରସ ସଂସ୍ଥା ଯୁଦ୍ଧରେ ଅଂଶୀଦାର ନୁହନ୍ତି। ସେମାନଙ୍କ ଉପରେ କୌଣସି ଆକ୍ରମଣ କରାଯାଇପାରିବନାହିଁ। ଜିଲା ମାଜିଷ୍ଟ୍ରେଟ୍‌ମାନେ ବେସାମରିକ ପ୍ରତିରକ୍ଷାର ନିୟନ୍ତ୍ରକ ଭାବେ କାମ କରନ୍ତି। ତେଣୁ ଜନସାଧାରଣଙ୍କ ପାଇଁ ସବୁ ସେବା ବେସାମରିକ ପ୍ରତିରକ୍ଷା ସଂସ୍ଥା ଅଧୀନରେ ଚାଲିବ। ସେମାନେ ଖାଦ୍ୟ, ଜଳଯୋଗାଣ, ବିଦ୍ୟୁତ୍, ସ୍ୱାସ୍ଥ୍ୟସେବା ଇତ୍ୟାଦି ସବୁ ବେସାମରିକ ପ୍ରତିରକ୍ଷା ସଂସ୍ଥା ପକ୍ଷରୁ ସଂଯୋଜନା କରାଯିବ। ଜିଲା ମାଜିଷ୍ଟ୍ରେଟ୍‌ମାନେ ବିଭିନ୍ନ ସେବାର ମୁଖ୍ୟଙ୍କୁ ଏଥିପାଇଁ ବେସାମରିକ ପ୍ରତିରକ୍ଷା ୱାର୍ଡେନ୍ ଭାବେ ନିଯୁକ୍ତି ଦେବେ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସାହୁ ଜିଲାପାଳମାନଙ୍କୁ ଏସ୍‌ପିଙ୍କ ସହ ସମନ୍ୱୟ ରକ୍ଷାକରି ନାଗରିକ ପ୍ରତିରକ୍ଷା ଅଭ୍ୟାସ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଓସ୍‌ଡମା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କମଳ ଲୋଚନ ମିଶ୍ର, ୧୨ ଜିଲାର ଜିଲାପାଳ, ଏସ୍‌ପି ଏବଂ ଜିଲା ଆପାତ୍‌କାଳୀନ ଅଧିକାରୀମାନେ ଯୋଗଦେଇଥିଲେ।

ଅନ୍ୟପକ୍ଷରେ ଭୁବନେଶ୍ୱରରେ ମକ୍‌ଡ୍ରିଲ୍ ପାଇଁ ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ବରମୁଣ୍ଡାସ୍ଥିତ ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନ(ଓଏଫ୍‌ଡିଆର୍‌ଏ)ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଗ୍ନିଶମ ଡିଆଇଜି ଉମାଶଙ୍କର ଦାଶ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶକ୍ରମେ ସିଭିଲ୍ ଡିଫେନ୍ସ ଅର୍ଗାନାଇଜେଶନ୍ ନେତୃତ୍ୱରେ ପୋଲିସ, ଅଗ୍ନିଶମ, ବିଭିନ୍ନ ସ୍ୱେଚ୍ଛାସେବୀ ଏହି ମକ୍‌ଡ୍ରିଲରେ ଅଂଶଗ୍ରହଣ କରିବେ। ବୁଧବାର କେବଳ ବୋମା ବର୍ଷଣକୁ ନେଇ ମକ୍‌ଡ୍ରିଲ୍ କରାଯିବ। ଏହି ମକ୍‌ଡ୍ରିଲ୍ ଏକ ପ୍ରସ୍ତୁତି ହୋଇଥିବାବେଳେ ଏଥିରେ ଭୟଭୀତ ନ ହୋଇ ଜନସାଧାରଣ ସହଯୋଗ କରିବାକୁ ଡିଆଇଜି ନିବେଦନ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦିନଟି ଯାତ୍ରା, ବ୍ୟବସାୟ, ପରିବହନ, ସାଂଗଠନିକ ଆଲୋଚନା ପାଇଁ ବହୁତ ଭଲ। କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମ ଲାଗି ରହିବା କାରଣରୁ ଟେନ୍ସନ ପିଛା ଛାଡ଼ିବ ନାହିଁ। ପରିବାରର ଆବଶ୍ୟକତାଜନିତ ଖର୍ଚ୍ଚ ବୃଦ୍ଧି ପାଇବ। କ୍ରୀଡ଼ା, ସାହିତ୍ୟ କ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ ଏବଂ ପ୍ରଶଂସିତ ମଧ୍ୟ ହେବେ।

**ବୃଷ** ଆଜି ଯେଉଁ କାମରେ ହାତ ଦେବେ ସବୁ କିଛି ସହଜ ଓ ସୁବିଧାରେ ସମ୍ପନ୍ନ ହେବ। ସାମୂହିକ କାମରେ ବନ୍ଧୁଙ୍କ ସହଯୋଗ ଆପଣଙ୍କୁ ଭାବ ବିଭୋର କରାଇବ। ପିଲାଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ହେବେ। ଆନୁଷ୍ଠାନିକ, ମାଙ୍ଗଳିକ କିମ୍ବା ମନୋରଞ୍ଜନ କାର୍ଯ୍ୟରେ ଅଂଶ ଗ୍ରହଣ କରି ପ୍ରଶଂସିତ ହେବେ।

**ମିଥୁନ** ପ୍ରାପ୍ୟ ଅର୍ଥ ସକାଶେ ଆପଣଙ୍କୁ ଆଜି ବହୁତ ଯୁକ୍ତିତର୍କ କରିବାକୁ ପଡ଼ିପାରେ। ପରିବାରରେ ମନୋମାଳିନ୍ୟ ଦୂରେଇବା ପାଇଁ ପ୍ରଯତ୍ନ କଲେ ସଫଳତା ମିଳିବାର ଆଶା ରହିଛି। ଅକସ୍ମାତ୍ କର୍ମକ୍ଷେତ୍ରରେ ସହକର୍ମୀଙ୍କ ଦ୍ୱାରା ଖୁସି ଖବର ମିଳିବ। ପଡ଼ୋଶୀଙ୍କ ସହ ଦୀର୍ଘ ଦିନର ଶତ୍ରୁତା ବିବାଦର କାରଣ ହୋଇପାରେ।

**କର୍କଟ** ଅତ୍ୟଧିକ କର୍ମଜଞ୍ଜାଳ ମଧ୍ୟରେ ମାନସିକ ଚାପ ବୃଦ୍ଧି ପାଇବାର ଆଶଙ୍କା ରହିଛି। ଦିନ ମଧ୍ୟରେ ଉଗ୍ରତା ଓ କେତେବେଳେ ପୁଣି ପ୍ରଶାନ୍ତି ସମୟାନୁକ୍ରମେ ପରିସ୍ଥିତି ଅନୁଯାୟୀ ଅନୁଭୂତ ହେବ। ଆନୁଷ୍ଠାନିକ କାମରେ ନିଜ ମୁଣ୍ଡ ଉପରକୁ ଦାୟିତ୍ୱ ନେଇ ପଶ୍ଚାତ୍ତାପ କରିବାକୁ ପଡ଼ିପାରେ। ଦୂରଯାତ୍ରାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି।

**ସିଂହ** ବିଭିନ୍ନ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ମନ ମାନ୍ଦା ରହିଲେ ମଧ୍ୟ ବନ୍ଧୁଙ୍କ ଆଶ୍ୱାସନାରୁ ମନ ବଦଳିଯିବ। ଦିନଚର୍ଯ୍ୟାରେ ବିରୁଦ୍ଧାଚରଣ କରୁଥିବା ବ୍ୟକ୍ତିଟି ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେବେ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରା କରିବାକୁ ପଡ଼ିପାରେ। ନିକଟ ସମ୍ପର୍କୀୟମାନେ ଅସହଯୋଗ ମନୋଭାବ ପୋଷଣ କରିବେ।

**କନ୍ୟା** ପରିସ୍ଥିତିର ଫାଇଦା ଉଠାଇବାକୁ ଯାଇ ବନ୍ଧୁଙ୍କ ଆଲୋଚନାରେ ସମର୍ଥନ ଦେଇପାରନ୍ତି। ନୂତନ ଗାଡ଼ି କ୍ରୟରେ ବିଳମ୍ବଜନିତ ଅସୁବିଧା ଅନୁଭବ କରିବେ। ଅପେକ୍ଷା କରିବାକୁ କହିଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ। ସେବା ମନୋଭାବରୁ ସାମାଜିକ କ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ତୁଳା** ଆଜି ଆର୍ଥିକ, ପାରିବାରିକ ଏବଂ ଜମିଜମା ସମ୍ବନ୍ଧୀୟ କାମରେ ସଫଳତା ପାଇବେ। ବନ୍ଧୁଙ୍କ ସମ୍ମୁଖରେ ଅସୁବିଧାକୁ ପ୍ରକାଶ ନ କରି କେବଳ ମାନସିକ କଷ୍ଟ ପାଇପାରନ୍ତି। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ି ବଢ଼ି ଯିବ କିନ୍ତୁ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମ ମୁଖର ହେବେ। ସ୍ୱାସ୍ଥ୍ୟ ସମସ୍ୟା ସଙ୍ଗକୁ କାର୍ଯ୍ୟହାନି ଦୁଶ୍ଚିନ୍ତାର କାରଣ ହେବ।

**ବିଛା** ବନ୍ଧୁ ସମ୍ମୁଖରେ ମନର ଭାବକୁ ପରିପ୍ରକାଶ କରିବାରେ ପଛେଇଯିବେ। ସମ୍ପର୍କୀୟଙ୍କ ଭଲ କରିବାକୁ ଯାଇ ନିଜେ ହିଁ କ୍ଷତିରେ ପଡ଼ିବେ। ବ୍ୟବସାୟ ଓ ବାଣିଜ୍ୟରେ ଆୟ ବହୁମୁଖୀ ହେବ କିନ୍ତୁ ଖର୍ଚ୍ଚ ମଧ୍ୟ କିଛି କମିବାର ନାହିଁ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବା ସହ ବୌଦ୍ଧିକ ବିକାଶରୁ ବୁଦ୍ଧିଜୀବୀଙ୍କ ପ୍ରଶଂସା ଭାଜନ ହେବେ ।

**ଧନୁ** ଅତୀତ କଥାକୁ ବାରମ୍ବାର ମନେ ପକାଇଲେ ଅସ୍ଥିରତା ଭିତରେ ସମୟ କଟିବ। ଅସଂଯମ ଜୀବନଚର୍ଯ୍ୟାରୁ ଅନ୍ୟମନସ୍କ କିମ୍ବା ଅସାବଧାନତାଜନିତ ସମସ୍ୟାଗ୍ରସ୍ତ ହୋଇପାରନ୍ତି। ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ପାରିବାରିକ ଜୀବନ କେତେକାଂଶରେ ଭଲ ରହିବାରୁ ଆଶ୍ୱସ୍ତି ଲାଭ କରିବେ।

**ମକର** ସଫଳତା ଓ ବିଫଳତାର ଦୋଛକିରେ ରହି ମାନସିକ ଚାପଗ୍ରସ୍ତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକକୁ ସାମ୍ନା କରି ଆଶା ପୂରଣରେ ସଫଳ ହେବେ। ସତ୍‌ସଙ୍ଗ, ପ୍ରବଚନ, ପ୍ରତିଯୋଗିତାରେ ସଫଳତା ପାଇପାରନ୍ତି। ଆଜିର ଯାତ୍ରାରେ ନିକଟ ସମ୍ପର୍କୀୟ କିମ୍ବା ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ।

**କୁମ୍ଭ** ପରିବାରର କେତେକ ଅସଜଡ଼ା କାମକୁ ନେଇ ବ୍ୟସ୍ତତା କାରଣରୁ ମାନସିକ ଶାନ୍ତି ହରାଇପାରନ୍ତି। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତି ସତର୍କ ରହିବା ଭଲ ହେବ। ସରକାରୀ ସ୍ତରରେ କୌଣସି ସୁବିଧା ସୁଯୋଗକୁ ନେଇ ପଡ଼ୋଶୀଙ୍କଠାରୁ ଖବର ପାଇ ଖୁସି ହେବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** ପରିବାର ଓ କର୍ମକ୍ଷେତ୍ରକୁ ସଜାଡ଼ିବାରେ ସମର୍ଥ ହେବେ ଏବଂ ଅଭିଳଷିତ କର୍ମ ସମ୍ପାଦନ ହେବ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ବାହାରକୁ ଯିବାକୁ ପଡ଼ିପାରେ। ସମାଲୋଚନା, ବିତର୍କ, ପ୍ରଶାସନ, ରାଜନୀତି, ସଂଗଠନ କ୍ଷେତ୍ରରୁ ସୁଫଳ ମିଳିବ। ପରିସ୍ଥିତି ପ୍ରତି ସଚେତନ ନ ହୋଇ କାମ କଲେ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

ଆଜି ମେ ୭ ତାରିଖ, ବୈଶାଖ ଶୁକ୍ଳ ଦଶମୀଯୁକ୍ତ ଏକାଦଶୀ ବୁଧବାର। ରାଶିନକ୍ଷତ୍ର– ପୂର୍ବାଫାଲଗୁନୀ/ସିଂହ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବ୍ରତୋପନୟନ, ବିଦ୍ୟାରମ୍ଭ ଓ ବିବାହ ପାଣିଗ୍ରହଣ ପାଇଁ ଶୁଭଦିନ। ଦିବା ଘ.୦୫.୧୮ମି. ଗତେ ଘ.୦୭.୦୦ମି. ମଧ୍ୟେ, ଘ.୧୦.୦୭ମି. ଗତେ ଘ.୧୧.୧୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୧୧.୪୩ମି. ଗତେ ଘ.୦୧.୧୯ମି. ମଧ୍ୟେ ରାହୁ କାଳ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅନୁଶ୍ରୀ



@ ସତ୍ୟଭୂଷଣ



@ ରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କାଳବୈଶାଖୀ ବର୍ଷାରେ ଫସଲ ନଷ୍ଟ

ସାକ୍ଷୀଗୋପାଳ,୬।୫
(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

କାଳବୈଶାଖୀ ବର୍ଷାରେ ସତ୍ୟବାଦୀ ଅଞ୍ଚଳରେ ମୁଗ, ବିରି ଫସଲ ନଷ୍ଟ ହୋଇଯାଇଛି। ଖରିଫ ଋତୁରେ ଅଦିନିଆ ବର୍ଷାରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିଲା। ଧାନ ଫସଲ କ୍ଷୟକ୍ଷତି ସମ୍ପୂର୍ଣ୍ଣ ମିଳି ନ ଥିବାବେଳେ ମୁଗ ବିରି ଫସଲ ହାନି ଏବେ ଚାଷୀଙ୍କ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। କାଳବୈଶାଖୀ ପ୍ରଭାବରେ ତୁହାକୁ ତୁହା ବର୍ଷା ସହ ପବନ ଯୋଗୁ କ୍ଷେତରେ ଫସଲ ବର୍ଷାପାଣିରେ ଲୋଟିଥିଲା। କେହି କେହି କ୍ଷେତରେ ମୁଗ, ବିରି ଉପାଡ଼ି ଶୁଖାଇଥିଲେ ତ କେହି ଖଳାକୁ ଆଣିବାକୁ ଗଦା କରିଥିଲେ। ଏଭଳି ସ୍ଥିତିରେ ଓଦା ଫସଲ ଅମଳ କରିବା ଅସମ୍ଭବ। ସେପଟେ ଖରା ବାଜିଲେ ମୁଗ, ବିରି, କୋଳଥ ଗଜା ହୋଇଯିବ। ଫସଲ ନଷ୍ଟ ଚିନ୍ତାରେ ଚାଷୀକୁଳ ରହିଥିବା ସମୟରେ କ୍ଷୟକ୍ଷତିର ଆକଳନ କରାଯାଉନାହିଁ। ସରକାର କ୍ଷତିପୂରଣ ଦେବେ କି ନାହିଁ ଏବେବି ସ୍ପଷ୍ଟ ହୋଇନାହିଁ। ସତ୍ୟବାଦୀ ବ୍ଲକର ବଳପୁର, କେତକୀପାଟଣା, ମହୁରା, ରାୟଖଣ୍ଡି, ବିଶ୍ୱନାଥପୁର, ସାରଙ୍ଗଯୋଡ଼ି, ଗଡ଼ବଳରାମପୁର, ବିଦ୍ୟାଧରପୁର, ଶୁକଳ, ଅଳଗୁମ, ମଧୁବନ, ନରେନ୍ଦ୍ରପୁର, ନୂଆସୋମେଶ୍ୱରପୁର ଆଦି ୨୪ଟି ଗ୍ରାମପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀ ଏ ଦିଗରେ ସରକାରଙ୍କ ପଦକ୍ଷେପକୁ ଚାହିଁ ବସିଛନ୍ତି। ଫସଲ କ୍ଷତି ପରେ ଚାଷୀ କରିଥିବା ଋଣ କିପରି ପରିଶୋଧ କରିବେ, ଏନେଇ ସେମାନେ ଭାଙ୍ଗି ପଡ଼ିଛନ୍ତି। ଏନେଇ ପୁରୀ ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ଦାସଙ୍କ ସହିତ ଯୋଗାଯୋଗ କରିବାରେ ଅନେକ ଚାଷୀ ଅମଳ କରି ନେଇଛନ୍ତି। ଯେଉଁ ଚାଷୀ ଆଣିନାହାନ୍ତି କିମ୍ବା ବର୍ଷା ପବନରେ କ୍ଷୟକ୍ଷତି ହୋଇଥାଏ, ତେବେ ଅନୁଧ୍ୟାନ କରି କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।



ନଷ୍ଟ ହୋଇଥିବା ଫସଲ ।

## ଶ୍ରୀମନ୍ଦିରରେ ବିଭ୍ରାଟ: ସିବିଆଇ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ପୁରୀ,୬।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ବିଭ୍ରାଟ ଦିନକୁ ଦିନ ବଢ଼ିବାରେ ଲାଗିଛି। ତେଣୁ ଏହି ବିଭ୍ରାଟର ସିବିଆଇ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଆଇନଜୀବୀ ଅଜୟ ବରାଳ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଆଇନଜୀବୀ ବରାଳ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁସବୁ ତଦନ୍ତ କରାଯାଉଛି ସେସବୁର ରିପୋର୍ଟ ପ୍ରକାଶ ହେଉନାହିଁ। କେବଳ ବିରୋଧର ସ୍ୱର ଚାପିବା ପାଇଁ ତଦନ୍ତ ନିର୍ଦ୍ଦେଶ ଦିଆଯାଉଛି। ଫଳରେ ଭକ୍ତମାନଙ୍କ ଭାବାବେଗକୁ ବାରମ୍ବାର କଷ୍ଟ ହେଉଛି। ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ହେଉଥିବା ତଦନ୍ତ ଉପରୁ ସବୁ ଭକ୍ତଙ୍କର ବିଶ୍ୱାସ ତୁଟିଗଲାଣି। ୨୦୧୫ ନବକଳେବର ପୂର୍ବରୁ ଏକ ବିଭ୍ରାଟ ଘଟିଥିଲା। ମା' ମଙ୍ଗଳାଙ୍କର ସ୍ୱପ୍ନାଦେଶ ଅନୁଯାୟୀ ଦାରୁ ଚୟନ ବିଧି ରହିଥିବା ବେଳେ ତାହା କରା ନ ଯାଇ ଦାରୁ ଆଗୁଆ ଫିକ୍ସିଂ ହୋଇଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ତେଣୁ ଏହାର ତଦନ୍ତ ଆବଶ୍ୟକ ରହିଛି। ମହାପ୍ରଭୁଙ୍କ ବ୍ରହ୍ମ ରାତି ସମୟରେ ପରିବର୍ତ୍ତନ ହେବାର ବିଧି ରହିଥିବା ବେଳେ ତା' ପରଦିନ ଦିବା ଆଲୋକରେ କରାଗଲା। ଏହି ସମସ୍ତ ଘଟଣାର ସିବିଆଇ ତଦନ୍ତ କରାଯାଉ ବୋଲି ଆଇନଜୀବୀ ଅଜୟ ବରାଳ ଦାବି କରିଛନ୍ତି।

## ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପାଳନ ହେବ ମଦର୍ସ ଡେ

■ମେ ୬ରୁ ୧୦ ପର୍ଯ୍ୟନ୍ତ ପଠାଇ ପାରିବେ ମା'ଙ୍କ ସହ ସେଲ୍ଫି

■ମେ ୧୧ରେ ପୁରସ୍କୃତ ହେବ ଶ୍ରେଷ୍ଠ ଓ ହୃଦୟସ୍ପର୍ଶୀ ପୋଷ୍ଟ

ଭୁବନେଶ୍ୱର,୬।୫(ସୌମ୍ୟରଞ୍ଜନ ରାଉତ)

ସାରା ବିଶ୍ୱରେ ମଦର୍ସ ଡେ' ମେ ୧୧ରେ ପାଳନ ହେବ। ଏହି ଉପଲକ୍ଷେ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ମେ ୬ରୁ ୧୦ ପର୍ଯ୍ୟନ୍ତ ଏକ ସେଲ୍ଫି ପ୍ରତିଯୋଗିତା 'ମଦର୍ସ ଡେ ସେଲ୍ଫି କଣ୍ଟେଷ୍ଟ' ଆୟୋଜନ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଏହି ଅଭିନବ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ନିଜ ମା'ଙ୍କ ସହ ସେଲ୍ଫି ଉଠାଇ, ମା'ଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନରେ ଦୁଇପଦ ଲେଖି ନିଜର ସୋସିଆଲ୍ ମିଡିଆରେ ମହିଳା ଓ ଶିଶୁ ବିକାଶ ବିଭାଗକୁ ଟ୍ୟାଗ୍ କରିବାକୁ କୁହାଯାଇଛି। #MoBou, #WC-DOdisha, #Mothersdayରେ ଟ୍ୟାଗ୍ କରି ସେଲ୍ଫି ସହ ଭାବାବେଗ ସମ୍ବଳିତ ବାର୍ତ୍ତା ପୋଷ୍ଟ କରିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି। ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଏବଂ ଏକ୍ସରେ ପ୍ରତ୍ୟେକରୁ ୩ଟି ଶ୍ରେଷ୍ଠ ଓ ହୃଦୟସ୍ପର୍ଶୀ ବିବେଚିତ ସେଲ୍ଫି ଓ ବାର୍ତ୍ତା ପ୍ରେରକଙ୍କୁ ବିଜେତା ଘୋଷଣା କରି ମେ ୧୧ ମଦର୍ସ ଡେ'ରେ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ। ବିଜେତାଙ୍କ ଫଟୋ ବିଭାଗର ଅଫିସିଆଲ ହ୍ୟାଣ୍ଡେଲରେ ପୋଷ୍ଟ କରାଯିବ। ମେ ୧୧ ମଦର୍ସ ଡେ ପାଳନ ଅବସରରେ ଏକାମ୍ର ହାଟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେତାମାନେ ନିଜର ଉପଯୁକ୍ତ ପ୍ରମାଣପତ୍ର ଦର୍ଶାଇ ପୁରସ୍କାର ଗ୍ରହଣ କରିପାରିବେ। ଏହି କାର୍ଯ୍ୟକ୍ରମରେ ମା'ମାନଙ୍କ ପାଇଁ ବହୁ ମଜାଳିଆ ଖେଳର ମଧ୍ୟ ଆୟୋଜନ କରାଯାଇଛି। ଇଚ୍ଛୁକ ମା'ମାନେ ମେ ୧୧ ତାରିଖ ଅପରାହ୍ନ ୩ଟାରେ ଏକାମ୍ର ହାଟଠାରେ ନାମ ପଞ୍ଜୀକରଣ କରି ମଜାଳିଆ ଖେଳରେ ଭାଗ ନେଇପାରିବେ। ବିଜେତାମାନଙ୍କୁ ସେହି କାର୍ଯ୍ୟକ୍ରମରେ ହିଁ ପୁରସ୍କୃତ କରାଯିବ।




ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା 'ମଦର୍ସ ଡେ ସେଲ୍ଫି କଣ୍ଟେଷ୍ଟ' କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

## ତୁଳସୀପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀ ଋତୁପୂର୍ଣ୍ଣା ସେନାପତିଙ୍କୁ ସମ୍ବର୍ଦ୍ଧନା

ଚାରିଛକ,୬।୫ (ଶିଶିର କୁମାର ସାଇଁ)

ଚଳିତ ମାଟ୍ରିକ୍ ପରୀକ୍ଷାରେ ଚାରିଛକ ନିକଟସ୍ଥ ତୁଳସୀପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀ ଋତୁପୂର୍ଣ୍ଣା ସେନାପତି ୫୬୮ ନମ୍ବର ରଖି ଏ-୧ ଗ୍ରେଡ୍ ପାଇ ବିଦ୍ୟାଳୟରେ ପ୍ରଥମ ହୋଇଛନ୍ତି। ଏହି ଅବସରରେ ତାଙ୍କୁ ତାଙ୍କ ସାନହୁଲି ଗ୍ରାମ ବାସଭବନରେ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ତଥା ନିମାପଡ଼ା ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ସାମାଜିକ କର୍ମୀ ଅରକ୍ଷିତ ଭୋଇ, ପ୍ରକାଶ ଚନ୍ଦ୍ର ସାହୁଙ୍କ ସମେତ ସନ୍ତୋଷ କୁମାର ତ୍ରିପାଠୀ ଉପସ୍ଥିତ ରହି ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେ ଶିକ୍ଷାକେନ୍ଦ୍ରରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଉକ୍ତ ଶିକ୍ଷାକେନ୍ଦ୍ର ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଉକ୍ତ ଛାତ୍ରୀକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗକୁ ଡାକ୍ତରୀ ପାଠ ପଢ଼ି ସାଧାରଣ ଲୋକଙ୍କ ସେବା କରିବେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଙ୍କ ଜେଜେବାପା ରାଜେନ୍ଦ୍ର ଶତପଥୀ, ପିତା ହରେକୃଷ୍ଣ ଶତପଥୀ, ମାତା ଅମିତା ଶତପଥୀ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ନିରଞ୍ଜନ ସେନ, ଶିକ୍ଷକ ବନମାଳୀ ରାଉତ, କମଳଲୋଚନ ବାରିକ୍, ଦିଲୀପ କୁମାର ରାଉତ, ଅରୁଣ ମହାନ୍ତି, ଦୀପକ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସିବିଏସ୍‌ଇ ଡିଜିଲକର ଆକାଉଣ୍ଟ ପାଇଁ ଆକ୍ସେସ୍ କୋଡ୍

ଭୁବନେଶ୍ୱର,୬।୫(ସୁଚିସ୍ମିତା ସାହୁ)

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ (ସିବିଏସ୍‌ଇ) ପକ୍ଷରୁ ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ଡିଜିଲକର ଜାରି କରାଯାଇଛି। ଏହି ଡିଜିଲକର ଆକାଉଣ୍ଟ ଆକ୍ଟିଭେଟ୍ କରିବା ନିମନ୍ତେ ୬ ଅଙ୍କବିଶିଷ୍ଟ ଆକ୍ସେସ୍ କୋଡ୍ ଜାରି ହୋଇଛି। ଏହି ୬ ଅଙ୍କବିଶିଷ୍ଟ ଆକ୍ସେସ କୋଡ୍ ସିଷ୍ଟମ ଛାତ୍ରୀଛାତ୍ରଙ୍କ ଡାଟାର ସୁରକ୍ଷା ଓ ଗୋପନୀୟତାକୁ ଆହୁରି ମଜଭୁତ କରିବ। ଏହି କୋଡ୍ ଜରିଆରେ ଛାତ୍ରୀଛାତ୍ରମାନେ ନିଜ ଡିଜିଟାଲ ମାର୍କଶିଟ୍, ପାସ୍ ସାର୍ଟିଫିକେଟ ଏବଂ ମାଇଗ୍ରେଶନ ସାର୍ଟିଫିକେଟ ଆକ୍ସେସ୍ କରିପାରିବେ। ସ୍କୁଲ କର୍ତ୍ତୃପକ୍ଷ ନିଜ ଡିଜିଲକର ଆକାଉଣ୍ଟ ମାଧ୍ୟମରେ ଏହି ଆକ୍ସେସ କୋଡ୍ ଡାଉନଲୋଡ୍ କରି ଛାତ୍ରୀଛାତ୍ରଙ୍କୁ ଶେୟାର କରିବାକୁ ସିବିଏସ୍‌ଇ ପକ୍ଷରୁ କୁହାଯାଇଛି। ଚଳିତ ମାସରେ ପରୀକ୍ଷା ଫଳ ପ୍ରକାଶ ପାଇବାର ସମ୍ଭାବନା ରହିଛି। results.cbse.nic.in, cseresults.nic.in, cbse.gov.in ଏବଂ digilocker.gov.in ମାଧ୍ୟମରେ ରେଜଲ୍ଟ ଉପଲବ୍ଧ ହେବ। ସିବିଏସ୍‌ଇ ଗତ କିଛି ବର୍ଷ ହେବ ନ୍ୟାଶନାଲ ଇ-ଗଭର୍ନାନ୍ସ ଡିଭିଜନ(ଏନ୍‌ଇଜିଡି) ସହିତ ମିଳିତ ଭାବେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଡିଜିଲକର ଆକାଉଣ୍ଟ ତିଆରି କରୁଛି। ସିବିଏସ୍‌ଇର ଡିଜିଟାଲ ଏକାଡେମିକ୍ ରିପୋଜିଟୋରି 'ପରିଣାମ ମଞ୍ଜୁଷା' ମାଧ୍ୟମରେ ରେଜଲ୍ଟ ଘୋଷଣା ହେବା ମାତ୍ରେ ଡିଜିଟାଲ ଡକ୍ୟୁମେଣ୍ଟ ପ୍ରଦାନ କରୁଛି।

### ବିଦ୍ୟୁତ୍ କାଟକୁ ବିରୋଧ କରି ରାସ୍ତାରୋକୋ

ପୁରୀ,୬।୫(ଅଜିତ୍ କୁମାର ମହାନ୍ତି)

ଅଠରନଳାଠାରେ ମଙ୍ଗଳବାର ସନ୍ଧ୍ୟାରେ ବିଦ୍ୟୁତ୍ କାଟକୁ ବିରୋଧ କରି ସେଠାକାର ସ୍ଥାନୀୟ ବାସିନ୍ଦା ରାସ୍ତାରୋକୋ କରିଛନ୍ତି। ସୂଚନା ଅନୁଯାୟୀ ମଙ୍ଗଳବାର ସକାଳ ପ୍ରାୟ ୮ଟା ସମୟରେ ଚାରିନଳା ବିଦ୍ୟୁତ୍ ବିଭାଗ ଅଧୀନ ସମସ୍ତ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ହୋଇଥିଲା। ମାତ୍ର ରାତି ପର୍ଯ୍ୟନ୍ତ ବିଦ୍ୟୁତ୍ ଆସି ନ ଥିଲା। ଯାହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରି ଅଠରନଳାଠାରେ ରାସ୍ତାରୋକୋ କରି ଧାରଣା ଦେଇଥିଲେ। ତେବେ ଏପରି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଗରମ ଦିନରେ ବାରମ୍ବାର ବିଦ୍ୟୁତ୍ କାଟ କାରଣରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ତେବେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ବିଦ୍ୟୁତ୍ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ କରାଯାଉଥିବା ନେଇ ସୂଚନା ଦିଆଯାଇଛି।

## ଓଡ଼ିଆ ଜାତିର ପ୍ରେରଣାର ଉତ୍ସ ଥିଲେ ଜଗବନ୍ଧୁ

ପୁରୀ,୬।୫(ଅଜିତ୍ କୁମାର ମହାନ୍ତି)

ପବିତ୍ର ନୀଳାଦ୍ରି ମହୋଦୟାଷ୍ଟମୀରେ ବିଶିଷ୍ଟ ଜନନାୟକ ଜଗବନ୍ଧୁ ସିଂହଙ୍କ ୧୫୦ତମ ଜୟନ୍ତୀ ଅବସରରେ ୟୁଥ୍ ହଷ୍ଟେଲ ପରିସରରେ କବି ଶିବସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ସୌଭାଗ୍ୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜଗବନ୍ଧୁ ମେମୋରିଆଲ ଟ୍ରଷ୍ଟ ଅଧ୍ୟକ୍ଷା ସୁଜାତା ସିଂହ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ଜିଲା ଓକିଲ ସଂଘ ସଭାପତି ପ୍ରେମାନନ୍ଦ ମହାନ୍ତି, କଳା ନିର୍ଦ୍ଦେଶକ ଶିକ୍ଷକ ପ୍ରଦୀପ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଅନାମ ଚନ୍ଦ୍ର ସାହୁ ସମ୍ପାଦକୀୟ ମନ୍ତବ୍ୟ ଉପସ୍ଥାପନ କରିଥିଲେ। ସୁଜାତା ସିଂହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜଗବନ୍ଧୁ ମେମୋରିଆଲ ଟ୍ରଷ୍ଟର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଜଗବନ୍ଧୁ ଓଡ଼ିଆ ଜାତି ଓ ଗବେଷକଙ୍କ ପ୍ରେରଣାର ଉତ୍ସ ଥିଲେ ବୋଲି ଅତିଥିମାନେ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସଭାକାର୍ଯ୍ୟକୁ ପୁଷ୍କର ମହାପାତ୍ର, ଡ. ନୃସିଂହ ଚରଣ ସାହୁ, ସଦାଶିବ ମିଶ୍ର, ଭାରତୀ ଭୂଷଣ ଦାସ, ବିପିନ ବିହାରୀ ଦଳାଇ, ପୌର୍ଣ୍ଣମାସୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ରାସ ଓ ରାୟବଂଶୀ ନୃତ୍ୟରେ ଦୁଲୁକିଲା ରଘୁରାଜପୁର

ପୁରୀ,୬।୫(ଅଜିତ୍ କୁମାର ମହାନ୍ତି)


ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ସହଯୋଗରେ ରଘୁରାଜପୁରଠାରେ ୧୧ଶ ପଦ୍ମଶ୍ରୀ ଗୁରୁ ମାଗୁଣି ଦାସ ସ୍ମାରକୀ ଗୋଟିପୁଅ ଓ ଲୋକନୃତ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ବିନାୟକ ରଥ ଯୋଗଦେଇ ଭାରତବର୍ଷର ବିଭିନ୍ନ ନୃତ୍ୟ ଓ ଲୋକନୃତ୍ୟର ଏହି ମହାସମାବେଶ ଜାତୀୟସ୍ତରରେ ଏକ ସଫଳ ସାଂସ୍କୃତିକ ବିନିମୟ ବୋଲି କହିଛନ୍ତି। କଥାକାର ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପୋଲିସ ଅଧିକାରୀ ଭୁବନ ମୋହନ ସାମନ୍ତରାୟ ଓ ଶିଳ୍ପୀଗୁରୁ ବନମାଳୀ ମହାପାତ୍ର, କଳାକ୍ଷେତ୍ର ସମ୍ପାଦକ ସୁଦର୍ଶନ ସ୍ୱାଇଁ ଓ ଗୋଟିପୁଅ ଗୁରୁ ଜୟକୃଷ୍ଣ ନାୟକ ଯୋଗଦେଇ ଗୋଟିପୁଅକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବାରେ ଅନୁଷ୍ଠାନର ଅବଦାନ ସ୍ମରଣୀୟ ବୋଲି ପ୍ରକାଶ କରିଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକାତାର ମିଳିତ ପ୍ରୟାସରେ କାର୍ଯ୍ୟକ୍ରମରେ ଗୁରୁ ବିଷ୍ଣୁ ସାମଲ ନୃତ୍ୟାଳୟ ନିମାପଡ଼ାର ରାସନୃତ୍ୟ ଓ କୋଲକାତା ଦଳର ରାୟବଂଶୀ ନୃତ୍ୟ ସମଗ୍ର ଅଞ୍ଚଳରେ ଏକ ଭାବାବେଗ ପରିବେଶ ସୃଷ୍ଟି କରିଥିଲା। ଏଥିରେ ବଲାଙ୍ଗୀରର ସଙ୍ଗୀତ ସାଧନା ଅନୁଷ୍ଠାନର ସମ୍ବଲପୁରୀ ନୃତ୍ୟ ଓ ପୁରୁଲିଆ ଛଉନୃତ୍ୟ ଦର୍ଶକଙ୍କୁ ସମ୍ମୋହିତ କରୁଥିବା ବେଳେ ରାମେଶ୍ୱର ପାଇକ ଆଖଡ଼ା ଦର୍ଶକଙ୍କ ମନରେ ଦେଶାତ୍ମବୋଧ ସୃଷ୍ଟି କରିଥିଲା।

କବି ତଥା ମହୋତ୍ସବ କମିଟି ଅଧ୍ୟକ୍ଷ ଶଙ୍କର୍ଷଣ ପରିଡ଼ା, ସମ୍ପାଦକ ଦେବେନ୍ଦ୍ର ଦାସ ଓ ମୁଖ୍ୟ ସଂଯୋଜକ ବସନ୍ତ ପ୍ରଧାନଙ୍କ ପରିଚାଳନାରେ କାର୍ଯ୍ୟକ୍ରମକୁ ସହ ସଂଯୋଜକ ବଟକୃଷ୍ଣ ଦାସ ସଂଯୋଜନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅଧିବକ୍ତା ତଥା କବି ଅଞ୍ଜନ ହୋତା ସଞ୍ଚାଳନ କରିଥିଲେ। ବୁଧବାର ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ପୁରୀ ଜିଲାର ବିଧାୟକମାନେ ଯୋଗଦାନ କରିବେ ବୋଲି ମହୋତ୍ସବ କମିଟି ଅଧ୍ୟକ୍ଷ ଶଙ୍କର୍ଷଣ ପରିଡ଼ା ଓ ମୁଖ୍ୟ ସଂଯୋଜକ ବସନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

**ଗୋଟିପୁଅ, ଲୋକନୃତ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**




କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।



ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅନୁଶ୍ରୀ



@ ସତ୍ୟଭୂଷଣ



@ ରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହିଳା ଓ ଶିଶୁ ବିକାଶ ବିଭାଗ ପାଳିବ ମଦର୍ସ ଡେ

ଭୁବନେଶ୍ୱର,୬।୫ (ସୌମ୍ୟରଞ୍ଜନ ରାଉତ)

ସାରା ବିଶ୍ୱରେ ମଦର୍ସ ଡେ' ମେ ୧୧ରେ ପାଳନ ହେବ। ଏହି ଉପଲକ୍ଷେ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ମେ ୬ରୁ ୧୦ ପର୍ଯ୍ୟନ୍ତ ଏକ ସେଲ୍ଫି ପ୍ରତିଯୋଗିତା 'ମଦର୍ସ ଡେ ସେଲ୍ଫି କଣ୍ଟେଷ୍ଟ' ଆୟୋଜନ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଏହି ଅଭିନବ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ନିଜ ମା'ଙ୍କ ସହ ସେଲ୍ଫି ଉଠାଇ, ମା'ଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନରେ ଦୁଇପଦ ଲେଖି ନିଜର ସୋସିଆଲ୍ ମିଡିଆରେ ମହିଳା ଓ ଶିଶୁ ବିକାଶ ବିଭାଗକୁ ଟ୍ୟାଗ୍ କରିବାକୁ କୁହାଯାଇଛି। #MoBou, #WC-DOdisha, #Mothersdayରେ ଟ୍ୟାଗ୍ କରି ସେଲ୍ଫି ସହ ଭାବାବେଗ ସମ୍ବଳିତ ବାର୍ତ୍ତା ପୋଷ୍ଟ କରିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି। ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ୍ ଏବଂ ଏକ୍ସରେ ପ୍ରତ୍ୟେକରୁ ୩ଟି ଶ୍ରେଷ୍ଠ ଓ ହୃଦୟସ୍ପର୍ଶୀ ବିବେଚିତ ସେଲ୍ଫି ଓ ବାର୍ତ୍ତା ପ୍ରେରକଙ୍କୁ ବିଜେତା ଘୋଷଣା କରି ମେ ୧୧ ମଦର୍ସ ଡେ'ରେ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ। ବିଜେତାଙ୍କ ଫଟୋ ବିଭାଗର ଅଫିସିଆଲ ହ୍ୟାଣ୍ଡେଲରେ ପୋଷ୍ଟ କରାଯିବ। ମେ ୧୧ ମଦର୍ସ ଡେ ପାଳନ ଅବସରରେ ଏକାମ୍ର ହାଟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେତାମାନେ ନିଜର ଉପଯୁକ୍ତ ପ୍ରମାଣପତ୍ର ଦର୍ଶାଇ ପୁରସ୍କାର ଗ୍ରହଣ କରିପାରିବେ। ଏହି କାର୍ଯ୍ୟକ୍ରମରେ ମା'ମାନଙ୍କ ପାଇଁ ବହୁ ମଜାଳିଆ ଖେଳର ମଧ୍ୟ ଆୟୋଜନ କରାଯାଇଛି। ଇଚ୍ଛୁକ ମା'ମାନେ ମେ ୧୧ ତାରିଖ ଅପରାହ୍ନ ୩ଟାରେ ଏକାମ୍ର ହାଟଠାରେ ନାମ ପଞ୍ଜୀକରଣ କରି ମଜାଳିଆ ଖେଳରେ ଭାଗ ନେଇପାରିବେ। ବିଜେତାମାନଙ୍କୁ ସେହି କାର୍ଯ୍ୟକ୍ରମରେ ହିଁ ପୁରସ୍କୃତ କରାଯିବ।




ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା 'ମଦର୍ସ ଡେ ସେଲ୍ଫି କଣ୍ଟେଷ୍ଟ' କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

- ମେ ୬ରୁ ୧୦ ପର୍ଯ୍ୟନ୍ତ ପଠାଇପାରିବେ ମା'ଙ୍କ ସହ ସେଲ୍ଫି
- ମେ ୧୧ରେ ପୁରସ୍କୃତ ହେବ ଶ୍ରେଷ୍ଠ ଓ ହୃଦୟସ୍ପର୍ଶୀ ପୋଷ୍ଟ

# ନନ୍ଦନକାନନ ଦାୟିତ୍ୱରେ ପ୍ରଶାନ୍ତ ପଣ୍ଡା

ବାରଙ୍ଗ,୬।୫(ଲିଙ୍ଗରାଜ ରାଉତ)

ନନ୍ଦନକାନନ ଉପ-ନିର୍ଦ୍ଦେଶକ ଭାବେ ପ୍ରଶାନ୍ତ କୁମାର ପଣ୍ଡା ମଙ୍ଗଳବାରଠାରୁ ଦାୟିତ୍ୱରେ ରହିଛନ୍ତି। ସନତ କୁମାର ଏନ୍ ୨୨ ଦିନ ପାଇଁ ଛୁଟିରେ ଯିବା କାରଣରୁ ପଣ୍ଡା ଅସ୍ଥାୟୀ ଭାବେ ତାଙ୍କ ଦାୟିତ୍ୱରେ ରହିଥିବା ଜଣାପଡ଼ିଛି। ଏବେ ପିସିସିଏଫ୍ କାର୍ଯ୍ୟାଳୟରେ ପ୍ରଶାନ୍ତ କୁମାର ପଣ୍ଡା ଉପ-ବନ ସଂରକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ୬ ତାରିଖଠାରୁ ୨୮ ତାରିଖ ପର୍ଯ୍ୟନ୍ତ ସେ ନନ୍ଦନକାନନ ଦାୟିତ୍ୱରେ ରହିବେ। ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିବା ପରେ ନନ୍ଦନକାନନ ଓ ବଟାନିକାଲ୍ ଗାର୍ଡେନ ଯାଇ ବୁଲିକି ଦେଖିଛନ୍ତି। ଉଭୟ ପାର୍କର ରେଞ୍ଜ ଅଫିସର ଓ ପଦାଧିକାରୀ ତାଙ୍କୁ ଭେଟି ପରିଚାଳନା କ୍ଷେତ୍ର ବିଷୟରେ ବିଭିନ୍ନ ଆଲୋଚନାମାନ କରିଥିବାର ଜଣାପଡ଼ିଛି।

# ୯ରୁ ରାଜ୍ୟକୁ ଫେରିବ ତାତି

ଆଜି ୮ ଜିଲାରେ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର, ୬।୫(ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛି ଦିନ ଧରି କାଳବୈଶାଖୀ ପ୍ରଭାବରେ ତାପମାତ୍ରା ହ୍ରାସ ପାଇଥିବାବେଳେ ୯ ତାରିଖଠାରୁ ପୁଣି ଗ୍ରୀଷ୍ମପ୍ରବାହ ଫେରିବା ସମ୍ଭାବନା ରହିଛି। ଆସନ୍ତା ୨ଦିନ ମଧ୍ୟରେ ପୂର୍ବ ଭାରତରେ ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିବା ସମ୍ଭାବନା ଥିବାରୁ ଓଡ଼ିଶାବାସୀଙ୍କୁ ଖରା ଓ ଗୁଳୁଗୁଳି ଅତିଷ୍ଠ କରିବ। ତେବେ ବୁଧବାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ ଏବଂ ଗଜପତି ଆଦି ୮ ଜିଲାରେ ବିଦ୍ୟୁତ ଓ ଘଡ଼ଘଡ଼ି ସହ ଘଣ୍ଟା ପ୍ରତି ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିସହ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା ଓ ସୁନ୍ଦରଗଡ଼ ଆଦି ୧୧ ଜିଲାରେ ମଧ୍ୟାହ୍ନ ବା ଅପରାହ୍ନରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିବ। ବିଜୁଳି, ଘଡ଼ଘଡ଼ି ସହ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ରହିବ। ଏହି ୧୯ଟି ଜିଲାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୮ତାରିଖରେ ମଧ୍ୟ କେତେକ ଜିଲାରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି।

# ସୁନାଚେନ୍ ଲୁଟି ଦୁର୍ବୃତ୍ତ ଚମ୍ପଟ୍

ବାଲକାଟୀ,୬।୫(ମନୋଜ ମଣ୍ଡଳ)

ବାଲକାଟୀ ଫାଣ୍ଡିଠାରୁ ମାତ୍ର କିଛି ଦୂରରେ ଥିବା ଏକ ବିବାହ ମଣ୍ଡପ ନିକଟରୁ ମଙ୍ଗଳବାର ଜଣେ ଶିକ୍ଷୟିତ୍ରୀଙ୍କ ବେକରୁ ସୁନା ଚେନ୍ ଲୁଟ୍ ହୋଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୋଲିସ ସେଠାରେ ପହଞ୍ଚି ତଦନ୍ତ ଚଳାଇଛି। ଶିକ୍ଷୟିତ୍ରୀ ଗଡ଼ଶ୍ରୀରାମପୁର ଗ୍ରାମର ନିରୁପମା ପାତ୍ରଙ୍କ ବାଲକାଟୀ କଲେଜ ନିକଟରେ ଏକ କମ୍ପ୍ୟୁଟର ସେଣ୍ଟର ଅଛି। ସେ ଅପରାହ୍ନ ୫ଟା ୩୦ ସମୟରେ ବାଲକାଟୀରୁ ସ୍କୁଟିରେ ନିଜ ଗ୍ରାମକୁ ଫେରୁଥିଲେ। ରଥିଜେମା ନିକଟ ରାସ୍ତାକଡ଼ ମଣ୍ଡପ ନିକଟରେ ହୋଇଥିବାବେଳେ କେତେଜଣ ଲୁଟେରା ଏକ କେଟିଏମ୍‌ରେ ଆସି ତାଙ୍କ ବେକରୁ ସୁନା ଚେନ ଲୁଟି ନେଇଥିଲେ। ତେବେ ଦିନ ଦ୍ୱିପ୍ରହରରେ ଫାଣ୍ଡିଠାରୁ କିଛି ଦୂରତାରେ ଏପରି ଲୁଟ୍ ହେଉଥିବାବେଳେ ରାତିରେ ଏହି ଅଞ୍ଚଳ କେତେ ସୁରକ୍ଷିତ, ତାହା ସହଜରେ ଅନୁମେୟ। ବାଲକାଟୀରେ ଢ଼ିଲା ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା ସହ ବିଗିଡ଼ା ଆଇନ ଶୃଙ୍ଖଳା ପରିସ୍ଥିତି ଯୋଗୁ ଏପରି ହେଉଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ମକ୍‌ଡ୍ରିଲ ପ୍ରସ୍ତୁତିର ସମୀକ୍ଷା କଲେ ଜିଲାପାଳ

ଭୁବନେଶ୍ୱର, ୬।୫(ବନ୍ଦନା ସେଠୀ)

ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ନେଇ ବୁଧବାର ରାଜ୍ୟର ବିଭିନ୍ନ ସ୍ଥାନରେ ସିଭିଲ ଡିଫେନ୍ସ ମକ୍‌ଡ୍ରିଲ୍ କରାଯିବ। ଏହି କ୍ରମରେ ଖୋର୍ଦ୍ଧା ଜିଲାରେ ଓ ରାଜଧାନୀ ଭୁବନେଶ୍ୱରରେ ମକ୍‌ଡ୍ରିଲ୍ ହେବ। ଶତ୍ରୁ ପକ୍ଷରୁ ଯଦି ଆକ୍ରମଣ କରାଯାଏ, ତେବେ ଜନସାଧାରଣ କିଭଳି ଆତ୍ମରକ୍ଷା କରିପାରିବେ ସେ ସମ୍ପର୍କିତ କୌଶଳ ଏହି ମକ୍‌ଡ୍ରିଲ୍‌ରେ ପ୍ରଦର୍ଶନ କରାଯିବା ସହ ତାଲିମ ଦିଆଯିବ। ତେଣୁ ଏ ନେଇ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କମିଶନର ରାଜେଶ ପ୍ରଭାକର ପାଟିଲ୍‌ଙ୍କ ନିର୍ଦ୍ଦେଶରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସିଭିଲ ଡିଫେନ୍ସ ମକ୍‌ଡ୍ରିଲ୍ ପାଇଁ ମଙ୍ଗଳବାର ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା ବିଏମ୍‌ସି ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ସେଣ୍ଟରରେ ଏହାର ସମୀକ୍ଷା କରିଛନ୍ତି। ଆକ୍ରମଣ ସମୟରେ ତ୍ୱରିତ ପଦକ୍ଷେପ ସହ ଯୋଗାଯୋଗ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ସେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବିଏମ୍‌ସି କାର୍ଯ୍ୟାଳୟରେ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକାରୀ କରିବା ସହ ୧୯୨୯ରେ ଯୋଗାଯୋଗ କରିବାକୁ ଜନସାଧାରଣଙ୍କୁ ସେ ପରାମର୍ଶ ଦେଇଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏଥିପ୍ରତି ସଜାଗ ରହିବା ସହ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ମକ୍‌ଡ୍ରିଲ ସମ୍ପର୍କିତ ପ୍ରସ୍ତୁତି ପାଇଁ ଆଲୋଚନା ହୋଇଥିଲା। ଏ କ୍ଷେତ୍ରରେ ସ୍ୱାସ୍ଥ୍ୟସେବା, ଅଗ୍ନିଶମ ସେବା, ସିଭିଲ ଡିଫେନ୍ସ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହଯୋଗର ଆବଶ୍ୟକତା ଥିବା ଦୃଷ୍ଟିରୁ ଜିଲାପାଳ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବିଏମ୍‌ସି ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, ସାଫଲ୍ୟମଣ୍ଡିତ ପ୍ରଧାନ, ଭୁବନେଶ୍ୱର ଉପଜିଲାପାଳ ଡ. ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ସମୀକ୍ଷା ଅବସରରେ ଜିଲାପାଳ ଚଞ୍ଚଳ ରାଣା ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

# ମକ୍‌ଡ୍ରିଲ୍‌ରେ ଯୁବପିଢ଼ି ଭାଗନେବାକୁ ଏବିଭିପିର ଆହ୍ୱାନ

ଭୁବନେଶ୍ୱର,୬।୫(ସୁଚିସ୍ମିତା ସାହୁ)

ବୁଧବାର ହେବାକୁ ଥିବା 'ସିଭିଲ ଡିଫେନ୍ସ ମକ୍‌ଡ୍ରିଲ'ରେ ଯୁବ ଓ ଛାତ୍ରୀଛାତ୍ରମାନେ ସାମିଲ ହେବାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଆହ୍ୱାନ ଦେଇଛି। ଏବିଭିପିର ରାଷ୍ଟ୍ରୀୟ ମହାମନ୍ତ୍ରୀ ଡ. ବୀରେନ୍ଦ୍ର ସିଂ ସୋଲାଙ୍କି କହିଛନ୍ତି, ଏବିଭିପି 'ସିଭିଲ ଡିଫେନ୍ସ ମକ୍‌ଡ୍ରିଲ'କୁ ସ୍ୱାଗତ କରୁଛି। ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ, ପ୍ରଶାସନିକ କର୍ମଚାରୀ ଓ ସାଧାରଣ ନାଗରିକ ଏହି ଅଭିଯାନରେ ନିଷ୍ଠା ଓ ଉତ୍ସାହ ସହିତ ଭାଗ ନିଅନ୍ତୁ। ଭାରତ ଆତଙ୍କବାଦ ବିରୋଧରେ ଦୃଢ଼ ଜବାବ ଦେବାକୁ ସକ୍ଷମ ଓ ପ୍ରସ୍ତୁତ। ଏଭଳି ସମୟରେ ପ୍ରତ୍ୟେକ ନାଗରିକଙ୍କୁ ନିଜ ଭୂମିକା ପ୍ରତି ସଚେତନ ରହିବା ଆବଶ୍ୟକ। ସୂଚନାଯୋଗ୍ୟ, ମକ୍‌ଡ୍ରିଲରେ ଏୟାର୍ ରେଡ ସାଇରନ ପରୀକ୍ଷା, ବ୍ଲାକଆଉଟ, ନାଗରିକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବା ଏବଂ ଆପଦ ପରିସ୍ଥିତିରେ ସୁରକ୍ଷା ପାଇଁ ପ୍ରଶିକ୍ଷଣ ଦିଆଯିବ।

# ରାଜ୍ୟ ଭାଜପା ନେତୃତ୍ୱଙ୍କ ମନ୍ତବ୍ୟକୁ ବାର୍ କାଉନ୍‌ସିଲ୍‌ର ବିରୋଧ

କଟକ,୬।୫(କାର୍ତ୍ତିକ ସାହୁ)

**ରାଜା ଚକ୍ର ମାମଲା**

ବିଜେଡି ନେତା ରାଜା ଚକ୍ରଙ୍କ ଗନ୍ଧମାର୍ଦ୍ଦନ ଲୋଡିଂ ମାମଲାରେ ଭାଜପା ରାଜ୍ୟ ନେତୃତ୍ୱଙ୍କ ମନ୍ତବ୍ୟକୁ ରାଜ୍ୟ ବାର୍ କାଉନ୍‌ସିଲ ପକ୍ଷରୁ ବିରୋଧ କରାଯାଇଛି। ଭାଜପା ନେତୃତ୍ୱ ଆଇନଜୀବୀ ସୀତାଂଶୁ ମୋହନ ଦ୍ୱିବେଦୀ ଦେଇଥିବା ଉକ୍ତିକୁ ରାଜ୍ୟ ଆଇନଜୀବୀ ପରିଷଦର ଉକ୍ତି ବୋଲି କହି ବିଭ୍ରାନ୍ତି କରୁଛନ୍ତି ବୋଲି ପରିଷଦ ପକ୍ଷରୁ ମଙ୍ଗଳବାର ପାରିତ ହୋଇଥିବା ରିଜୋଲୁଶନରେ ଦର୍ଶାଯାଇଛି।

ପରିଷଦ ପକ୍ଷରୁ ପ୍ରଦତ୍ତ ରିଜୋଲୁଶନ ଅନୁଯାୟୀ, ପରିଷଦର ପ୍ରତ୍ୟେକ ସଦସ୍ୟ ହେଉଛନ୍ତି ଜଣେ ଆଇନଜୀବୀ। ସେ ତାଙ୍କର ଆଇନ୍ ପେସା ସହିତ ପରିଷଦର ଅଫିସ କାର୍ଯ୍ୟ ମଧ୍ୟ ତୁଲାଇଥାନ୍ତି। ଜଣେ ଆଇନଜୀବୀ ଭାବେ ସେ ନିଜ ମହକିଲଙ୍କୁ ସୁରକ୍ଷା ଦେବା ତାଙ୍କର ପେସାଗତ ଅଧିକାର। ଆଇନଜୀବୀ ସୀତାଂଶୁ ମୋହନ ଦ୍ୱିବେଦୀ ଗନ୍ଧମାର୍ଦ୍ଦନ ଲୋଡିଂ ମାମଲାରେ ରାଜା ଚକ୍ରଙ୍କ ପାଇଁ ଅଦାଲତରେ ମାମଲା ପରିଚାଳନା କରୁଥିଲେ। ତେଣୁ ସେତେବେଳେ ସେ ଗଣମାଧ୍ୟମକୁ ଦେଇଥିବା ବୟାନ ରାଜା ଚକ୍ରଙ୍କ ଆଇନଜୀବୀ ହିସାବରେ, ତାହା ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଭାବେ ନୁହେଁ ବୋଲି କୁହାଯାଇଛି।

# ଥାଲାସେମିଆ ମୁକାବିଲା ପାଇଁ ସଚେତନତା ଆବଶ୍ୟକ




କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ଭାରତୀୟ ଥାଲାସେମିଆ ଫେଡେରେଶନର ଅଧ୍ୟକ୍ଷା ଶୋଭା ତୁଲି ଏବଂ ଅନ୍ୟ ଅତିଥିବୃନ୍ଦ।


ଭୁବନେଶ୍ୱର,୬।୫(ସୁଚିସ୍ମିତା ସାହୁ)

ଥାଲାସେମିଆ ଓ ସିକଲସେଲ୍ ସୋସାଇଟି ଓଡ଼ିଶା(ଟିଏସ୍‌ଏସ୍‌ଓ) ଏବଂ ଏଷ୍ଟର ସିଏମ୍‌ଆଇ ହସ୍ପିଟାଲ ବେଙ୍ଗାଲୁରୁର ମିଳିତ ଆନୁକୂଲ୍ୟରେ ତଥା ୟୁଡିପିଏସ୍, ଉତ୍କଳ ବିଶ୍ୱବିଦ୍ୟାଳୟର ସହଯୋଗରେ ୟୁନିଟ୍-୪ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ ପରିସରରେ ମଙ୍ଗଳବାର ବିଶ୍ୱ ଥାଲାସେମିଆ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଯେଉଁମାନେ ଥାଲାସେମିଆରେ ପୀଡ଼ିତ ଅଛନ୍ତି, ସେମାନେ ସାହସର ସହ ଏହି ରୋଗର ମୁକାବିଲା କରନ୍ତୁ। ପ୍ରତ୍ୟେକ ରୋଗର ନିରାକରଣ ପାଇଁ ସଚେତନତା ଆବଶ୍ୟକ। ରୋଗ ହେଲେ କେବଳ ଡାକ୍ତରଖାନା ଗଲେ ହେବନାହିଁ, ବରଂ ଆମକୁ ଖାଦ୍ୟ ଓ ଶରୀର ପାଇଁ ସଚେତନ ହେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଡ. ଷ୍ଟାଲିନ ରାମପ୍ରକାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥାଲାସେମିଆ ରୋଗୀଙ୍କ ଯତ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ରୋଗ ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି କରାଯିବାକୁ ସବୁ କମ୍ୟୁନିଟିକୁ ଯୋଡ଼ାଯିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ରୋଗ ବିଷୟରେ ଜାଣିବା ଦରକାର ବୋଲି ଅନ୍‌ଲାଇନ ମାଧ୍ୟମରେ ଭାରତୀୟ ଥାଲାସେମିଆ ଫେଡେରେଶନ ଅଧ୍ୟକ୍ଷ ଶୋଭା ତୁଲି ମତବ୍ୟକ୍ତ କରିଥିଲେ। ପରିବାର ଭିତରେ ସହଯୋଗ ଓ ସଚେତନ ରହିଲେ ରୋଗରୁ ଆମେ ମୁକ୍ତି ପାଇପାରିବା ବୋଲି କୋଲ୍ ଇଣ୍ଡିଆ ସିଏସ୍‌ଆର୍ ଜିଏମ୍ ରେଣୁ ଚତୁର୍ବେଦୀ କହିଥିଲେ। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର କହିଥିଲେ ଯେ, ଥାଲାସେମିଆର ଭୟାବହତା ବଢୁଛି। କେବଳ ସଚେତନ ଦ୍ୱାରା ଏହି ରୋଗରୁ ମୁକ୍ତି ମିଳିପାରିବ। ଥାଲାସେମିଆ ଦୂର ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଭାଜପା ନେତା ତଥା ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ କହିଥିଲେ। ଟିଏସ୍‌ଏସ୍‌ଓ ସଭାପତି ନିରାକାର ପଣ୍ଡା ସ୍ୱାଗତ ଭାଷଣ ଦେଇ ରାଜ୍ୟରୁ ଥାଲାସେମିଆ ରୋଗକୁ ଦୂର କରିବା ଆମର ମୁଖ୍ୟ ଉଦ୍ଦେଶ୍ୟ ଏବଂ ରକ୍ତଦାନ ଉପରେ ଅଧିକ ଧ୍ୟାନ ଦିଆଯିବ ବୋଲି କହିଥିଲେ। ଟିଏସ୍‌ଏସ୍‌ଓ ସଚିବ ଦୀପକ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ମାନସ ରଞ୍ଜନ ସାହୁ, କୋଷାଧ୍ୟକ୍ଷ ନୀହାରିକା ପଣ୍ଡା, ଡ. ବିଜୟ ମିଶ୍ର, ଡ. ପ୍ରକାଶ ତ୍ରିପାଠୀ, ଗୁଞ୍ଜନ ଅଗ୍ରୱାଲ ଏବଂ ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

DSPL-55

ଖରାଦିନେ ଏ.ସି.ର ସଠିକ ବ୍ୟବହାର କରି
ବିଦ୍ୟୁତ୍ ବିଲ୍ କମ୍ କରନ୍ତୁ, ଏବଂ ପରିବେଶକୁ ସୁରକ୍ଷିତ ରଖନ୍ତୁ

- ବି.ଇ.ଇ. (BEE)ପଞ୍ଚ ତାରକା (5 STAR) ବିଶିଷ୍ଟ ଶକ୍ତି ଦକ୍ଷତା ସମ୍ପନ୍ନ ଏ.ସି. ବ୍ୟବହାର କରନ୍ତୁ ।
- ଏ.ସି.ର ଫିଲ୍ଟରକୁ ନିୟମିତ ଭାବରେ ସଫା କରନ୍ତୁ ।
- ଏ.ସି.ର ତାପମାତ୍ରା ସର୍ବନିମ୍ନ ୨୪°C ରଖନ୍ତୁ । ଏ.ସି.ର ତାପମାତ୍ରା ୧°C ବୃଦ୍ଧି କଲେ ୬% ବିଦ୍ୟୁତ୍ ସଞ୍ଚୟ ହୁଏ ।
- ଅତି ଆବଶ୍ୟକତା ନଥିଲେ ଏ.ସି. ଚଲାନ୍ତୁ ନାହିଁ ।







ଅଧିକ ତାରକା ଅଧିକ ସଞ୍ଚୟ

OIPR-04066/13/0023/2526

୧ ୟୁନିଟ୍ ଶକ୍ତି ସଞ୍ଚୟ,୨ ୟୁନିଟ୍ ଶକ୍ତି ଉତ୍ପାଦନ ସହ ସମାନ

ଶକ୍ତି ବିଭାଗ, ଓଡିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ

**ସଡ଼କ ଦୁର୍ଘଟଣାରେ ଯୁବକ ମୃତ**

ଚୌଦ୍ୱାର,(ଆଶୁତୋଷ ଦାସ): ୫୫ ନଂ. ଜାତୀୟ ରାଜପଥ ଚୌଦ୍ୱାର କଲେଜ ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚୌଦ୍ୱାର ପୌରପାଳିକା ୧୭ ନଂ. ୱାର୍ଡ ନୂଆସାହି ସୁଇପର କଲୋନିର ରଞ୍ଜିତ ନାଏକ (୩୭)। ପୋଲିସ ସୂଚନା ସୋମବାର ରାତି ପ୍ରାୟ ୩ଟାରେ ରଞ୍ଜିତ ରାସ୍ତା ପାର ହେଉଥିବା ବେଳେ କୌଣସି ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଘଟଣାସ୍ଥଳରେ ରଞ୍ଜିତଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଚୌଦ୍ୱାର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡଡାକ୍ତରଖାନା ପଠାଇଛି। ରଞ୍ଜିତଙ୍କ ଭାଇଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୨୭୨/୨୫) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅନୁଶ୍ରୀ


@ ସତ୍ୟଭୂଷଣ


@ ରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ହୀନସ୍ତା ହେଉଛନ୍ତି ରୋଗୀ, ସମ୍ପର୍କୀୟ

### ଏସ୍‌ସିବି ମେଡିକାଲ
### ଶୌଚାଳୟରେ ୧୦ ଦିନ ହେବ ପଡ଼ିଛି ତାଲା

କଟକ,୬।୫(ଶିଲ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି) ପରିସରରେ ଥିବା ସିଏମ୍‌ସିର ଶୌଚାଳୟରେ ଆଜକୁ ୧୦ରୁ ଅଧିକ ଦିନ ହେବ ତାଲା ପଡ଼ିଛି। ଏହି ବାଟ ଦେଇ ମେଡିକାଲ କର୍ତ୍ତୃପକ୍ଷ ଯିବାଆସିବା କରୁଥିବାବେଳେ ଏଥିପ୍ରତି କାହାର ନଜର ପଡିନାହିଁ। ମେଡିକାଲକୁ ଦୂରଦୂରାନ୍ତରୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟ ଏହି ଶୌଚାଳୟ ଉପରେ ନିର୍ଭର କରୁଥିବା ବେଳେ ଏହା ବନ୍ଦ ହେବାରୁ ଲୋକ ହୀନସ୍ତା ହେଉଛନ୍ତି। ସୂଚନାନୁଯାୟୀ, ଏସ୍‌ସିବି ମେଡିକାଲର ମଙ୍ଗଳାବାଗ ଫାଟକ ନିକଟରେ ସିଏମ୍‌ସିର ଗୋଟିଏ ଶୌଚାଳୟ ଦୀର୍ଘବର୍ଷ ହେବ ଚାଲି ଆସୁଛି। ଏହି ଶୌଚାଳୟକୁ ଲୋକ ସମ୍ପୂର୍ଣ୍ଣ ଭାବେ ନିଃଶୁଳ୍କରେ ବ୍ୟବହାର କରିବା ସୁବିଧାର ରହିଛି। କିନ୍ତୁ ଶୌଚାଳୟ ଠିକ୍ ଭାବେ ରକ୍ଷଣାବେକ୍ଷଣା କରାଯାଉ ନାହିଁ। ଦୀର୍ଘଦିନ ହେବ ଶୌଚାଳୟ ଅପରିଷ୍କାର ହୋଇ ପଡିରହିଥିବା ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ସଫା କରାଯାଇଥିଲା। ସେହିପରି କିଛିଦିନ ପୂର୍ବରୁ ଶୌଚାଳୟକୁ ସଂଯୋଗ କରିଥିବା ପାଇପ ପାଣି ଫାଟିବାରୁ ଏହାର ମରାମତି କରାଯାଇଥିଲା। ହେଲେ ପୁନର୍ବାର କୌଣସି ପାଣି ଓ ଅନ୍ୟ ସମସ୍ୟା ହେବାରୁ ଏହା ୧୦ ଦିନରୁ ଅଧିକ ସମୟ ହେବ ବନ୍ଦ ରହିଛି। ତେବେ ଏସ୍‌ସିବି ମେଡିକାଲକୁ ପ୍ରତ୍ୟେକ ଦିନ ଶତାଧିକ ରୋଗୀ ଓ ତାଙ୍କ ସମ୍ପର୍କୀୟ ଚିକିତ୍ସା ନିମନ୍ତେ ଆସିଥାନ୍ତି। ଶୌଚାଳୟର ଏଭଳି ଅବସ୍ଥା ଦେଖି ରୋଗୀ ଓ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଏସ୍‌ସିବି ମେଡିକାଲ ବିଶ୍ୱସ୍ତରୀୟ ହେବାକୁ ଥିବାବେଳେ ମେଡିକାଲ ପରିସରରେ ଥିବା ଶୌଚାଳୟରେ ଏଭଳି ଅବ୍ୟବସ୍ଥା ରୋଗୀଙ୍କ ସମ୍ପର୍କୀୟ ଗ୍ରହଣ କରି ପାରୁନାହାନ୍ତି। ଏପରିକି ସିଏମ୍‌ସି ଓ ଏସ୍‌ସିବି କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉ ନ ଥିବା ସ୍ପଷ୍ଟ ଜଣାପଡୁଛି। ଏ ନେଇ ମେଡିକାଲକୁ ଆସିଥିବା ରୋଗୀଙ୍କ ସମ୍ପର୍କୀୟ ପପୁ ହାଁସଦା କହିଛନ୍ତି, ମୋ ସ୍ତ୍ରୀଙ୍କ ଚିକିତ୍ସା ପାଇଁ ମୁଁ ମେଡିକାଲକୁ ୪ଦିନ ହେବ ଆସିଛି। ଦୂରରୁ ଆସିଛି ସେଥିପାଇଁ ମେଡିକାଲରେ ଶୌଚ ହେବାକୁ ପଡୁଛି, ହେଲେ ଏଠାରେ ଥିବା ଶୌଚାଳୟ ବନ୍ଦ ରହିଛି। ଏଣେତେଣେ ଯିବାକୁ ପଡୁଛି ଏବଂ ହଇରାଣ ହେବାକୁ ପଡୁଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ମେଡିକାଲର କୁଳସଚିବ ସୁବାସ ରାୟଙ୍କ ପ୍ରତିକ୍ରିୟା ମିଳି ପାରି ନ ଥିବାବେଳେ ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର କହିଛନ୍ତି, ଏହି ବିଷୟରେ ମେଡିକାଲ କର୍ତ୍ତୃପକ୍ଷ ଅବଗତ କରାଇନାହାନ୍ତି। କ'ଣ ସମସ୍ୟା ରହିଛି ଏବଂ କେଉଁଥି ପାଇଁ ଏହାକୁ ବନ୍ଦ କରାଯାଇଛି ସେ ବିଷୟରେ ଦାୟିତ୍ୱରେ ଥିବା ସଂସ୍ଥାକୁ ପଚରାଯିବ । ତୁରନ୍ତ ଏହାକୁ ଖୋଲିଯିବ ବୋଲି ପାତ୍ର କହିଛନ୍ତି।


ଏସ୍‌ସିବି ମେଡିକାଲ ପରିସରରେ ଥିବା ଶୌଚାଳୟରେ ତାଲା ପଡ଼ିଛି।

## ଯୋଗ ସୁସ୍ଥ ଶରୀର ଗଠନ କରିବାରେ ସହାୟକ ହୁଏ

କଟକ,୬।୫(ଶିଲ୍ପା ପ୍ରିୟଦର୍ଶିନୀ)

ସିଡିଏ ଡିଏଭି ପବ୍ଲିକ୍ ସ୍କୁଲ ପକ୍ଷରୁ ଚାଲିଥିବା ଗ୍ରୀଷ୍ମକାଳୀନ ଯୋଗ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷା ନମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପତଞ୍ଜଳୀ ଯୋଗ ସମିତି ରାଜ୍ୟ ସହ ପ୍ରଭାରୀ ସୁନିଲ ଶର୍ମା, କଟକ ଜିଲା ସଂଯୋଜକ ସତ୍ୟରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ ଯୋଗ ପ୍ରାଣାୟମ କରିବା ଦ୍ୱାରା ଏହା ସୁସ୍ଥ ଶରୀର ଗଠନ କରିବାରେ ସହାୟକ ହୁଏ ବୋଲି କହିଥିଲେ। ଏହି ଅବସରରେ ଏକ ଯଜ୍ଞର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍କୁଲ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।


ସିଡିଏ ଡିଏଭି ପବ୍ଲିକ୍ ସ୍କୁଲରେ ଅନୁଷ୍ଠିତ ଗ୍ରୀଷ୍ମକାଳୀନ ଯୋଗ ପ୍ରଶିକ୍ଷଣ ଶିବିରର ମଙ୍ଗଳବାର ଉଦ୍‌ଯାପନୀ ସମାରୋହରେ ଅଂଶଗ୍ରହଣ କରିଥିବା ପ୍ରଶିକ୍ଷାର୍ଥୀମାନେ।

## ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ୧୯ରୁ

କଟକ,୬।୫(କାର୍ତ୍ତିକ ସାହୁ)

ଆଇଏସ୍ ଚେସ୍ ସେଣ୍ଟର ପକ୍ଷରୁ ଆସନ୍ତା ୧୯ରୁ ୩୦ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର କଲ୍ୟାଣୀ ନଗର ଓ ମହାନଦୀ ବିହାର କେନ୍ଦ୍ରରେ ଅନୁଷ୍ଠିତ ହେବ। ଚେସ୍ ଖେଳକୁ ଅଧିକ ଲୋକପ୍ରିୟ କରିବା ସହ ତୃଣମୂଳସ୍ତରରୁ ନୂତନ ଚେସ ପ୍ରତିଭା ଅନ୍ୱେଷଣ କରିବା ଲକ୍ଷ୍ୟରେ ଏହି ଶିବିର ଆୟୋଜନ କରାଯାଉଛି। ଅଭିଜ୍ଞ ପ୍ରଶିକ୍ଷକମାନେ ଚେସ୍ ଖେଳର ବିଭିନ୍ନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିବେ। ଶେଷ ଦିନରେ ଶିବିରାର୍ଥୀଙ୍କ ମଧ୍ୟରେ ଚେସ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଆଇଏସ୍ ଚେସ୍ ସେଣ୍ଟର ନିର୍ଦ୍ଦେଶକ ମାନସ ପାଣି ସୂଚନା ଦେଇଛନ୍ତି।

## ୨ ଲକ୍ଷ ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ଦେବେ ସିଏମ୍‌ସି କମିଶନର

### ବିଡ଼ାନାସୀ ଅଞ୍ଚଳରେ ଡ୍ରେନ୍ ନିର୍ମାଣ ବେଳେ କାନ୍ଥ ପଡ଼ି ଶ୍ରମିକ ମୃତ୍ୟୁ ଘଟଣା

କଟକ,୬।୫(କାର୍ତ୍ତିକ ସାହୁ)

ବିଡ଼ାନାସୀ ଅଞ୍ଚଳରେ ଡ୍ରେନ୍ ନିର୍ମାଣ ବେଳେ କାନ୍ଥ ପଡ଼ି ଶ୍ରମିକ ମୃତ୍ୟୁ ଘଟଣାରେ ଓଡ଼ିଶା ରାଜ୍ୟ ମାନବିକ ଅଧିକାର ଆୟୋଗ (ଓଏଚ୍‌ଆର୍‌ସି) ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ପ୍ରଦାନ ପାଇଁ ଆଦେଶ ଦେଇଛନ୍ତି। କଟକ ମହାନଗର ନିଗମ (ସିଏମ୍‌ସି) ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ରାଶି ୨ ଲକ୍ଷ ଟଙ୍କା ମୃତକ ଏସ୍. ଶଙ୍କରଙ୍କ ସ୍ତ୍ରୀ ଏସ୍. ଦେବୀଙ୍କୁ ପ୍ରଦାନ କରିବ। ଉକ୍ତ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ସିଏମ୍‌ସି କମିଶନର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ଏବଂ ଡ୍ରେନ୍ କାମ କରୁଥିବା ଠିକା ସଂସ୍ଥାଠାରୁ କ୍ଷତିପୂରଣ ରାଶି ଆଦାୟ କରିପାରିବେ ବୋଲି ଓଏଚ୍‌ଆରସି ଆଦେଶ ଦେଇଛନ୍ତି। କୋର୍ଟ ଆଦେଶ ପାଇବାର ଏକ ମାସ ମଧ୍ୟରେ କ୍ଷତିପୂରଣ ପ୍ରଦାନ କରାଯିବ। କ୍ଷତିପୂରଣ ରାଶି ପ୍ରଦାନ ପାଇଁ ମୃତକଙ୍କ ସ୍ତ୍ରୀଙ୍କୁ ଠିକ ଭାବେ ଚିହ୍ନଟ ରାଜସ୍ୱ ଅଧିକାରୀ ଅଥବା ସ୍ଥାନୀୟ ପୋଲିସ ଜରିଆରେ କରାଯିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ପରବର୍ତ୍ତି ଶୁଣାଣି ନିମନ୍ତେ ଜୁଲାଇ ୩୧ ତାରିଖକୁ ଧାର୍ଯ୍ୟ କରାଯାଇଛି।

ପ୍ରକାଶ ଯେ, ମୃତ ଶ୍ରମିକ ବିଡ଼ାନାସୀ ନାୟକସାହିରେ ସ୍ୱରେଜ ଡ୍ରେନ୍ ନିର୍ମାଣ କାମରେ ନିୟୋଜିତ ଥିଲେ। ଡ୍ରେନ୍‌ର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ୨୦୨୪ ଡିସେମ୍ବର ୧ରୁ ଓ ୨ୟ ପର୍ଯ୍ୟାୟ କାମ ୫ ତାରିଖରୁ ଆରମ୍ଭ ହୋଇଥିଲା। ଠିକାଦାର ସୁଧୀର କୁମାର ପାଲ ୪ଜଣ ଶ୍ରମିକଙ୍କୁ ମାଟି ଖୋଳା କାମରେ ଲଗାଇଥିଲେ। ଡିସେମ୍ବର ୮ ତାରିଖ ସୁଦ୍ଧା ଖୋଳା ସମ୍ପୂର୍ଣ୍ଣ ସରିଥିଲା। ସେଦିନ ଅପରାହ୍ନ ୨ଟା ବେଳେ ଅନ୍ୟ ଶ୍ରମିକଙ୍କ ସହ ମୃତ ଏସ୍. ଶଙ୍କର ମଧ୍ୟ ସେଠାରେ କାମ କରୁଥିଲେ। ହଠାତ୍ ନିକଟରେ ଥିବା ଏକ ବ୍ୟକ୍ତିଗତ ଘର କାନ୍ଥ ଭାଙ୍ଗି ଖସିପଡ଼ିଲା। ଏଥିରେ ମୃତକ ଜଣକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ କ୍ଷତିପୂରଣ ଦାବି କରି ଆଇନଜୀବୀ ଶିବଶଙ୍କର ମହାନ୍ତି ଓଏଚ୍‌ଆର୍‌ସିରେ ମାମଲା ରୁଜୁ କରିଛନ୍ତି।

## ଏସ୍‌ସିବିରେ ୩ ଗୁରୁତରଙ୍କ ଚିକିତ୍ସା ଜାରି

### ଭଦ୍ରକ ବାଣ ବିସ୍ଫୋରଣ ଘଟଣା

କଟକ,୬।୫(ଶିଲ୍ପା ପ୍ରିୟଦର୍ଶିନୀ)

ଭଦ୍ରକ ହଳଦୀଡିହ ଛକ ନିକଟ ବାଣ ଗୋଦାମରେ ବିସ୍ଫୋରଣ ଘଟଣାରେ ଏସ୍‌ସିବିରେ ୫ଜଣଙ୍କୁ ଭର୍ତ୍ତି କରାଯାଇଛି। ସେଥିମଧ୍ୟରୁ ଜଣଙ୍କର ମେଡିକାଲ ଆସିବା ପୂର୍ବରୁ ମୃତ୍ୟୁ ହୋଇଯାଇଥିବାବେଳେ ଅନ୍ୟ ଜଣେ ଆହତଙ୍କ ମେଡିକାଲରେ ମୃତ୍ୟୁ ଘଟିଥିଲା। ମୃତକ ୨ଜଣ ହେଲେ ଏସ.କେ. ମୁସାରଫ (୧୨) ଓ ରାହିତୁନ ବିବି (୪୦)। ଉଭୟଙ୍କ ମୃତଦେହ ଏସ୍‌ସିବିରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟ ୩ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାବେଳେ ସେମାନଙ୍କୁ ବର୍ନ ଆଇସିୟୁରେ ଭର୍ତ୍ତି କରାଯାଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ମଙ୍ଗଳବାର ସକାଳେ ହଳଦୀଡିହ ଛକ ନିକଟରେ ଥିବା ବାଣ ଗୋଦାମରେ ହଠାତ୍ ନିଆଁ ଲାଗି ବିସ୍ଫୋରଣ ହୋଇଥିଲା। ଫଳରେ ଗୋଦାମରେ କାମ କରୁଥିବା ୫ଜଣ ଆହତ ହୋଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଆହତମାନଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ୫ଜଣଙ୍କୁ ଏସ୍‌ସିବି ସ୍ଥାନାନ୍ତର କରାଯାଇଥିଲା।

## ରାଜା ଚକ୍ର ମାମଲା
## ରାଜ୍ୟ ଭାଜପା ନେତୃତ୍ୱଙ୍କ ମନ୍ତବ୍ୟକୁ ବାର୍ କାଉନସିଲର ବିରୋଧ

କଟକ,୬।୫(କାର୍ତ୍ତିକ ସାହୁ)

ବିଜେଡି ନେତା ରାଜା ଚକ୍ରଙ୍କ ଗନ୍ଧମାର୍ଦ୍ଦନ ଲୋଡିଂ ମାମଲାରେ ଭାଜପା ରାଜ୍ୟ ନେତୃତ୍ୱଙ୍କ ମନ୍ତବ୍ୟକୁ ରାଜ୍ୟ ବାର୍ କାଉନ୍‌ସିଲ ପକ୍ଷରୁ ବିରୋଧ କରାଯାଇଛି। ଭାଜପା ନେତୃତ୍ୱ ଆଇନଜୀବୀ ସୀତାଂଶୁ ମୋହନ ଦ୍ୱିବେଦୀ ଦେଇଥିବା ଉକ୍ତିକୁ ରାଜ୍ୟ ଆଇନଜୀବୀ ପରିଷଦର ଉକ୍ତି ବୋଲି କହି ବିଭ୍ରାନ୍ତି କରୁଛନ୍ତି ବୋଲି ପରିଷଦ ପକ୍ଷରୁ ମଙ୍ଗଳବାର ପାରିତ ହୋଇଥିବା ରିଜୋଲୁ୍ୟଶନରେ ଦର୍ଶାଯାଇଛି। ପରିଷଦ ପକ୍ଷରୁ ପ୍ରଦତ୍ତ ରିଜୋଲୁ୍ୟଶନ ଅନୁଯାୟୀ, ପରିଷଦର ପ୍ରତ୍ୟେକ ସଦସ୍ୟ ହେଉଛନ୍ତି ଜଣେ ଆଇନଜୀବୀ। ସେ ତାଙ୍କର ଆଇନ୍ ପେସା ସହିତ ପରିଷଦର ଅଫିସ କାର୍ଯ୍ୟ ମଧ୍ୟ ତୁଲାଇଥାନ୍ତି। ଜଣେ ଆଇନଜୀବୀ ଭାବେ ସେ ନିଜ ମହକିଲଙ୍କୁ ସୁରକ୍ଷା ଦେବା ତାଙ୍କର ପେସାଗତ ଅଧିକାର। ଆଇନଜୀବୀ ସୀତାଂଶୁ ମୋହନ ଦ୍ୱିବେଦୀ ଗନ୍ଧମାର୍ଦ୍ଦନ ଲୋଡିଂ ମାମଲାରେ ରାଜା ଚକ୍ରଙ୍କ ପାଇଁ ଅଦାଲତରେ ମାମଲା ପରିଚାଳନା କରୁଥିଲେ। ତେଣୁ ସେତେବେଳେ ସେ ଗଣମାଧ୍ୟମକୁ ଦେଇଥିବା ବୟାନ ରାଜା ଚକ୍ରଙ୍କ ଆଇନଜୀବୀ ହିସାବରେ, ତାହା ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଭାବେ ନୁହେଁ ବୋଲି କୁହାଯାଇଛି।

# ମନ୍ତ୍ରମୁଗ୍ଧ କଲା 'ରେବତୀ, ଏବତୀ, ସେବତୀ'


ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କଟକ,୬।୫(କାର୍ତ୍ତିକ ସାହୁ)

'ଲୋ ରେବୀ, ଲୋ ନିଆଁ, ଲୋ ଚୂଲୀ' ସ୍ୱର ଭାସିଆସୁଥିଲା ନେପଥ୍ୟରୁ। ସଂଳାପ ନୂଆ ନୁହେଁ। ତଥାପି ପ୍ରେକ୍ଷାଳୟରେ ଦର୍ଶକ ଉତ୍କଣ୍ଠିତ। ବ୍ୟାସକବି ଫକୀର ମୋହନଙ୍କ 'ରେବତୀ' ଚରିତ୍ରକୁ କେବଳ ମଞ୍ଚରେ ଦେଖୁ ନ ଥିଲେ। ରେବତୀ ଚରିତ୍ର ସମୟାନୁସାରେ କିପରି ପରିବର୍ତ୍ତିତ ହୋଇଚାଲିଛି, ତାହା ଦେଖି ଦର୍ଶକ ମନ୍ତ୍ରମୁଗ୍ଧ ଓ ବିମୋହିତ। କେତେବେଳେ ଏକକ ନାଟକ 'ରେବତୀ, ଏବତୀ, ସେବତୀ' ଶେଷ ହୋଇଗଲା ତାହା କେହି ଜାଣିପାରି ନ ଥିଲେ। ଏଭଳି ଏକ ସ୍ୱତନ୍ତ୍ରତାରେ ଭରା ନାଟକକୁ ଶ୍ରୀରାମଚନ୍ଦ୍ର ଭବନଠାରେ ଅତି ଚମତ୍କାର ଭାବେ ପ୍ରଦର୍ଶିତ କରିଥିଲେ ଅଭିନେତ୍ରୀ ସୁଜାତା ପ୍ରିୟମ୍ବଦା (ବେବି)। ଅଭିନେତ୍ରୀଙ୍କୁ ସହଯୋଗ କରିଥିଲେ ଦୀପ୍ତିରାଣୀ ବେହେରା। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରେ ଏହି ସାଂସ୍କୃତିକ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁବୋଧ ପଟ୍ଟନାୟକଙ୍କ ରଚିତ 'ରେବତୀ, ଏବତୀ, ସେବତୀ' ନାଟକକୁ ଏକକ ଅଭିନୟରେ ମଞ୍ଚସ୍ଥ କରିଥିଲେ ସୁଜାତା ପ୍ରିୟମ୍ବଦା। ଉତ୍କଳ ସାହିତ୍ୟ ସମାଜ ସଭାପତି ଡାକ୍ତର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଣବ ଦାସ, ବରେଣ୍ୟ ଅତିଥି ବିପ୍ଳବ କେଶରୀ ଶତପଥୀଙ୍କ ସମେତ ଅଭିନେତା ସୁରେଶ ମିଶ୍ର, ନାଟ୍ୟକାର ନବକିଶୋର ଦାସ, ସରୋଜ ଚୌଧୁରୀ ଏକକ ଅଭିନୟ ଓ ଅଭିନୀତ ନାଟକ ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ, ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ, ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, କାର୍ଯ୍ୟ ନିର୍ବାହିକା କମିଟି ସଦସ୍ୟ ଶଶିକାନ୍ତ ରାଉତ, ସରୋଜ କୁମାର ସାମଲ, ବ୍ରହ୍ମାନନ୍ଦ ମହାନ୍ତି, ରାଧାଶ୍ୟାମ ରାଉଳ, ସରୋଜିନୀ ମିଶ୍ର, ମୁରଲୀଧର ଶତପଥୀ ଓ ତପନ କୁମାର ସ୍ୱାଇଁଙ୍କ ସମେତ ବୁଦ୍ଧିଜୀବୀ, ସାହିତ୍ୟିକ, ଉତ୍କଳ ସାହିତ୍ୟ ସମାଜର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।


ଶତାବ୍ଦୀ ଭବନରେ ଉତ୍କଳ ସାହିତ୍ୟ ସମାଜ ଓ ସଂସ୍କୃତି ବିଭାଗ ସୌଜନ୍ୟରୁ ପରିବେଷିତ ଏକ ଅଭିନୟ ନାଟକ 'ରେବତୀ, ଏବତି ଓ ସେବତି'ର ଏକ ଦୃଶ୍ୟ।

DSPL-55

ଖରାଦିନେ ଏ.ସି.ର ସଠିକ ବ୍ୟବହାର କରି ବିଦ୍ୟୁତ୍ ବିଲ୍ କମ୍ କରନ୍ତୁ, ଏବଂ ପରିବେଶକୁ ସୁରକ୍ଷିତ ରଖନ୍ତୁ

- ବି.ଇ.ଇ. (BEE)ପଞ୍ଚ ତାରକା (5 STAR) ବିଶିଷ୍ଟ ଶକ୍ତି ଦକ୍ଷତା ସମ୍ପନ୍ନ ଏ.ସି. ବ୍ୟବହାର କରନ୍ତୁ ।
- ଏ.ସି.ର ଫିଲ୍ଟରକୁ ନିୟମିତ ଭାବରେ ସଫା କରନ୍ତୁ ।
- ଏ.ସି.ର ତାପମାତ୍ରା ସର୍ବନିମ୍ନ ୨୪°C ରଖନ୍ତୁ । ଏ.ସି.ର ତାପମାତ୍ରା ୧°C ବୃଦ୍ଧି କଲେ ୬% ବିଦ୍ୟୁତ୍ ସଞ୍ଚୟ ହୁଏ ।
- ଅତି ଆବଶ୍ୟକତା ନଥିଲେ ଏ.ସି. ଚଲାନ୍ତୁ ନାହିଁ ।

୨୬°

ଅଧିକ ତାରକା ଅଧିକ ସଞ୍ଚୟ

୧ ୟୁନିଟ୍ ଶକ୍ତି ସଞ୍ଚୟ,୨ ୟୁନିଟ୍ ଶକ୍ତି ଉତ୍ପାଦନ ସହ ସମାନ

ଶକ୍ତି ବିଭାଗ, ଓଡିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ

OIPR-04066/13/0023/2526

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅନୁଶ୍ରୀ



@ ସତ୍ୟଭୂଷଣ



@ ରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୫ ସୁଦ୍ଧା ଆବାସ ଗୃହ ନିର୍ମାଣ କାର୍ଯ୍ୟ ଶେଷ କର

ଖୋର୍ଦ୍ଧା,୬।୫(ପ୍ରଭାତ ପାଣିଗ୍ରାହୀ)



ବୈଠକରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟମାନେ।

ଜିଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି(ଦିଶା) ବୈଠକ ଜିଲାପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ସର୍ବାଙ୍ଗୀନ ବିକାଶ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦିଆଯାଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲାପାଳ ଚଞ୍ଚଳ ରାଣା, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ବେଗୁନିଆ ବିଧାୟକ ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ବୈଠକର ଆଭିମୁଖ୍ୟ ସହ ପୂର୍ବ ବୈଠକର ସୂଚନା ଦେଇଥିଲେ। ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ପ୍ରତି ୩ମାସରେ ଥରେ ଦିଶା ବୈଠକ ବସିବ। ପ୍ରତ୍ୟେକ ଘରକୁ ୫ଟି ମୌଳିକ ସୁବିଧା (ଘରକୁ ଛାତ, ବିଶୁଦ୍ଧ ପାନୀୟଜଳ, ଶୌଚାଳୟ, ବିଜୁଳି ଓ ଇନ୍ଧନ ଗ୍ୟାସ) ଯୋଗାଇ ଦିଆଯିବ ବୋଲି ଏମ୍‌ପି ଷଡ଼ଙ୍ଗୀ କହିଥିଲେ। ବିଧାୟକ ଜଗଦ୍ଦେବ କହିଥିଲେ, ଜିଲାର ବିକାଶ ପାଇଁ ସମନ୍ୱୟତା, ସହଭାଗିତା ଜରୁରୀ। ବିଧାୟକ ସାହୁ ଗ୍ରୀଷ୍ମ ପ୍ରଭାବ ଯୋଗୁ ପାନୀୟଜଳ, ଲୋ ଭୋଲେଟେଜ ଜନିତ ସମସ୍ୟାର ସମାଧାନ ଏବଂ ବିଧାୟକ ବଳବନ୍ତରାୟ ପ୍ରଶାସନ ଓ ଜନପ୍ରତିନିଧିଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଉପରେ ଗୁରୁତ୍ୱ ଦେଇଥିଲେ। ଜଟଣୀ ନିର୍ବାଚନମଣ୍ଡଳୀର କଲ୍ୟାଣପୁର ପାଞ୍ଚ ଗାଁ ରୋଡ ମଧ୍ୟରେ କଲଭର୍ଟ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ।

ଆବାସ ଯୋଜନାରେ ୨୦୨୪-୨୫ ବର୍ଷରେ ୩୮୧ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ୩୭୪ ନିର୍ମାଣାଧୀନ ରହିଛି। ୭୫୭

## ଜିଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବୈଠକ

ଗୃହ ନିର୍ମାଣ ଲକ୍ଷ୍ୟ ଧାର୍ଯ୍ୟ ରହିଥିବା ବେଳେ ପ୍ରଥମ କିସ୍ତିରେ ୭୫୫, ଦ୍ୱିତୀୟ କିସ୍ତି ୪୯୧ ଏବଂ ୩ୟ କିସ୍ତି ୩୫୭ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଆସନ୍ତା ୧୫ତାରିଖ ସୁଦ୍ଧା ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଏମ୍‌ପି ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ଗ୍ରାମୀଣ ଘର ସଂଖ୍ୟା ପ୍ରାୟ ୨ଲକ୍ଷ ରହିଛି। ଜିଲାରେ ଜାତୀୟ ସାମାଜିକ ନିରାପତା ଯୋଜାନରେ ୪୧ଶହ ଜଣଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ୨୦୨୪-୨୫ ବର୍ଷରେ ମହତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୧୪.୯୮ ଲକ୍ଷ କାର୍ଯ୍ୟ ଦିବସ ଯୋଗାଇବା ଲକ୍ଷ୍ୟ ରହିଥିବା ବେଳେ ୮.୯୬ କାର୍ଯ୍ୟ ଦିବସ ଯୋଗାଇ ଦିଆଯାଇଛି। ୬୦ ପ୍ରତିଶତ ସଫଳତା ମିଳିଛି। ସେହିପରି ୬୮୪ ଘରକୁ ଶହେ ଦିନିଆ କାର୍ଯ୍ୟ ଦିବସ ଯୋଗାଇ ଦିଆଯାଇଛି। ଅମୃତ ସରୋବର ଯୋଜନାରେ ୫୮୩ ପ୍ରକଳ୍ପକୁ ଚିହ୍ନଟ କରାଯାଇଥିବା ବେଳେ ୧୯୦ ପଞ୍ଚାୟତରେ ୫୭୦ ହିତାଧିକାରୀଙ୍କୁ ସାମିଲ କରାଯିବାକୁ ଲକ୍ଷ୍ୟ ରହିଛି। ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ୨୫୫୪ ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ୧୫୫୮ ନିର୍ମାଣ ଶେଷ ହୋଇଛି। ସ୍ୱଚ୍ଛ ଭାରତ ମିଶନ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଯୋଜନା ଅନ୍ତର୍ଗତ ନଳକୂପ ଖନନ, ପାଇପ୍ ଲାଇନ ଜଳଯୋଗାଣ, ଜଳସେଚନ, ପ୍ରାଚୀ ନଦୀବନ୍ଧ ଖଣ୍ଡ ଯୋଜନା, ଉଠାଜଳସେଚନ ଯୋଜନା, ୮ ବ୍ଲକରେ ୨ଶହ ପିଏମ୍ କୁସୁମ ଯୋଜନା, ୧୦୮ ଗ୍ରାମୀଣ ରାସ୍ତା ନିର୍ମାଣ ଅଗ୍ରଗତି ଉପରେ ଏମ୍‌ପି ଷଡ଼ଙ୍ଗୀ ଗୁରୁତ୍ୱ ଦେଇଥିବା ବେଳେ ବୋଲଗଡ଼ ବାଙ୍କେଇରୁ ପାଟବନ୍ଧା ରାସ୍ତା ଆସନ୍ତା ୩୧ ତାରିଖ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ପିଏମ୍ ଫସଲ ବୀମା ଯୋଜନାରେ ୨୦୨୩-୨୪ରେ ଚାଷୀଙ୍କ ଖରିଫ ଚାଷ ସମୀକ୍ଷା କରାଯାଇଛି। ପଶୁସମ୍ପଦ ଯୋଜନା, ପୂର୍ତ୍ତ ବିଭାଗ, ପର୍ଯ୍ୟଟନ, ଜାତୀୟ ରାଜମାର୍ଗ ଯୋଜନା, ରୋଗୀକଲ୍ୟାଣ ସମିତି ଯୋଜନାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଛି। ବୈଠକରେ ଜିଲାପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା, ଡ.ମନୋରଞ୍ଜନ ସାହୁଙ୍କ ସମେତ ସମସ୍ତ ଜିଲାପରିଷଦ ସଦସ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରମୁଖ ଉପସ୍ଥିତ ଥିଲେ।

# ବେଗୁନିଆରେ ସଙ୍ଗଠନ ବଢ଼ାଇବାକୁ ଜଗଦ୍ଦେବଙ୍କ ପ୍ରୟାସ

ଖୋର୍ଦ୍ଧା,୬।୫(ପ୍ରଭାତ ପାଣିଗ୍ରାହୀ)

ସାଧାରଣ ନିର୍ବାଚନକୁ ବର୍ଷେ ପୂରିବାକୁ ବସିଛି। ତେବେ ପୂର୍ବ ବିଧାନସଭା କ୍ଷେତ୍ର (ବେଗୁନିଆ ନିର୍ବାଚନମଣ୍ଡଳୀ)କୁ ଅଧିକ ଫୋକସ କରୁଛନ୍ତି ବର୍ତ୍ତମାନର ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ। କିଛିଦିନ ହେବ ସେ ବେଗୁନିଆ ଓ ବୋଲଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ସଭା, ବୈଠକରେ ଯୋଗଦେବା ସହ ବିକାଶର କଥା କହୁଛନ୍ତି। ଏଥିସହ ଦଳୀୟ କର୍ମୀ ଏବଂ ସ୍ଥାନୀୟ ଜନତାଙ୍କ ସହ ଆଲୋଚନା କରୁଛନ୍ତି। ବୁଧବାର ବେଗୁନିଆ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଭାଜପାର ମିଶ୍ରଣ ପର୍ବ ହେବାକୁ ଥିବା ବେଳେ ଏହାକୁ ସଫଳ କରିବା ପାଇଁ ସେ ଏକ ସପ୍ତାହ ହେବ ବେଗୁନିଆରେ ଡେରା ପକାଇଥିବା କୁହାଯାଉଛି।

## ଆଜି ବେଗୁନିଆରେ ଭାଜପାର ମିଶ୍ରଣ ପର୍ବ

ବେଗୁନିଆ ଏବଂ ବୋଲଗଡ଼ ବ୍ଲକରୁ ପ୍ରାୟ ୫ହଜାର କର୍ମୀ ଭାଜପାରେ ଯୋଗଦେବେ। ସବୁ ପଞ୍ଚାୟତରୁ ଲୋକଙ୍କୁ ଆଣିବା ପାଇଁ ଜଗଦ୍ଦେବ ମସୁଧା ଚଳାଇଛନ୍ତି। ତେବେ ଏହି ନିର୍ବାଚନମଣ୍ଡଳୀରେ ବିଜେଡି ଏବଂ ଭାଜପା ମଧ୍ୟରେ ଏକପ୍ରକାର ଛକାପଞ୍ଝା ଆରମ୍ଭ ହୋଇଛି। ଏବେ ଜଗଦ୍ଦେବଙ୍କ ମାରାଥନ ଗସ୍ତ ପରେ ଏହି ନିର୍ବାଚନମଣ୍ଡଳୀ ବିଜେଡି ହାତରୁ ଖସି ଭାଜପା ହାତକୁ ଯିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପଟେ ଏଠାକାର ବିଧାୟକ ପ୍ରଦୀପ ସାହୁ ମଧ୍ୟ କର୍ମୀଙ୍କୁ ନେଇ ବୈଠକ କରୁଛନ୍ତି। କେହି ବି ଦଳ ଛାଡି ଅନ୍ୟ ଦଳକୁ ନ ଯିବାକୁ ସଙ୍କଳ୍ପ କରାଉଛନ୍ତି। ପ୍ରତି ପଞ୍ଚାୟତର ଆଗଧାଡ଼ିର ନେତା, କର୍ମୀଙ୍କୁ ନେଇ ଆଲୋଚନା ଜାରି ରଖିଛନ୍ତି। ମଙ୍ଗଳବାର ତାଙ୍କ ଖୋର୍ଦ୍ଧାସ୍ଥିତ ବାସଭବନରେ ବେଗୁନିଆ ଓ ବୋଲଗଡ଼ ବ୍ଲକର ଛାମୁଆ ନେତା ଓ କର୍ମୀଙ୍କୁ ନେଇ ବୈଠକ କରିଥିଲେ। କୌଣସି ପରିସ୍ଥିତିରେ କର୍ମୀମାନେ ଯେପରି ଭାଜପା ସମାବେଶକୁ ନ ଯିବେ, ସେଥିଲାଗି ତୃଣମୂଳସ୍ତରରେ ଏକାଠି ହେବାକୁ ପରାମର୍ଶ ଦେଇଛନ୍ତି। ଏନେଇ ବିଧାୟକ ପ୍ରଦୀପ ସାହୁ କୁହନ୍ତି, ନିର୍ବାଚନରେ ହାରଜିତ ରହିଛି। ନବୀନ ସରକାରଙ୍କ ଅମଳରେ ବେଗୁନିଆର ଯଥେଷ୍ଟ ଉନ୍ନତି ହୋଇଛି। ଆଗକୁ ମଧ୍ୟ ବିକାଶ ଜାରି ରହିବ। ଆଗକୁ ସମୟ କହିବ, ବେଗୁନିଆ କାହା ହାତରେ ରହିବ। ଶଙ୍ଖ ବାଜିଲେ ସବୁ ଲୁଚିଯିବ। ଅନ୍ୟପଟେ ଏ ନେଇ ଖୋର୍ଦ୍ଧା ବିଧାୟକ ଜଗଦ୍ଦେବଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ରାଜପଥରେ ଓଲଟିଲା ମାଛ ବୋଝେଇ ପିକ୍‌ଅପ୍ ଭ୍ୟାନ



ରାସ୍ତା ଉପରେ ପଡ଼ିରହିଥିବା ମାଛ।

ଖୋର୍ଦ୍ଧା,୬।୫(ପ୍ରଭାତ ପାଣିଗ୍ରାହୀ)

ଜାତୀୟ ରାଜପଥରେ ଅଘଟଣ। ମଙ୍ଗଳବାର ରାତିରେ ଗଡ଼ଖୋର୍ଦ୍ଧା ବ୍ରିଜ ଉପରେ ଏକ ମାଛ ବୋଝେଇ ପିକ୍‌ଅପ୍ ଭ୍ୟାନ ଓଲଟି ପଡ଼ିଥିଲା। ଫଳରେ ମାଛ ରାସ୍ତା ଉପରେ ଚାରିଆଡ଼େ ପଡ଼ିଥିଲା। ରାଜପଥରେ କିଛି ସମୟ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ମାଛ ଏକାଠି କରିଥିଲେ। ଏହା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଭୂଷୁଣ୍ଡପୁରରୁ ଖୋର୍ଦ୍ଧା ଅଭିମୁଖେ ଗାଡ଼ି ଯାଉଥିବା ବେଳେ ଡ୍ରାଇଭର ଭାରସାମ୍ୟ ହରାଇବାକୁ ଗାଡ଼ିଟି ଓଲଟି ପଡିଥିବା କୁହାଯାଇଛି। ଏଥିରେ କେହି ଆହତ ହୋଇ ନ ଥିବା ବେଳେ ଶିଳ୍ପାଞ୍ଚଳ ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି।

# ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

ବାଣପୁର,୬।୫(ଦିଲୀପ କୁମାର ସ୍ୱାଇଁ)

ଆଦିବାସୀ ଅଧ୍ୟୁଷିତ ଦାମିଆ ବରବରା ଓ ନୀଳାଦ୍ରି ପ୍ରସାଦରେ ହାତୀପଲଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ନିକଟ ଜଙ୍ଗଲରେ ରହୁଥିବା ହାତୀପଲ ବିଭିନ୍ନ ସମୟରେ ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଅନେକ ସମୟରେ ହାତୀଙ୍କ ଆକ୍ରମଣରେ ଲୋକେ ଶିକାର ହେଉଥିବା ନଜିର ରହିଛି। ଏହିକ୍ରମରେ ସୋମବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ନୀଳାଦ୍ରିପ୍ରସାଦ ପଞ୍ଚାୟତ ରାଇପଡ଼ା ଗ୍ରାମର ସୁବାସ ପ୍ରଧାନ(୬୫)। ସୂଚନା ମୁତାବକ, ସୁବାସ ସୋମବାର ରାତିରେ କୌଣସି କାମରେ ଘର ବାହାରକୁ ଆସିଥିବା ବେଳେ ହଠାତ୍ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ସୁବାସଙ୍କ ଚିତ୍କାର ଶୁଣି ପରିବାର ଲୋକେ ଏବଂ ଗ୍ରାମବାସୀ ପହଞ୍ଚି ହାତୀକୁ ଘଉଡ଼ାଇଥିଲେ। ସୁବାସଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବାଣପୁର ଡାକ୍ତରଖାନା ପରେ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ଟ୍ରାକ୍ଟର ଧକ୍କାରେ ଯୁବକ ମୃତ, ଜଣେ ଗୁରୁତର

ଖୋର୍ଦ୍ଧା,୬।୫(ପ୍ରଭାତ ପାଣିଗ୍ରାହୀ)

୧୬ନମ୍ବର ଜାତୀୟ ରାଜପଥର ପିଏନ କଲେଜ ସର୍ଭିସ ରୋଡରେ ମଙ୍ଗଳବାର ଅପରାହ୍ନରେ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ହେଲେ ମୁକୁନ୍ଦପ୍ରସାଦ ଚାଟେରା ଶବର ସାହିର ମୋହନ ମାଝି(୨୦)। ତେବେ ଆହତ ବିକାଶ ନାୟକଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏମ୍‌ସରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ମୋହନ ଏବଂ ବିକାଶ ବାଇକରେ କଲେଜ ରୋଡରୁ ଘରକୁ ଯାଉଥିଲେ। ଏହି ସମୟରେ ପଛପଟୁ ଆସୁଥିବା ଅଳିଆବୁହା ଟ୍ରାକ୍ଟର ସେମାନଙ୍କୁ ଧକ୍କା ଦେଇଥିଲା। ବାଇକରୁ ଛିଟିକି ଉଭୟ ପଡ଼ି ଗୁରୁତର ଆହତ ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କର ମେଡିକାଲ ପଠାଇଥିଲା। ସେଠାରେ ଡାକ୍ତର ମୋହନଙ୍କୁ ମୃତ ଘୋଷଣା କରିଥିଲେ। ତେବେ ବିକାଶଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଏମ୍‌ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ମୃତକଙ୍କ ମା' ରୁନୁ ମାଝିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୧୬/୨୫) ରୁଜୁ କରିଛି।

# ସିବିଏସ୍‌ଇ ଡିଜିଲକର ଆକାଉଣ୍ଟ ପାଇଁ ଆକ୍ସେସ୍ କୋଡ୍

ଭୁବନେଶ୍ୱର,୬।୫(ସୁଚିସ୍ମିତା ସାହୁ)

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ (ସିବିଏସ୍‌ଇ) ପକ୍ଷରୁ ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ଡିଜିଲକର ଜାରି କରାଯାଇଛି। ଏହି ଡିଜିଲକର ଆକାଉଣ୍ଟ ଆକ୍ଟିଭେଟ୍ କରିବା ନିମନ୍ତେ ୬ ଅଙ୍କବିଶିଷ୍ଟ ଆକ୍ସେସ୍ କୋଡ୍ ଜାରି ହୋଇଛି। ଏହି ୬ ଅଙ୍କବିଶିଷ୍ଟ ଆକ୍ସେସ କୋଡ୍ ସିଷ୍ଟମ ଛାତ୍ରୀଛାତ୍ରଙ୍କ ଡାଟାର ସୁରକ୍ଷା ଓ ଗୋପନୀୟତାକୁ ଆହୁରି ମଜଭୁତ କରିବ। ଏହି କୋଡ୍ ଜରିଆରେ ଛାତ୍ରୀଛାତ୍ରମାନେ ନିଜ ଡିଜିଟାଲ ମାର୍କଶିଟ୍, ପାସ୍ ସାର୍ଟିଫିକେଟ ଏବଂ ମାଇଗ୍ରେଶନ ସାର୍ଟିଫିକେଟ ଆକ୍ସେସ୍ କରିପାରିବେ। ସ୍କୁଲ କର୍ତ୍ତୃପକ୍ଷ ନିଜ ଡିଜିଲକର ଆକାଉଣ୍ଟ ମାଧ୍ୟମରେ ଏହି ଆକ୍ସେସ କୋଡ୍ ଡାଉନଲୋଡ୍ କରି ଛାତ୍ରୀଛାତ୍ରଙ୍କୁ ଶେୟାର କରିବାକୁ ସିବିଏସ୍‌ଇ ପକ୍ଷରୁ କୁହାଯାଇଛି। ଚଳିତ ମାସରେ ପରୀକ୍ଷା ଫଳ ପ୍ରକାଶ ପାଇବାର ସମ୍ଭାବନା ରହିଛି। results.cbse.nic.in, cseresults.nic.in, cbse.gov.in ଏବଂ digilocker.gov.in ମାଧ୍ୟମରେ ରେଜଲ୍ଟ ଉପଲବ୍ଧ ହେବ। ସିବିଏସ୍‌ଇ ଗତ କିଛି ବର୍ଷ ହେବ ନ୍ୟାଶନାଲ ଇ-ଗଭର୍ନାନ୍ସ ଡିଭିଜନ(ଏନ୍‌ଇଜିଡି) ସହିତ ମିଳିତ ଭାବେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଡିଜିଲକର ଆକାଉଣ୍ଟ ତିଆରି କରୁଛି।


# ମକ୍‌ଡ୍ରିଲ ପାଇଁ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା,୬।୫(ପ୍ରଭାତ ପାଣିଗ୍ରାହୀ)



ବୈଠକରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅଧିକାରୀମାନେ।

ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ନେଇ ବୁଧବାର ରାଜ୍ୟର ବିଭିନ୍ନ ସ୍ଥାନରେ ମକ୍‌ଡ୍ରିଲ୍ କରାଯିବ। ଏହିକ୍ରମରେ ଖୋର୍ଦ୍ଧା ଜିଲାରେ ମକ୍‌ଡ୍ରିଲ ହେବ। ଏନେଇ ମଙ୍ଗଳବାର ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଓସୱାନ ସମ୍ମିଳନୀ କକ୍ଷରେ ଆଭାସୀ ମାମଧମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲାପାଳ କିଶୋର କୁମାର ପଣ୍ଡା, ଉପଜିଲାପାଳ ଭୁବନେଶ୍ୱର ଡ.ମନୋରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ହେବାକୁ ଥିବା ମକଡ୍ରିଲ ସମ୍ବନ୍ଧରେ ଆଲୋଚନା କରିଥିଲେ। ଜିଲାପାଳ ଆଭାସୀ ମାଧ୍ୟମରେ ଅତିରିକ୍ତ ଜିଲାପାଳ ଭୁବନେଶ୍ୱର ରୁଦ୍ର ନାରାୟଣ ମହାନ୍ତି, ପୋଲିସ ଉପାୟୁକ୍ତ, ଅଗ୍ନିଶମ ସେବା, ଭୁବନେଶ୍ୱର ମହାନଗର ନିଗମ, ଆଞ୍ଚଳିକ ପରିବହନ ଅଧିକାରୀ, ଭୁବନେଶ୍ୱର ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଦି ବିଭିନ୍ନ ଆପଦକାଳୀନ ଅଧିକାରୀଙ୍କ ସହ ଆଲୋଚନା କରି ମକଡ୍ରିଲକୁ ସଫଳ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଅପରାହ୍ନ ୪ଟାରେ ପୋଲିସ ବିଭାଗ ଦ୍ୱାରା ସାଇରନ ବଜାଯିବ। ପର୍ଯ୍ୟାକ୍ରମେ ୫ ମିନିଟ ପର୍ଯ୍ୟନ୍ତ ରାଜମହଲ ଛକ ପର୍ଯ୍ୟନ୍ତ ବାଜିବ। କୌଣସି ପରିସ୍ଥିତିରେ ଉକ୍ତ ସ୍ଥାନ ଦେଇ ଜନସାଧାରଣ, ପଶୁପକ୍ଷୀ ଯାନବାହାନ ନ ଯିବା ଆଦି ଉପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ସମ୍ଭାବ୍ୟ ଆକାଶମାର୍ଗରୁ ରେଡ ଖବର ପାଇବା ପରେ ଜନସାଧାରଣଙ୍କୁ ସଜାଗ କରାଯିବ। ସେମାନେ କିପରି ସୁରକ୍ଷିତ ରହିବେ ସେ ସମ୍ବନ୍ଧୀୟ ପଦକ୍ଷେପ, ଗଣମାଧ୍ୟମ ସଠିକ ସୂଚନା ଦେବା ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା । ବୈଠକରେ ଜିଲାସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଡେପୁଟି କଲେକ୍ଟର ନିବେଦିତା ପରିଡ଼ା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



ଯଦି କୌଣସି ସମସ୍ୟା ଆସେ– ତେବେ ତା'ସମ୍ବନ୍ଧେ ବିକ୍ଷିପ୍ତ ଭାବେ ମୁଣ୍ଡ ନ ଖେଳାଇ ଯଦି ଶୁଭେଚ୍ଛାର ଅଭୀପ୍ସା ନେଇ ଏକ ଶୁଭସଂକଳ୍ପ ପାଇଁ ପ୍ରୟୋଜନ ବୋଧ ସହିତ ନୀରବ ଓ ଶାନ୍ତଭାବେ ଅପେକ୍ଷା କର – ତେବେ ସମାଧାନ ଖୁବ୍‌ଶୀଘ୍ର ଆସିଥିବା– ଏବଂ ତୁମେ ନୀରବ ଥିବାରୁ ତାହା ଶୁଣିବାକୁ ସମର୍ଥ ହେବ। –ଶ୍ରୀମା



# କଫ୍ ସିରପ୍‌ର ମଜା

ଔଷଧର ବ୍ୟବସାୟିକ ଲାଭ ତୁଳନାରେ ମଣିଷ ଜୀବନ ଗୌଣ ହୋଇଗଲାଣି। ଯେଉଁ ଔଷଧ ଘାତକ, ତାହା ଉପରେ କାହାରି ଦୃଷ୍ଟି ନ ରହିଲା ଭଳି ମନେହେଉଛି। ଓଡ଼ିଶାରେ ବିଶେଷକରି ସମ୍ବଲପୁରରୁ ବାରମ୍ବାର ଜବତ ହେଉଥିବା କଫ୍ ସିରପ୍ ଏହା ପ୍ରମାଣ କରୁଛି। ମେ ୫ ତାରିଖରେ ସମ୍ବଲପୁର ପୋଲିସ ସହରର ବିଭିନ୍ନ ସ୍ଥାନରୁ ୫,୦୧୧ଟି କଫ୍ ସିରପ୍ ବୋତଲ ଜବତ କରିବା ସହ ୧୦ ଜଣଙ୍କୁ ଗିରଫ କରିଛି। ଏହାର ଦିନକ ପୂର୍ବରୁ ଅର୍ଥାତ୍ ମେ ୪ ତାରିଖରେ ବରଗଡ଼ ପୋଲିସ ୮୩୧ଟି କଫ୍ ସିରପ୍ ବୋତଲ ଜବତ କରି ୨ ଜଣଙ୍କୁ ଗିରଫ କରିଥିଲା। ଏମାନେ ସମସ୍ତେ ଓଡ଼ିଶାର। କିନ୍ତୁ ପଶ୍ଚିମବଙ୍ଗ ହାଓ୍ୱଡ଼ାରୁ ଏମାନେ କଫ୍ ସିରପ୍ ଆଣି ସମ୍ବଲପୁରର ବିଭିନ୍ନ ସ୍ଥାନରେ ବିକ୍ରି କରିଥା'ନ୍ତି ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସମ୍ବଲପୁରରେ ଏହା ପ୍ରଥମ ଘଟଣା ନୁହେଁ। ଅତୀତରେ ମଧ୍ୟ ବିପୁଳ ପରିମାଣରେ କଫ୍ ସିରପ୍ ଜବତ ହୋଇଛି। ଚଳିତବର୍ଷ ଫେବୃଆରୀ ୧୦ରେ ସମ୍ବଲପୁରରୁ ୧୨୮୭ ବୋତଲ ସିରପ୍ ଜବତ ହୋଇଥିଲା। ଏହା ସହ ୯ ଅକ୍ଟୋବର ୨୦୨୩ରେ ୫ ହଜାରରୁ ଅଧିକ ଏବଂ ୨୫ ମାର୍ଚ୍ଚ ୨୦୨୪ରେ ପାଖାପାଖି ୧୬ ହଜାର କଫ୍ ସିରପ୍ ବୋତଲ ଜବତ ହେବା ବେଧଡ଼କ ବେଆଇନ କାରବାରକୁ ସୂଚିତ କରୁଛି। ଦେଖିବାକୁ ଗଲେ ସମ୍ବଲପୁର କଫ୍ ସିରପ୍‌ର ପେଣ୍ଠ ପାଲଟିଗଲାଣି। ଏବେ ସମ୍ବଲପୁରରୁ ମୁଖ୍ୟତଃ କୋରାକ୍ସ ଓ ଓ୍ୱିନ୍ସିରେକ୍ସ କଫ୍ ସିରପ୍ ଜବତ ହେଉଛି। ବିନା ପ୍ରେସ୍‌କ୍ରିପ୍‌ସନରେ ଏସବୁ ବିକ୍ରି କରାଯାଇପାରିବ ନାହିଁ। କିନ୍ତୁ ଚୋରାରେ ଏହାକୁ ମାଦକ ଦ୍ରବ୍ୟ ଅର୍ଥାତ୍ ନିଶା ଦ୍ରବ୍ୟ ଭାବେ ବିକ୍ରି କରାଯାଉଛି। ପୂର୍ବରୁ ବଲାଙ୍ଗୀରରେ ନକଲି ଔଷଧ ପ୍ରସ୍ତୁତକର୍ତ୍ତାମାନେ ସକ୍ରିୟ ଥିଲେ। ଏବେ ବାହ୍ୟ ରାଜ୍ୟଠାରୁ ଅସଲି ଔଷଧ କିଣି ଆଣି ମାଦକ ଦ୍ରବ୍ୟ ଭାବେ ବିକ୍ରି କରିବାରେ ନୂଆ ଗ୍ୟାଙ୍ଗ ଗଢ଼ି ଉଠିଲାଣି। ଏଥିସହିତ ନିଶା ସେବନକାରୀମାନେ ବିନା ପ୍ରେସ୍‌କ୍ରିପ୍‌ସନରେ ଏହିସବୁ କଫ୍ ସିରପ୍ କିଣି ନେଇଯାଉଛନ୍ତି। ଏହିସବୁ ସିରପ୍ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ, ବିଶେଷକରି ପିଲାମାନଙ୍କ ପାଇଁ ଘାତକ।

ସମ୍ବଲପୁରରୁ ଜବତ ହେଉଥିବା କଫ୍ ସିରପ୍ ମାମଲାରେ ବେଆଇନ କାରବାରରେ ଜଡ଼ିତ ଲୋକଙ୍କୁ କେବଳ ଗିରଫ କରାଗଲେ ଏହାର ସମାଧାନ ବାଟ ବାହାରିବା କଷ୍ଟକର। ଏଠାରେ କୁହାଯାଇପାରେ ଯେ, କୌଣସି ରାଜ୍ୟ ସରକାର କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ମଧ୍ୟ କିଛି ପରିବର୍ତ୍ତନ ଦେଖାଯିବ ନାହିଁ। ଯେଉଁ ଔଷଧ କାରଖାନାରେ ଏସବୁ କାଶ ଔଷଧ ନିର୍ମିତ ହେଉଛି, ସେଠାରେ କୌଣସି ବେଆଇନ କାର୍ଯ୍ୟ ହେଉଥିବାର ପ୍ରମାଣ ମିଳିବା ଅସମ୍ଭବ। ଏହି ଉପଦ୍ରବକୁ ରୋକିବା ପାଇଁ ପୋଲିସର ଭୂମିକା ଅତ୍ୟନ୍ତ ଅର୍ଥହୀନ। କାରଣ ପୋଲିସ କିଛି କରିପାରିବ ନାହିଁ। ଗୋଟିଏ ପଟେ ନିଶାସକ୍ତଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରିବା ସହିତ ଅନ୍ୟପଟେ ଡ୍ରଗ୍ ଇନ୍ସପେକ୍ଟରମାନଙ୍କ ଦ୍ୱାରା କଡ଼ାକଡ଼ି ନିରୀକ୍ଷଣ କରାଇବା ଏକମାତ୍ର ବାଟ ବୋଲି କୁହାଯାଇପାରିବ। କାଶ ରୋକିବା ପାଇଁ ଔଷଧର ଚାହିଦା ରହିବା ସ୍ୱାଭାବିକ। ସମସ୍ୟାଟି ଉପୁଜୁଛି ଯେତେବେଳେ ତାହାର ବଦ୍‌ଉପଯୋଗ ହେଉଛି। ଭାରତରେ ତିଆରି ହେଉଥିବା କଫ୍ ସିରପ୍‌ର ଇତିହାସ ବିଦେଶରେ ମଧ୍ୟ ବଦନାମ ଅର୍ଜନ କରିଛି। ଉଦାହରଣ ସ୍ୱରୂପ, ୨୦୨୨ରେ ଗାମ୍ବିଆରେ, ଭାରତର ହରିୟାଣାରେ ଉତ୍ପାଦିତ କଫ ସିରପ୍ ସେବନ କରି ୭୦ ଜଣ ପିଲାଙ୍କର କିଡ୍‌ନୀ ନଷ୍ଟ ହେବା ସହ ମୃତ୍ୟୁ ଘଟିବା ଖବର ସାମ୍ନାକୁ ଆସିଥିଲା। ପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏସବୁ ସିରପ୍‌ର ଗୁଣବତ୍ତା ମାନ ପୂରଣ କରୁ ନ ଥିବା ଦର୍ଶାଇଥିଲା। ତଥାପି ଏହାର ଉତ୍ପାଦନ ଓ ଯୋଗାଣ ଉପରେ ଅଙ୍କୁଶ ଲାଗିପାରୁନାହିଁ। କେବଳ କଫ୍ ସିରପ୍ ନୁହେଁ, ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ବିଷାକ୍ତ ଔଷଧ ବେଆଇନ ଭାବେ ବିକ୍ରି ହେଉଛି। ଗତବର୍ଷ ଶେଷାର୍ଦ୍ଧରେ ଦି ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ବା ଭାରତୀୟ ଔଷଧ ମହାନିରୀକ୍ଷକ ୧୬ଟି ଔଷଧକୁ ବିଷାକ୍ତ ଘୋଷଣା କରିଥିଲା। ଉଲ୍ଲେଖନୀୟ ଯେ, ବିଷାକ୍ତ ଘୋଷିତ ୧୬ଟି ଔଷଧ ମଧ୍ୟରେ ରକ୍ତଚାପକୁ ନିୟନ୍ତ୍ରଣରେ ରଖୁଥିବା ଗ୍ଲେନ୍‌ମାର୍କର ଟେଲ୍‌ମା ଏଚ୍ ଓ ପିତ୍ତକୋଷ ପଥର ଚିକିତ୍ସାରେ ବ୍ୟବହୃତ ସନ୍‌ଫାର୍ମାର ଉର୍ସୋକୋଲ ୩୦୦ ରହିଥିଲା। ତେବେ ଦୁଇ ବୃହତ୍ ଭାରତୀୟ କମ୍ପାନୀର ଔଷଧ ନିୟାମକର ଗୁଣବତ୍ତା ଓ ସୁରକ୍ଷା ମାନକ ପୂରଣ ନ କରିପାରିବାକୁ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଏହା ବ୍ୟତୀତ ସେପ୍ଟେମ୍ବର ୨୦୨୩ରେ ଭାରତର ଶୀର୍ଷ ରେଗୁଲେଟର କୁହାଯାଉଥିବା ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ ଦ୍ୱାରା ଦେଶରେ ବିକ୍ରି ହେଉଥିବା ନକଲି କ୍ୟାନ୍‌ସର ଓ ଲିଭର ମେଡିସିନ ଉପରେ ସତର୍କତା ଜାରି କରାଯାଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ମଧ୍ୟ ଏ ସମ୍ପର୍କରେ ଚିନ୍ତା ପ୍ରକଟ କରିଥିଲା। ଉତ୍ପାଦିତ ଔଷଧଗୁଡ଼ିକୁ ସ୍ୱୀକୃତି ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ନିୟାମକ ସଂସ୍ଥାମାନେ କଡ଼ା ଯାଞ୍ଚ ଓ ପଦକ୍ଷେପ ନେଲେ ହୁଏତ ଔଷଧଗୁଡ଼ିକର ଗୁଣବତ୍ତା ରକ୍ଷା ହୋଇପାରନ୍ତା। କିନ୍ତୁ ସ୍ୱାଭାବିକ ଭାବେ ବିପୁଳ ଅର୍ଥ ଅର୍ଜନ କରୁଥିବା ଔଷଧକମ୍ପାନୀଗୁଡ଼ିକ ସରକାରୀ ଯାଞ୍ଚ ସଂସ୍ଥାମାନଙ୍କୁ ଯଥେଷ୍ଟ ଖୁସି କରି ରଖିଥା'ନ୍ତି। ତେଣୁ ସମ୍ବଲପୁରରେ ମୁଣ୍ଡ ଟେକିଥିବା କଫ୍ ସିରପ୍‌ର ମନ୍ଦ ବ୍ୟବହାରକୁ ଅଟକାଇବା ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ଭାବେ ମନେହେଉଛି।

# ରେକର୍ଡ ମାୟାରେ ବାୟା



ନିରଞ୍ଜନ ସାହୁ

ରେକର୍ଡ କରିବାର ନିଶା ଗୋଟିଏ ଗଢ଼ିବାର ନିଶା ନା ଭାଙ୍ଗିବାର, ତାହା ଅନେକ ସମୟରେ ଏକ ପ୍ରଶ୍ନବାଚୀ ପାଲଟିଯାଏ। ନୂଆ ରେକର୍ଡ ହେଉ ହେଉ ପୁରୁଣାଟି ଆପେ ଆପେ ଭାଙ୍ଗିଯାଏ, ତାକୁ ଭାଙ୍ଗିବାକୁ ପଡ଼େନି। ସେଇଆକୁ ଲକ୍ଷ୍ୟ କରି ବୋଧହୁଏ, କେବେ କବିଙ୍କ ଲେଖନୀରୁ ଝରି ଆସିଥିଲା ହୃଦୟଗ୍ରାହୀ ପଦଟିଏ– 'ଏକର ବିନାଶେ ଆରେକ ପ୍ରକାଶେ ଏତ ସୃଷ୍ଟି ନିତ୍ୟ ବିଧି।'

ଏବେ ଖୁବ୍ ନିକଟରେ ଗୋଟିଏ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି ଆମେରିକାର ଡିମୋକ୍ରାଟ ଦଳର ସିନେଟର କୋରୀ ବୁକର– ସେ ବିନା ବିରାମରେ ପଚିଶ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ସିନେଟରେ ଭାଷଣ ଦେଇ ନିଜ ନାଁରେ ଯୋଡ଼ିଛନ୍ତି ଏଇ କୀର୍ତ୍ତି। ଏକାଦିକ୍ରମେ କହିଲେ, ଯଦିଓ ବୁଝାଏ ସେ ଏକୁଟିଆ ହିଁ କହୁଥିଲେ, ତା' ନୁହେଁ ମଝିରେ ମଝିରେ ତାଙ୍କୁ କିଛି ପ୍ରଶ୍ନ ପଚରା ଯାଉଥିଲା ଓ ତା'ର ସେ ଉତ୍ତର ଦେଉଥିଲେ। ଅର୍ଥାତ୍ ମଝିରେ ମଝିରେ ଟିକିଏ ନିଃଶ୍ୱାସ ନେବାକୁ ତାଙ୍କୁ ଆପେ ଆପେ ଫୁରୁସତ୍ ମିଳିଯାଉଥିଲା ସେଇ କ୍ରମରେ। ଅବଶ୍ୟ ତାଙ୍କ ଦେଶର ଆଇନ ସେମିତି କରିବାକୁ ଅନୁମତି ରହିଛି। ତାଙ୍କ ଆଗରୁ ଷ୍ଟର୍ମ ଥର୍ମାଣ୍ଡଙ୍କ ନାଁରେ ସେଇ ରେକର୍ଡଟି ଥିଲା, ଯିଏ କି ୧୯୫୭ରେ ଚବିଶଘଣ୍ଟା ଅଠର ମିନିଟ୍ ଭାଷଣ ଦେଇ ରେକର୍ଡ ସୃଷ୍ଟି କରିଥିଲେ।

ରେକର୍ଡ କହିଲେ, ସାଧାରଣ ଭାବରେ ଗୋଟାଏ ଧାରଣା ରହିଛି, ଏକ ବିଶେଷ ସ୍ୱୀକୃତିର ତାହା ହେଲା ଯେମିତି କେହି ଜଣେ ଅସାଧାରଣ କୀର୍ତ୍ତିର ଅଧିକାରୀ ହେଲେ ତାଙ୍କୁ 'ରେକର୍ଡ କଲେ' ବୋଲି କୁହାଯାଏ। ତାଙ୍କ ଉପରେ ଫୁଲ ବର୍ଷାହୁଏ, କେବେ ପୁରସ୍କାର ମିଳେ, ଅନେକ ଲୋକଙ୍କର ନଜର ତାଙ୍କ ଉପରେ ପଡ଼େ। ଅନେକ ରେକର୍ଡ ନିତିଦିନ ତିଆରି ହୁଏ ସେମିତି ରେକର୍ଡ ନିଶା ଏତେ ବଢ଼ିଯାଇଛି ଯେ ସଂପୃକ୍ତ କାମଟି ଉପଯୋଗୀ କି ନୁହେଁ ତାକୁ ବୁଝିବାକୁ ଆଜି ଯେମିତି କାହାରି ବେଳ ନାହିଁ।

କେହି ଜଣେ ଜମି କିଣିଲା ପରେ ତାକୁ ନିଜ ନାଁରେ କରେଇ ନିଅନ୍ତି– ଯାହାକୁ ଦାଖଲ ଖାରଜ କୁହାଯାଏ। ଅର୍ଥାତ୍ ପୁରୁଣା ମାଲିକଙ୍କ ନାଁ ଖାରଜ ହୁଏ ଏବଂ ନୂଆ କ୍ରେତାଙ୍କ ନାଁ ସେଇ ଦରଜ ହୁଏ। ଏଥିରୁ ଆମେ ଅନୁମାନ କରିପାରିବା ରେକର୍ଡ ଅର୍ଥ କିଛି ଉଲ୍ଲେଖଯୋଗ୍ୟ କୃତି ନୁହେଁ ବରଂ ଯେତେ ମାମୁଲି ଜିନିଷ ଲେଖା ହୋଇ ରହିଲେ ତାହା ରେକର୍ଡ ପର୍ଯ୍ୟାୟଭୁକ୍ତ ସେଇ ଦୃଷ୍ଟିରୁ ଆମମାନଙ୍କ ମନଭିତରେ ରହିଥିବା ଧାରଣା ହୁଏତ ସଂଶୋଧନ ସାପେକ୍ଷ।

ଆଗରୁ ଗୋଟିଏ କଥା ଗାଁ ଗହଳିରେ ପ୍ରଚଳିତ




ଥିଲା– ସେଇଟି ହେଲା– ମନ୍ଦିର ତୋଳିଲେ ନାଁ, ବାଟରେ ଝାଡ଼ାଗଲେ ବି ନାଁ। ଅର୍ଥାତ୍ ଭଲ କାମ କଲେ ତାହା ନଥିରେ ଚଢ଼େ ଖରାପ କାମରେ ବି। ଅବଶ୍ୟ ପାଠକେ ବୁଝିବା କଥା, ପ୍ରଥମଟି ହେଲା ନାଁ କରିବା ଆଉ ଦ୍ୱିତୀୟଟି ହେଲା ନାଁ ପକେଇବା; ଉଭୟରେ ଯଦିଓ ନାଁ ଶବ୍ଦଟି ରହିଛି ପ୍ରଥମଟିରେ ଏହାର ବ୍ୟବହାର ଏକ ସକାରାତ୍ମକ କ୍ଷେତ୍ରର ଉପଲବ୍ଧି ଏବଂ ଦ୍ୱିତୀୟ କ୍ଷେତ୍ରରେ ତାହା ଏକ ନକାରାତ୍ମକ ଟିପ୍ପଣୀ, ଯାହା ଆଣିଦିଏ ଅପଯଶ। ମାତ୍ର ଆଜିକାଲି ଲୋକମାନେ ଯାହା ହେଲେ ବି ଗୋଟେ ଆପଣେଇବା ଚାହାନ୍ତି।

ଆଜିକାଲିର ଯୁବ ପିଢ଼ିଙ୍କ ଭିତରେ ଏକ ପ୍ରବଣତା ସୃଷ୍ଟି ହୋଇଛି ଯେମିତି ଯେନତେନ ପ୍ରକାରେଣ ତାଙ୍କର ରେକର୍ଡ ଦରକାର। ଆଉ ସେମିତି ସାର୍ଟିଫିକେଟ ବାଣ୍ଟିବାପାଇଁ ଅନୁଷ୍ଠାନମାନଙ୍କର ବି ଅଭାବ ନାହିଁ, ଯେମିତି ଗିନିଜ ବୁକ୍ ଅଫ୍ ରେକର୍ଡସ, ଲିମକା ବୁକ୍ ଅଫ୍ ରେକର୍ଡସ, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ଇତ୍ୟାଦି।

ରେକର୍ଡ କହିଲେ, ଆମ ଭିତରୁ ଯେମିତି କେହି ମନେ ପକେଇ ଦିଏ– କିଛି ଗୋଟାଏ ପରୀକ୍ଷା ହେଉଥିବ ଯିଏ ସବୁଠୁ ବେଶି ନମ୍ବର ରଖିଲା, ତାକୁ କୁହାଯାଏ ସିଏ ରେକର୍ଡର ଅଧିକାରୀ କିମ୍ବା ଗୋଟିଏ ସ୍ପୋର୍ଟ୍ସ କମ୍ପିଟିସନ୍ ହେଉଥିଲେ ଯିଏ ସର୍ବୋତ୍ତମ ସ୍ଥାନ ଅଧିକାର କରେ ସିଏ ହୁଏ ରେକର୍ଡର ଅଧିକାରୀ। କ୍ରିକେଟ ଆଜିକାଲି ଯୁବପିଢ଼ିଙ୍କ ମନ ଭିତରେ ଯେମିତି ପଶିଯାଇଛି ଯେ ଗୋଟିଏ ଆଇ.ପି.ଏଲ୍. ମ୍ୟାଚ ଦେଖିବାକୁ ହଜାର ହଜାର କିଲୋମିଟର ଯାଇ ତାହା ଦେଖିବାକୁ ନିଜ ନିଜ ଭିତରେ ପ୍ରତିଯୋଗିତା ଚାଲିଛି। କ୍ରିକେଟ ଏତେ ଅଧିକ ଲୋକପ୍ରିୟ ହେବାର ଆଉ ଗୋଟିଏ ବିଶେଷ କାରଣ ହେଲା ସେଥିରେ ରେକର୍ଡ ସଂଖ୍ୟା ଅନ୍ୟ ଯେକୌଣସି ଖେଳଠୁ ଅଧିକ। ବଲ୍‌ଟିଏ ବୋଲିଂ ହେବା ମାତ୍ରେ ରେକର୍ଡରେ ତାହା ଯୋଡ଼ି ହୋଇଯାଏ। ଏମିତି କି ଗୋଟିଏ ଇନିଂସ ଭିତରେ କିଏ କେତୋଟି ଚାରି ବା ଛଅ ମାରିଲା ତାକୁ ନେଇ ବି ରେକର୍ଡ।

ଆଉ ଯେଉଁ ରେକର୍ଡ ଦେବାପାଇଁ ସଂସ୍ଥାମାନେ ଅଛନ୍ତି ସେମାନେ ଯୁବପିଢ଼ିଙ୍କ ମନ ଆଉ ମଗଜକୁ ଠିକ୍ ତଉଲିଥାନ୍ତି। ଧରନ୍ତୁ ଆପଣ ଲିମ୍‌କା ବୁକ୍ ଅଫ୍ ରେକର୍ଡସ୍‌କୁ ଜଣେଇଲେ ଆପଣ ବିଧାମାରି ଗୋଟିଏ ମିନିଟ୍‌ରେ ସର୍ବାଧିକ ପଇଡ଼ ଫଟେଇ ପାରିବେ– ଆପଣଙ୍କୁ ଗୋଟିଏ ଭିଡିଓ ପଠେଇବା ପାଇଁ ସେମାନେ କହିପାରନ୍ତି ଏବଂ ଆପଣ ତାଙ୍କର ନିୟମ ମୁତାବକ ଦେୟ ଡିପୋଜିଟ୍ କଲେ ତାଙ୍କ ତରଫରୁ ପର୍ଯ୍ୟବେକ୍ଷକ ନିର୍ଦ୍ଦିଷ୍ଟ ଦିନରେ ଆପଣଙ୍କ ପ୍ରସ୍ତାବିତ ସ୍ଥାନରେ ପହଞ୍ଚିଯିବେ। ଆପଣ ଯେଉଁ କଳା ପ୍ରଦର୍ଶନ କରିବେ ତା'ର ଭିଡିଓ କରିବା ସହିତ ଆପଣଙ୍କୁ ଗୋଟିଏ ସାର୍ଟିଫିକେଟ ଧରେଇ ଦେବେ। ଅର୍ଥାତ୍ ଆପଣ ବିଧାମାରି ମିନିଟରେ ଏତେ ସଂଖ୍ୟକ ପଇଡ଼ ଫଟେଇଛନ୍ତି। ଅଦ୍ଭୁତ ରକମର ଖେଳକୁ ଏଇ ପର୍ଯ୍ୟାୟରେ ଗ୍ରହଣ କରାଯାଇପାରେ– ଯାହାର କୌଣସି ଠିକଣା କି ପରିଭାଷା ଖେଳ ଜଗତରେ ନାହିଁ– ମାତ୍ର ଆପଣ ଗୋଟିଏ ରେକର୍ଡର ଅଧିକାରୀ ହେଲେ ବୋଲି ପରିଗଣିତ ହେବେ, ଯାହାର କୌଣସି ଉପଯୋଗିତା ନାହିଁ। ଯାହାର ସାମାଜିକ ଯଥାର୍ଥ ନାହିଁ, ସେପରି ରେକର୍ଡ ବା ପ୍ରଶଂସାପତ୍ରର କିଛି ଆବଶ୍ୟକତା ଅଛି କି? ଯେମିତି କିଏ ମିନିଟିଏ ସମୟରେ ଶହେପାଞ୍ଚ ଅଣ୍ଡା ଗିଳିଲା, କିଏ ଏକ ଗୋଡ଼ିଆ ହୋଇ ଦେଢ଼ଦିନ ଠିଆ ହେଲା ଇତ୍ୟାଦି।

ବହୁ ପ୍ରାଚୀନ କାଳରେ ଭଗବାନଙ୍କ ନିକଟରେ ଲୋକେ ନିଜର ସନ୍ତାନ ସନ୍ତତିଙ୍କ ପାଇଁ କିଛି ଯାଚା କଲାବେଳେ ଶ୍ଳୋକ ପାଠ କରୁଥିଲେ। 'ଆୟୁ ଦେହୀ ଯଶୋ ଦେହୀ ଦେହୀ ମେ ଗଣନାୟକ', ଅର୍ଥାତ୍ କେବଳ ଆୟୁଷ ଦେଲେ ତାହା କୌଣସି କାମକୁ ନୁହେଁ ଯଦି ସେଇ ସମୟ ଭିତରେ ମଣିଷ ଯଶର ଅଧିକାରୀ ନ ହେଲା। ମନେପଡୁଛି ପୁତନାଙ୍କ ମୁହଁରେ ଅବତାରଣା କରାଯାଇଥିବା ଏକ ସଂସ୍କୃତ ଶ୍ଳୋକର ଅର୍ଥ– ଯେଦିଓ ପୃଥିବୀ ତୁଳନାରେ ପୃଥିବୀରେ ଥିବା ପର୍ବତ ସାନ ମାତ୍ର ଶବ୍ଦତତ୍ତ୍ୱ ଅନୁସାରେ ତାହା ପୃଥିବୀଠାରୁ ଭାରୀ କାରଣ ପର୍ବତକୁ କୁହାଯାଏ ମହୀଧର। ପର୍ବତକୁ ନିଜର ଅଙ୍ଗୁଳିରେ ଟେକି ଧରିଥିଲେ ବୋଲି ଶ୍ରୀକୃଷ୍ଣଙ୍କୁ କୁହାଯାଏ ଗୋବର୍ଦ୍ଧନଧାରୀ। ହେଲେ ସେଇ ଶ୍ରୀକୃଷ୍ଣଙ୍କୁ ପୁତନା ଯେହେତୁ ନିଜର ସ୍ତନପାନ କଲାବେଳେ ସ୍ତନାଗ୍ରରେ ଟେକି ଦେଇଥିଲା ସେଇ କ୍ରମରେ ସେ କହୁଛି ମୋତେ ଶ୍ରୀକୃଷ୍ଣଙ୍କଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେକରାଯିବା କଥା ମାତ୍ର ସତରେ ତାହା ହେଲା କି ତାହା ଥିଲା ଏକ ଘୃଣ୍ୟକାମ। ସେ ଆସିଥିଲା କଂସର ନିର୍ଦ୍ଦେଶରେ ଶ୍ରୀକୃଷ୍ଣଙ୍କୁ ବଧ କରିବାପାଇଁ। ତେଣୁ ତାହାର ସାମୟିକ କର୍ମ ପାଇଁ ତାଙ୍କୁ ଜୀବନ ସାରା ଲଜ୍ଜା ସହିବାକୁ ହେଲା। ସଂକ୍ଷିପ୍ତରେ କହିଲେ ଯେଉଁ କାମ କଲେ ଜଣେ ଯଶପ୍ରାପ୍ତି କରେ ତାହାସିନା ଯୁବପିଢ଼ିଙ୍କର ଧ୍ୟେୟ ହୁଅନ୍ତା। ତୁଚ୍ଛା ରେକର୍ଡ ଖାଲି ପୁତନାର ଦୀର୍ଘଶ୍ୱାସ ସିନା– ଏଇଆ କ'ଣ ମନେରଖିବେ ଆଜିର ଯୁବସମାଜ।

ମୋ: ୯୪୩୮୪୮୨୯୧୧

# ଶିକ୍ଷା ବନାମ ସାକ୍ଷରତା



ଇପ୍ସିତା ମହାନ୍ତି

୧୯୮୬ରେ ପ୍ରଥମ ଥର ପାଇଁ 'ସମସ୍ତଙ୍କ ପାଇଁ ଶିକ୍ଷା'ର ନାରା (ସ୍ଲୋଗାନ) ଦିଆଯାଇଥିଲା। ଯାହା ଏଯାଏ ଶୁଭୁଛି। ଏହା ନୂଆ ନୁହେଁ। ଏପ୍ରିଲ ୨୦୨୫ରେ ଅର୍ଥାତ୍ ଶିକ୍ଷାବର୍ଷ ୨୦୨୫–୨୬ରୁ ଆମ ରାଜ୍ୟରେ ନୂତନ ଶିକ୍ଷାନୀତି ୨୦୨୦ କାର୍ଯ୍ୟକାରୀ ହୋଇଛି। ଏଥିପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସମସ୍ତଙ୍କ ପାଇଁ ଶିକ୍ଷା ଉପଲବ୍ଧ ହେବା ଉଚିତ, ସମସ୍ତେ ଶିକ୍ଷିତ ହେବା ଉଚିତ ଏକଥା ଭାରତର ସମ୍ବିଧାନରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଶିକ୍ଷାର ସାର୍ବଜନୀନକରଣ ହେବା ଉଚିତ। କିନ୍ତୁ ଏସବୁର ଉଦ୍ଦେଶ୍ୟ କ'ଣ ? ଶିକ୍ଷା କ'ଣ ଲୋକମାନଙ୍କୁ ପଢ଼ିବା ଏବଂ ଲେଖିବାର କ୍ଷମତା ଦେବ ? ଅବା ଶିକ୍ଷା ଦ୍ୱାରା ଲୋକଙ୍କ ମଧ୍ୟରେ ଏପରି କିଛି ଶକ୍ତି ଜାଗ୍ରତ ହେବ, ଯଦ୍ୱାରା ସେମାନେ ଦୁର୍ବଳ ଅନୁଭବ କରିବେ ନାହିଁ ଏବଂ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ଅନୁଭବ କରିବା ପରିବର୍ତ୍ତେ ନିଜ ମଧ୍ୟରେ ଭିନ୍ନ ଏକ ଶକ୍ତି ଜାଗ୍ରତ କରିପାରିବେ ? ବାସ୍ତବରେ ଶିକ୍ଷା ସେହି ଶକ୍ତିକୁ ଜାଗ୍ରତ କରିଥାଏ, ଗୁଣକୁ ଅର୍ଜିତ କରିବା ସହିତ ବିକଶିତ କରିଥାଏ। ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେଉଛି ଜାଗ୍ରତ କରିବା। କୌଣସି ନୂତନତ୍ୱ ଆଣିବା ପରିବର୍ତ୍ତେ ଶିକ୍ଷା ବ୍ୟକ୍ତିର ଅନ୍ତର୍ନିହିତ ଶକ୍ତିକୁ ବିକଶିତ କରିଥାଏ। କିନ୍ତୁ କିଭଳି ଏବଂ କେତେ ବିକାଶ ଘଟିବ ତାହା ନୂତନ ଶିକ୍ଷାନୀତିର ଶିକ୍ଷା ବ୍ୟବସ୍ଥା ଉପରେ ନିର୍ଭର।

ଯେତେବେଳେ ଆମେ ଶିକ୍ଷା ଓ ଶିକ୍ଷିତ ପ୍ରସଙ୍ଗ ଉପରେ ଆଲୋଚନା କରୁ ସେତେବେଳେ କୃଷକ ପ୍ରଶ୍ନ କରେ ଏଥିରୁ ମୁଁ କି ଲାଭ ପାଇବି ! ମହିଳାମାନେ ପଚାରନ୍ତି ଏଥିରୁ ଆମକୁ କି ଲାଭ ମିଳିବ ! ଯେଉଁମାନେ ଚାଷ କରିବା ଜାଣନ୍ତି, ସେମାନେ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇ ପାରନ୍ତି । ନିଜ ପାଇଁ ଆୟ କରିପାରନ୍ତି। ପଢ଼ିବା ଏବଂ ଲେଖିବା ଯେ ସେମାନଙ୍କୁ କୌଣସି ବିଶେଷ ଲାଭ ପ୍ରଦାନ କରିବ ! ଶିକ୍ଷା ସେମାନଙ୍କୁ ନୂତନ ସୂଚନା ଦେବ ! ଏଥିରୁ ସେମାନେ କିଛି ନୂଆ ଶିଖିବେ ! ନୂତନ ଆଲୋକ ପାଇବେ ! ଆମେ ଏପରି ପ୍ରଶ୍ନର ଉତ୍ତର ହଁରେ ଦେବାକୁ ଅସମର୍ଥ। ଆମେ କେବଳ ଏହା କହିଥାଉ ଯେ ପଢ଼ିବା ଏବଂ ଲେଖିବା ଦ୍ୱାରା ଅନ୍ଧକାର ଦୂର ହେବ। ଯଦି ଆମେ କିଛି ଲେଖାପଢ଼ା ଶିଖିଯିବା ତେବେ ପୂର୍ବ ତୁଳନାରେ ଆମେ ଉନ୍ନତତର ହୋଇଯିବା। 'କ–ଖ–ଗ' ଅର୍ଥାତ୍ ବହିର କିଛି ଅକ୍ଷର ପଢ଼ିଦେଲେ ଯେ ପୂର୍ବାପେକ୍ଷା ଉନ୍ନତତର ହୋଇଯିବା ଏକଥାର ମର୍ମ ଏଯାଏ ବୁଝି ହୁଏନି। ଶିକ୍ଷା ଯେ ପର୍ଯ୍ୟନ୍ତ ସୁପ୍ତ ଥିବା ଶକ୍ତିକୁ ଜାଗ୍ରତ ନ କରାଇଛି ସେ ପର୍ଯ୍ୟନ୍ତ କୌଣସି ବ୍ୟକ୍ତିର ଗୁଣଗୁଡ଼ିକ ବିକଶିତ ହେବନାହିଁ। ଏହାକୁ ଶିକ୍ଷା କୁହାଯାଇ ପାରିବ ନାହିଁ। ନିଜ ସମସ୍ୟାର କିପରି ବିଶ୍ଳେଷଣ କରିବ, ସମାଧାନର ପନ୍ଥା କିପରି ଖୋଜିବ, ସାମୂହିକ ଭାବରେ ଏହାର ସମାଧାନ କିପରି କରାଯିବ – ଏହି ବିଷୟଗୁଡ଼ିକ ଉପରେ ଶିକ୍ଷା ଯେ ପର୍ଯ୍ୟନ୍ତ ଆଲୋଚନା ନ କରିଛି, ଯେ ପର୍ଯ୍ୟନ୍ତ ଏହା ଲୋକଙ୍କୁ ସାମୂହିକ ଭାବରେ ବଞ୍ଚିବାକୁ ଶିଖାଏ ନାହିଁ ଏବଂ ସାମୂହିକ ଭାବରେ ନିଜ ଶକ୍ତି ଜାଗ୍ରତ କରିବାକୁ ଲକ୍ଷ୍ୟ ରଖି ନାହିଁ, ସେ ପର୍ଯ୍ୟନ୍ତ ଆଗକୁ ବଢ଼ିବା ସମ୍ଭବ ନୁହେଁ।

ସର୍ବଶିକ୍ଷା ନିଜେ ଅତିବ୍ୟାପକ। ବ୍ୟକ୍ତି ତଥା ସମାଜର ପରିବର୍ତ୍ତନ ତଥା ଜାଗୃତି ପାଇଁ ସର୍ବଶିକ୍ଷା ଅଭିଯାନ ଆବଶ୍ୟକ। ସାକ୍ଷରତା ବିଷୟରେ ଜନସଚେତନତା ସୃଷ୍ଟି କରିବାକୁ ପଡ଼ିବ। ଲୋକଙ୍କ ଶକ୍ତି ଜାଗ୍ରତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାକ୍ଷରତା ଅଭିଯାନ ବିଷୟରେ ଆଲୋଚନା କରିବା ପୂର୍ବରୁ, ପ୍ରଥମେ ସାକ୍ଷରତା



କ'ଣ ଜାଣିବା ଆବଶ୍ୟକ। ସାକ୍ଷରତାର ଅର୍ଥ ହେଉଛି ସମାଜର ଯେଉଁମାନେ ଲେଖାପଢ଼ା ଜାଣନ୍ତି ନାହିଁ, ଶିକ୍ଷାର ଆଲୋକଠାରୁ ଦୂରରେ ଅଛନ୍ତି ସେମାନଙ୍କୁ ସାକ୍ଷର କରିବା। ସମାଜକୁ ବୁଝିବା ପାଇଁ ସାକ୍ଷରତା ହିଁ ନୂତନ ଦର୍ଶନ ପ୍ରଦାନ କରେ। ସମସ୍ୟାଗୁଡ଼ିକୁ ବୁଝିବା ପାଇଁ ଏହା ମାର୍ଗଦର୍ଶନ କରେ। ଏହା ଏକ ଅର୍ଥପୂର୍ଣ୍ଣ କର୍ତ୍ତବ୍ୟ, ଯାହାଦ୍ୱାରା ନିଜ ଭାବନାକୁ ଆମେ ଠିକ ଭାବରେ ପ୍ରକାଶ କରନ୍ତି। ନିରକ୍ଷର ବ୍ୟକ୍ତିର ବୁଝିବା ଏବଂ ବିଚାର କରିବା ଶକ୍ତି ଅପେକ୍ଷାକୃତ କମ୍ ହୋଇଥାଏ। ଦ୍ରୁତ ଗତିରେ ଦୌଡ଼ି ଚାଲୁଥିବା ଆଜିର ଏହି ଦୁନିଆରେ ଆନୁଷ୍ଠାନିକ ଶିକ୍ଷାର ଅଭାବରେ କାଗଜପତ୍ର ଏବଂ ଅନଲାଇନ ଦୁନିଆରୁ ସୁରକ୍ଷା ମିଳିବ ନାହିଁ। ଅନ୍ୟର ସାହାଯ୍ୟ ସହଯୋଗରେ ହିଁ ସେ ଏହି ବଳୟ ମଧ୍ୟରୁ ବାହାରି ପାରିବ।

ସାକ୍ଷରତା କେବଳ ଅକ୍ଷର ଏବଂ ସଂଖ୍ୟାର ଖେଳ ନୁହେଁ। ଏହା ମାଧ୍ୟମରେ ଏକସଙ୍ଗେ ଅନେକ ମାର୍ଗ ଖୋଲିଯାଏ। ସାମାଜିକ ଏବଂ ଭାବଗତ ଏକତା, ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ, ଛୋଟ ପରିବାରର ଧାରଣା, ପରିବେଶର ସୁରକ୍ଷା ଏବଂ ମହିଳାଙ୍କ ସମାନତା ଏସବୁ ଏହାର ଅଂଶ ବିଶେଷ। ସଂଖ୍ୟା ଓ ଅକ୍ଷରର ସମାହାର ହେଉଛି ଆଲୋକ ଜଗତ। ଆଲୋକ ବିସ୍ତାରିତ ହେଲେ କୌଣସି କୋଣ ଅନ୍ଧକାର ରହିବ ନାହିଁ। ମାର୍ଚ୍ଚ ୧୯୯୦ରେ ଥାଇଲାଣ୍ଡର ଜୋମଟିନ ନାମକ ସଂସ୍ଥା ଏକ ବିଶ୍ୱ ସମ୍ମିଳନୀ ଆୟୋଜନ କରିଥିଲା। ଏହାର ବିଷୟ କ୍ଷେତ୍ର ଥିଲା ଅତି ବ୍ୟାପକ। ଶିଶୁମାନଙ୍କ ପାଇଁ ପ୍ରାକ ପ୍ରାଥମିକ, ବାଳକ ବାଳିକାଙ୍କ ପାଇଁ ପ୍ରାଥମିକ ଏବଂ ଯୁବକ, ପ୍ରୌଢ଼ମାନଙ୍କ ପାଇଁ ସାକ୍ଷରତା ଓ ଦକ୍ଷତା କୌଶଳ ତାଲିମ ବିଷୟରେ ଅନେକ କଥା ଗୋଟିଏ ମଞ୍ଚରେ କୁହାଯାଇଥିଲା, ଶୁଣାଯାଇଥିଲା ଏବଂ ଚିନ୍ତା କରାଯାଇଥିଲା।

ବିକାଶର ପ୍ରଥମ ସର୍ତ୍ତ ହେଉଛି ଶିକ୍ଷା। ଶିକ୍ଷା ପାଇଁ ହିଁ ମାନବ ଆଜି ଶ୍ରେଷ୍ଠ ସମ୍ବଳ। ଶିକ୍ଷା କ୍ଷେତ୍ରରେ ଯାହା ବି ଖର୍ଚ୍ଚ ହୁଏ ତାହା ମାନବଙ୍କ ପାଇଁ ଖର୍ଚ୍ଚ ହୁଏ। ଏକ କାରଖାନାରେ ମେଶିନ (ଯନ୍ତ୍ରପାତି) ସ୍ଥାପନ କରାଯାଏ। ସେଥିରୁ ଯାହା ଉତ୍ପାଦିତ ହୁଏ ତାହା ଆମ କାମରେ ଆସେ। କିନ୍ତୁ ଶିକ୍ଷା ମାଧ୍ୟମରେ ଆମେ ମାନବଙ୍କ ଉପରେ ଅଧିକ କିଛି ଖର୍ଚ୍ଚ କରି ଦେଶକୁ ଏଭଳି ଏକ ସଂସାଧନ ଦେବାକୁ ପ୍ରୟାସ କରିବା ଉଚିତ, ଯାହା ବିକାଶକୁ ତ୍ୱରାନ୍ୱିତ କରିପାରିବ। ଏହି ଲକ୍ଷ୍ୟରେ ଦେଶର କୋଟି କୋଟି ପୁରୁଷ ଏବଂ ମହିଳାଙ୍କୁ ସାକ୍ଷର କରି ସେମାନଙ୍କୁ ଜାତୀୟ ବିକାଶର ଅଂଶୀଦାର କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ସାକ୍ଷରତା ମିଶନକୁ ଜନ ଅଭିଯାନ ରୂପରେ ଆରମ୍ଭ କରାଯାଇଛି।

୨୦୩୦ ସୁଦ୍ଧା ସମ୍ପୂର୍ଣ୍ଣ ସାକ୍ଷରତାର ଲକ୍ଷ୍ୟ ହାସଲ ଉପରେ ନୂତନ ଶିକ୍ଷା ନୀତି ଗୁରୁତ୍ୱ ଦେଇଛି। ଲୋକଙ୍କୁ ବ୍ୟବହାରିକ ଜ୍ଞାନ କୌଶଳ ବିଷୟରେ ଶିକ୍ଷା ଦେବା ଉଭୟ ଶିକ୍ଷା ଏବଂ ସାକ୍ଷରତାର ପ୍ରୟାସ ହେବା ଉଚିତ। ସମସ୍ତଙ୍କ ପାଇଁ ଏହା ଏକ ବିଚାରଯୋଗ୍ୟ ବିଷୟ। ଏପରି କୌଶଳ ଲୋକଙ୍କୁ ଦୈନନ୍ଦିନ ଜୀବନରେ ସାହାଯ୍ୟ କରିବ ଏବଂ ସହଜରେ ସେମାନେ ନିଜ ଗୋଡ଼ରେ ଠିଆ ହୋଇପାରିବେ। ଲେଖିବା ଏବଂ ପଢ଼ିବା ଏକ ବ୍ୟବହାରିକ କୌଶଳ। ଏହି କୌଶଳ ବିନା ଜୀବନ ଜଟିଳ ହୋଇଯାଏ। ନିରକ୍ଷର ସହ ଅଧାରୁ ପ୍ରାଥମିକ ଶିକ୍ଷା ଛାଡୁ ଥିବା ବ୍ୟକ୍ତି ଅଶିକ୍ଷାର ବଳୟ ମଧ୍ୟରେ ରହିଯାଏ। ସମାଜ ସେମାନଙ୍କୁ ନୀଚ ଦୃଷ୍ଟିରେ ଦେଖେ। ସେମାନଙ୍କ ବ୍ୟକ୍ତିଗତ ବିକାଶ ପଥରେ ଅନେକ ବାଧା ସୃଷ୍ଟି ହୁଏ। ଶେଷରେ ପ୍ରଶ୍ନ ଉଠୁଛି ଶିକ୍ଷା ଏବଂ ସାକ୍ଷରତାର ଅର୍ଥ ସମାନ କି ? ନିଷ୍ପତ୍ତି ଆପଣଙ୍କର।

ବୈପାରୀଗୁଡ଼ା, କୋରାପୁଟ
ମୋ:୬୩୭୦୬୭୯୪୦୫

## ଏଇ ଭାରତରେ

ମଧ୍ୟପ୍ରଦେଶର ଗୋପାଳ ଭାଲଓ୍ୱାଲ ରାଜଗଡ଼ର ମୋହନପୁର କଲୋନିରେ ଥିବା ସରକାରୀ ସମନ୍ୱିତ ମଧ୍ୟଇଂରାଜୀ ସ୍କୁଲରେ ଶିକ୍ଷକ ଅଛନ୍ତି। ତାଙ୍କ କର୍ତ୍ତବ୍ୟ କେବଳ ଶିକ୍ଷାଦାନରେ ସୀମିତ ରହିନାହିଁ, ବରଂ ସେ ପିଲାଙ୍କୁ ପଢ଼ାଇବା ସହ ସ୍କୁଲର ପାରିପାର୍ଶ୍ୱିକ ପରିବେଶର ଉନ୍ନତିକରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ୨୦୧୮ରେ ମୋହନପୁର କଲୋନିରେ ସରକାରୀ ସମନ୍ୱିତ ମଧ୍ୟଇଂରାଜୀ ସ୍କୁଲ୍ ପ୍ରତିଷ୍ଠା ହୋଇଥିଲା। ଆରମ୍ଭରୁ ଏହି ସ୍କୁଲକୁ ଅଧିକ ପିଲା ଆସୁ ନ ଥିଲେ। ସ୍କୁଲରେ ମାତ୍ର ୨୩ ପିଲା ଥିଲେ। ସ୍କୁଲ୍‌ର ସ୍ଥିତି ମଧ୍ୟ ସେତେ ଭଲ ନ ଥିଲା। ଶ୍ରେଣୀଗୃହସବୁ ଅନ୍ଧାରିଆ ରହୁଥିଲା। ଏଭଳି ସ୍ଥିତି ଦେଖି ସ୍କୁଲକୁ ଆକର୍ଷଣୀୟ କରିବା ସକାଶେ ଭାଲଓ୍ୱାଲ ସରକାରୀ ଅନୁଦାନକୁ ଅପେକ୍ଷା ନ କରି ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରି ସ୍କୁଲରେ ରଙ୍ଗ ଦେଇଥିଲେ। ପରେ ସ୍କୁଲ ପରିସରରେ ଏକ ବଗିଚା ସହ ଜଳଯୋଗାଣର ବ୍ୟବସ୍ଥା କରିଛନ୍ତି। ସେ ମଧ୍ୟ ସେଠାରେ ଏକ ପାଠାଗାର କରିଛନ୍ତି। ଭାଲଓ୍ୱାଲଙ୍କ ଏଭଳି ପ୍ରଚେଷ୍ଟା ଦେଖି ପିଲାମାନେ ଅଧିକ ସଂଖ୍ୟାରେ ନାମ ଲେଖାଇବା ଆରମ୍ଭ କରିଦେଲେ। ବର୍ତ୍ତମାନ ଉକ୍ତ ସ୍କୁଲରେ ପିଲାସଂଖ୍ୟା ୧୦୦ରେ ପହଞ୍ଚିଛି।

## ୫୦ ବର୍ଷ ତଳର ଧରିତ୍ରୀ

୭ ମେ ୧୯୭୬

- ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ହଂସୁଆ ପୋଲର ଭିତ୍ତିପ୍ରସ୍ତର ସ୍ଥାପନ।
- ଭାରତର ପୂର୍ବତନ ପ୍ରଧାନ ବିଚାରପତି କେ. ସୁବାରାଓଙ୍କ ୭୪ ବର୍ଷ ବୟସରେ ପରଲୋକ।
- କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. କରଣ ସିଂହ ବିଶ୍ୱ ସ୍ୱାସ୍ଥ୍ୟ ସମ୍ମିଳନୀ ମନୋନୟନ କମିଟିର ଚେୟାରମ୍ୟାନ ଭାବେ ନିର୍ବାଚିତ।

## ଚିରନ୍ତନୀ

ପରାଣ–ରସାଳସେ
ରୂପର ମୋହବଶେ
ହୋଇଲା ଉଦେ ଯେଉଁ ପୀରତି
ଭାବର ଭାଷା–ଜାଲେ
ଲୁଚାଇ ସେ ଆବେଗ
ରଚିଲି କବିତାର କୀରତି।
–(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | | | | | |
| 3 | | | 9 | | | 6 | | |
| 6 | 9 | | | 8 | | 1 | | |
| 4 | | | | | | | 8 | |
| | | | 5 | 6 | | 4 | | |
| | 8 | 2 | 1 | | | | | |
| | 7 | | | | | | 6 | |
| | | | | | 5 | 8 | 1 | 2 |
| | | 3 | | | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 1 | 7 | 3 | 8 | 5 | 2 | 4 |
| 2 | 4 | 5 | 1 | 9 | 6 | 7 | 3 | 8 |
| 8 | 7 | 3 | 2 | 5 | 4 | 9 | 6 | 1 |
| 1 | 3 | 2 | 4 | 6 | 7 | 8 | 9 | 5 |
| 9 | 5 | 8 | 3 | 1 | 2 | 6 | 4 | 7 |
| 4 | 6 | 7 | 9 | 8 | 5 | 2 | 1 | 3 |
| 3 | 8 | 4 | 6 | 7 | 9 | 1 | 5 | 2 |
| 5 | 2 | 9 | 8 | 4 | 1 | 3 | 7 | 6 |
| 7 | 1 | 6 | 5 | 2 | 3 | 4 | 8 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶାସନରେ ଅପରାଧୀ ନେତା

ମହାଶୟ,

ମାଙ୍କଡ଼ ହାତରେ ଶାଳଗ୍ରାମ ଭଳି ଏତେ ବଡ଼ ଦେଶର ଶାସନଭାର ନେତାମାନେ ସମ୍ଭାଳୁଛନ୍ତି। ଦେଖିବାକୁ ଏମାନଙ୍କ ମଧ୍ୟରେ ଅନେକ ଅପରାଧରେ ଜଡ଼ିତ ଥିଲେ ମଧ୍ୟ ନିର୍ବାଚିତ ହୋଇଛନ୍ତି। ବହୁ ସମୟରେ ଭୋଟ ପୂର୍ବରୁ ଦଳଗୁଡ଼ିକ ଅପରାଧୀଙ୍କୁ ଟିକେଟ ନ ଦେବା ଲାଗି କହୁଥିଲେ ବି ତାହା ସମ୍ଭବ ହେଉନାହିଁ। କଳେବଳେ କୌଶଳେ ସେମାନେ ପଶିଆସୁଛନ୍ତି। ଜଣାପଡ଼େ ଯେ, ବିଭିନ୍ନ ଅସତ୍ ଉପାୟରେ ହିଁ କ୍ଷମତା ଦଖଲ ଚାଲିଛି। କଳେ ବଳେ ଆସନ ଦଖଲ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। କେବଳ ଶାସକ ଦଳ ନୁହେଁ ଅନ୍ୟ ଦଳମାନଙ୍କରେ ଅପରାଧୀମାନେ ରହିଛନ୍ତି। ଖବରରୁ ଜଣାପଡୁଛି, ଶାସକ ଦଳରେ ଆପରାଧିକ ମାମଲା ଥିବା ବ୍ୟକ୍ତିଙ୍କ ସଂଖ୍ୟା ଅଧିକ। ଜାଣିବା ସହଜ ଯେ ଭାରତ ଭଳି ଏକ ସର୍ବୋତ୍କୃଷ୍ଟ ଗଣତନ୍ତ୍ର ଦେଶରେ ଅପରାଧୀ ନେତାଙ୍କୁ ସ୍ଥାନ ଦେବା ଠିକ୍ ନୁହେଁ।

–ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନାବାଳିକା ବଳାତ୍କାର ମାମଲା: ବୃଦ୍ଧଙ୍କୁ ଆଜୀବନ କାରାଦଣ୍ଡ

କଟକ,୬।୫ (କାର୍ତ୍ତିକ ସାହୁ)

ମାହାଙ୍ଗା ଥାନା ଅଞ୍ଚଳରେ ୨୦୨୨ରେ ହୋଇଥିବା ନାବାଳିକା ବଳାତ୍କାର ମାମଲାରେ ରାୟ ମଙ୍ଗଳବାର ପ୍ରକାଶ ପାଇଛି। ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ଧଳ (୬୨)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟରେ ଅଧିକ ବର୍ଷେ କାରାଦଣ୍ଡ ଭୋଗିବାକୁ ଅଦାଲତ ଆଦେଶ ଦେଇଛନ୍ତି। ଅପରପକ୍ଷରେ ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୨୨ ଫେବୃଆରୀ ୯ ପୂର୍ବାହ୍ନ ୧୦ଟାରେ ୬ବର୍ଷର ନାବାଳିକାଙ୍କୁ ତାଙ୍କ ମା' ଘରେ ପାଇ ନ ଥିଲେ। ନାବାଳିକାଙ୍କୁ ଡାକ ନାମ ଧରି ଜୋରରେ ଡାକିବାରୁ ନିକଟସ୍ଥ ଅଭିଯୁକ୍ତଙ୍କ ଘରୁ ନାବାଳିକାଙ୍କ ସ୍ୱର ଶୁଭିଥିଲା। ସେଠାରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଅଭିଯୁକ୍ତ ନାବାଳିକାଙ୍କୁ ବଳାତ୍କାର କରିଥିବା ଜଣାପଡ଼ିବା ପରେ ୧୦ ତାରିଖରେ ନାବାଳିକାଙ୍କ ମା' ଥାନାରେ ଏତଲା ଦେଇଥିଲେ। ୧୯ଜଣ ସାକ୍ଷୀ ଓ ୧୭ଟି ପ୍ରମାଣ ଆଧାରରେ ଅଦାଲତ ମାମଲାର ବିଚାର କରି ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରମେଶ ଚନ୍ଦ୍ର ମହାନ୍ତି ଓ ବିଶ୍ୱଜିତ ରାୟ ମାମଲା ପରିଚାଳନା କରୁଥିଲେ।

# ବଳାତ୍କାର ପୀଡ଼ିତାଙ୍କୁ ଅପହରଣ ପାଇଁ ସୁପାରି

## ୬ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର



ଜିଲ୍ଲା ପୋଲିସ ମୁଖ୍ୟାଳୟରେ ପୋଲିସ ଦ୍ୱାରା ଗିରଫ ୬ ଅଭିଯୁକ୍ତ।

ସମ୍ବଲପୁର, ୬।୫ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲ୍ଲା ଝୁଝୁମୁରା ଥାନା କୁଶପାଲି ପଞ୍ଚାୟତ ଅଞ୍ଚଳର ଜଣେ ବଳାତ୍କାର ପୀଡ଼ିତା ଆଦିବାସୀ ନାବାଳିକାଙ୍କୁ ଅପହରଣ ଉଦ୍ୟମ ପଣ୍ଡ ହୋଇଛି। ବଳାତ୍କାର ଅଭିଯୁକ୍ତ ୩୦ ହଜାର ସୁପାରି ଦେଇ ପୀଡ଼ିତାଙ୍କୁ ଅପହରଣ ଯୋଜନା କରିଥିଲେ। କୋର୍ଟରେ ତାଙ୍କ ସପକ୍ଷରେ ବୟାନ ଦେବାକୁ ପୀଡ଼ିତାଙ୍କୁ ଚାପ ପ୍ରୟୋଗ ପାଇଁ ଏଭଳି କାର୍ଯ୍ୟ କରିଥିଲେ। ହେଲେ ଠିକଣା ସମୟରେ ପୋଲିସ ପହଞ୍ଚ ଯିବାରେ ଅପହରଣ ଉଦ୍ୟମ ପଣ୍ଡ ହୋଇଥିଲା। ଘଟଣାସ୍ଥଳରୁ ପୋଲିସ ୬ଜଣଙ୍କୁ ଗିରଫ କରିଥିବାବେଳେ ବଳାତ୍କାର ଅଭିଯୁକ୍ତ ଝୁଝୁମୁରାର ନବକିଶୋର ନାଏକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ହୀରାକୁଦ ଅଞ୍ଚଳର ଅଭିଷେକ ପଲାଇ, ବିବେକ ସିଂହ, ବବୁଲୁ ବେହେରା, ପ୍ରକାଶ ଗଉଡ଼, ରୋହିତ ଛତ୍ରିଆ, କାଲୁ ବାହାଦୁର। ଏମାନଙ୍କ ସହ ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ପୋଲିସ ଜଣେ ନାବାଳକଙ୍କୁ ଧରିଛି। ସେମାନଙ୍କ ନିକଟରୁ ଏକ କାର (ଓଆର୍-୧୫-ଜେ-୫୪୮୮), ଲୁହାଛଡ଼, ପିସ୍ତଲ, ଭୁଜାଲି, ପ୍ଲାଷ୍ଟିକ ରଶି, କଳାରଙ୍ଗର ମୁଖା, ୬ଟି ମୋବାଇଲ ଫୋନ ଏବଂ ନଗଦ ୧୭ ହଜାର ୫୦୦ ଟଙ୍କା ଜବତ ହୋଇଛି। ଏ ନେଇ ଝୁଝୁମୁରା ଥାନାରେ ଭାରତୀୟ ନ୍ୟାୟ ସଂହିତାର ଦଫା ୧୮୯(୨), ୧୪୦(୧), ୩୩୨, ୬୧(୨), ୬୨, ୩୫୧(୨), ୧୧୧(୧)(୩),୧୯୧(୩), ୧୯୦ରେ ଏକ ମାମଲା(ନଂ.୮୭/୨୫) ରୁଜୁ କରି ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଏଏସ୍‌ପି) ପ୍ରକାଶ ଜେମ୍ସ ଟପ୍ପୋ ଏକ ଖବରଦାତା ସମ୍ମିଳନୀରେ ଏହା କହିଥିଲେ। ଏଏସ୍‌ପି ଟୋପ୍ପୋଙ୍କ ସୂଚନା ଅନୁସାରେ, ଝୁଝୁମୁରା ଥାନା ଅଞ୍ଚଳର ସମ୍ପୃକ୍ତ ନାବାଳିକା ନବକିଶୋରଙ୍କ ଘରେ ଘରୋଇ କର୍ମଚାରୀଭାବେ କାମ କରୁଥିଲେ। ଏହି ସମୟରେ ସେ ସମ୍ପୃକ୍ତ ନାବାଳିକାଙ୍କୁ ବିଭିନ୍ନ ସମୟରେ ଧମକଚମକ ଦେଇ ବଳାତ୍କାର କରିଥିଲେ। ୨୦୨୪ ଜୁନ ୫ ତାରିଖରେ ପୀଡ଼ିତା କୌଶଳକ୍ରମେ ସେଠାରୁ ଖସି ଆସିଥିଲେ। ପୀଡ଼ିତା ତାଙ୍କ ମା'ଙ୍କ ସହ ଝୁଝୁମୁରା ଥାନାରେ ନବକିଶୋରଙ୍କ ନାମରେ ବଳାତ୍କାର ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଏକ ମାମଲା (ନଂ.୧୦୩/୨୪) ରୁଜୁ କରି ପୋଲିସ ନବକିଶୋରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସମ୍ବଲପୁର ପୋକ୍‌ସୋ ଅଦାଲତରେ ବିଚାରାଧୀନ ବଳାତ୍କାର ମାମଲାରେ ସେ ଗିରଫ ହୋଇ ଜେଲରେ ଥିଲେ। ନିକଟରେ ସେ ଜାମିନରେ ଆସିଥିଲେ। ଆସନ୍ତା ୧୪ ତାରିଖରେ ଏହି ମାମଲାର ରାୟ ପ୍ରକାଶ ପାଇବାକୁ ଥିବାରୁ କୌଣସିମତେ ନାବାଳିକାଙ୍କୁ ଅପହରଣ କରି ତାଙ୍କ ସପକ୍ଷରେ ବୟାନ ଦେବାକୁ ଚାପ ପ୍ରୟୋଗ କରିବାକୁ ନବକିଶୋର ଯୋଜନା କରିଥିଲେ।

ସୋମବାର ରାତି ପ୍ରାୟ ୧୦ଟା ୩୦ରେ ନବକିଶୋର ନାଏକ ଦୁଇଟି କାରରେ ଉପରୋକ୍ତ ଅଭିଯୁକ୍ତମାନଙ୍କ ସହିତ ପୀଡ଼ିତାଙ୍କ ଘରକୁ ଯାଇଥିଲେ। ପୀଡ଼ିତା ଓ ତାଙ୍କ ପରିବାର ଲୋକ ସେମାନଙ୍କୁ ଦେଖି ଘର କବାଟ ବନ୍ଦ କରି ପୋଲିସକୁ ଖବର ଦେଇଥିଲେ। ଝୁଝୁମୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ମାତ୍ର ନବକିଶୋର ସେଠାରୁ କୌଣସିମତେ ଖସି ପଳାଇଥିଲେ। ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ପଚରାଉଚରା ପରେ ପୀଡ଼ିତା ନାବାଳିକାଙ୍କୁ ଅପହରଣ କରିବା ପାଇଁ ସେମାନଙ୍କୁ ନବକିଶୋର ୩୦ହଜାର ଟଙ୍କା ସୁପାରି ଦେଇଥିଲେ ବୋଲି କହିଥିଲେ। ଅଭିଯୁକ୍ତଙ୍କ କହିବା ଅନୁସାରେ ସେମାନେ ରବିବାର ରାତିରେ ପୀଡ଼ିତାଙ୍କୁ ଅପହରଣ ପାଇଁ ତାଙ୍କ ଗ୍ରାମକୁ ଯାଇଥିଲେ। ମାତ୍ର ପରିବାର ଲୋକ କୌଣସିମତେ ମୁଖ୍ୟ ଅଭିଯୁକ୍ତ ନବକିଶୋରଙ୍କୁ ଚିହ୍ନି ପାରି ଘର କବାଟ ଖୋଲି ନ ଥିଲେ। ଫଳରେ ସେମାନଙ୍କ ପ୍ରଥମ ଅପହରଣ ଉଦ୍ୟମ ବିଫଳ ହୋଇଥିଲା।

# କଳାବାଘ ଶିକାରୀ ଗିରଫ

## ୪ ବାଘନଖ ଜବତ, ବନ୍ଧୁକ ଜବତ



ଗିରଫ ଶିକାରୀ ରବୀନ୍ଦ୍ର ନାୟକ

ବାରିପଦା,୬।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ଜାତୀୟ ଉଦ୍ୟାନରୁ କଳାବାଘ ଶିକାର ଘଟଣାରେ ଦୀର୍ଘଦିନ ଧରି ଫେରାର ଥିବା ଜଣେ ଶିକାରୀଙ୍କୁ ବନ ବିଭାଗ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ କାଣିକୁଣ୍ଡଳ ଗ୍ରାମର ରବୀନ୍ଦ୍ର ନାୟକ(୨୪)।

ସୂଚନା ଅନୁଯାୟୀ, ଶିମିଳିପାଳରୁ କଳାବାଘ ଶିକାର ଘଟଣାରେ ବନ ବିଭାଗ ତଦନ୍ତ ଚଳାଇଥିଲା। ଏଥିରେ ସଂପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ ରବୀନ୍ଦ୍ର ଫେରାର ହୋଇଯାଇଥିଲେ। କୋର୍ଟ ପକ୍ଷରୁ ତାଙ୍କ ନାମରେ ଜାମିନବିହୀନ ଗିରଫ ପରୱାନା ମଧ୍ୟ ଜାରି ହୋଇଥିଲା। ତେବେ ରବୀନ୍ଦ୍ର ଗୁଜରାଟରେ ଥିବା ନେଇ ବନ ବିଭାଗର ଗୋଇନ୍ଦା ସଂସ୍ଥା ଓ ଭୋପାଳର ୱାଇଲ୍ଡ ଲାଇଫ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ(ଡବ୍ଲ୍ୟୁସିସିବି) କେନ୍ଦ୍ରୀୟ ଟିମ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ତେବେ ଶିମିଳିପାଳର ନିଜସ୍ୱ ଗୋଇନ୍ଦା ନେଟୱର୍କ ସହାୟତାରେ ରବୀନ୍ଦ୍ରଙ୍କୁ ବନ ବିଭାଗ ଗିରଫ କରିଛି। ତାଙ୍କ ଘରୁ ବାଘ ଶିକାରରେ ବ୍ୟବହୃତ ଗୋଟିଏ ବନ୍ଧୁକ ଓ ୪ଟି ବାଘନଖ ଜବତ ହୋଇଛି। ଏହି ମାମଲାରେ ବନ ବିଭାଗ ଅଦ୍ୟାବଧି ୧୧ ଜଣଙ୍କୁ ଗିରଫ କରିସାରିଲାଣି। ଅନ୍ୟ ୪ ଜଣ ଏବେବି ଫେରାର ରହିଛନ୍ତି। ସେମାନଙ୍କୁ ଧରିବା ପାଇଁ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି।

# ଘରୁ ଡାକି ନେଇ ନାବାଳିକାଙ୍କୁ ବଳାତ୍କାର

## ଅଭିଯୋଗ ଆଣିଲେ ପରିବାର, ଯୁବକ ଅଟକ

ଦଶମନ୍ତପୁର, ୬।୫
(ଅରବିନ୍ଦ ନାୟକ)

କୋରାପୁଟ ଜିଲ୍ଲା ଦଶମନ୍ତପୁର ଥନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ନେଇ ପରିବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ଦଶମନ୍ତପୁର ପୋଲିସ ଗାଁର ଜଣେ ଯୁବକଙ୍କୁ ଅଟକ ରଖିଛି।

ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ନାବାଳିକା ଘର ବାରଣ୍ଡାରେ ବସିଥିବା ବେଳେ ସେହି ଗ୍ରାମର ଜଣେ ଯୁବକ କୌଣସି କାମ ଥିବା କହି ତାଙ୍କୁ ଡାକିଥିଲେ। ଗାଁର ସମ୍ପର୍କୀୟ ଭାବି ସେ ତାଙ୍କ ସହ ଯାଇଥିଲେ। କିନ୍ତୁ ଯୁବକ ଜଣଙ୍କ ଗାଁଠାରୁ ୩୦୦ ମିଟର ଦୂର ଏକ ଗଛ ନିକଟକୁ ନେଇ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ୍ୟ କରିଥିଲେ। ନଚେତ୍ ତାଙ୍କ ପାଖରେ ଥିବା ଫଟୋଗୁଡ଼ିକ ଭାଇରାଲ କରିଦେବେ କହି ବଳାତ୍କାର କରିଥିଲେ। ପରିବାର ଲୋକେ ତାଙ୍କୁ ଘରେ ନ ପାଇ ଖୋଜାଖୋଜି କରିଥିଲେ। ଏହା ମଧ୍ୟରେ ରାତି ପ୍ରାୟ ୧୨ଟାରେ ନାବାଳିକା ଜଣକ ଘରକୁ ଫେରି ସମସ୍ତ ଘଟଣା ପରିବାରକୁ ଜଣାଇଥିଲେ। ଏହାପରେ ନାବାଳିକାଙ୍କ ବାପା ମଙ୍ଗଳବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୁକ୍ତଙ୍କୁ ଗିରଫକରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନାବାଳିକା ଓ ପରିବାର ଲୋକେ ଦାବି କରିଛନ୍ତି। ଏତଲାକୁ ଭିତ୍ତିକରି ଥାନା ଅଧିକାରୀ ସୁକୁମା ହାଁସଦା ଓ ଟିମ୍ ତଦନ୍ତ କରୁଛନ୍ତି। ପୋଲିସ ଗାଁର ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଥାନା ଅଧିକାରୀ ହାଁସଦା ସୂଚନା ଦେଇଛନ୍ତି।

# ୨୬ ଲକ୍ଷର ବ୍ରାଉନ୍‌ସୁଗାର ଜବତ



ଜ୍ୟୋତିକ୍ରିଷ୍ଣା ସାମନ୍ତରାୟ

ଭୁବନେଶ୍ୱର,୬।୫(ସତ୍ୟଜିତ୍ ରାଉତ)

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ(ଏସ୍‌ଟିଏଫ୍) ହାତରେ ଜଣେ ପେସାଦାର ବ୍ରାଉନ୍‌ସୁଗାର ବେପାରୀ ଧରାପଡ଼ିଛନ୍ତି। ସେ ହେଲେ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବମିଖାଲର ଜ୍ୟୋତିକ୍ରିଷ୍ଣା ସାମନ୍ତରାୟ (୩୭)। ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଲବଣଗିରି-ପଞ୍ଚଗାଁ ରୋଡ୍‌ରେ ମଙ୍ଗଳବାର ସକାଳେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ଜ୍ୟୋତିକ୍ରିଷ୍ଣାଙ୍କୁ ଗିରଫ କରିଛି। ତାଙ୍କଠାରୁ ୨୬୩ ଗ୍ରାମ୍‌ର ବ୍ରାଉନ୍‌ସୁଗାର ସହ ମୋବାଇଲ ଫୋନ୍ ଆଦି ଜବତ କରାଯାଇଛି। ଜବତ ବ୍ରାଉନ୍‌ସୁଗାରର ମୂଲ୍ୟ ପ୍ରାୟ ୨୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା(ନଂ.୧୦/୨୦୨୫) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଜ୍ୟୋତିକ୍ରିଷ୍ଣା ଖୋର୍ଦ୍ଧାରୁ ବ୍ରାଉନ୍‌ସୁଗାର ଆଣି ଭୁବନେଶ୍ୱରରେ ବିକ୍ରି କରୁଥିଲେ। ସେ ଜଟଣୀ, ଖଣ୍ଡଗିରି ଆଦି ଅଞ୍ଚଳରେ ବୁଲି ବୁଲି କଲେଜ ଛାତ୍ରଙ୍କୁ ବ୍ରାଉନ୍‌ସୁଗାର ବିକ୍ରି କରୁଥିଲେ। ସେ ଖୋର୍ଦ୍ଧାରୁ ବ୍ରାଉନ୍‌ସୁଗାର ନେଇ ବାଇକ୍ ଯୋଗେ ଆସୁଥିବା ଖବର ପାଇ ଏସ୍‌ଟିଏଫ୍ ଟିମ୍ ତାଙ୍କୁ ଗିରଫ କରିଥିଲା। ସେ କାହାଠାରୁ ଏତେ ପରିମାଣର ବ୍ରାଉନ୍‌ସୁଗାର ଆଣୁଥିଲେ, ତାହା ଜାଣିବାକୁ ଏସ୍‌ଟିଏଫ୍ ଛାନ୍‌ଭିନ୍ ଚଳାଇଛି।

# କ୍ରଶର କର୍ମଚାରୀଙ୍କୁ ହତ୍ୟା ଘଟଣାରେ ଜଣେ ଗିରଫ

ଧର୍ମଶାଳା/କାଏମା,୬।୫ (ବଟକୃଷ୍ଣ ପରିଡ଼ା/ଶିବ ପ୍ରସାଦ ମହାନ୍ତି)

ଯାଜପୁର ଜିଲ୍ଲା ଜେନାପୁର ଥାନା ଅନ୍ତର୍ଗତ ରାହାଡ଼ପୁର ପଦ୍ମାବତୀ କ୍ରଶର କର୍ମଚାରୀ ଅରଜିତ ଜେନା(୨୨)ଙ୍କୁ ହତ୍ୟା ଘଟଣାରେ ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହିତ ତାଙ୍କ ନିକଟରୁ ୬ ଖଣ୍ଡ ପ୍ଲାଷ୍ଟିକ୍ ପାଇପ୍ , ୩ ମୋବାଇଲ ଫୋନ୍ ଓ ୨ ବାଇକ୍ ଜବତ କରିଛି । ଗିରଫ ଅଭିଯୁକ୍ତ ହେଲେ ବାଲିଚନ୍ଦ୍ରପୁର ଥାନା ଚାରିନେଙ୍ଗଲ ଗ୍ରାମର ସତ୍ୟରଞ୍ଜନ ବଳ(୨୪)। ତାଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଅରଜିତ୍ ସମ୍ପୃକ୍ତ କ୍ରଶରରେ ସୁପରଭାଇଜର୍ ଭାବେ ୩ମାସ ହେଲା କାମ କରୁଥିଲେ। କ୍ରଶର ମାଲିକ ଓ ତାଙ୍କ ସହଯୋଗୀ ଗତ ୨୬ ତାରିଖରେ ଅରଜିତ୍‌ଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗତ ୧ ତାରିଖରେ ଅରଜିତ୍‌ଙ୍କ ମୃତ୍ୟୁ ହୋଇଥିଲା। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ପାଇଁ ଦାବି କରାଯାଇଥିଲା। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ୪ଜଣଙ୍କ ମଧ୍ୟରୁ ସତ୍ୟରଞ୍ଜନଙ୍କୁ ଅଟକ ରଖି ତଦନ୍ତ ଚଳାଇଥିଲା।



ସତ୍ୟରଞ୍ଜନ ବଳ

## ମୃତକଙ୍କ ସମ୍ପର୍କୀୟଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ

ଧର୍ମଶାଳା/ ଜେନାପୁର,୬।୫
(ବଟକୃଷ୍ଣ ପରିଡ଼ା/ ଅଶୋକ ଦାସ)

ଜେନାପୁର ଥାନା ଅନ୍ତର୍ଗତ ରାହାଡ଼ପୁର ପଦ୍ମାବତୀ କ୍ରଶରର ମୃତ କର୍ମଚାରୀ ଅରଜିତ ଜେନାଙ୍କ ସମ୍ପର୍କୀୟଙ୍କୁ ଆକ୍ରମଣ ଘଟଣାରେ ମଙ୍ଗଳବାର ପୋଲିସ ୨ ଜଣଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ସେମାନେ ହେଲେ ଉକ୍ତ ଥାନା ଅଧୀନ ତୁରଙ୍ଗ ଗ୍ରାମର ଚିତ୍ତରଞ୍ଜନ ଜେନା ଓ ପ୍ରଭାତ ରାଉତ। ଅରଜିତଙ୍କ ସମ୍ପର୍କୀୟ ଭାଇ ଢେଙ୍କାନାଳ ଜିଲ୍ଲା ନିହାଲପ୍ରସାଦ ଥାନା ଅନ୍ତର୍ଗତ ଚଣ୍ଡିଆ ଗ୍ରାମର ସୁଜିତ୍ ଜେନାଙ୍କୁ ସୋମବାର ସନ୍ଧ୍ୟାରେ ରାହାଡ଼ପୁରଠାରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଫଳରେ ସୁଜିତ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ନଂ.୧୬୪/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

# ଗୁଳି ଫୁଟାଇ ୩ ଲକ୍ଷ ଟଙ୍କା ଲୁଟିନେଲେ

ବୋଲଗଡ଼,୬।୫ (ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଅଧୀନ ବୋଲଗଡ଼-ଖଇଁରିଆ ରାସ୍ତାର ମାରୁଗାଡ଼ିଆ ପୋଖରୀ ନିକଟରୁ ମଙ୍ଗଳବାର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଗୁଳି ଫୁଟାଇ ଏକ ବ୍ୟାଙ୍କର ବ୍ୟବସାୟିକ ପ୍ରତିନିଧିଙ୍କଠାରୁ ୩ଲକ୍ଷ ଟଙ୍କା, ମୋବାଇଲ ଫୋନ, ଦୁଇଟି ସ୍ୱାଇପ ମେଶିନ, ଫିଙ୍ଗର ପ୍ରିଣ୍ଟ ଡିଭାଇସ, ପ୍ରିଣ୍ଟର ମେଶିନ, ପାସବୁକ ଓ ଜରୁରୀ କାଗଜପତ୍ର ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ସଂପୁର ଗ୍ରାମର ସଞ୍ଜୟ କୁମାର ସ୍ୱାଇଁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୦୫/୨୫) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଅଭିଯୋଗ ମୁତାବକ, ସ୍ଥାନୀୟ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ(ଆଇଓବି)ରେ ସଞ୍ଜୟ ବ୍ୟବସାୟିକ ପ୍ରତିନିଧିଭାବେ କାର୍ଯ୍ୟ କରନ୍ତି। ଏଥିସହ ସେ ସଂପୁରରେ ଆଇଓବି ଶାଖାର ଏକ ଗ୍ରାହକ ସେବା କେନ୍ଦ୍ର କରିଛନ୍ତି। ମଙ୍ଗଳବାର ଅପରାହ୍ନରେ ସେ ବ୍ୟାଙ୍କରୁ କାମ ସାରି ଟଙ୍କା ସହିତ ଅନ୍ୟାନ୍ୟ ସରଞ୍ଜାମ ବ୍ୟାଗରେ ଧରି ବାଇକ୍‌ରେ ଘରକୁ ଫେରିଥିଲେ। ମାରୁଗାଡ଼ିଆ ପୋଖରୀ ନିକଟରେ ପଛରୁ ଏକ କଳା ପଲସରରେ ତିନି ଜଣ ହେଲମେଟ ପିନ୍ଧିଥିବା ଯୁବକ ହଠାତ୍ ଆସି ସଞ୍ଜୟଙ୍କୁ ସମ୍ମୁଖରୁ ଅଟକାଇବା ସହ ଗୁଳି ଫୁଟାଇଥିଲେ। ତେବେ ସଞ୍ଜୟ ଗୋଡ଼ ଘୁଞ୍ଚାଇ ଦେବାରୁ ରକ୍ଷା ପାଇଯାଇଥିଲେ। ପରେ ଦୁର୍ବୃତ୍ତମାନେ ସଞ୍ଜୟଙ୍କ ବାଇକ୍ ହ୍ୟାଣ୍ଡଲରେ ଝୁଲୁଥିବା ଉକ୍ତ ବ୍ୟାଗକୁ ନେଇ ପଳାଇଥିଲେ।

# 'ସ୍ୱାମୀଙ୍କୁ ଛଡ଼ାଇନେବା ଭୟରେ ହାଣିଦେଲି'

## ଜଙ୍ଗଲରୁ ମହିଳାଙ୍କ କ୍ଷତାକ୍ତ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ

ଉଦଳା,୬।୫
(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ବିଦ୍ୟାଧରନଗର ଗ୍ରାମ ଜଙ୍ଗଲରୁ ଜଣେ ମହିଳାଙ୍କ କ୍ଷତାକ୍ତ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ୨ ମହିଳାଙ୍କ ସମେତ ୩ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସ୍ୱାମୀଙ୍କୁ ଛଡ଼ାଇନେବା ଭୟରେ ତାଙ୍କ ପ୍ରେମିକାଙ୍କୁ କଟୁରିରେ ହାଣି ହତ୍ୟା କରିଥିବା ନେଇ ମୁଖ୍ୟ ଅଭିଯୁକ୍ତ ସ୍ୱୀକାର କରିଥିବା ପୋଲିସ କହିଛି। ପ୍ରକାଶ ଯେ, ଗତ ୪ ତାରିଖରେ ବିଦ୍ୟାଧରନଗର ଗ୍ରାମ୍ୟ ଜଙ୍ଗଲରେ ସେହି ଗ୍ରାମର ମାଦେ ସିଂ(୩୫)ଙ୍କ ମୃତଦେହ କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇ ଏକ ମାମଲା(ନଂ.୧୦୩/୨୫) ରୁଜୁକରି ତଦନ୍ତ ଜାରି ରଖିଥିଲା। ଘଟଣାର ଖୋଳତାଡ଼ ପରେ ପୋଲିସ ମାଦେ ସିଂଙ୍କୁ ହତ୍ୟାକରିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣ ମହିଳା ରହିଥିବା ବେଳେ ଜଣେ ପୁରୁଷ ଅଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ମୁଖ୍ୟ ଅଭିଯୁକ୍ତ ସାବିତ୍ରୀ ସଏ ଏବଂ ସହଯୋଗୀ ଦୁଃଖିଆ ସଏ ଓ ତାଙ୍କ ସ୍ତ୍ରୀ ଜୟନ୍ତୀ ସଏ। ନିଜ ସ୍ୱାମୀଙ୍କୁ ମୃତା ମହିଳାଙ୍କ ପାଖରୁ ବଞ୍ଚାଇବା ପାଇଁ ବାଟରୁ ହଟାଇଦେଇଥିବା କହିଛନ୍ତି ମୁଖ୍ୟ ଅଭିଯୁକ୍ତ ସାବିତ୍ରୀ। ପୋଲିସ ସୂଚନା ଅନୁଯାୟୀ, ଗ୍ରାମରେ ଏକୁଟିଆ ରହୁଥିବା ମୃତା ମାଦେ ସିଂଙ୍କୁ ସାବିତ୍ରୀଙ୍କ ସ୍ୱାମୀ ପ୍ରତାପ ସଏ ଭଲ ପାଉଥିଲେ। ପ୍ରତାପଙ୍କୁ ନିଜ ପାଖରେ ରଖିବାକୁ ଚେଷ୍ଟା କରିଥିଲେ ମାଦେ । ଏହାକୁ ନେଇ ପୂର୍ବରୁ ମାଦେ ଏବଂ ସାବିତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ସ୍ୱାମୀ ପ୍ରତାପଙ୍କ ପାଖରୁ ଦୂରେଇ ରହିବା ପାଇଁ ମାଦେଙ୍କୁ ବାରମ୍ବାର ଚେତାବନୀ ଦେଇଥିଲେ ମୁଖ୍ୟ ଅଭିଯୁକ୍ତ ସାବିତ୍ରୀ। ହେଲେ ମାଦେ ତାହା ନ ଶୁଣିବାରୁ ଶେଷରେ ଗତ ଶନିବାର ସନ୍ଧ୍ୟାରେ ମାଦେ ସୋନ ଡ୍ୟାମ୍ ନିକଟରେ ବସିଥିବା ବେଳେ ସାବିତ୍ରୀ ହଠାତ୍ ସେଠାରେ ପହଞ୍ଚିଥିଲେ। ସାବିତ୍ରୀଙ୍କୁ ଦେଖି ମାଦେ ସେଠାରୁ ଦୌଡ଼ି ପଳାଉଥିବା ବେଳେ ଏକ ଧାରୁଆ କଟୁରିରେ ମାଦେଙ୍କ ବେକକୁ ହାଣି ସାବିତ୍ରୀ ହତ୍ୟା କରିଥିଲେ । ହତ୍ୟା ପରେ ଗ୍ରାମର ଦୁଃଖିଆ ସଏ ଏବଂ ତାଙ୍କ ସ୍ତ୍ରୀ ଜୟନ୍ତୀଙ୍କୁ ଡାକି ମୃତଦେହ ନେଇ ଜଙ୍ଗଲରେ ଫିଙ୍ଗିଦେଇ ଆସିଥିଲେ। ପୋଲିସ ଘଟଣାର ତଦନ୍ତକରି ୩ ଜଣଙ୍କୁ ଗିରଫ ପରେ ମଙ୍ଗଳବାର ମଧ୍ୟାହ୍ନ ସାଢେ ୧୨ଟା ସମୟରେ କୋର୍ଟ ଚାଲାଣ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ କଟୁରିକୁ ପୋଲିସ ଜବତ କରିଛି।

## ମା'ବାପାଙ୍କ ଭୁଲ୍ ପାଇଁ ଜେଲ ଗଲେ ୩ ଶିଶୁ

ଉଦଳା,୬।୫(ସନ୍ତୋଷ କୁମାର ବାଛିନୀ)- ଦୁନିଆ କ'ଣ ଭଲ ଭାବେ ଜାଣି ନ ଥିବା ୩ ଶିଶୁ ମା' ବାପାଙ୍କ ଭୁଲ୍ ପାଇଁ ଜେଲ ହାଜତକୁ ଯାଇଛନ୍ତି। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ବିଦ୍ୟାଧରନଗର ଗ୍ରାମର ମାଦେ ସିଂଙ୍କୁ କଟୁରିରେ ହାଣି ହତ୍ୟା କରିବା ଅଭିଯୋଗରେ ସାବିତ୍ରୀ ସଏ ଏବଂ ତାଙ୍କ ସହଯୋଗୀ ଦୁଃଖିଆ ସଏ ଏବଂ ସ୍ତ୍ରୀ ଜୟନ୍ତୀ ଜେଲ ଯାଇଛନ୍ତି। ମୁଖ୍ୟ ଅଭିଯୁକ୍ତ ସାବିତ୍ରୀଙ୍କ ୨ ବର୍ଷର ପୁଅ ଏବଂ ଦୁଃଖିଆଙ୍କ ୪ ବର୍ଷର ଝିଅ ଓ ୩ ବର୍ଷର ପୁଅ ମଧ୍ୟ ମା' ବାପାଙ୍କ ସହ ଜେଲ ଯାଇଥିବା ସୂଚନା ମିଳିଛି।

झारखण्ड सरकार
पेयजल एवं स्वच्छता विभाग

ई-प्रोक्योरमेन्ट सूचना (प्रथम आमंत्रण)
ई-निविदा सूचना संख्या - (धनबाद) 06/2025-26
तिथि – 05-05-2025 (शुद्धि पत्र)

इस कार्यालय द्वारा विज्ञापित ई-प्रोक्योरमेन्ट निविदा सूचना संख्या-06/2025-26 (PR No-351154 Drinking water and Sanitation(25-26):D में आंशिक संशोधन किया जाता है, जो निम्नप्रकार से है-
1.वेबसाईट पर निविदा प्रकाश की तिथि-02.05.2025 के स्थान पर 07.05.2025 पढ़ा जाये।
2.निविदा प्राप्ति (ऑन लाईन) की अन्तिम तिथि-13.05.2025 के स्थान पर 16.05.2025 पढ़ा जाये।
3.निविदा का मूल्य एवं अग्रधन राशि ऑन लाईन जमा करने का अंतिम तिथि-13.05.2025 के स्थान पर 16.05.2025 पढ़ा जाये।
4. तकनीकी बीड खोलने की तिथि-14.05.2025 के स्थान पर 17.05.2025 पढ़ा जाये।
नोट :- अन्य सभी जानकारी तथा शर्तें पूर्ववत रहेंगें।
(मयंक कुमार भगत) कार्यपालक अभियंता
पेयजल एवं स्वचछता यांत्रिक प्रमंडल,धनबाद
PR 351766 (Drinking Water and Sanitation)25-26*D

ପୂର୍ବ ତଟ ରେଳପଥ
(1)ଟେଣ୍ଡର ସଂ.eT-M-LM-GRI-PUI-34-2025
କାର୍ଯ୍ୟର ନାମ : ଦୁଇ ବର୍ଷ ଅବଧି ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋର ଟ୍ରେନ୍ ନଂ. 18477/78, 18425/26 (ଗ୍ରୁପ୍-I)ର ବେଡ୍ ରୋଲ୍ ଲିନେନ୍ ଗୁଡ଼ିକର ଯାନ୍ତ୍ରୀକୃତ ସଫେଇ (Mechanized Washing)।
ବିଜ୍ଞାପିତ ମୂଲ୍ୟ : ₹ 7,69,66,137.84, EMD : ₹ 5,34,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 11,800/-
(2)ଟେଣ୍ଡର ସଂ.eT-M-PURI-CCTV-35-2025
କାର୍ଯ୍ୟର ନାମ : ଏକ ବର୍ଷ ଅବଧି ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋର LHB କୋଚ୍‌ଗୁଡ଼ିକରେ ପ୍ରଦାନ କରାଯାଇଥିବା କ୍ଲୋଜ୍ଡ ସର୍କିଟ୍ ନିରୀକ୍ଷଣ ପ୍ରଣାଳୀ (CCTV)ର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି କାର୍ଯ୍ୟର ଆଉଟ୍‌ସୋର୍ସିଙ୍ଗ୍।
ବିଜ୍ଞାପିତ ମୂଲ୍ୟ : ₹ 1,44,23,036.16, EMD : ₹ 2,22,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-
ଶେଷ ହେବା ଅବଧି : 24 ମାସ (କ୍ରମ ସଂ. 1 ପାଇଁ) ଓ 12 ମାସ (କ୍ରମ ସଂ. 2 ପାଇଁ)।
ବିଡ୍ ଆରମ୍ଭ ହେବା ତାରିଖ : 07.05.2025 (କ୍ରମ ସଂ. 1 ପାଇଁ) ଓ 08.05.2025 (କ୍ରମ ସଂ. 2 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 21.05.2025, 1300 ଘଟିକାରେ (କ୍ରମ ସଂ. 1 ପାଇଁ) ଏବଂ 22.05.2025, 1500 ଘଟିକାରେ (କ୍ରମ ସଂ. 2 ପାଇଁ)।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ସିନିୟର କୋଚିଙ୍ଗ୍ ଡିପୋ ଅଧିକାରୀ / ପୁରୀ
PR-97/Q/25-26

Government of India
Government of India
Ministry of Skill Development & Entrepreneurship
Directorate General of Training (DGT)
Skill India
कौशल भारत-कुशल भारत

CITS ADMISSION NOTICE - SESSION 2025-26
Admission to courses under Craft Instructor Training Scheme (CITS) at National Skill Training Institutes (NSTIs) and Institute of Training of Trainers (ITOTs) for the academic session 2025-26 will be made through All India Common Entrance Test (AICET), scheduled to be held on 25.06.2025. Applications are invited for Computer based Test (online) on www.nimionlineadmission.in from the eligible candidates w.e.f. from 08.05.2025 to 28.05.2025 to appear in the entrance test at various centers across the country.
For more details : www.nimionlineadmission.in
Last date to submit the applications 28.05.2025
CBC 63101/11/0001/2526

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED a young and dynamic SALES EXECUTIVE
for selling Automotive Battery based in PURI & BHUBANESWAR for a reputed Distributor.
Interested candidates may send resumes to
email ID: tbsa.bbsr@gmail.com
Call -7008713919

ରୋଷେଇ ପାଇଁ ସ୍ତ୍ରୀ ଲୋକ ଆବଶ୍ୟକ
ଭୁବନେଶ୍ୱର ଟଙ୍କପାଣି ରୋଡରେ ରହିବାର ସୁବିଧା ଅଛି। ଘରେ ରୋଷେଇ କରିବାକୁ ସ୍ତ୍ରୀ ଲୋକ ଦରକାର।
- ଯୋଗାଯୋଗ -
9437357532 / 8917516693

REQUIRED
ONE DRIVER and ONE COOK (Female)
Lodging and Fooding arrangements is ours only for Bhubaneswar.
9338675380, 7894505580

WANTED
Applications are invited for temporary appointment for Jr. Steno, Data Entry Operator, Accounts Assistant, Accounts Officer and Assistant Secretary in the office of Odisha State Bar Council, Cuttack. For details visit the official website of Odisha State Bar Council :
www.odishabarcouncil.org

OFFICE OF THE EXECUTIVE ENGINEER
Road Construction Department,
Road Division, Daltonganj.

e-Procurement Short Tender Notice 2nd Call
e-Tender Ref No.- 2/RCD/Daltonganj/2025-26/414
Dated:- 05.05.2025



| | | |
|---|---|---|
| 1. | Name of Work | IRQP Work of Chiyanki-Rajwadih ByPass (Total Length - 6.00 Km.) Road for the year 2023-24. |
| 2. | Estimated Cost | Rs. 4,78,31,835.21 (Rupees Four Crore Seventy Eight Lacs Thirty One Thousand Eight Hundred Thirty Five and Twenty One Paise) Only. |
| 3. | Bid Security (Amount) | Rs. 4,78,500.00 (Rupees Four Lacs Seventy Eight Thousand Five Hundred) Only. |
| 4. | Time of Completion | 04 Months |
| 5. | Date of Publication of Tender on Website | 08.05.2025, 10:30 AM |
| 6. | Last Date/Time of Online Bid Submission | 22.05.2025, 12:00 Noon |
| 7. | Date and Time of Bid opening | 23.05.2025, 12.30 PM |
| 8. | Bid (Tender Fee & EMD) Submission Address | Cost of bidding document (for a non refundable fee) & Bid security as indicated shall be payable online through http://jharkhandtenders.gov.in |
| 9. | Name & address of officer Inviting tender | Executive Engineer, R.C.D., Road Division, Daltonganj.06562-225019 |
| 10. | E-mail Id | eercdmedini-jhr@nic.in |
| 11. | Helpline number of e-Procurement cell | 0651-2401010 |

Note : Estimated amount may vary.
For further details can be seen on website http://jharkhandtenders.gov.in.
Executive Engineer
Road Construction Department
Road Division, Daltonganj.
PR 351750 (Road)25-26*D

**ହିମାଂଶୁ ଓଡ଼ିଶା ମାନବାଧିକାର ପରିଷଦର ଜିଲ୍ଲା ସଂଯୋଜକ**

ସାକ୍ଷୀଗୋପାଳ,(ଭରତ ରାଉତ)-ମାନବାଧିକାର ସୁରକ୍ଷା ଓ ଜନସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ମାନବାଧିକାର ପରିଷଦର ଜିଲା ସଂଯୋଜକ ଭାବେ ହିମାଂଶୁ ମହାପାତ୍ର ମନୋନୀତ ହୋଇଛନ୍ତି। ଓଡ଼ିଶା ମାନବାଧିକାର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ମଲ୍ଲିକ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ମହାପାତ୍ର ଜଣେ ଖବରଦାତା, ବିଶିଷ୍ଟ ଯୁବ ସାମାଜିକ କର୍ମୀ ତଥା ଦକ୍ଷ ସଙ୍ଗଠକ ଭାବେ ବହୁ ଜନହିତକର କାର୍ଯ୍ୟ କରି ସତ୍ୟବାଦୀ ଅଞ୍ଚଳରେ ଲୋକଙ୍କ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ଯୁବା ସମୟରୁ ସମାଜସେବାକୁ ମାଧବ ସେବା ଭାବେ ଗ୍ରହଣ କରି ନିଜକୁ ଉତ୍ସର୍ଗ କରିଛନ୍ତି। ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ରହି ନିରପେକ୍ଷ ଭାବେ ନିଜ ସେବା ଓ ଦାୟିତ୍ୱ ନିର୍ବାହ କରିବା ସହିତ ଦୁର୍ନୀତିର ମୂଳୋତ୍ପାଟନ କରିବା ପାଇଁ ଗଣମାଧ୍ୟମକୁ କହିଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୬|୫|୨୦୨୫

| ୫,୯୫,୬୪୩ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୩୯.୮୦୦ ଗ୍ରାମ୍ |

# ଶ୍ରୀମନ୍ଦିର ସୁରକ୍ଷା ଯାଞ୍ଚକଲା ଏନ୍ଏସ୍‌ଜି ଟିମ୍

ପୁରୀ,୬।୫(ଅଜିତ୍ କୁମାର ମହାନ୍ତି)

ଏନ୍ଏସ୍‌ଜିର ଏକ ୪ଜଣିଆ ଟିମ୍ ମଙ୍ଗଳବାର ଶ୍ରୀମନ୍ଦିର ଯାଇ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ସୋମବାର ଟିମ୍ ଦେଢ଼ ଘଣ୍ଟା ଧରି ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ଏନ୍ଏସ୍‌ଜି ଟିମ୍‌ର ଗସ୍ତ ଓ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ ଅନେକ ଗୁରୁତ୍ୱ ବହନ କରୁଛି। ଜିଲା ଓ ରାଜ୍ୟ ପୋଲିସ ପ୍ରଶାସନ ଟିମ୍‌କୁ ସୁରକ୍ଷା ବ୍ୟବସ୍ଥା ଯାଞ୍ଚରେ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ଜିଲା ପୋଲିସ ପ୍ରଶାସନ ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଛନ୍ତି।

ପ୍ରତିବର୍ଷ ରଥଯାତ୍ରା ପୂର୍ବରୁ ଏନ୍ଏସ୍‌ଜି ଟିମ୍ ସୁରକ୍ଷା ବ୍ୟବସ୍ଥା ନେଇ ରୁଟିନ୍ ଯାଞ୍ଚ କରୁଥିବା ବେଳେ ଚଳିତ ବର୍ଷ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ନିରୀହ ପର୍ଯ୍ୟଟକଙ୍କ ମୃତ୍ୟୁ ପରେ ଦେଶର ବିଭିନ୍ନ ତୀର୍ଥସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଉଛି। ୪ ଧାମ ମଧ୍ୟରୁ ପୁରୀ ସର୍ବଶ୍ରେଷ୍ଠ ଧାମ। ରଥଯାତ୍ରାରେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ଭକ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏନ୍ଏସ୍‌ଜି ଟିମ୍ ପକ୍ଷରୁ ଏହି ଯାଞ୍ଚ କରାଯାଇଛି। ବିଶେଷକରି ଶ୍ରୀମନ୍ଦିର ମେଘନାଦ ପାଚେରି ଠାରୁ ତତ୍‌ସଂଲଗ୍ନ ସାହି, କେଉଁ କେଉଁ ସ୍ଥାନରେ ୱାଚ୍ ଟାୱାର ଥିଲା, ପୁରୀର ପ୍ରବେଶ ପଥ, ଶ୍ରୀମନ୍ଦିର ଭିତର ଓ ବାହାର ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି। ଏହି ଟିମ୍ ଜିଲା ପୋଲିସ ସହ ମଧ୍ୟ ପୂର୍ବରୁ ଆଲୋଚନା କରିଥିବାବେଳେ ମଙ୍ଗଳବାର ପୁରୀ ଏସ୍‌ପିଙ୍କ ସହ ଅଧିକ ଆଲୋଚନା କରିଛନ୍ତି। ଏହି ଟିମ୍ ସିଂହଦ୍ୱାର ସମ୍ମୁଖ ଦର୍ଶନ ବ୍ୟବସ୍ଥା, ଭେଟମଣ୍ଡପ ସମ୍ମୁଖ ମେଘନାଦ ପାଚେରି ନିକଟ ଅଞ୍ଚଳ, ଦକ୍ଷିଣ ପାର୍ଶ୍ୱ ଅଞ୍ଚଳ ଆଦି ଯାଞ୍ଚ କରିବା ସହ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ସ୍ୱତନ୍ତ୍ର ନକ୍ସା ତଦାରଖ କରିଥିବା ଜଣାପଡ଼ିଛି। ପରେ ଶ୍ରୀମନ୍ଦିର ଫାଣ୍ଡିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଟିମ୍ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସୁରକ୍ଷା ପ୍ରଶାସକଙ୍କ ସହ ଆଲୋଚନା କରିବା ପରେ ସମସ୍ତ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ଶ୍ରୀମନ୍ଦିର ବିଭିନ୍ନ ସମୟରେ ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଥିବାରୁ ସୁରକ୍ଷା ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି।



ଏନ୍ଏସ୍‌ଜି ଟିମ୍ ଶ୍ରୀମନ୍ଦିରର ସୁରକ୍ଷା ଯାଞ୍ଚ କରୁଛନ୍ତି ।

ଅନ୍ୟପକ୍ଷରେ ସାମ୍ପ୍ରତିକ ପରିସ୍ଥିତିରେ ଭାରତ-ପାକିସ୍ତାନ ମଧ୍ୟରେ ତିକ୍ତତା ଦେଖାଦେଇଛି। ଏଭଳି ପରିସ୍ଥିତିରେ ଏନ୍ଏସ୍‌ଜିର ଏହି ଯାଞ୍ଚ ପ୍ରକ୍ରିୟା ଗୁରୁତ୍ୱ ବହନ କରୁଛି। ଶ୍ରୀମନ୍ଦିର ସୁରକ୍ଷାରେ ବର୍ତ୍ତମାନ ୧୨ ପ୍ଲାଟୁନ ଫୋର୍ସ ରହିଛନ୍ତି। କଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀଙ୍କ ଆକ୍ରମଣ ପରେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଏନ୍ଏସ୍‌ଜି କମାଣ୍ଡର ପୁରୀ ଆସି ଶ୍ରୀମନ୍ଦିରର ସୁରକ୍ଷା ଯାଞ୍ଚ କରିଛନ୍ତି। ପରିକ୍ରମା ମାର୍ଗ, ବଡ଼ଦାଣ୍ଡ ସଂଲଗ୍ନ କରୁଥିବା ସାହିଗଳି ଆଦି ବୁଲି ଦେଖିଛନ୍ତି। ତାଙ୍କୁ ସମସ୍ତ ବିଭାଗ ପକ୍ଷରୁ ସହଯୋଗ କରାଯାଇଥିଲା। ଏନେଇ ଏସ୍‌ପି ଭିନିତ୍ ଅଗ୍ରୱାଲ କହିଛନ୍ତି, ଏନ୍ଏସ୍‌ଜିର ସ୍ୱତନ୍ତ୍ର ଟିମ୍ ପୁରୀ ଆସି ଶ୍ରୀମନ୍ଦିର ଏବଂ ଚାରିପାଖର ଅନୁଧ୍ୟାନ କରୁଛନ୍ତି। ଅନୁଧ୍ୟାନ ପରେ ଆଲୋଚନା ମଧ୍ୟ କରିବେ। ଶ୍ରୀମନ୍ଦିରର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ କହିଛନ୍ତି, ଟିମ୍ ଶ୍ରୀମନ୍ଦିରର ସୁରକ୍ଷା ଉପରେ ସରଜମିନ ତଦନ୍ତ କରି ଏକ ରିପୋର୍ଟ ପ୍ରଦାନ କରିବେ। ଏନେଇ ସୋମବାର କାର୍ଯ୍ୟାଳୟ ପରିସରରେ ଟିମ୍ ସହ ଅନେକ ବିଷୟରେ ଆଲୋଚନା କରାଯାଇଛି। ମଙ୍ଗଳବାର ଫିଲ୍ଡ ବୁଲି ସମୀକ୍ଷା କରିଛନ୍ତି।

## ରଥଖଳାରୁ...

# ତୁମ୍ବରେ ବିନ୍ଧ କାର୍ଯ୍ୟ ଆରମ୍ଭ



ପୁରୀ,୬।୫(ଅଜିତ୍ କୁମାର ମହାନ୍ତି)

ଘୋଷଯାତ୍ରା ନିମନ୍ତେ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ରଥ ନିର୍ମାଣର ୬ଷ୍ଠ ଦିନରେ ମହାରଣା ସେବକ ଓ କର୍ମଚାରୀମାନେ ରଥଖଳାରେ ଉପସ୍ଥିତ ରହି ମୁଖ୍ୟ ମହାରଣାଙ୍କ ପରାମର୍ଶକ୍ରମେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ତିନିରଥର ମୁଖ୍ୟ ମହାରଣାଙ୍କ ଦ୍ୱାରା ତୁମ୍ବ ବିନ୍ଧ ଅନୁକୂଳ ପୂଜା ସମ୍ପନ୍ନ ପରେ ତୁମ୍ବ ବିନ୍ଧ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରତିଟି ତୁମ୍ବରେ ୧୬ ଯୋଡ଼ା ବିନ୍ଧ ହୋଇଥାଏ। ମଙ୍ଗଳବାର ନିର୍ମାଣ କାର୍ଯ୍ୟ ଶେଷ ବେଳକୁ 'ତାଳଧ୍ୱଜ'ର ୧୪ ଗୋଟି ତୁମ୍ବର ୭ ଯୋଡ଼ା, ସୁଭଦ୍ରାଙ୍କ ରଥର ୧୨ ଗୋଟି ତୁମ୍ବରୁ ୬ ଯୋଡ଼ା ଏବଂ 'ନନ୍ଦିଘୋଷ' ରଥର ୧୬ ଗୋଟି ତୁମ୍ବ ୮ ଯୋଡ଼ା ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ଏଥିସହ କରତୀ ମହାରଣାମାନେ ତିନିରଥର ୫ ଗୋଟି ତୁମ୍ବର ଘେର କଟା କାର୍ଯ୍ୟ ଶେଷକରିଛନ୍ତି। ସେହିପରି ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଅର କଣ୍ଟା ସହ ତିନିରଥର ତୁମ୍ବ ପାଇଁ ୪ ଗୋଟି ଲେଖାଏଁ ପନ୍ଦାରୀବଳା ନିର୍ମାଣ କରିଛନ୍ତି।

## ସଂକ୍ଷେପରେ

### ବିଳମ୍ବିତ ରାତ୍ରିରେ ଜଗନ୍ନାଥ ମନ୍ଦିରରୁ ଚୋରି

କାକଟପୁର,୬।୫( ଶୁଭଦର୍ଶନ ମିଶ୍ର)

କାକଟପୁର ଥାନା ଅଧୀନ ଆନନ୍ଦ ବଜାରସ୍ଥିତ ଜଗନ୍ନାଥ ମନ୍ଦିରରୁ ଗତ ଶନିବାର ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତମାନେ ମନ୍ଦିର ତାଲା ଭାଙ୍ଗି ୩ଟି ହୁଣ୍ଡି ମଧ୍ୟରୁ ୨ଟିରୁ ପ୍ରାୟ ୪୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଚୋରି କରିନେଇଛନ୍ତି। ଏଥିସହ ଅନ୍ଧାର ସୁଯୋଗରେ ମନ୍ଦିର ଭିତରେ ରହୁଥିବା ମହେଶ୍ୱର ପାତ୍ରଙ୍କୁ ତାଲା ପକାଇଥିଲେ। ଏ ନେଇ ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ଉପସଭାପତି ଶୈଳେନ କୁମାର ପାତ୍ର କାକଟପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ଛାନ୍‌ଭିନ୍ ଚଳାଇବା ସହ ୯୩/୨୫ରେ ମାମଲା ରୁଜୁ କରିଛି। ଦୁର୍ବୃତ୍ତଙ୍କ ସନ୍ଧାନ ମିଳି ନ ଥିବାବେଳେ ସେମାନେ ସ୍ଥାନୀୟ ଅଞ୍ଚଳର ନିଶାସକ୍ତ ଯୁବକ ଏଭଳି ଚୋରି କରିପାରିବେ ବୋଲି ସନ୍ଦେହ କରାଯାଉଛି। ତେବେ ଅଞ୍ଚଳରେ ଲୁଟେରା, ଦୁର୍ବୃତ୍ତ ମାତିଥିବାବେଳେ ସେମାନେ ସିଧାସଳଖ ମନ୍ଦିରକୁ ଟାର୍ଗେଟ କରୁଛନ୍ତି। ଗୋଟିଏ ପରେ ଗୋଟିଏ ମନ୍ଦିରର ଆସବାବ ପତ୍ର, ଟଙ୍କା ଓ ଅଳଙ୍କାର ଚୋରି କରିନେଉଛନ୍ତି।

### ମାର୍କଣ୍ଡେଶ୍ୱର ସାହି ପରିଦର୍ଶନକଲେ ଏସ୍‌ପି

ପୁରୀ,୬।୫(ଅଜିତ୍ କୁମାର ମହାନ୍ତି)

ଜୁନ୍ ୨୭ରେ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହେବ। ଗତବର୍ଷ ଭଳି ଚଳିତ ବର୍ଷ ଘୋଷଯାତ୍ରାକୁ ଯେପରି ଶୃଙ୍ଖଳିତ ଭାବେ ଶେଷ କରାଯିବ ସେ ନେଇ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏସ୍‌ପି ଭିନୀତ ଅଗ୍ରୱାଲ୍ ମଙ୍ଗଳବାର ମାର୍କଣ୍ଡେଶ୍ୱର ସାହି ବୁଲିବା ସହ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଛନ୍ତି। ଏହି ସମୟରେ ସ୍ଥାନୀୟ ନିବାସୀଙ୍କ ସହ ଆଲୋଚନାକରି ସେମାନଙ୍କ ଅଭିଯୋଗ ଗ୍ରହଣ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଗମ୍ଭୀରତାର ସହିତ ଗ୍ରହଣ କରି ସମୟ ମଧ୍ୟରେ ସମାଧାନ କରାଯିବ ବୋଲି ଅଗ୍ରୱାଲ ଆଶ୍ୱାସନା ଦେଇଛନ୍ତି। ଆଲୋଚନା ସମୟରେ ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ଟାଉନ୍ ଆଇଆଇସି ଗୋକୁଳ ରଞ୍ଜନ ଦାସ, ଟ୍ରାଫିକ୍ ଆଇଆଇସି ଜୟଦୀପ ମହାନ୍ତି, ବାସେଲୀ ସାହି ଆଇଆଇସି ବିକ୍ରମ କିଶୋର ଜେନା, ଘନଶ୍ୟାମ ହେମ୍ବ୍ରମ ଏବଂ ବିଜୟ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

### ତାଳଦା ପଞ୍ଚାୟତକୁ ଗଡ଼ିଲା ମୁଖ୍ୟମନ୍ତ୍ରୀ ବସ୍



ଅସ୍ତରଙ୍ଗ,୬।୫(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତକୁ ବହୁତ ଦିନ ପରେ ଗଡ଼ିଲା ମୁଖ୍ୟମନ୍ତ୍ରୀ ବସ୍। ବିଜୁ ସେତୁ ନିର୍ମାଣ ପରେ ବି ଏହି ଅଞ୍ଚଳକୁ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଗାଇ ଦିଆଯାଇ ନ ଥିଲା। ସେଥିପାଇଁ ଅଞ୍ଚଳବାସୀ ବହୁତ ଅସୁବିଧାର ସମ୍ମୁଖୀନ ହୋଇ ଖର୍ଚ୍ଚାନ୍ତ ହେଉଥିଲେ। ବିଳମ୍ବରେ ହେଉ ପଛେ ପ୍ରଶାସନର ହସ୍ତକ୍ଷେପ ପରେ ଅସ୍ତରଙ୍ଗରୁ ତାଳଦା ପଞ୍ଚାୟତକୁ ଏହି ବସ୍‌ସେବା ଆରମ୍ଭ ହୋଇଛି। ତାଳଦାକୁ ସରକାରୀ ବସ୍ ସେବା ମିଳିବା ପରେ ସରପଞ୍ଚ ଇଂ. ଦୀପକ ପରିଡ଼ା, ସମିତି ସଭ୍ୟ ଅମିୟ ସେଠୀ, ସାମାଜିକ କର୍ମୀ ତଥା ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ପୁରୀ ଜିଲା ଶାଖା, ଅସ୍ତରଙ୍ଗ ପ୍ରେସ୍ କ୍ଲବର ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡ଼ାଙ୍କ ସହ ଅଞ୍ଚଳବାସୀ ବ୍ଲକ ପ୍ରଶାସନ, ଜିଲା ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି।

# ଛାତ୍ରୀଛାତ୍ରଙ୍କୁ ଗଢ଼ି ତୋଳିବାରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ଅକ୍ସଫୋର୍ଡ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକୋତ୍ସବରେ ଅତିଥିଙ୍କ ଗହଣରେ ପିଲାମାନେ ।

**ଅକ୍ସଫୋର୍ଡ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକୋତ୍ସବ**

ପିପିଲି,୬।୫(ଦୁର୍ଗାମାଧବ ମିଶ୍ର)

ଜଇଁଶପାଟଣା ଆରୁହାସ୍ଥିତ ଅକ୍ସଫୋର୍ଡ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକୋତ୍ସବ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ଡ. ରାଜେଶ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର କିସ୍ ୟୁନିଭରସିଟିର ନିର୍ଦ୍ଦେଶକ ସରୋଜ କୁମାର ଦାସ, ମୁଖ୍ୟବକ୍ତା ଭାବେ ନେତାଜୀ ଇଂରାଜୀ ଏବଂ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ହେମନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଗୋବିନ୍ଦପୁର କ୍ଲଷ୍ଟରର ସିଆର୍‌ସିସି ସୁନୀତା ନାୟକ, ପ୍ରାକ୍ତନ ସିଆର୍‌ସିସି ଚିନ୍ତାମଣି ଓଝା ପ୍ରମୁଖ ଯୋଗଦେଇଥିଲେ। କୁନି କୁନି ଛାତ୍ରୀଛାତ୍ର ଦେଶର ଭବିଷ୍ୟତ। ସେମାନଙ୍କୁ ଗଢି ତୋଳିବାରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତାମାନେ ମତ ରଖିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଡ. ସାହୁ ବିଦ୍ୟାଳୟ ଗଢିବାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ରାକେଶ କୁମାର ଜେନା ସଭା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୁଚିସ୍ମିତା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ବିଶ୍ୱରଞ୍ଜନ ପ୍ରଧାନ, ଶିକ୍ଷୟିତ୍ରୀ ଶର୍ମିଷ୍ଠା ସାହୁ, ସୁପ୍ରଭା ବିଶ୍ୱାଳ, ଚିନ୍ମୟୀ ସାମନ୍ତରାୟ, ସିନ୍ଧୁସୂତା ପରିମାଣିକ, ଲକ୍ଷ୍ମୀପ୍ରିୟା ପରିଡ଼ା, ସତ୍ୟଭାମା ଦାସ ଏବଂ ଶୁଭଶ୍ରୀ ଶୁଭସ୍ମିତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ରଶ୍ମି ସାଇ ଆଲୋକିତାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ର ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପଶ୍ଚିମବଙ୍ଗ ସରକାରଙ୍କୁ ଦିଆଯାଇଥିବା ଜମି ବାତିଲ କରିବାକୁ ଦାବିପତ୍ର

ପୁରୀ,୬।୫(ଅଜିତ୍ କୁମାର ମହାନ୍ତି)

ପ୍ରସ୍ତାବିତ ଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଥିବା ଜମିକୁ ବଙ୍ଗଳା ନିବାସ ନିମନ୍ତେ କରାଯାଇଥିବା ଆବଣ୍ଟନକୁ ସରକାର ତୁରନ୍ତ ବାତିଲ କରିବାକୁ ଭଏସ୍ ଅଫ୍ କମନ ମ୍ୟାନର ହେକ୍ଟର ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି ଏକ ଚିଠି ଲେଖିଛନ୍ତି। ଚିଠିରେ ଉଲ୍ଲେଖ ହୋଇଛି, ଆମ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ବହୁ ସମୟରେ ଓଡ଼ିଶାର ଅନେକ ଐତିହ୍ୟରାଜିକୁ ନିଜର ବୋଲି ଦାବି କରିଆସିଛି। କିଛିଦିନ ପୂର୍ବେ ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି। ଦୀଘାଠାରେ ଜଗନ୍ନାଥ ମନ୍ଦିର ନିର୍ମାଣ କରି ତାହାକୁ ଜଗନ୍ନାଥ ଧାମ ଭାବେ ଅଭିହିତ କରାଯାଇଛି। ୨୦୨୩ ମସିହାରେ ତତ୍କାଳୀନ ରାଜ୍ୟ ସରକାର ପ୍ରାୟ ୫ ଏକର ଜମି ବଙ୍ଗଳା ନିବାସ ନିର୍ମାଣ ପାଇଁ ସିପସରୁବାଲି ମୌଜାଠାରେ ପ୍ରଦାନ କରିଥିଲେ। ଆଶ୍ଚର୍ଯ୍ୟର କଥା, କୌଣସି ପ୍ରତିଷ୍ଠିତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରଣାଳୀ, ଲିଜ୍ ନୀତି କିମ୍ବା ଜନସାଧାରଣଙ୍କ ସ୍ୱାର୍ଥ ଯଥାର୍ଥତା ନ କରି ଏହି ଜମି ପଶ୍ଚିମବଙ୍ଗ ସରକାରଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ମନମୁଖୀ ପକ୍ଷପାତିତା ଏବଂ ଓଡ଼ିଶାବାସୀଙ୍କ ସାମୂହିକ ଇଚ୍ଛା ଏବଂ ଭାବନା ବିରୁଦ୍ଧରେ ହୋଇଛି। ଏହିପରି ପ୍ରତିଷ୍ଠା ଓଡ଼ିଶା ପାଇଁ କୌଣସି କାର୍ଯ୍ୟକଳାପ କିମ୍ବା ସାଂସ୍କୃତିକ ଆବଶ୍ୟକତା ବହନ କରେ ନାହିଁ। ବାସ୍ତବରେ ଭବିଷ୍ୟତର ସାମାଜିକ-ରାଜନୈତିକ ପ୍ରଭାବ ଏବଂ ସାଂସ୍କୃତିକ ଏନ୍‌କାଉଣ୍ଟର ପ୍ରୟାସକୁ ନେଇ ଆଶଙ୍କା ବଢିବ। ଉକ୍ତ ଜମି ଆବଣ୍ଟନ ସମ୍ବନ୍ଧୀୟ ରେକର୍ଡ ଅଫ୍ ରାଇଟ୍ସ ତୁରନ୍ତ ବାତିଲ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଭଏସ୍ ଅଫ୍ କମନ୍ ମ୍ୟାନର ମିଶ୍ର ଦାବି କରିଛନ୍ତି।

# ଆଜି ଅପରାହ୍ନରେ ମକ୍ ଡ୍ରିଲ୍



ବୈଠକରେ ଜିଲାସ୍ତରୀୟ ଅଧିକାରୀମାନେ ।

ପୁରୀ,୬।୫(ଅଜିତ୍ କୁମାର ମହାନ୍ତି)

ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ପାଇଁ ସମସ୍ତ ନାଗରିକଙ୍କୁ ସତର୍କ ଓ ସୁରକ୍ଷିତ ରଖିବା ପାଇଁ ଏକ ମକ୍‌ଡ୍ରିଲ୍‌ର ବ୍ୟବସ୍ଥା କରାଯାଇଛି। ବୁଧବାର ଅପରାହ୍ନ ୪ଟାରେ ପୁରୀ ବଡ଼ଦାଣ୍ଡ ଟାଉନ୍ ଥାନା ନିକଟ, ପେଣ୍ଠକଟା ବାତ୍ୟା ଆଶ୍ରୟସ୍ଥଳ ଓ ପୁରୀ ହୋଟେଲ ସମ୍ମୁଖ ବେଳାଭୂମି ସହ ଜିଲାର ମୋଟ ୨୩ଟି ସ୍ଥାନରେ ଏହି ମକ୍‌ଡ୍ରିଲ୍‌ର ଆୟୋଜନ କରାଯାଇଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଏନେଇ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ସର୍କିଟ ହାଉସଠାରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମକ୍‌ଡ୍ରିଲ୍ ପାଇଁ ସରକାର ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକା ଆଧାରରେ ସମସ୍ତ କାର୍ଯ୍ୟ ପରିଚାଳନା ପାଇଁ ଅନୁରୋଧ କରିଥିଲେ। ଅପରାହ୍ନ ୪ଟାରେ ସାଇରନ୍ ୫ ମିନିଟ୍ ପାଇଁ ବାଜିବ। ସାଇରନ ଶବ୍ଦ ଶୁଣିବା ମାତ୍ରେ ବାହାରେ ଥିବା ପ୍ରତ୍ୟେକ ନାଗରିକ ସୁରକ୍ଷିତ ଛାତଘର, କୋଠା, ବିଲ୍ଡିଂ ଇତ୍ୟାଦି ମଧ୍ୟକୁ ପ୍ରବେଶକରି ସୁରକ୍ଷିତ ରହିବେ। ସେମାନଙ୍କୁ ସୁରକ୍ଷା କର୍ମୀ, ଆପଦ ମିତ୍ର, ସେଣ୍ଟ ଜନ୍ ଆମ୍ବୁଲାନ୍ସ, ଏନ୍‌ସିସି, ଏନ୍ଏସ୍ଏସ୍, ରେଡ୍‌କ୍ରସ୍‌ର ସ୍ୱେଚ୍ଛାସେବୀମାନେ ସହଯୋଗ କରିବେ। ଆକ୍ରମଣ ଶେଷ ହେବାର ସୂଚନା ଭାବେ ପୁନଶ୍ଚ ସାଇରନ୍ ବାଜିଲେ ନାଗରିକମାନେ ପୂର୍ବବତ ସ୍ୱାଭାବିକ କାର୍ଯ୍ୟ କରିପାରିବେ। ଏହି ମକ୍‌ଡ୍ରିଲ୍ ସମୟରେ ଅଭ୍ୟାସ ସମୟରେ ଆହତ ହୋଇଥିବା ଲୋକଙ୍କୁ ଉଦ୍ଧାର ଓ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ମଧ୍ୟ ପ୍ରସ୍ତୁତ ହୋଇ ରହିଥିବ। ଏସବୁ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ହୋଇଥିବାରୁ ସାଧାରଣ ଜନତା ଆଦୌ ଭୟଭୀତ ନ ହେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ବୈଠକରେ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଡିଆଇବି ଅତିରିକ୍ତ ଏସ୍‌ପି ଦେବୀଶଙ୍କର ପ୍ରତାପ, ସିଡିଏମ୍‌ଓ ଡ. ରୂପଭାନୁ ମିଶ୍ର, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଓ ସୁରକ୍ଷା ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମାଟ୍ରିକ୍ ପରୀକ୍ଷାରେ ୧୬ ବିଦ୍ୟାଳୟରେ ଶତ ପ୍ରତିଶତ ସଫଳତା

ନିମାପଡ଼ା,୬।୫(ବିଚିତ୍ରାନନ୍ଦ ସାହୁ)

ଚଳିତ ମାଟ୍ରିକ୍ ପରୀକ୍ଷାରେ ନିମାପଡ଼ା ବ୍ଲକରେ ୪୮ଟି ସରକାରୀ ଓ ୩ଟି ବେସରକାରୀ ଏପରି ମୋଟ ୫୧ଟି ଉଚ୍ଚ ବିଦ୍ୟାଳୟରେ ୨,୫୪୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୨,୪୭୨ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୯ ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ରଖି ନିମାପଡ଼ା ବ୍ଲକ ଓ ନିଜ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ୧୬ଟି ଉଚ୍ଚବିଦ୍ୟାଳୟରେ ଶତପ୍ରତିଶତ ପରୀକ୍ଷାଫଳ ହୋଇଥିବା ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ କହିଛନ୍ତି। ପରୀକ୍ଷାରେ ବ୍ଲକ ଅଧୀନ ନୂଆସନ୍ଥ ଉତ୍କଳମଣି ଉଚ୍ଚ ବିଦ୍ୟାଳୟ ଛାତ୍ର ତନ୍ମୟ ମିଶ୍ର ମୋଟ ୫୬୭ ନମ୍ବର ଅର୍ଥାତ୍ ୯୪.୫% ରଖି ସଫଳତା ହାସଲ କରି ବ୍ଲକରେ ଟପ୍ପର ହୋଇଛନ୍ତି। ମୋଟାମୋଟି ଭାବେ ଚଳିତ ମାଟ୍ରିକ୍ ପରୀକ୍ଷାରେ ନିମାପଡ଼ା ବ୍ଲକ ଜିଲାରେ ଆଶାତୀତ ସଫଳତା ହାସଲ କରିଛି। ଏହି ପରୀକ୍ଷାରେ ବ୍ଲକ ସମେତ ସମଗ୍ର ରାଜ୍ୟରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସାଧୁବାଦ ଜଣାଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଗେଟ୍‌ରେ ତାଲା: ବାହାରେ ବସିଲେ ଅଧ୍ୟାପିକା ଅଧ୍ୟାପକ

ଗୋପ,୬।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଗ୍ରୀଷ୍ମ ପ୍ରବାହକୁ ନେଇ ରାଜ୍ୟ ସରକାର ସମସ୍ତ ସ୍କୁଲ କଲେଜକୁ ବନ୍ଦ କରିଛନ୍ତି। ଏଥିସହ ପ୍ରତ୍ୟେକ ସ୍କୁଲ, କଲେଜରେ ରୋଷ୍ଟର ଡ୍ୟୁଟି ଅନୁସାରେ ଷ୍ଟାଫ୍ ଡ୍ୟୁଟି କରିବେ ବୋଲି ନିର୍ଦ୍ଦେଶ ରହିଛି। ତେବେ ମଙ୍ଗଳବାର ଗୋପ ମହାବିଦ୍ୟାଳୟରେ ତାଲା ଝୁଲିବା ଯୋଗୁ ରୋଷ୍ଟର ଡ୍ୟୁଟିରେ ଆସିଥିବା ଅଧ୍ୟାପିକା ଅଧ୍ୟାପକମାନେ ଦୀର୍ଘ ଘଣ୍ଟା ଧରି ବାହାରେ ବସିଥିବା ଭଳି ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଗୋପ ମହାବିଦ୍ୟାଳୟ ଏ ଅଞ୍ଚଳର ଏକମାତ୍ର କଲେଜ ହୋଇ ଥିବାରୁ ଏଠାରେ ୨,୦୦୦ରୁ ଅଧିକ ଛାତ୍ରୀଛାତ୍ର ପଢୁଛନ୍ତି। କିନ୍ତୁ ସବୁ ସମୟରେ ଏହି ମହାବିଦ୍ୟାଳୟକୁ ଠିକ୍ ଭାବେ କଲେଜ କର୍ତ୍ତୃପକ୍ଷଙ୍କ ସହ ଅଧ୍ୟାପିକା ଅଧ୍ୟାପକମାନେ ନ ଆସିବା, ବାର୍ଷିକୋତ୍ସବ ନ ହେବା, କଲେଜ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଚଳିତ ବର୍ଷର ବାର୍ଷିକ ପତ୍ରିକା ନ ମିଳିବା ସହ ଶିକ୍ଷାଦାନ ଠିକ୍ ଭାବେ ନ କରାଯିବା ଓ ବାୟୋମେଟ୍ରିକ ମେସିନରେ ଟିପ ଦେଇ ଅଧ୍ୟାପିକା ଅଧ୍ୟାପକ ପଳାଇଯିବା ଭଳି ଅଭିଯୋଗ ରହିଛି। ତେବେ ମଙ୍ଗଳବାର ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଅନୁପସ୍ଥିତି ଯୋଗୁ ରୋଷ୍ଟର ଡ୍ୟୁଟିରେ ଆସିଥିବା ଅଧ୍ୟାପିକା ଅଧ୍ୟାପକମାନେ ବାହାରେ ବସିଥିବା ଭଳି ଅଭିଯୋଗ ହୋଇଥିଲା। ହେଲେ ଅଧ୍ୟକ୍ଷା ପ୍ରିୟମ୍ବଦା ପଣ୍ଡାଙ୍କ ନିକଟରେ ଅଫିସ ଚାବିଥିବାରୁ ସେ କେବଳ ତାଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ ବୋଲି ଜଣାପଡ଼ିଛି। ଏପରି ଏକ ପ୍ରସଙ୍ଗରେ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା। ଏଥିସହ ତୁରନ୍ତ ସ୍ଥାୟୀ ଅଧ୍ୟକ୍ଷା ନିଯୁକ୍ତି କରିବା, ଅନୁପସ୍ଥିତ ଅଧ୍ୟାପିକା ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଦାବି ଜୋର ଧରିଛି। ଏହି ଅଭିଯୋଗ ସମ୍ପର୍କରେ କଲେଜ ଅଧ୍ୟକ୍ଷା ପଣ୍ଡାଙ୍କୁ ଟେଲିଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।



ମହାବିଦ୍ୟାଳୟରେ ତାଲା ପଡିଛି ।

# ତଦନ୍ତବେଳେ ୨ ମହିଳା ଗୋଷ୍ଠୀଙ୍କ ମଧ୍ୟରେ ଠେଲାପେଲା

**ବେଦପୁର ପଞ୍ଚାୟତରେ ଖାଉଟି ସାମଗ୍ରୀ ବଣ୍ଟନରେ ଅନିୟମିତତା ଅଭିଯୋଗ**

ଗୋପ,୬।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅଧୀନ ବେଦପୁର ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଖାଉଟି ସାମଗ୍ରୀ ବଣ୍ଟନରେ ଅନିୟମିତତା ଅଭିଯୋଗ ହୋଇଛି। ଏହାର ତଦନ୍ତ ସମୟରେ ତଦନ୍ତକାରୀ ଅଧିକାରୀଙ୍କ ଉପସ୍ଥିତିରେ ୨ ମହିଳା ଗୋଷ୍ଠୀ ମଧ୍ୟରେ ଠେଲାପେଲା ହେବା ଦେଖିବାକୁ ମିଳିଥିଲା। ମାତ୍ର ଏହାରି ଭିତରେ କେତେଜଣ ହାତଗଣତି ଅଭିଯୋଗକାରୀଙ୍କ ଅଭିଯୋଗକୁ ନେଇ ତଦନ୍ତକାରୀ ଅଫିସରମାନେ ତଦନ୍ତ କରି ଫେରିଥିବା ଜଣାପଡ଼ିଛି।



ଦୁଇ ମହିଳା ଗୋଷ୍ଠୀଙ୍କ ମଧ୍ୟରେ ପାଟିତୁଣ୍ଡ ।

ପ୍ରକାଶ ଯେ, ଦୀର୍ଘଦିନ ଧରି ଏହି ପଞ୍ଚାୟତରେ ଜାଗୁଲାଇ ସ୍ୱୟଂ ସହାୟିକା ଗୋଷ୍ଠୀ ଖାଉଟି ସାମଗ୍ରୀ ବଣ୍ଟନ ଦାୟିତ୍ୱ ନେଇ ସୁଚାରୁରୂପେ ବଣ୍ଟନ ପ୍ରକ୍ରିୟା କରି ଆସୁଛି। ବେଦପୁର ପଞ୍ଚାୟତରେ ଖାଉଟି ସାମଗ୍ରୀ ବଣ୍ଟନରେ ଅନିୟମିତତା ଅଭିଯୋଗ କରି ୨୦୦ରୁ ଉର୍ଦ୍ଧ୍ୱ ମହିଳା ଗତ ମାର୍ଚ୍ଚ ୧୮ରେ ଉପମୁଖ୍ୟମନ୍ତ୍ରୀ, ଯୋଗାଣ ମନ୍ତ୍ରୀଙ୍କ ସହ ବିଡିଓଙ୍କ ନିକଟରେ ଦସ୍ତଖତ ଅଭିଯୋଗ କରିଥିଲେ। ଅଭିଯୋଗକୁ ନେଇ ବିଡିଓ ଛବିରାଣୀ ସାହୁଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ଅତିରିକ୍ତ ବିଡିଓ ଦୀପକ କୁମାର ଜେନା, ବ୍ଲକ ଯୋଗାଣ ନିରୀକ୍ଷକ ରଚିତା ପଣ୍ଡା ତଦନ୍ତ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପହଞ୍ଚି ତଦନ୍ତ କରିଥିଲେ। ଅଭିଯୋଗକାରୀଙ୍କ ମଧ୍ୟରୁ ମାତ୍ର ୪ ଜଣ ମହିଳା ଖାଉଟି ସାମଗ୍ରୀ ବଣ୍ଟନରେ ଅନିୟମିତତା ହେବା ଅଭିଯୋଗ ଆଣିଥିଲେ। ଶତାଧିକ ମହିଳା ଖାଉଟି ସାମଗ୍ରୀ ବଣ୍ଟନ ଠିକ୍ ଭାବରେ କରାଯାଉଛି ବୋଲି ତଦନ୍ତକାରୀ ଅଧିକାରୀଙ୍କୁ କହିଥିଲେ। ଏହି ଘଟଣାକୁ ନେଇ ୨ ମହିଳା ଗୋଷ୍ଠୀ ମଧ୍ୟରେ କଥା କଟାକଟି ହେବା ସହ ଠେଲାପେଲା ହୋଇଥିଲା। ପରେ ଅଧିକାରୀମାନେ ଉଭୟ ଗୋଷ୍ଠୀଙ୍କ ମତାମତ ଓ ସାଧାରଣ ଲୋକଙ୍କ ମତାମତ ନେବା ସହିତ ଖାଉଟି ସାମଗ୍ରୀ ବଣ୍ଟନ କରାଯାଉଥିବା ଖାତାପତ୍ର ଯାଞ୍ଚ କରି ଫେରିଥିଲେ। ହେଲେ ପଞ୍ଚାୟତରେ ୧୨୦୦ ହିତାଧିକାରୀ ଥିବା ତଦନ୍ତ ସମୟରେ ଜଣାପଡ଼ିଥିବାବେଳେ ସେପରି ଅନିୟମିତତା ଅଭିଯୋଗ ଆସି ନ ଥିଲା। ଏହି ତଦନ୍ତକୁ ନେଇ ଅତିରିକ୍ତ ବିଡିଓ ଦୀପକ କୁମାର ଜେନାଙ୍କୁ ପଚାରିବାରେ, ତଦନ୍ତ କରାଯାଇଛି। ଉପଜିଲାପାଳଙ୍କୁ ରିପୋର୍ଟ ଦିଆଯିବ ବୋଲି କହିବା ସହ ଅନ୍ୟାନ୍ୟ ଅଭିଯୋଗ ଉପରେ କୌଣସି ସୂଚନା ଦେଇ ନ ଥିଲେ।

**ଶ୍ରୀମନ୍ଦିର ସୁରକ୍ଷା ଯାଞ୍ଚକଲା ଏନ୍‌ଏସ୍‌ଜି ଟିମ୍**

ପୁରୀ,(ଅଜିତ୍ କୁମାର ମହାନ୍ତି): ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍‌ଏସ୍‌ଜି)ର ଏକ ୪ଜଣିଆ ଟିମ୍ ମଙ୍ଗଳବାର ଶ୍ରୀମନ୍ଦିର ଯାଇ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ବିଶେଷକରି ମେଘନାଦ ପାଚେରି ଠାରୁ ତତ୍‌ସଂଲଗ୍ନ ସାହି, ୱାଚ୍ ଟାୱାର ଥିବା ସ୍ଥାନ, ପୁରୀର ପ୍ରବେଶ ପଥ, ଶ୍ରୀମନ୍ଦିର ଭିତର ଓ ବାହାର ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି। ସେହିପରି ଆଗକୁ ମହାପ୍ରଭୁଙ୍କ ରଥଯାତ୍ରା ଥିବାରୁ ଏହି ଟିମ୍ ସେ ସଂକ୍ରାନ୍ତରେ ଏହି ଟିମ୍ ଏସ୍‌ପିଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ସ୍ୱତନ୍ତ୍ର ନକ୍ସା ତଦାରଖ କରିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### 'ବିଷଦେଇ କୁକୁରଙ୍କୁ ମାରୁଥିବା ବ୍ୟକ୍ତିକୁ ଦଣ୍ଡ ଦିଆଯାଉ'

ଭୁବନେଶ୍ୱର, ୬।୫(ବନ୍ଦନା ସେଠୀ)

ଭୁବନେଶ୍ୱର ପୁରୁଣା ବିମାନବନ୍ଦର ଅଞ୍ଚଳରେ କେହି ଦୁର୍ବୃତ୍ତ ଗତ କିଛିଦିନ ହେବ କୁକୁଡ଼ା ମାଂସ ଓ ମୁଣ୍ଡରେ ବିଷଦେଇ କୁକୁରମାନଙ୍କୁ ମାରୁଛନ୍ତି। ମଙ୍ଗଳବାର ସିଟି ଆନିମଲ୍ ଗ୍ରୁପ୍‌ର ସଦସ୍ୟ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀମାନେ ଏହାକୁ ବିରୋଧ କରି ରାସ୍ତାକୁ ଓହ୍ଲାଇଥିଲେ। ଘଟଣା ସମ୍ପର୍କରେ ଏୟାରପୋର୍ଟ ଥାନାରେ ମେ' ୩ରେ ଏକ କେସ୍ (ନଂ. ୨୩୪/୨୫)ରେ ଏତଲା ଦେଇଥିବାବେଳେ ବିଏମ୍‌ସି, ଖୋର୍ଦ୍ଧା ଜିଲା ଏଡିଭିଓ ଏବଂ ଏସ୍‌ପିଏ ସଦସ୍ୟମାନଙ୍କୁ ଅବଗତ କରାଯାଇଛି। ପୋଲିସ ଜୀବେ ନିଷ୍ଠୁରତା ନିରୋଧ ଆଇନର ଧାରା ୩୨୫ ଓ ୧୧କୁ ନେଇ ତଦନ୍ତ ଆରମ୍ଭ କରିଥିବାବେଳେ ସୋମବାର ରାତ୍ରିରେ ପୁଣି ସେହି ସ୍ଥାନରେ କେହି ଦୁର୍ବୃତ୍ତ କୁକୁଡ଼ା ମାଂସରେ ବିଷ ଦେଇ ସେଠାରେ ପକାଇଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାଂସକୁ ଜବତ କରିଛି। ତେବେ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ପ୍ରାଣୀପ୍ରେମୀ ତଥା ସ୍ୱେଚ୍ଛାସେବୀଙ୍କୁ ଏହା ମର୍ମାହତ କରିଛି। ତୁରନ୍ତ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିବା ସହ ଉପଯୁକ୍ତ ଦଣ୍ଡ ଦେବା ପାଇଁ ଦାବି କରାଯାଇଛି। ପ୍ରତିବାଦ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସିଟି ଆନିମାଲ ଗ୍ରୁପ ସଭାପତି ମିଳନ ରଥ, ସ୍ୱେଚ୍ଛାସେବୀ ଶର୍ମିଷ୍ଠା ଜେନା, ଅଙ୍କିତା ସୁବୁଦ୍ଧି, ଶାରଦା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ଦୁର୍ଘଟଣାରେ ୩ ଗୁରୁତର

ବାଲକାଟୀ, ୬।୫(ମନୋଜ ମଣ୍ଡଳ)

ବାଲକାଟୀ ବ୍ରିଜ୍ ଉପରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବାଇକ୍ ଦୁର୍ଘଟଣା ଘଟିଛି। ଏଥିରେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ସରକଣା ଅଞ୍ଚଳର ବିକ୍ରମ ସାମଲ, ମନୋଜ ସାମଲ ଓ ବାଲକାଟୀ ନୂଆପାଟଣାର ବ୍ୟବସାୟୀ ବାବୁଲି ସାହୁ। ସୂଚନା ମୁତାବକ, ବାବୁଲି ଭାର୍ଗବୀ ବ୍ରିଜ୍ ଉପରେ ବାଇକ୍ ରଖି ଫୁଟ୍‌ପାଥ୍‌ରେ ରାସ୍ତା ପାର ହେଉଥିଲେ। ଏହିସମୟରେ ଉତ୍ତରା ଆଡୁ ଏକ ବାଇକ୍‌ରେ ବିକ୍ରମ ଓ ମନୋଜ ଆସି ବାବୁଲାଙ୍କୁ ଧକ୍କା ଦେଇଥିଲେ।

### ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଗ୍ରୀଷ୍ମ ଅବକାଶ ଶିବିର

ତ୍ରିଶୂଳିଆ,୬।୫(ତୁଷାରକାନ୍ତ ବେହେରା)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରଘୁନାଥପୁରସ୍ଥିତ ବ୍ରହ୍ମାକୁମାରୀ ସରସ୍ୱତୀ ବିହାରଠାରେ ଆୟୋଜିତ ୩ଦିନିଆ ଗ୍ରୀଷ୍ମ ଅବକାଶ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ସଭ୍ୟ କୁନାଲ ରାଉତ, ବୁଗୁଡ଼ା ବ୍ଲକ ଅଧ୍ୟକ୍ଷା କେ. ପ୍ରିୟଦର୍ଶିନୀ ଆଚାରୀ, ଭାଜପା ସୋମନାଥ ଗ୍ରାମୀଣ ମଣ୍ଡଳ ସଭାପତି ସଞ୍ଜୟ ପତି, ବ୍ରହ୍ମାକୁମାରୀର ଝରଣା ଅପା ଏବଂ ସୁବାସ ଭାଇ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ସ୍ଥାନୀୟ ଅଞ୍ଚଳର ବହୁ ଛାତ୍ରୀଛାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବବିତା ଭଉଣୀ ପରିଚାଳନା କରିଥିଲେ।

# ସରକାରୀ ହସ୍ପିଟାଲରେ ଅଗ୍ନି ନିରାପତ୍ତାକୁ ଗୁରୁତ୍ୱ

- ଚଳିତ ଆର୍ଥିକ ବର୍ଷରେ ୩୦୦ କୋଟିର ପ୍ରାବଧାନ
- ଓଟି, ଆଇସିୟୁ, ଏସ୍‌ଏନ୍‌ସିୟୁ ଏବଂ ଉଚ୍ଚ ବିଦ୍ୟୁତ୍ ଶକ୍ତିସମ୍ପନ୍ନ ଯନ୍ତ୍ରପାତିକୁ ଅଗ୍ରାଧିକାର

ଭୁବନେଶ୍ୱର, ୬।୫(ବନ୍ଦନା ସେଠୀ)



ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍. ଏବଂ ଅନ୍ୟ ଅଧିକାରୀମାନେ।

ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ହସ୍ପିଟାଲଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଆହୁରି ଦୃଢ଼ୀଭୂତ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି କ୍ରମରେ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍. ଲୋକସେବା ଭବନ ସଭାଗୃହରେ ସ୍ଥିତିର ସମୀକ୍ଷା କରିଛନ୍ତି। ସରକାରୀ ଡାକ୍ତରଖାନାଗୁଡ଼ିକରେ ଅଗ୍ନି-ନିରାପତ୍ତା ବ୍ୟବସ୍ଥା ଦୃଢ଼ୀଭୂତ କରିବାକୁ ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷରେ ୩୦୦ କୋଟି ଟଙ୍କାର ପ୍ରାବଧାନ କରିଛନ୍ତି। ସବୁ ଜିଲାକୁ ସମ୍ପୃକ୍ତ କାର୍ଯ୍ୟ ଯୋଜନା ଆକଳନ ଅନୁସାରେ ପାଣ୍ଠି ଯୋଗାଇ ଦିଆଯିବ। ସରକାରୀ ହସ୍ପିଟାଲରେ ଅଗ୍ନି ନିରାପତ୍ତା ନିଶ୍ଚିତ କରାଇବା ପାଇଁ ସମସ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ମେଡିକାଲ କଲେଜ ଅଧୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷତଃ ହସ୍ପିଟାଲର ଅସ୍ତ୍ରୋପଚାର କକ୍ଷ, ଆଇସିୟୁ, ନବଜାତଙ୍କ ପାଇଁ ସ୍ୱତନ୍ତ୍ର ଯତ୍ନ ୟୁନିଟ୍, ସିଟିସ୍କାନ୍ ଏବଂ ଏମ୍‌ଆର୍‌ଆଇ ଯନ୍ତ୍ର ଭଳି ଉଚ୍ଚ ବିଦ୍ୟୁତ୍ ଶକ୍ତିସମ୍ପନ୍ନ ଉପକରଣ ଲାଗିଥିବା ସ୍ଥାନରେ ଅଗ୍ନି ନିରାପତ୍ତା ଦୃଢ଼ୀଭୂତ କରିବା, ବିଦ୍ୟୁତ୍ ଓ୍ୱାରିଂ ସହ ଜେନେରେଟରର ସଂଯୋଗୀକରଣ ସ୍ଥାନକୁ ଯାଞ୍ଚ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଓ ମେଡିକାଲ କଲେଜ ହସ୍ପିଟାଲଗୁଡ଼ିକରେ ଅଗ୍ନି ନିରାପତ୍ତା କ୍ଷେତ୍ରରେ ଥିବା ଶୂନ୍ୟସ୍ଥାନ ଚିହ୍ନଟ ଓ ସଂଶୋଧନ ନିମନ୍ତେ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ପାଇଁ ବିଭିନ୍ନସ୍ତରରେ ପ୍ରତି ଜିଲାରେ ମିଳିତ କମିଟି ଗଠନ କରାଯାଇଛି। ୧୫ ଦିନ ମଧ୍ୟରେ କ୍ଷେତ୍ରସ୍ତରୀୟ ଯାଞ୍ଚ ସାରି ଆବଶ୍ୟକ କାର୍ଯ୍ୟ ଯୋଜନା ସହ ଖର୍ଚ୍ଚ ଆକଳନ ପଠାଇବା ପାଇଁ ସ୍ୱାସ୍ଥ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ହସ୍ପିଟାଲ ବିଲ୍ଡିଂ ପ୍ଲାନ୍‌ଗୁଡିକ ପ୍ରଥମରୁ ଅଗ୍ନି ନିରାପତ୍ତା ଅନୁକୂଳ କରିବା ପାଇଁ ନିଷ୍ପତ୍ତି ହୋଇଛି। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ମକ୍‌ଡ୍ରିଲ ଚାଲୁ ରଖିବା, ଅଗ୍ନି ନିରାପତ୍ତା ସହ ସମ୍ପର୍କିତ ସମସ୍ତ ଅଂଶୀଦାରଙ୍କ ସହିତ ନିୟମିତ ସମୀକ୍ଷା ବୈଠକ, ବୈଦ୍ୟୁତିକ ଯନ୍ତ୍ରପାତି ଓ ଅଗ୍ନି-ନିର୍ବାପକ ଉପକରଣର ଉପଯୁକ୍ତ ରକ୍ଷଣାବେକ୍ଷଣ ଆଦି କାର୍ଯ୍ୟ ନିୟମିତ କରିବାକୁ କୁହାଯାଇଛି। ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବୃନ୍ଦା. ଡି, ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ ଡା. ପୋମା ଟୁଡୁ, ଭେଷଜ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଡା. ସନ୍ତୋଷ କୁମାର ମିଶ୍ର, ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ତଥା ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ସିବିଏସ୍‌ଇ ଡିଜିଲକର ଆକାଉଣ୍ଟ ପାଇଁ ଆକ୍ସେସ୍ କୋଡ୍

ଭୁବନେଶ୍ୱର,୬।୫(ସୁଚିସ୍ମିତା ସାହୁ)

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ (ସିବିଏସ୍‌ଇ) ପକ୍ଷରୁ ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ଡିଜିଲକର ଜାରି କରାଯାଇଛି। ଏହି ଡିଜିଲକର ଆକାଉଣ୍ଟ ଆକ୍ଟିଭେଟ୍ କରିବା ନିମନ୍ତେ ୬ ଅଙ୍କବିଶିଷ୍ଟ ଆକ୍ସେସ୍ କୋଡ୍ ଜାରି ହୋଇଛି। ଏହି ୬ ଅଙ୍କବିଶିଷ୍ଟ ଆକ୍ସେସ କୋଡ୍ ସିଷ୍ଟମ ଛାତ୍ରୀଛାତ୍ରଙ୍କ ଡାଟାର ସୁରକ୍ଷା ଓ ଗୋପନୀୟତାକୁ ଆହୁରି ମଜଭୁତ କରିବ। ଏହି କୋଡ୍ ଜରିଆରେ ଛାତ୍ରୀଛାତ୍ରମାନେ ନିଜ ଡିଜିଟାଲ ମାର୍କଶିଟ୍, ପାସ୍ ସାର୍ଟିଫିକେଟ ଏବଂ ମାଇଗ୍ରେଶନ ସାର୍ଟିଫିକେଟ ଆକ୍ସେସ୍ କରିପାରିବେ। ସ୍କୁଲ କର୍ତ୍ତୃପକ୍ଷ ନିଜ ଡିଜିଲକର ଆକାଉଣ୍ଟ ମାଧ୍ୟମରେ ଏହି ଆକ୍ସେସ କୋଡ୍ ଡାଉନଲୋଡ୍ କରି ଛାତ୍ରୀଛାତ୍ରଙ୍କୁ ଶେୟାର କରିବାକୁ ସିବିଏସ୍‌ଇ ପକ୍ଷରୁ କୁହାଯାଇଛି। ଚଳିତ ମାସରେ ପରୀକ୍ଷା ଫଳ ପ୍ରକାଶ ପାଇବାର ସମ୍ଭାବନା ରହିଛି। results.cbse.nic.in, cseresults.nic.in, cbse.gov.in ଏବଂ digilocker.gov.in ମାଧ୍ୟମରେ ରେଜଲ୍ଟ ଉପଲବ୍ଧ ହେବ। ସିବିଏସ୍‌ଇ ଗତ କିଛି ବର୍ଷ ହେବ ନ୍ୟାଶନାଲ ଇ-ଗଭର୍ନାନ୍ସ ଡିଭିଜନ ସହିତ ମିଳିତ ଭାବେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଡିଜିଲକର ଆକାଉଣ୍ଟ ତିଆରି କରୁଛି। ସିବିଏସ୍‌ଇର ଡିଜିଟାଲ ଏକାଡେମିକ୍ ରିପୋଜିଟୋରି 'ପରିଣାମ ମଞ୍ଜୁଷା' ମାଧ୍ୟମରେ ରେଜଲ୍ଟ ଘୋଷଣା ହେବା ମାତ୍ରେ ଡିଜିଟାଲ ଡକ୍ୟୁମେଣ୍ଟ ପ୍ରଦାନ କରୁଛି।

## କାଳବୈଶାଖୀରେ ପ୍ରଭାବିତ ବିଦ୍ୟୁତ୍ ସେବା ସ୍ୱାଭାବିକ

ଭୁବନେଶ୍ୱର, ୬।୫(ଅନୁରାଧା ମହାରଣା)

କାଳବୈଶାଖୀ ପ୍ରଭାବରେ ଟୁଇନ୍ ସିଟିରେ ବିଚ୍ଛିନ୍ନ ୪୪ କେଭି ବିଦ୍ୟୁତ ଲାଇନ ପୁନଃ କାର୍ଯ୍ୟକ୍ଷମ ହୋଇଛି। ଏପ୍ରିଲ ୨୮ରେ ଘୂର୍ଣ୍ଣିଝଡ଼ରେ ଢେଙ୍କାନାଳ ନିକଟରେ ବିଦ୍ୟୁତ ଟାୱାର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ଫଳରେ ମେରାମୁଣ୍ଡଳିରୁ ମେଣ୍ଢାଶାଳ ୪୦୦ କେଭି ଡବଲ ସର୍କିଟ ଲାଇନ କ୍ଷତିଗ୍ରସ୍ତ ହୋଇଥିଲା। ଏଥିଯୋଗୁ ଭୁବନେଶ୍ୱର-କଟକକୁ ୧୨୦୦ ମେଗାୱାଟ ବିଦ୍ୟୁତ ଯୋଗାଣ ପ୍ରଭାବିତ ହେବାରୁ ବାରମ୍ବାର ପାୱାରକଟ ତଥା ଲୋ-ଭୋଲଟେଜ ସମସ୍ୟା ଦେଖାଦେଇଥିଲା। ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ୍ (ଓପିଟିସିଏଲ୍)ର ସିଏମ୍‌ଡି ଭାସ୍କର ଶର୍ମା ଏବଂ ବିଭାଗୀୟ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟୁତ୍ ଠିକା ସଂସ୍ଥାନ ଏ.କେ. ଦାସ ଆସୋସିଏଟ୍ସ ଲିମିଟେଡ୍ ଏହି କାର୍ଯ୍ୟ ସମ୍ପାଦନ କରିଛି। ଓପିଟିସିଏଲ୍ ସିଏମ୍‌ଡି ଭାସ୍କର ଶର୍ମା ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବା ସହ ୪ଟି ଇଆର୍‌ଏସ୍ ଟାୱାର ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଓପିଟିସିଏଲ୍ ନିର୍ଦ୍ଦେଶକ (ଅପରେଶନ) ପି.କେ. ପଟ୍ଟନାୟକ, ସେଣ୍ଟ୍ରାଲ ଜୋନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.କେ. ଦାସ ଏବଂ ଏ.କେ.ଦାସ ଆସୋସିଏଟ୍ସ ଲିମିଟେଡ୍ ର ପରିଚାଳନା ନିର୍ଦ୍ଦେଶକ ଅମୀୟକାନ୍ତ ଦାସ ଇଆର୍‌ଏସ୍ ଟାୱାର ପ୍ରତିଷ୍ଠାର ତଦାରଖ କରିଥିଲେ। ଏପ୍ରିଲ ୩୦ ସୁଦ୍ଧା ପ୍ରଥମ ସର୍କିଟ ଚାର୍ଜ ହୋଇଥିବା ବେଳେ ମେ ୪ରେ ଦ୍ୱିତୀୟ ସର୍କିଟ ଚାର୍ଜ ସହ ବିଦ୍ୟୁତ ସରବରାହ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ଟୁଇନ୍ ସିଟିକୁ ୧୨୦୦ ମେଗାୱାଟ୍ ନିରନ୍ତର ବିଦ୍ୟୁତ ସରବରାହ ପୁନଃ କାର୍ଯ୍ୟକାରୀ ହୋଇଛି।

## କଳ୍ପତରୁ, ଦୀପ୍ତିରାଣୀ, ପ୍ରଶାନ୍ତଙ୍କୁ 'ପ୍ରତିମା ପୁରସ୍କାର'



ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ମାନିତ ହୋଇଥିବା ପ୍ରତିଭାମାନେ।

ଭୁବନେଶ୍ୱର,୬।୫(ସୌମ୍ୟରଞ୍ଜନ ରାଉତ)

ସାମାଜିକ କର୍ମୀ ପ୍ରତିମା ଦେବୀଙ୍କ ସ୍ମୃତିରେ ପ୍ରତିମା ଫାଉଣ୍ଡେଶନ ପକ୍ଷରୁ ମଙ୍ଗଳବାର ଗୀତଗୋବିନ୍ଦ ସଦନରେ ତୃତୀୟ ପ୍ରତିମା ପୁରସ୍କାର ଉତ୍ସବ ଓ ସ୍ମାରକୀ ବକ୍ତୃତା ସମାରୋହ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବୈଜ୍ଞାନିକ କଳ୍ପତରୁ ପାତ୍ରଙ୍କୁ ବିଜ୍ଞାନ ଶିକ୍ଷାକ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ପାଇଁ ତୃତୀୟ 'ପ୍ରତିମା ଶିକ୍ଷା ସମ୍ମାନ', ପାରମ୍ପରିକ କଳା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ କାଇଁଚ ଶିଳ୍ପୀ ଯୁଗଳ ଦୀପ୍ତିରାଣୀ ବେହେରା ଓ ପ୍ରଶାନ୍ତ ବେହେରାଙ୍କୁ ତୃତୀୟ 'ପ୍ରତିମା ଶିଳ୍ପୀ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଅତିଥିମାନେ ପ୍ରତିଭାମାନଙ୍କୁ ଫଳକ, ମାନପତ୍ର, ଉତ୍ତରୀୟ ଏବଂ ୫ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ଦେଇ ସମ୍ମାନିତ କରିଥିଲେ। ସାମ୍ବାଦିକ କେଦାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କବି ଡ. ଅମରେଶ ପଟ୍ଟନାୟକ ଯୋଗଦେଇ 'ଆମର ସମୟ ଓ ଆମର ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମାଜରେ ଶିକ୍ଷା ଓ ପ୍ରତିମା ଦେବୀଙ୍କ ପରି ଶିକ୍ଷକଙ୍କ ଭୂମିକା ଏବଂ ପାରମ୍ପରିକ କଳାକୁ ବଞ୍ଚାଇ ରଖିବାର ଆବଶ୍ୟକତା ସମ୍ପର୍କରେ ସେ ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରସିଦ୍ଧ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ ଯୋଗଦେଇ ଓଡିଶାର ସମସାମୟିକ କଳା ଓ ପାରମ୍ପରିକ କଳାର ସହାବସ୍ଥାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅଭିନେତ୍ରୀ ମଧୁମିତା ମହାନ୍ତି ଉତ୍ସବର ସଂଯୋଜନା କରିଥିବାବେଳେ ସ୍ତମ୍ଭକାର ପବିତ୍ର ମୋହନ କର ଧନ୍ୟବାଦ ଦେଇଥିଲେ।

## ଉତ୍କଳ ଦୃଷ୍ଟିହୀନ ସଂଘର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ପୁରୁଣା ଭୁବନେଶ୍ୱର,୬।୫(ସୁବାସ ଚନ୍ଦ୍ର ପ୍ରଧାନ)

ଉତ୍କଳ ଦୃଷ୍ଟିହୀନ ସଂଘର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଗତ ଗୁରୁବାର ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସମାରୋହରେ ବାଚସ୍ପତି ସୁରମା ପାଢୀ ମୁଖ୍ୟ ଅତିଥି, ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଡ. ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ, ଓଡ଼ିଶା ଖାଦ୍ୟାଧିକାର କମିଶନ୍ ଅଧ୍ୟକ୍ଷ ଅବନିକାନ୍ତ ସାହୁ, ଭିଜନ ଏଚ୍ ଇଣ୍ଡିଆର ରାଷ୍ଟ୍ରୀୟ ସଞ୍ଚାଳିକା ଗାର୍ଗୀ ଦତ୍ତ, ସାସ୍ଥ୍ୟ ଓ ସମନ୍ୱୟ ଗ୍ରୁପ୍ ଅଧ୍ୟକ୍ଷ ଡ. ଅମ୍ଳାନ ଜ୍ୟୋତି ମହାନ୍ତି, ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଜଙ୍ଗଲ ନିଗମ କର୍ମଚାରୀ ସଂଘ ସଭାପତି ପ୍ରିୟଦର୍ଶୀ ମିଶ୍ର, ହ୍ୟୁମାନ ରାଇଟ୍ସ ଫାଉଣ୍ଡେଶନ ରାଷ୍ଟ୍ରୀୟ ଅଧ୍ୟକ୍ଷ ମନୋଜ ଜେନା ପ୍ରମୁଖ ସମ୍ମାନିତ ଅତିଥଭାବେ ଯୋଗ ଦେଇଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଉପଶାସନ ସଚିବ ସନ୍ନ୍ୟାସ କୁମାର ବେହେରା ମୁଖ୍ୟ ବକ୍ତା ଭାବେ ମଞ୍ଚାସୀନ ଥିଲେ। ଶିକ୍ଷାବିତ୍ ଡ. ଧୀରେନ୍ଦ୍ର କୁମାର ଷଡ଼ଙ୍ଗୀଙ୍କ ଦ୍ୱାରା ଲିଖିତ ଦୁଇଟି ପୁସ୍ତକ ଉନ୍ମୋଚନ ହୋଇଥିଲା। ସଂଘର ପ୍ରତିଷ୍ଠାତା ସାଧାରଣ ସମ୍ପାଦକ ବିନୋଦ ବିହାରୀ ସାହୁ, ପ୍ରତିଷ୍ଠାତା ସଭ୍ୟ ଦେବେନ୍ଦ୍ର ନାଥ ପ୍ରଧାନଙ୍କୁ ଭୀମଭୋଇ ଉତ୍କର୍ଷ ସମ୍ମାନ ପ୍ରଦାନ କରାଯାଥିଲା। ସଂଘ ସଭାପତି ମହେଶ୍ୱର ରାଉତ ସଭା ପରିଚାଳନା, ପ୍ରଶାନ୍ତ ଦାଶ ସ୍ୱାଗତ ଭାଷଣ ଏବଂ ଅଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## 'ଯୁଗ ପ୍ରବର୍ତ୍ତକ'ର ବିଷୁବ ସଂଖ୍ୟା ଉନ୍ମୋଚିତ



ବିଷୁବ ସଂଖ୍ୟା ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଭୁବନେଶ୍ୱର, ୫।୫ (ସୌମ୍ୟରଞ୍ଜନ ରାଉତ)

ଗଣ ସାଂସ୍କୃତିକ ମଞ୍ଚ ଭୁବନେଶ୍ୱର ପକ୍ଷରୁ ତ୍ରୈମାସିକ ସାହିତ୍ୟ ପତ୍ରିକା 'ଯୁଗ ପ୍ରବର୍ତ୍ତକ'ର ବିଷୁବ ସଂଖ୍ୟା ମଙ୍ଗଳବାର ବୁଦ୍ଧମନ୍ଦିରଠାରେ ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବୈଜ୍ଞାନିକ ଡ. ଆଶୁତୋଷ ପରିଡ଼ା ଯୋଗଦେଇ କହିଥିଲେ, ମାନବାଧିକାର ଓ ମାନବିକ ଗୁଣାବଳୀର ବିକାଶ ପାଇଁ ସାହିତ୍ୟ ଯେଉଁ ଭୂମିକା ପାଳନ କରିଛି, ସାମ୍ପ୍ରତିକ ସମୟରେ ଏହି କ୍ଷେତ୍ରରେ ସୃଷ୍ଟି ହୋଇଥିବା ସଙ୍କଟର ସମ୍ମୁଖୀନ ହେବା ପାଇଁ ଏକ ସାମାଜିକ ଆନ୍ଦୋଳନ ଗଢିତୋଳିବା ଏକାନ୍ତ ଜରୁରୀ। ସେହିପରି ପ୍ରାବନ୍ଧିକ ଡ. ବେଣୁଧର ପାଢୀ ମୁଖ୍ୟବକ୍ତା ଏବଂ କବି ଡ. ଇପ୍ସିତା ଷଡ଼ଙ୍ଗୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ସାମ୍ପ୍ରତିକ ପରସ୍ଥିତିରେ ମାନବିକତାର ସଙ୍କଟ ଉପରେ ଆଲୋକପାତ କରିଥିଲେ। ପରେ 'ଯୁଗ ପ୍ରବର୍ତ୍ତକ'ର ବିଷୁବ ସଂଖ୍ୟାର ଉନ୍ମୋଚନ ହୋଇଥିଲା। କବି ଶ୍ରୁତିକୀର୍ତ୍ତି ତ୍ରିପାଠୀ ଓ ହରିପ୍ରିୟା ମହାନ୍ତିଙ୍କ ସଂଯୋଜନାରେ ମାନବିକତାରେ ସଙ୍କଟ ଶୀର୍ଷକ ବିଷୟବସ୍ତୁ ଉପରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ପତ୍ରିକାର ସହସମ୍ପାଦିକା ପ୍ରବାସନା ରାଉଳ ସଭା ପରିଚାଳନା କରିଥିବାବେଳେ ସମ୍ପାଦକ ଶ୍ରୀନିବାସ ଦାସ ଧନ୍ୟବାଦ ଦେଇଥିଲେ।

## ରେଳଧାରଣାରୁ ଯୁବକଙ୍କ କ୍ଷତାକ୍ତ ମୃତଦେହ ଜବତ

ବାରଙ୍ଗ,୬।୫(ଲିଙ୍ଗରାଜ ରାଉତ)



ଶ୍ରବଣ କୁମାର ସାହୁ

ନେତଲ ଗ୍ରାମ ନିକଟସ୍ଥ ରେଳଧାରଣା ମଝିରୁ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହକୁ ମଙ୍ଗଳବାର ବାରଙ୍ଗ ରେଳବାଇ ପୋଲିସ ଜବତ କରିଛି। ମୃତକ ହେଲେ ବାଙ୍କୀ ଥାନା ଅଧୀନ ହରିରାଜପୁର ଗ୍ରାମର ଶ୍ରବଣ କୁମାର ସାହୁ ଓରଫ ପିଣ୍ଟୁ (୨୫)। ଏନେଇ ଜିଆର୍‌ପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୦/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଛି। ଏହି ଘଟଣା ହତ୍ୟା ନା ଆତ୍ମହତ୍ୟା ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଯେ, ଶ୍ରବଣ ଗତ ମାସେ ହେବ ଚନ୍ଦକା ଥାନା ନିକଟରେ ପରିବାର ସହ ରହି ଥାନାର ଗାଡ଼ି ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ସୋମବାର ବିଳମ୍ବିତ ରାତିରେ ଶ୍ରବଣ ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ତାଙ୍କୁ ବାରମ୍ବାର ଫୋନ କରିଥିଲେ। ସେ ଫୋନ୍ ନ ଉଠାଇବାରୁ ତାଙ୍କ ସ୍ତ୍ରୀ ଏ ବିଷୟରେ ଚନ୍ଦକା ଥାନାକୁ ଖବର ଦେଇଥିଲେ। ପୋଲିସ ତାଙ୍କ ଫୋନ ଟ୍ରାକିଂ କରି ଘଟଣାସ୍ଥଳରେ ପହଞ୍ଚିଥିଲା। ରେଳଧାରଣା ମଝିରେ ଶ୍ରବଣଙ୍କ ମୃତଦେହ ପଡ଼ିରହିଥିବା ଦେଖିବାକୁ ମିଳିଥିଲା। ପୋଲିସଠାରୁ ଖବରପାଇ ବାରଙ୍ଗ ଜିଆର୍‌ପି ମଙ୍ଗଳବାର ସକାଳେ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା।

## ବିଜେଡି ଜିଲା ଉପଦେଷ୍ଟା ପଦରୁ ଦିଲୀପ ଦାଶଶର୍ମାଙ୍କ ଇସ୍ତଫା

ଭୁବନେଶ୍ୱର, ୬।୫ (ବନ୍ଦନା ସେଠୀ)

ବିଜୁ ଜନତା ଦଳ (ବିଜେଡି) ଭୁବନେଶ୍ୱର ସାଙ୍ଗଠନିକ ଜିଲାର ଉପଦେଷ୍ଟା ଦିଲୀପ ଦାଶଶର୍ମା ନିଜ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ବିଜେଡି ଭୁବନେଶ୍ୱର ଜିଲାର ପୂର୍ବତନ ସଭାପତି ତଥା ବିଧାୟକ ସୁଶାନ୍ତ କୁମାର ରାଉତଙ୍କୁ ଦାଶଶର୍ମା ତାଙ୍କ ଇସ୍ତଫାପତ୍ର ମଙ୍ଗଳବାର ଅପରାହ୍ନରେ ପ୍ରଦାନ କରିଛନ୍ତି। ଏଥିସହ ବିଜେଡି ଭୁବନେଶ୍ୱର ଜିଲା ଉପଦେଷ୍ଟା ଭାବେ କାମ କରିବା ପାଇଁ ଦୁଇଥର ସୁଯୋଗ ଦେଇଥିବାରୁ ପୂର୍ବତନ ସଭାପତି ରାଉତ ଓ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ବିଜୁ ଜନତା ଦଳର ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ପଦ ପରିବର୍ତ୍ତନ ପରେ ସେ ଏହି ନିଷ୍ପତ୍ତି ନେଇଥିବା ସୂଚନା ଦେଇଛନ୍ତି।

## ଅରୁନ୍ଧତୀ କଟକ ଶାଖାର ପ୍ରତିଷ୍ଠା ଦିବସ



ଅରୁନ୍ଧତୀ ଜୁଏଲର୍ସ କଟକ ଶାଖାର ପ୍ରତିଷ୍ଠା ଦିବସ ଅବସରରେ ଶୋ'ରୁମ୍‌ର କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୬।୫(ଅନୁରାଧା ମହାରଣା)

**ସ୍ୱତନ୍ତ୍ର ଅଫର ଘୋଷଣା**

ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସର କଟକ ଶାଖାର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ପାଳନ କରାଯାଇଛି। ରାଜ୍ୟରେ ଗତ ୧୪ ଧରି ଅରୁନ୍ଧତୀ ଜୁଏଲର୍ସ ବ୍ୟବସାୟ ବିସ୍ତାର କରିଥିବାବେଳେ କଟକ ଶାଖାର ବର୍ଷେ ପୂର୍ତ୍ତି ଏହାର ଆଉ ଏକ ସଫଳତା ବୋଲି କୁହାଯାଇଛି । ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ଅଫର ଘୋଷଣା କରାଯାଇଛି। ସୁନାଗହଣାର ଗଢ଼ା ମଜୁରି ୮୯୯ ଟଙ୍କା ରହିଥିବାବେଳେ ହୀରା ଗହଣାର ହୀରା ମୂଲ୍ୟରେ ଫ୍ଲାଟ୍ ୨୫% ରିହାତି ରହିଛି। ସେହିପରି ରୁପା ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ଘୋଷଣା କରାଯାଇଛି। ଏହି ଅବସରରେ ଅରୁନ୍ଧତୀ ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଦୀର୍ଘ ୨୫ ଧରି ସେବା କରିବାର ସୁଯୋଗ ଦେଇଥିବାରୁ ଅନୁଷ୍ଠାନ ଗ୍ରାହକଙ୍କ ନିକଟରେ କୃତଜ୍ଞ। ଅରୁନ୍ଧତୀ ପରି ପରିବାରର ପ୍ରତି ଦୀର୍ଘ ବର୍ଷ ଧରି ଥିବା ଦୃଢ଼ବିଶ୍ୱାସ, ଅଦମ୍ୟ ସ୍ନେହର ଫଳାଫଳ ବୋଲି ମେହେର କହିଛନ୍ତି।

## ଦୁଗ୍ଧଚାଷୀଙ୍କ ଜୀବିକାକୁ ସଶକ୍ତ କରିଛି ଗୋ-ପାଳନ ଯୋଜନା

ଭୁବନେଶ୍ୱର, ୬।୫(ବନ୍ଦନା ସେଠୀ)

**୩ ମାସରେ ୧ ହଜାରରୁ ଊର୍ଦ୍ଧ୍ୱ ଗାଈ ସାମିଲ**



ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ଗୋ-ପାଳନ ଯୋଜନାକୁ ପ୍ରାରମ୍ଭିକ ସଫଳତା ମିଳିଛି। ଏହି କ୍ରମରେ ଗୋ-ପାଳନ ଯୋଜନାରେ ଗତ ୩ ମାସ ମଧ୍ୟରେ ୧ ହଜାରରୁ ଊର୍ଦ୍ଧ୍ୱ ଦୁଗ୍ଧ ଉତ୍ପାଦନକ୍ଷମ ଗାଈ ସାମିଲ ହୋଇଛନ୍ତି। ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ତାମିଲନାଡୁ ଆଦି ରାଜ୍ୟରୁ ଏହି ଗାଈ ଅଣାଯାଇଛି। ଫଳରେ ଦୁଗ୍ଧଚାଷୀଙ୍କ ଜୀବନଜୀବିକାକୁ ଗୋ-ପାଳନ ଯୋଜନା ଅଧିକ ସୁରକ୍ଷିତ ଓ ସଶକ୍ତ କରିଛି। ଫେବୃଆରୀ ୧୪ରୁ ୧୬ ପର୍ଯ୍ୟନ୍ତ ବରମୁଣ୍ଡା ପଡ଼ିଆରେ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫ ଆୟୋଜନ ଅବସରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଚାଷୀମାନଙ୍କୁ ଗୋ-ଆହେଡ ଲେଟର୍ ବା କାର୍ଯ୍ୟାଦେଶପତ୍ର ପ୍ରଦାନ କରିଥିଲେ। ସରକାରୀ ସହାୟତା ପାଇ ଚାଷୀମାନେ ବାହାର ରାଜ୍ୟରୁ ଦୁଧିଆଳି ଗାଈ କ୍ରୟ କରିଛନ୍ତି। ଏବେ ଏହି ଉତ୍କୃଷ୍ଟମାନର ଦୁଧିଆଳି ଗାଈ ରାଜ୍ୟରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଗେମ୍‌ଚେଞ୍ଜର୍ ଭାବେ ଉଭା ହୋଇଛି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, କନ୍ଧମାଳ ଜିଲାରେ ଏହି ଗୋପାଳନ ଯୋଜନାରେ ପ୍ରଥମକରି ୩ଟି ୟୁନିଟ୍ ପ୍ରତିଷ୍ଠା ହୋଇଛି। ସମସ୍ତ ତିନିଜଣ ଦୁଗ୍ଧଚାଷୀ ମହିଳା ହୋଇଥିବାରୁ ଏହି ସଫଳତା ମହିଳା ସଶକ୍ତୀକରଣ ଓ ଲିଙ୍ଗଗତ ସମାନତାକୁ ପ୍ରତିଫଳିତ କରୁଛି। ଗୋପାଳକଙ୍କ ଜୀବିକାକୁ ଅଧିକ ସଶକ୍ତ ଓ ସୁରକ୍ଷିତ କରିବା ନିମନ୍ତେ ରାଜ୍ୟ ସରକାର ଗୋ-ପାଳନ ଯୋଜନା ଆରମ୍ଭ କରିଛନ୍ତି। ଦୈନିକ ଅତି କମ୍‌ରେ ୧୦ ଲିଟରରୁ ଅଧିକ ଦୁଗ୍ଧ ଦେଉଥିବା ଗାଈ କ୍ରୟ କରିବା ପାଇଁ ରାଜ୍ୟ ସରକାର ୭୦% ପର୍ଯ୍ୟନ୍ତ ସବ୍‌ସିଡି ପ୍ରଦାନ କରୁଛନ୍ତି। ସ୍ୱଚ୍ଛତାର ସହ ଚାଷୀମାନେ ସେମାନଙ୍କ ପସନ୍ଦ ମୁତାବକ ଗାଈ ବାହାର ରାଜ୍ୟରୁ କ୍ରୟ କରିପାରୁଛନ୍ତି। ଏହି ଯୋଜନାରେ ଗାଈ କ୍ରୟ କରିବାର ୭-୧୦ ଦିନ ମଧ୍ୟରେ ଚାଷୀଙ୍କ ବ୍ୟାଙ୍କଖାତାକୁ ସବ୍‌ସିଡି ପ୍ରଦାନ କରାଯାଇଥାଏ। ତେଣୁ ଅଧିକରୁ ଅଧିକ ଲୋକ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ଗୋପାଳନ ଯୋଜନାରେ ସାମିଲ ହେବାକୁ ଆହ୍ୱାନ କରାଯାଇଛି।

## ସଂକ୍ଷେପରେ

### କାରଖାନାରେ ଗଣ୍ଡଗୋଳ ଅଭିଯୋଗରେ ୫ ଯୁବକ ଅଟକ

**ଖୁଣ୍ଟୁଣୀ,୬।୫ (ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ ଥାନା ଖମାରନୂଆଗାଁଠାରେ ଥିବା ଅଲ୍ଟ୍ରାଟେକ ସିମେଣ୍ଟ କାରଖାନାରେ ଗଣ୍ଡଗୋଳ କରି ଜଣେ ଶ୍ରମିକଙ୍କୁ ଆହତ କାରିବା ଅଭିଯୋଗରେ ମଙ୍ଗଳବାର ଗୁରୁଡ଼ିଝାଟିଆ ପୋଲିସ ଖମାର ନୂଆଗାଁ ଗ୍ରାମର ୫ଜଣ ଯୁବକଙ୍କୁ ଥାନାରେ ଅଟକ ରଖିଛି। ସକାଳେ ଗ୍ରାମର ୫ଜଣ ଯୁବକ କାରଖାନାରେ କାର୍ଯ୍ୟରତ ଜଣେ ଠିକାଦାରଙ୍କ ପାଖକୁ ଯାଇ ସ୍ଥାନୀୟ ଲୋକଙ୍କୁ କାମ ନ ଦେଇ ବାହାର ଲୋକଙ୍କ ଦ୍ୱାରା କାମ କରୁଥିବା କହି କାମ ବନ୍ଦ କରିଥିଲେ। ଫଳରେ ସେଠାରେ ଶ୍ରମିକ ଓ ଯୁବକମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳରେ ଭଗବାନ ପ୍ରଧାନ ନାମକ ଜଣେ ଶ୍ରମିକ ଆହତ ହୋଇଥିଲେ। ଏ ନେଇ କାରଖାନାର ସିକ୍ୟୁରିଟି ଅଧିକାରୀ ସୁରେଶ ସାମଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗୁରୁ ପୋଲିସ ଘଟଣାସ୍ଥଳରୁ ଆହତ ଯୁବକଙ୍କୁ ଉଦ୍ଧାର କରି କଟକ ଡାକ୍ତରଖାନାକୁ ପଠାଇ ୫ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଉଥିବା ପୋଲିସ ସୂତ୍ରରୁ ପ୍ରକାଶ। ଅପରପକ୍ଷେ ରାଜନୈତିକ ଆକ୍ରୋଶ ରଖି ଆମ ନାମରେ ମିଥ୍ୟା ଅଭିଯୋଗ କରାଯାଇଛି ବୋଲି ଜଣେ ଯୁବକ କହିଛନ୍ତି।

### ଶିଉଳି କୈବର୍ତ୍ତ ସମାଜ ବୈଠକ

**ତିଗିରିଆ,୬।୫(ଜାଫର ଖାଁ)**

ଶିଉଳି କୈବର୍ତ୍ତ ସମାଜ ମହାସଭା ତିଗିରିଆର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଝୁମ୍ପୁଡ଼ିଆ ଗ୍ରାମର ଚନ୍ଦ୍ରଶେଖର ପ୍ରାସାଦରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଝୁମ୍ପୁଡିଆ କୈବର୍ତ୍ତ ସମାଜର ସଭାପତିଙ୍କ ସଂଯୋଜନା ଓ ତିଗିରିଆ ରାଜ୍ୟର ସମ୍ପାଦକ ଉଦ୍ଧବ ଦଳେଇଙ୍କ ପରିଚାଳନାରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଏହି ସମାଜ ପକ୍ଷରୁ ଗରିବ ଶ୍ରେଣୀର ଝିଅଙ୍କ ବିବାହରେ ଆର୍ଥିକ ସହାୟତା ପ୍ରଦାନ, ମେଧାବୀ ଛାତ୍ରୀଛାତ୍ରଙ୍କୁ ସହାୟତା,ସମାଜକୁ ମଦମୁକ୍ତ କରିବା ନିମନ୍ତେ ପ୍ରୟାସ ଓ ଏହି ସମାଜର ସଦସ୍ୟଙ୍କ ମଧ୍ୟରେ ଭାଇଚାରା ବୃଦ୍ଧି ପାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ବିନ୍ଧାଣିମା ଗ୍ରାମର ସଭାପତି ସୁରେଶ ଚନ୍ଦ୍ର ଦଳେଇ, ବାଉଁଶପୁଟ ଗ୍ରାମର ଉପସଭାପତି ସ୍ୱପ୍ନେଶ୍ୱର ଦଳେଇ, କଳିବିରି ଗ୍ରାମର ସଦର ବେହେରା, ବିଜୟ ଦେହୁରୀଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପାଣି ପାଇଁ ଗରା, ବାଲ୍ଟି ଧରି ମହିଳାଙ୍କ ପ୍ରତିବାଦ

**ସୁବର୍ଣ୍ଣପୁର ପଞ୍ଚାୟତ**

- ଟାଙ୍କିରେ ରହୁନାହିଁ ଆବଶ୍ୟକ ପାଣି
- ଦିନେ ଛଡ଼ା ଦିନେ ମିଳୁଛି ପାଣି

**ବାଙ୍କୀ,୬।୫(ଶୁଭେନ୍ଦୁ ମହାପାତ୍ର):**

ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ପଞ୍ଚାୟତରେ ଦୀର୍ଘବର୍ଷ ହେବ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଏହି ସମସ୍ୟାର ସମାଧାନ ପାଇଁ ପଞ୍ଚାୟତରୁ ଆରମ୍ଭ କରି ପାନୀୟ ଜଳ ପରିମଳ ବିଭାଗଙ୍କ ନିକଟରେ ବାରମ୍ବାର ଦାବି କରାଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇ ପାରୁନାହିଁ। ଏହାର ପ୍ରତିବାଦ କରି ମଙ୍ଗଳବାର ପଞ୍ଚାୟତର ମହିଳାମାନେ ଗରା, ବାଲ୍ଟି ଧରି ପଞ୍ଚାୟତ ସମ୍ମୁଖରେ ପ୍ରତିବାଦ କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ବିନିମୟରେ ଏହି ପଞ୍ଚାୟତରେ ୨ ଲକ୍ଷ ଲିଟର ବିଶିଷ୍ଟ ଏକ ପାଣି ଟାଙ୍କି ନିର୍ମାଣ କରାଯାଇଛି। ମାତ୍ର ଉକ୍ତ ଟାଙ୍କିରେ ପାଣି ଷ୍ଟକ୍ ରହୁନାହିଁ। ପାଣି ଯୋଗାଣ ପାଇଁ ସେଠାରେ ୪ଟି ମେସିନ ଲଗାଯାଇଛି। ଏହାସତ୍ତ୍ୱେ ଆବଶ୍ୟକ ଅନୁସାରେ ଜଳ ଯୋଗାଣ ହେଉନାହିଁ। ଏଥିଯୋଗୁ ଦିନେ ଛଡ଼ା ଦିନେ ପାଳିକରି ପାଣି ପାଉଛନ୍ତି ପଞ୍ଚାୟତବାସୀ। ମାତ୍ର ସ୍ଥାନୀୟ ଲୋକପ୍ରତିନିଧି କିମ୍ବା ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଉନାହାନ୍ତି। ଦିନକୁଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାରୁ ଅଧିକ ପାନୀୟ ଜଳ ଆବଶ୍ୟକ ହେଉଥିବାବେଳେ ଠିକ୍‌ଭାବେ ମିଳୁ ନ ଥିବାରୁ ଲୋକେ ଡହଳବିକଳ ହେଉଛନ୍ତି। ଏନେଇ ମହିଳାମାନେ ପ୍ରତିବାଦ କରିବା ପରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମୌସମ ବିଶୋଇ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଦୁଇ ଦିନ ମଧ୍ୟରେ ପାଣି ସମସ୍ୟା ଦୂର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ପ୍ରତିବାଦରୁ ହଟିଥିଲେ। ପାନୀୟ ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଦୀପାଞ୍ଜଳି ପାତ୍ର କହିଛନ୍ତି,ସମସ୍ୟା ସମ୍ପର୍କରେ ସେ ଅବଗତ ଅଛନ୍ତି। ବିଦ୍ୟୁତ୍ ଯୋଗାଣରେ ସମସ୍ୟା ଥିବାରୁ ଏଠାରେ ଆବଶ୍ୟକ ଅନୁସାରେ ଜଳ ଯୋଗାଣ ସମ୍ଭବ ହୋଇପାରୁ ନାହିଁ। ନୂତନ ୬୩ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ପାଇଁ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଚିଠି କରାଯାଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯାଇ ପାଣି ଯୋଗାଇ ଦିଆଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।



ମହିଳାମାନେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆଗରେ ବସି ପ୍ରତିବାଦ କରୁଛନ୍ତି।

# ଶିକ୍ଷାର ଅଭିବୃଦ୍ଧିରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ

**ତିଗିରିଆ, ୬।୫(ଜାଫର ଖାଁ):**

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ପଞ୍ଚାୟତସ୍ଥିତ ଦଧିବାମନ ଜୀଉ ବିଦ୍ୟାପୀଠରେ ସୋମବାର ପ୍ରଧାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ଅମର କୁମାର ମହାରଣା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷା ଅଭିବୃଦ୍ଧିରେ ଶିକ୍ଷକମାନଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ଦଧିବାମନ ଜୀଉ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାଧିକାରୀ ମହାରଣା ବ୍ଲକକୁ ଶିକ୍ଷାରେ ଜିଲା ତଥା ରାଜ୍ୟରେ ୧ ନମ୍ବର କରିବା ପାଇଁ ଉପସ୍ଥିତ ପ୍ରଧାନଶିକ୍ଷକମାନଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବ୍ଲକ ସାଧନକେନ୍ଦ୍ର ସଂଯୋଜକ ମାଧବ ଚନ୍ଦ୍ର ଦେଉରୀ, ସହଶିକ୍ଷା ଅଧିକାରୀ ସୌଦାମିନୀ ମିଶ୍ର ଓ ଅନ୍ୟତମ ଅତିଥିଭାବେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବାରିଦ ବରଣ ମହାପାତ୍ର ଯୋଗଦେଇ ଶିକ୍ଷକମାନଙ୍କ ଥିବା ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଚନ୍ଦ୍ରମଣି ସ୍ୱାଇଁ, ବିଶ୍ୱରଞ୍ଜନ ଜେନା, ଉମାଶଙ୍କର ରାଉତ, ମହେଶ୍ୱର ସେଠୀ, ପ୍ରଶାନ୍ତ କୁମାର ଘଡେଇ, ନିଶାକର ଖଟୁଆ, ଅଶୋକ କୁମାର ଦାସଙ୍କ ସମେତ ବ୍ଲକ ଅଧୀନରେ ଥିବା ୭୦ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ବିଭିନ୍ନ ସଂଘର କର୍ମକର୍ତ୍ତା ଯୋଗଦେଇଥିଲେ।

# ଗୋଷ୍ଠୀସ୍ତରୀୟ ଶିଶୁ ସୁରକ୍ଷା କମିଟି ଗଠିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**କଟକ,୬।୫(କାର୍ତ୍ତିକ ସାହୁ):**

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଶିଶୁ ଅଧିକାର କେନ୍ଦ୍ର ସହଯୋଗରେ ଗୋଷ୍ଠୀସ୍ତରୀୟ ଶିଶୁ ସୁରକ୍ଷା କମିଟି ଗଠିତ ହୋଇଛି। ପ୍ରାଥମିକ ଭାବେ ନରାଜ ନିକଟସ୍ଥ ବ୍ରଜବିହାରୀପୁର, ବାଲ୍ମିକୀ ନଗର ଓ ବାବା ତିଲକନଗରରେ ଏହି କମିଟି ଗଠନ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ପ୍ରୋଜେକ୍ଟ କୁଟୁମ୍ବ ପକ୍ଷରୁ ବ୍ରଜବିହାରୀପୁର ତଳସାହିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂହ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, ୩ ନମ୍ବର ୱାର୍ଡ କର୍ପୋରେଟର ପ୍ରଦୀପ ରାଉତ ଏବଂ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବେଦ କୁମାରୀ ଉପସ୍ଥିତ ଥିଲେ। ଗବେଷିକା ଡ. ସ୍ୱାଗତିକା ସାମଲ, ଦୁର୍ବାଦଳ ମନ୍ତ୍ରୀ, ସହକାରୀ ପ୍ରଫେସର ବିଜୟ ଭାସ୍କର, ଡ. ପ୍ରଦୀପ୍ତ ଷଡ଼ଙ୍ଗୀ, କନିଷ୍କ, ଅମୂଲ୍ୟ ସ୍ୱାଇଁ, ଅଙ୍କିତ କୁମାର କେଶ୍ରି ଓ ପ୍ରଫେସର ବିରଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକଙ୍କ ସୁରକ୍ଷା ଦାୟିତ୍ୱ ପୋଲିସର




ଏସ୍‌ପି ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରୁଛନ୍ତି।

**କଣ୍ଟାପଡ଼ା,୬।୫(ସୁରନାରାୟଣ ସାହୁ)**

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଦଧିଚି ଫାର୍ମାସୀ କଲେଜ ସଭାଗୃହରେ କଣ୍ଟାପଡ଼ା ବ୍ଲକ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ମଙ୍ଗଳବାର ବଣ୍ଟନ କରାଯାଇଛି। ଏହି ଅବସରରେ ଆୟୋଜିତ ବରିଷ୍ଠ ନାଗରିକ ସମ୍ମିଳନୀରେ କଟକ ଜିଲା ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଦାୟିତ୍ୱ ପୋଲିସର ବୋଲି କହିଥିଲେ। ଥାନାରେ ଯେପରି କୌଣସି ବରିଷ୍ଠ ନାଗରିକ ନ୍ୟାୟ ପାଇବାରୁ ଯେପରି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟିଦେବାକୁ ସେ ପରାମର୍ଶ ଦେଇଥିଲେ। କଣ୍ଟାପଡ଼ା ବ୍ଲକ ବରିଷ୍ଠ ନାଗରିକ ବ୍ରଜକିଶୋର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟେଜିତ ସଭାରେ ଦଧିଚି ଶିକ୍ଷା ସମୂହ ଅନୁଷ୍ଠାନର ଚେୟାରମ୍ୟାନ ଡ. ମନୋଜ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୋଲିସ ସାଧାରଣ ଜନତାର ବନ୍ଧୁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଲଟପୁର ଥାନା ଆଇଆଇସି କାଦମ୍ବିନୀ ପରିଡା, କଟକ ସଦର ଉପଖଣ୍ଡ ଅଧିକାରୀ କିରଣ ହେମ୍ବ୍ରମ ଓ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପଦ୍ମଲାଭ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏସ୍‌ପି ସଂ ଉପସ୍ଥିତ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ କରିଥିଲେ। ଦଧିଚି ଫାର୍ମାସୀ କଲେଜ ଅଧ୍ୟକ୍ଷ ଡ. ରଜତ କୁମାର କର ଉପସ୍ଥିତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ବିଶ୍ୱଶାନ୍ତି ଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

**ଚୌଦ୍ୱାର, ୬।୫(ଆଶୁତୋଷ ଦାସ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ନଖରା ପଞ୍ଚାୟତ ବଡଚାଞ୍ଚୋ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କ୍ଷେତ୍ରପାଳ ଓ କ୍ଷେତ୍ରପାଳିକାଙ୍କ ପୀଠରେ ଆସନ୍ତା ୮ରୁ ୧୧ତାରିଖ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏ ନେଇ ପ୍ରସ୍ତୁତି ବୈଠକ ପୀଠର ପୂଜକ ବାବା ବିଜୟାନନ୍ଦ ଦାସ ମହାରାଜଙ୍କ ପୌରହିତ୍ୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୀଠରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ହେବାକୁ ଥିବା ବେଳେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। କମିଟି ସମ୍ପାଦକ ନବୀନ କିଶୋର ସିଂ ଗତବର୍ଷର ଆୟବ୍ୟୟ ଉପସ୍ଥାପନ କରିଥିଲେ। ଯଜ୍ଞ କମିଟି ମାୟାଧର ମଲ୍ଲ, ମହେନ୍ଦ୍ର ପରିଡା, ଶଙ୍କର୍ଷଣ ରାଉତ, ପୂର୍ଣ୍ଣଚନ୍ଦ୍ର ନାୟକ, ମହେଶ୍ୱର ସିଂ, ସୁବାସ ଦାସ, ନିମାଇଁ ଦାସ, କିଶୋର ସ୍ୱାଇଁ, ଅଖିଳ ବେହେରା, ଆଲୋକ ଦାସଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପରିମଳ, ପାନୀୟ ଜଳକୁ ଗୁରୁତ୍ୱ

**ବଡ଼ମ୍ବାର ପ୍ରସିଦ୍ଧ ଚନ୍ଦନ, ବୁଦ୍ଧ ମହୋତ୍ସବ ପ୍ରସ୍ତୁତି**

**ଆଠଗଡ଼, ୬।୫(ସତ୍ୟ ପ୍ରସାଦ ରଥ)**

ମାଣିଆବନ୍ଧରେ ହେବାକୁ ଥିବା ବୁଦ୍ଧ ମହୋତ୍ସବ ୧୧ରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ଆସନ୍ତା ୧୪ରୁ ୨୦ତାରିଖ ଯାଏ ଶ୍ରୀଲୋକନାଥ ବିଜେ ନିଜିଗଡ ବଡ଼ମ୍ବା ହେବାକୁ ଥିବା ଚନ୍ଦନ ମହୋତ୍ସବ ଲାଗି ପ୍ରସ୍ତୁତି ବୈଠକ ବିଧାୟକ ବିଜୟ କୁମାର ଦଳବେହେରାଙ୍କ ଅଧ୍ୟକ୍ଷତା, ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମଙ୍ଗଳବାର ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୁଦ୍ଧ ଏବଂ ଚନ୍ଦନ ମହୋତ୍ସବରେ ନିରବଚ୍ଛିନ୍ନ ବିଶୁଦ୍ଧ ପାନୀୟ ଜଳ ଲୋକଙ୍କୁ ଯୋଗାଇ ଦେବା ନିମିତ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା, ପରିମଳ ଦୃଷ୍ଟିରୁ କ୍ଲିଚିଂ ସିଞ୍ଚନ ସହିତ ୨ଟି ଟ୍ୟାଙ୍କର ଦ୍ୱାରା ଜଳଯୋଗାଣ, ଡଷ୍ଟବିନ ଓ ଆସ୍ଥାୟୀ ଶୌଚାଳୟ, ବଡମ୍ବା ସହରର ସମସ୍ତ ରାସ୍ତା, ନାଳ, ନର୍ଦ୍ଦମା ପରିଷ୍କାର କରିବା, ଟେନିସ ପଡିଆ ସଫା ଓ ମହୋତ୍ସବରେ ବ୍ୟାରିକେଡ ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ, ମହୋତ୍ସବ ସମୟରେ କୌଣସି ଆକସ୍ମିକ ଦୁର୍ଘଟଣାରୁ ଉଦ୍ଧାର ପାଇଁ ଅଗ୍ନିଶମ ସଂସ୍ଥା, ଓରମାସ ଷ୍ଟଲ ଓ ଟେକ୍ସଷ୍ଟାଇଲ ଷ୍ଟଲ ପକାଇବାକୁ ସଭାରେ ଜିଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମହୋତ୍ସବରେ ଯାତ୍ରା ସ୍ଥଳରେ ଆଶୁ ଚିକିତ୍ସା କେନ୍ଦ୍ର ନିର୍ମାଣ, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଏବଂ ଆମ୍ବୁଲାନ୍ସ ବ୍ୟବସ୍ଥା ପାଇଁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ମହୋତ୍ସବରେ ଅଧିକ ସଂଖ୍ୟକ ଯାତ୍ରୀଙ୍କ ସମାଗମ ଦୃଷ୍ଟିରେ ରଖି ଆଇନ ଶୃଙ୍ଖଳା ବଜାୟ ରଖିବାକୁ ସ୍ଥାନୀୟ ପୋଲିସ ପ୍ରଶାସନ ପଦକ୍ଷେପ ନେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେବା ସହ ମହୋତ୍ସବରେ ଜନଗହଳି ସ୍ଥାନରେ ବିଶୃଙ୍ଖଳିତ ମଦ୍ୟପଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଇବାକୁ ଆଇଆଇସିଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବଡ଼ମ୍ବା ରାଜ କୁମାର, ଅଧ୍ୟକ୍ଷ ବଡ଼ମ୍ବା ବ୍ଲକ, ନଂ. ୩୧ ଜିଲା ପରିଷଦ ସଦସ୍ୟ, ଉପଖଣ୍ଡ ଆରକ୍ଷୀ ଅଧିକାରୀ, ଅଧୀକ୍ଷକ ଆଠଗଡ଼ ଚିକିତ୍ସାଳୟ, ବିଡିଓ, ସଭାପତି, ସମ୍ପାଦକ ଚନ୍ଦନ ମହୋତ୍ସବ କମିଟିଙ୍କ ସମେତ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଉକ୍ତ ସଭାକୁ ତହସିଲଦାର ବଡମ୍ବା ପରିଚାଳନା କରିଥିବା ବେଳେ ଉପଜିଲାପାଳ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ଅରୁନ୍ଧତୀ କଟକ ଶାଖାର ପ୍ରତିଷ୍ଠା ଦିବସ



ଅରୁନ୍ଧତୀ ଜୁଏଲର୍ସ କଟକ ଶାଖାର ପ୍ରତିଷ୍ଠା ଦିବସ ଅବସରରେ ଶୋ'ରୁମ୍‌ର କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୬।୫ (ଅନୁରାଧା ମହାରଣା)**

**ସ୍ୱତନ୍ତ୍ର ଅଫର ଘୋଷଣା**

ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସର କଟକ ଶାଖାର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ପାଳନ କରାଯାଇଛି। ରାଜ୍ୟରେ ଗତ ୧୪ ଧରି ଅରୁନ୍ଧତୀ ଜୁଏଲର୍ସ ବ୍ୟବସାୟ ବିସ୍ତାର କରିଥିବାବେଳେ କଟକ ଶାଖାର ବର୍ଷେ ପୂର୍ତ୍ତି ଏହାର ଆଉ ଏକ ସଫଳତା ବୋଲି କୁହାଯାଇଛି । ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ଅଫର ଘୋଷଣା କରାଯାଇଛି। ସୁନାଗହଣାର ଗଢ଼ା ମଜୁରି ୮୯୯ ଟଙ୍କା ରହିଥିବାବେଳେ ହୀରା ଗହଣାର ହୀରା ମୂଲ୍ୟରେ ଫ୍ଲାଟ୍ ୨୫% ରିହାତି ରହିଛି। ସେହିପରି ରୁପା ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ଘୋଷଣା କରାଯାଇଛି। ଏହି ଅବସରରେ ଅରୁନ୍ଧତୀ ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଦୀର୍ଘ ୨୫ ଧରି ସେବା କରିବାର ସୁଯୋଗ ଦେଇଥିବାରୁ ଅନୁଷ୍ଠାନ ଗ୍ରାହକଙ୍କ ନିକଟରେ କୃତଜ୍ଞ। ଅରୁନ୍ଧତୀ ପରି ପରିବାରର ପ୍ରତି ଦୀର୍ଘ ବର୍ଷ ଧରି ଥିବା ଦୃଢ଼ବିଶ୍ୱାସ, ଅଦମ୍ୟ ସ୍ନେହର ଫଳାଫଳ ବୋଲି ମେହେର କହିଛନ୍ତି।

# ନିଜ ସମର୍ଥକଙ୍କ ପାଇଁ ୨ ବିଧାୟକଙ୍କ ମଧ୍ୟରେ ଲଢ଼େଇ

**୧୩ରେ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ଭୋଟ**

**ନିଶ୍ଚିନ୍ତକୋଇଲି, ୬।୫ (ଅଶୋକ କୁମାର ମହାପାତ୍ର)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଗୃହୀତ ହେବା ପରେ ୧୩ ତାରିଖରେ ଭୋଟ ପାଇଁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି ହୋଇଛି। ୨ ବିଧାନସଭା କ୍ଷେତ୍ରକୁ ନେଇ ଗଠିତ ଏହି ବ୍ଲକରେ ଅଧ୍ୟକ୍ଷଙ୍କ ଅନାସ୍ଥା ପାଇଁ ରାଜନୈତିକ ଉଷ୍ମତା ଦେଖିବାକୁ ମିଳିଛି।

କଟକ ସଦର ବିଧାନ ସଭା କ୍ଷେତ୍ରର ବିଧାୟକ ପ୍ରକାଶ ସେଠୀ ଓ ମାହାଙ୍ଗାର ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ ଏନେଇ କଳବଳ କୌଶଳ ଲଗାଇ ଦେଇଛନ୍ତି। ମ୍ୟାଜିକ ନମ୍ବର ୫୮କୁ ଛୁଇଁବା ପାଇଁ ଦୁଇ ନେତା ପ୍ରୟାସ ଆରମ୍ଭ କରି ଦେଇଛନ୍ତି। ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀଙ୍କ ବିରୋଧରେ ୩୧ ଜଣ ସମିତି ସଭ୍ୟ ଓ ସରପଞ୍ଚ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। କଟକ ଉପଜିଲାପାଳ ସ୍ମୃତିରଞ୍ଜନ ଦେଓ ଅଭିଯୋଗକୁ ଗ୍ରହଣ କରି ଜନପ୍ରତିନିଧିମାନଙ୍କ ଦସ୍ତଖତ ଯାଞ୍ଚ କରିବା ପରେ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ କାଏମ ରଖିଛନ୍ତି। ଏହାପରେ ଅନାସ୍ଥା ପାଇଁ ପଞ୍ଚାୟତ ସମିତି ସଭା ଗୃହରେ ଭୋଟ ଗ୍ରହଣ କରାଯିବ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏନେଇ ବ୍ଲକର ୪୧ ପଞ୍ଚାୟତର ସମିତିସଭ୍ୟ ଓ ସରପଞ୍ଚଙ୍କୁ ଅବଗତ କରାଯାଇଛି। କଟକ ଅତିରିକ୍ତ ଉପଜିଲାପାଳ ଦେବାଶିଷ ମହାପାତ୍ରଙ୍କ ପୌରୋହିତ୍ୟରେ ସମିତିର ଏକ ସ୍ୱତନ୍ତ୍ର ବୈଠକ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।

ଅନାସ୍ଥା ଭୋଟ ପାଇଁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇବା ପରେ ଉଭୟ କଟକ ସଦର ଓ ମାହାଙ୍ଗା ବିଧାନସଭାର ୨ ବିଧାୟକ ନିଜ ନିଜର ରଣ କୌଶଳ ଆରମ୍ଭ କରିଛନ୍ତି। ଏହି ବ୍ଲକ ଅଧିନରେ ମାହାଙ୍ଗା ବିଧାନସଭା କ୍ଷେତ୍ରର ୨୭ ପଞ୍ଚାୟତ ଓ କଟକ ସଦର ବିଧାନସଭା କ୍ଷେତ୍ରର ୧୪ ପଞ୍ଚାୟତ ରହିଛି। ବର୍ତ୍ତମାନର ଅଧ୍ୟକ୍ଷା ରୋଜି ସେଠୀ ମାହାଙ୍ଗା ବିଧାନସଭା କ୍ଷେତ୍ରର ଓରତି ପଞ୍ଚାୟତର ସମିତି ସଭ୍ୟ ଅଟନ୍ତି। ସଂଖ୍ୟା ଅନୁଯାୟୀ ମାହାଙ୍ଗା ବିଧାନସଭା କ୍ଷେତ୍ରର ସରପଞ୍ଚ ଓ ସମିତି ସଭ୍ୟଙ୍କ ସଂଖ୍ୟା ୫୪ ଓ କଟକ ସଦର ସରପଞ୍ଚ ଓ ସମିତିସଭ୍ୟଙ୍କ ସଂଖ୍ୟା ୨୮। ଅନାସ୍ଥା ପ୍ରସ୍ତାବକୁ ଗୃହିତ କରିବା ପାଇଁ ୫୮ସଂଖ୍ୟା ଆବଶ୍ୟକ। ଏହି ମ୍ୟାଜିକ ନମ୍ବରକୁ ଛୁଇଁବା ପାଇଁ ୨ ବିଧାୟକ ଜୋରଦାର ଉଦ୍ୟମ କରୁଛନ୍ତି। କଟକ ସଦରର ପ୍ରାକ୍ତନ ବିଧାୟକ ଚନ୍ଦ୍ରସାରଥିଙ୍କ ସହ ଭିତରି ବୁଝାମଣା କରି ମାହାଙ୍ଗା ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ ପୂର୍ବରୁ ଉପାଧ୍ୟକ୍ଷ ପଦରେ ନିଜ ସମର୍ଥକଙ୍କୁ ବସେଇବାରେ ସକ୍ଷମ ହୋଇଥିଲେ। ବର୍ତ୍ତମାନ ଅଧ୍ୟକ୍ଷଙ୍କ ଅନାସ୍ଥା ଭୋଟ୍‌ରେ ମଧ୍ୟ ସମାନ ରଣ କୌଶଳ ଆପଣାଇଥିବା ଚର୍ଚ୍ଚା ହେଉଛି। ତେବେ ଉପାଧ୍ୟକ୍ଷ ନିର୍ବାଚନରେ କଟକ ସଦର ବିଧାୟକ ପ୍ରକାଶ ସେଠୀ ମାହାଙ୍ଗାର ପ୍ରାକ୍ତନ ବିଧାୟକ ପ୍ରତାପ ଜେନାଙ୍କ ସହ ଭିତିରି ବୁଝାମଣା ରଖି ସାରଦାଙ୍କୁ ଚେକ୍ ଦେବା ପାଇଁ ପ୍ରୟାସ କରି ବିଫଳ ହୋଇଥିଲେ। ମାତ୍ର ଅଧ୍ୟକ୍ଷା ରୋଜି ସେଠୀ ଅଦୃଶ୍ୟରେ ପ୍ରକାଶଙ୍କ ଶରଣରେ ଥିବାରୁ ଅନାସ୍ଥାରେ ଉଭୟ ପ୍ରତାପ ଓ ପ୍ରକାଶ ମିଶି ଏହାକୁ ଏଡାଇବା ପାଇଁ ଉଦ୍ୟମ ଜାରି ରଖିଥିବା ଚର୍ଚ୍ଚା ହେଉଛି। ଶୁଣିବାକୁ ମିଳିଛି ଅଧ୍ୟକ୍ଷା ରୋଜି ସେଠୀ ଖୁବ ଶୀଘ୍ର ଭାଜପାରେ ମିଶିବାକୁ ଯାଉଛନ୍ତି। କିନ୍ତୁ ଭାଜପା ନେତା ଏନେଇ କୌଣସି ଦୃଢ଼ୋକ୍ତି ପ୍ରକାଶ କରିନାହାନ୍ତି। ତେବେ ପ୍ରକାଶ ଓ ସାରଦାଙ୍କ ଲଢେଇରେ ଦୁଇ ବିଜେଡି ବିଧାୟକ ସାରଥି ସାଜିଥିବା କୁହାଯାଉଛି। ଅଧ୍ୟକ୍ଷାଙ୍କ ଅନାସ୍ଥାକୁ ସିଦ୍ଧ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏବେ ଠାରୁ ଲୋକ ପ୍ରତିନିଧିଙ୍କୁ ନିଜ କବ୍‌ଜାକୁ ନେଇ ବିଳାସପୂର୍ଣ୍ଣ ହୋଟେଲରେ ରଖାଯାଇଥିବା ଜଣାପଡ଼ିଛି । ଏଭଳି ସ୍ଥିତିରେ ଅନାସ୍ଥା ଭୋଟ କାହା ସପକ୍ଷରେ ଯିବ ତାହା ଆଗାମୀ ଦିନରେ ଜଣାପଡ଼ିବ।

# 'ନିର୍ଦ୍ଧାରିତ ସମୟରେ ଉନ୍ନୟନ କାର୍ଯ୍ୟ ଶେଷ କର'




ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ କଟକ ସଦର ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

**କଟକ,୬।୫(କାର୍ତ୍ତିକ ସାହୁ)**

**ସଦର ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ**

କଟକ ସଦର ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟିର ୨ୟ ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଟକ ସଦର ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ଅଧ୍ୟକ୍ଷ ତଥା ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ପୌରହିତ୍ୟ କରି ସଦର ବ୍ଲକର ସମସ୍ତ ପଞ୍ଚାୟତ ଏବଂ ନିଶ୍ଚିନ୍ତକୋଇଲି ବ୍ଲକର ୧୪ଟି ପଞ୍ଚାୟତ ତଥା କଟକ ମହାନଗର ନିଗମ ଅଧୀନ ୬ଟି ୱାର୍ଡରେ ବିଭିନ୍ନ ଉନ୍ନୟନମୂକ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉନ୍ନୟନ କାର୍ଯ୍ୟଗୁଡ଼ିକର ବିବରଣୀ ଉପସ୍ଥାପନ କରିଥିଲେ। ନୂତନ ରାସ୍ତା ନିର୍ମାଣ ପ୍ରକଳ୍ପର ଅଗ୍ରଗତି, କୃଷି କାର୍ଯ୍ୟ ନିମନ୍ତେ ଚିହ୍ନଟ ହୋଇଥିବା ଉଠା ଜଳସେଚନ, ନୂତନ ଗ୍ରାମ୍ୟ ସଡ଼କ ଓ କଲଭର୍ଟ ନିର୍ମାଣ ସହ ମହାନଗର ନିଗମ ପକ୍ଷରୁ ପ୍ରସ୍ତାବିତ ନୂତନ ପାର୍କ ନିର୍ମାଣ, ଡ୍ରେନେଜ ଓ ଜାତୀୟ ରାଜପଥ ପାର୍ଶ୍ୱରେ ଅସ୍ଥାୟୀ ଶୌଚାଳୟ ନିର୍ମାଣ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ କୃଷି, ଉଦ୍ୟାନ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମିଶନ ଶକ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ନେମାଳ ମଠ ଉନ୍ନତିକରଣ କାର୍ଯ୍ୟ ତ୍ୱରାନିତ କରିବା, ବିଶେଷ କରି ଜ୍ୟେଷ୍ଠ ପୂର୍ଣ୍ଣିମା ପୂର୍ବରୁ ଆବଶ୍ୟକ ହେଉଥିବା କାର୍ଯ୍ୟଗୁଡ଼ିକ ସମ୍ପୂର୍ଣ୍ଣ କରିବା ତଥା ସୁକପାଇକା ଡ୍ରେନେଜ କାର୍ଯ୍ୟର ଅଗ୍ରଗତି ବିଷୟରେ ଆଲେଚନା ହୋଇଥିଲା। ପୂର୍ବ ବୈଠକର ନିଷ୍ପତ୍ତି ଅନୁଯାୟୀ ନିର୍ଦ୍ଧାରିତ ସମୟରେ ସମସ୍ତ କାର୍ଯ୍ୟ ଶେଷ କରିବା ଏବଂ ଆରମ୍ଭ ହୋଇ ନ ଥିବା କାର୍ଯ୍ୟଗୁଡିକୁ ତୁରନ୍ତ ଆରମ୍ଭ କରି ଶେଷ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଶିବ ଟୋପୋ ବୈଠକ ସଂଯୋଜନା କରି ପଞ୍ଚାୟତସ୍ତରରେ ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟର ଅଗ୍ରଗତି ସହ ସମୟସୀମା ମଧ୍ୟରେ ଶେଷ ହେବା ନେଇ ସୂଚନା ଦେଇଥିଲେ। ବିଧାୟକ ପାଣ୍ଠି ଦ୍ୱାରା ଖର୍ଚ୍ଚ କରାଯାଉଥିବା କାର୍ଯ୍ୟଗୁଡ଼ିକର ତଥ୍ୟ ସଂକ୍ରାନ୍ତରେ ରିପୋର୍ଟ ତିଆରି କରି ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ, ମୁଖ୍ୟ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଶାନ୍ତ କୁମାର ହୋତା, ଯୋଜନା ଓ ସମନ୍ୱୟ ବିଭାଗର ଉପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶ, ସହ ନିର୍ଦ୍ଦେଶକ ରାମଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ପଦାଧିକାରୀ, ମହାନଗର ନିଗମର ଅଧିକାରୀ, ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀଙ୍କ ସମେତ ସଦର ଓ ନିଶ୍ଚିନ୍ତକୋଇଲି ବ୍ଲକର ବିଡିଓ, ତହସିଲଦାର, ସହକାରୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶୌଚ ହେବାକୁ ଯାଇ ବୃଦ୍ଧା ମୃତ, ଅଂଶୁଘାତ ଆଶଙ୍କା

ଖୋର୍ଦ୍ଧା,୬।୫(ପ୍ରଭାତ ପାଣିଗ୍ରାହୀ)

ଶୌଚ ହେବାକୁ ଯାଇଥିବା ବେଳେ ମଙ୍ଗଳବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛାୟା ପ୍ରଧାନ(୭୦)।ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ କୁମାରବସ୍ତ ଗ୍ରାମରେ ଏହିଘଟଣା ଘଟିଛି।ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ସୂଚନା ମୁତାବକ, ଛାୟା ମଙ୍ଗଳବାର ମଧ୍ୟାହ୍ନରେ ନିକଟ ପଡିଆକୁ ଶୌଚ ହେବାକୁ ଯାଇ ଫେରି ନ ଥିଲେ। ଅପରାହ୍ନ ୫ଟା ସୁଦ୍ଧା ସେ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିବାରୁ ପଡିଆରେ ଅଚେତ ଅବସ୍ଥାରେ ପଡିଥିବା ଦେଖି ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା। ପରେ ପରିବାରଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ହସ୍ତାନ୍ତର କରିଛି।

### ଯୁବକ ନିଖୋଜ ନେଇ ଥାନାରେ ଅଭିଯୋଗ

ଟାଙ୍ଗୀ,୬।୫(ରଘୁନାଥ ସାହୁ)

ଚାନ୍ଦପୁର ଥାନା ଅନ୍ତର୍ଗତ କେରେଣ୍ଡାଟାଙ୍ଗି ଗ୍ରାମର ଜଣେ ଯୁବକ ଗତ ଏପ୍ରିଲ ୨୮ରୁ ନିଖୋଜ ଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଯୁବକ ଜଣଙ୍କ ହେଲେ କେରେଣ୍ଡାଟାଙ୍ଗି ଗ୍ରାମର ବଳେନ୍ଦ୍ର ପ୍ରଧାନ। ଚାନ୍ଦପୁର ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ବଳେନ୍ଦ୍ର ୨୮ ତାରିଖରୁ ଘରୁ କେଉଁଆଡ଼େ ପଳାଇ ଯାଇଛନ୍ତି। ପରିବାର ଲୋକେ, ସମ୍ପର୍କୀୟ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ଏନେଇ ତାଙ୍କ ବାପା ସୁରେନ୍ଦ୍ର ଗତ ୫ତାରିଖରେ ଥାନାରେ ଅଭିଯୋଗ କରିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ

ବେଗୁନିଆ,୬।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ଭୋଗଡ଼ା ଗ୍ରାମର ଆରାଧ୍ୟା ମା' ଡାହାଳିଆଣିଙ୍କ ପୀଠରେ ସପ୍ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ପୀତବାସ ମିଶ୍ରଙ୍କ ତତ୍ତ୍ୱାବଧାନରେ ସୌମେନ୍ଦ୍ର ସାମନ୍ତରାୟ ଓ ତାଙ୍କ ସ୍ତ୍ରୀ ରାଜଲକ୍ଷ୍ମୀ କର୍ତ୍ତାକର୍ତ୍ତ୍ରୀଭାବେ ଉପବେଶନ କରିଥିଲେ। ବୈଦିକ ରୀତିନୀତି ଅନୁଯାୟୀ ଅଙ୍କୁରାରୋପଣ, ମଣ୍ଡଳକରଣ, କଳସ ସ୍ଥାପନ, ଅଗ୍ନି ସ୍ଥାପନ, ଆହୁତି ପ୍ରଦାନ କରାଯାଇଥିଲା। ପ୍ରତ୍ୟେହ ସନ୍ଧ୍ୟାରେ ପାଲା ଓ ପୌରାଣିକ ନାଟକ ପରିବେଷଣ ହୋଇଥିଲା।

### ପିଲାଚୋର ସନ୍ଦେହରେ ଯୁବକ ଅଟକ

ଟାଙ୍ଗୀ,୬।୫(ରଘୁନାଥ ସାହୁ)

ପିଲାଚୋର ସନ୍ଦେହରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି ଟାଙ୍ଗୀ ଥାନା ପୋଲିସ। ସୋମବାର ରାତିରେ ଏହି ଥାନା ଅନ୍ତର୍ଗତ ସୋରଣ ମାନସିଂପୁର ଗ୍ରାମରେ ଜଣେ ଯୁବକ ସନ୍ଦିଗ୍ଧ ଅବସ୍ଥାରେ ଏଣେତେଣେ ବୁଲୁଥିବା ସ୍ଥାନୀୟ ଯୁବକମାନେ ଦେଖିବାକୁ ପାଇଥିଲେ। ଯୁବକ ଜଣଙ୍କୁ ଅଟକାଇବା ବେଳେ ସେ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ। ତେବେ ସ୍ଥାନୀୟ ଯୁବକମାନେ କୌଶଳକ୍ରମେ ଯୁବକ ଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପଚରାଉଚରା ବେଳେ ଯୁବକ ଜଣଙ୍କ ମାନସିକ ରୋଗୀ ବୋଲି ଜଣାପଡିଛି। ତାଙ୍କ ନାମ ଜିତେନ୍ଦ୍ର ବିଶୋଇ। ତାଙ୍କ ମା'ବାପା ମୃତ୍ୟୁବରଣ କରିସାରିଛନ୍ତି। ସ୍ତ୍ରୀ ମଧ୍ୟ ତାଙ୍କୁ ଛାଡି ପଳାଇଥିବାରୁ ଜିତେନ୍ଦ୍ର ମାନସିକ ଭାରସାମ୍ୟ ହରାଇ ଏଣେତେଣେ ବୁଲୁଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

# ଚିକିତ୍ସା ଅବହେଳାରୁ ଯୁବକଙ୍କ ମୃତ୍ୟୁ ଅଭିଯୋଗ

## ମେଡିକାଲ ପରିସରରେ ଉତ୍ତେଜନା

ଟାଙ୍ଗୀ,୬।୫(ରଘୁନାଥ ସାହୁ)

ଚାନ୍ଦପୁରସ୍ଥିତ ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ଡାକ୍ତରଙ୍କ ଚିକିତ୍ସା ଅବହେଳାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ନେଇ ମଙ୍ଗଳବାର ଅଭିଯୋଗ ହୋଇଛି। ମୃତକ ହେଲେ ଚାନ୍ଦପୁର ଥାନା ଅଧୀନ କନ୍ଧନୟାଗଡ଼ ଗ୍ରାମର ପବିତ୍ର ପଲାଇଙ୍କ ପୁଅ ସୋମନାଥ (୨୫)। ଏନେଇ ମେଡିକାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା।

ସୂଚନା ମୁତାବକ, ସୋମନାଥଙ୍କୁ ଜ୍ୱର ହେବାରୁ ଚିକିତ୍ସା ପାଇଁ ସେ ଗତ ୪ ତାରିଖରେ ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟକୁ ଯାଇଥିଲେ। ଡାକ୍ତର ରକ୍ତ ପରୀକ୍ଷା କରିବା ପାଇଁ ଲେଖିଥିଲେ। ୫ ତାରିଖରେ ଡାକ୍ତର ରକ୍ତ ପରୀକ୍ଷା ରିପୋର୍ଟ ଦେଖି ଔଷଧ, ଇଞ୍ଜେକ୍ସନ ଲେଖି ତାଙ୍କୁ ଘରକୁ ପଠାଇ ଦେଇଥିଲେ। ମଙ୍ଗଳବାର ସୋମନାଥଙ୍କ ଶରୀର ପୁଣି ଅସୁସ୍ଥ ହେବାରୁ ପରିବାରଲୋକେ ତାଙ୍କୁ ମେଡିକାଲକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଚିକିତ୍ସା ଅବହେଳାରୁ ସୋମନାଥଙ୍କ ମୃତ୍ୟୁ ଘଟିଲା ବୋଲି ପରିବାର ଏବଂ ଗ୍ରାମବାସୀ ଥାନାରେ ଅଭିଯୋଗ କରିଥିଲେ। ପରେ ଏନେଇ ମେଡିକାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଚିକିତ୍ସା କରିଥିବା ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଥିଲା। ଚାନ୍ଦପୁର ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ବୁଝିନଥିଲେ। ଡାକ୍ତରଙ୍କ ସୁରକ୍ଷା ପାଇଁ ମେଡିକାଲ ପରିସରରେ ପୋଲିସ ମୁତୟନ କରାଯାଇଥିଲା। ଖବର ପାଇ ନୟାଗଡ଼ ଜିଲା ପବ୍ଲିକ ହେଲ୍‌ଥ ଅଫିସର ପୁଷ୍ପା ନଳିନୀ ଲାକ୍ରା ମେଡିକାଲରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅନ୍ୟପଟେ ଏହି ଚିକିତ୍ସାଳୟରେ ଆବଶ୍ୟକ ଡାକ୍ତର ନାହାନ୍ତି। ଯେଉଁମାନେ ଅଛନ୍ତି ସେମାନଙ୍କ ମଧ୍ୟରୁ କେତେଜଣ ଡାକ୍ତର ରୋଗୀଙ୍କୁ ଠିକ୍ ଭାବେ ଚିକିତ୍ସା କରୁ ନ ଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଅଛି।



ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛି।

# ୯ରୁ ରାଜ୍ୟକୁ ଫେରିବ ତାତି

## ଆଜି ୮ ଜିଲାରେ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର, ୬।୫ (ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛି ଦିନ ଧରି କାଳବୈଶାଖୀ ପ୍ରଭାବରେ ତାପମାତ୍ରା ହ୍ରାସ ପାଇଥିବାବେଳେ ୯ ତାରିଖଠାରୁ ପୁଣି ଗ୍ରୀଷ୍ମପ୍ରବାହ ଫେରିବା ସମ୍ଭାବନା ରହିଛି। ଆସନ୍ତା ୨ଦିନ ମଧ୍ୟରେ ପୂର୍ବ ଭାରତରେ ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିବା ସମ୍ଭାବନା ଥିବାରୁ ଓଡ଼ିଶାବାସୀଙ୍କୁ ଖରା ଓ ଗୁଳୁଗୁଳି ଅତିଷ୍ଠ କରିବ। ତେବେ ବୁଧବାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ ଏବଂ ଗଜପତି ଆଦି ୮ ଜିଲାରେ ବିଦ୍ୟୁତ ଓ ଘଡ଼ଘଡ଼ି ସହ ଘଣ୍ଟା ପ୍ରତି ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିସହ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା ଓ ସୁନ୍ଦରଗଡ଼ ଆଦି ୧୧ ଜିଲାରେ ମଧ୍ୟାହ୍ନ ବା ଅପରାହ୍ନରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିବ। ବିଜୁଳି, ଘଡ଼ଘଡ଼ି ସହ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ରହିବ। ଏହି ୧୯ଟି ଜିଲାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୮ତାରିଖରେ ମଧ୍ୟ କେତେକ ଜିଲାରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି।

# ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବାରଙ୍ଗ,୬।୫(ଲିଙ୍ଗରାଜ ରାଉତ)

ନେତଲ ଗ୍ରାମ ନିକଟସ୍ଥ ରେଳଧାରଣା ମଝିରୁ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହକୁ ବାରଙ୍ଗ ରେଳବାଇ ପୋଲିସ ଜବତ କରିଛି। ମୃତକ ହେଲେ ବାଙ୍କୀ ଥାନା ଅଧୀନ ହରିରାଜପୁର ଗ୍ରାମର ଶ୍ରବଣ କୁମାର ସାହୁ(୨୫) ଓରଫ ପିଣ୍ଟୁ। ଏନେଇ ଜିଆର୍‌ପି ପୋଲିସ ୨୦/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ଡାକ୍ତରଖାନା ପଠାଇଛି।

ପ୍ରକାଶ ଯେ, ଶ୍ରବଣ ଗତ ମାସେ ହେବ ଚନ୍ଦକା ଥାନା ନିକଟରେ ପରିବାର ସହ ରହି ଚନ୍ଦକା ଥାନାରେ ଗାଡ଼ି ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ସୋମବାର ବିଳମ୍ବିତ ରାତିରେ ଶ୍ରବଣ ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ତାଙ୍କୁ ବାରମ୍ବାର ଫୋନ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ପରେ ତାଙ୍କ ସ୍ତ୍ରୀ ଏ ବିଷୟରେ ଚନ୍ଦକା ଥାନାକୁ ଖବର ଦେଇଥିଲେ। ଚନ୍ଦକା ଥାନା ପୋଲିସ ତାଙ୍କୁ ଫୋନ କରିବା ସହ ଟ୍ରାକିଂ କରି ରାତାରାତି ଘଟଣାସ୍ଥଳରେ ପହଞ୍ଚିଥିଲେ। ରେଳଧାରଣା ମଝିରେ ଶ୍ରବଣଙ୍କ ମୃତଦେହ ପଡ଼ିରହିଥିବାର ଦେଖିବାକୁ ମିଳିଥିଲା। ପୋଲିସଠାରୁ ଖବରପାଇ ବାରଙ୍ଗ ଜିଆର୍‌ପି ମଙ୍ଗଳବାର ସକାଳେ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା।

# ରାସ୍ତାରେ ଖାଲ, ଲୋକେ ହଇରାଣ

ବେଗୁନିଆ,୬।୫(ସନ୍ଧ୍ୟାରାଣୀ ମିଶ୍ର)

ବାଘମାରୀ-କଣ୍ଟିଲୋ ୪୮ ନମ୍ବର ରାଜ୍ୟ ରାଜପଥ ଏବଂ ସିମୋର-ବାଙ୍କୀ ପୂର୍ତ୍ତ ବିଭାଗ ରାସ୍ତାର ସଂଯୋଗସ୍ଥଳ ସିମୋର ଛକରେ ଖାଲ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ଲୋକେ ଦୈନନ୍ଦିନ ବିଭିନ୍ନ କାର୍ଯ୍ୟ ପାଇଁ ବାଙ୍କୀ, ଖୋର୍ଦ୍ଧା, କଣ୍ଟିଲୋ ଓ ଭୁବନେଶ୍ୱରକୁ ଯାତାୟାତ କରିଥାନ୍ତି। ଉକ୍ତ ରାସ୍ତାର ସଂଯୋଗସ୍ଥଳରେ ଖାଲ ହୋଇଥିବାରୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ତେଣୁ ତୁରନ୍ତ ରାସ୍ତା ମରାମତି କରିବା ପାଇଁ ପୂର୍ବତନ ସମିତିସଭ୍ୟ ଅଜୟ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ସୁଦର୍ଶନ ମାଣିକ, ସନ୍ତୋଷ କୁମାର ମାଣିକ, ଶିକ୍ଷାବିତ୍ ଗୌର ଚରଣ ପ୍ରହରାଜ, ସୂର୍ଯ୍ୟ ନାରାୟଣ ମିଶ୍ର, ବାସୁଦେବ ବେହେରା, ହରିବନ୍ଧୁ ମହାରଣା, ଗଣେଶ୍ୱର ମହାପାତ୍ର ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଫକୀର ଚରଣ ବେହେରା କୁହନ୍ତି, ରାସ୍ତାରେ ଖାଲ ହୋଇଥିବା ସମ୍ପର୍କରେ ଅବଗତ ନାହିଁ। ଯଦି ଖାଲ ହୋଇଛି ତୁରନ୍ତ ମରାମତି କରିବା ପାଇଁ ଠିକାଦାରଙ୍କୁ କୁହାଯିବ ବୋଲି ସେ କହିଛନ୍ତି।



ରାସ୍ତାରେ ଖାଲଖମା।

# ଓଡ଼ିଶା ମାଇନିଂ କର୍ପୋରେଶନ ପକ୍ଷରୁ ଚଢ଼ାଉ

ନିରାକାରପୁର,୬।୫ (ମାନସ ଚନ୍ଦ୍ର ପଟ୍ଟନାୟକ)

**ଖଣ୍ଡୋଲାଇଟ୍ ପଥର ଚୋରାଚାଲାଣ ଘଟଣା**

ଟାଙ୍ଗୀ ବ୍ଲକ ଛଣଗିରି ପଞ୍ଚାୟତ ଅନ୍ତର୍ଗତ ଦେଉଳି-ଅରାଙ୍ଗ ମୌଜା ଅଞ୍ଚଳରେ ଖଣ୍ଡେଲାଇଟ୍ ପଥର ଚୋରାଚାଲାଣ ହେଉଥିବା ନେଇ ସୋମବାର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଏହି ଚୋରାଚାଲାଣ ରୋକିବା ଲାଗି ଓଡ଼ିଶା ମାଇନିଂ କର୍ପୋରେଶନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ଓଡ଼ିଶା ମାଇନିଂ କର୍ପୋରେଶନ କଟକ ପକ୍ଷରୁ ଉକ୍ତ ଅଞ୍ଚଳରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ଟାଙ୍ଗୀ ବ୍ଲକ ଦାୟିତ୍ୱରେ ଥିବା ଓଏମସିର ଅତିରିକ୍ତ ଅଧିକାରୀ ରଞ୍ଜିତ କୁମାର ବେହେରାଙ୍କ ସମେତ ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ଏବଂ ଏସ୍‌ପିଙ୍କ କାର୍ଯ୍ୟାଳୟରୁ ସ୍ୱତନ୍ତ୍ର ପୋଲିସ ଫୋର୍ସ ସାମିଲ ହୋଇଥିଲେ। ତେବେ ଚଢ଼ାଉ ପୂର୍ବରୁ ମାଫିଆମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ ଓଏମ୍‌ସିର ଅତିରିକ୍ତ ଅଧିକାରୀ ବେହେରା କୁହନ୍ତି, ଏହି ପଥର କାଟିବା ପାଇଁ ଯାଗା ଦେଇଥିବା ମାଲିକଙ୍କ ସମେତ ମାଫିଆଙ୍କ ନାଁରେ ମାମଲା ରୁଜୁ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ।

# ଦେଶୀ, ବିଦେଶୀ ମଦ ଜବତ: ୨ ଗିରଫ

ବାଲୁଗାଁ,୬।୫(ସଂଗ୍ରାମ ପାଇକରାୟ)

ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲି ଏବଂ ଟାଙ୍ଗୀ ରେଞ୍ଜ ନିରୀକ୍ଷକ ରାଧାକାନ୍ତ ଭୋଇ ମିଳିତଭାବେ ମଙ୍ଗଳବାର ଚଢ଼ାଉ କରି ପୃଥକ୍ ସ୍ଥାନରୁ ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ଦୁଇଜଣ ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ଜରିପଡ଼ା ଗ୍ରାମର ଜଗନ ବଳବନ୍ତରାୟ ଏବଂ ନରମାନବୀ ଗ୍ରାମର ଅକ୍ଷୟ ରାଉତ। ଜଗନଙ୍କ ନିକଟରୁ ଦେଶୀ ମହୁଲି ମଦ, ଆସ୍କା ଫର୍ଟି ଏବଂ ବିଅର ଜବତ ହୋଇଥିବା ବେଳେ ଅକ୍ଷୟଙ୍କଠାରୁ ୧୦ ଲିଟର ଆସ୍କା ଫର୍ଟି ଜବତ ହୋଇଛି। ଏହି ଚଢ଼ାଉରେ ଏଏସ୍‌ଆଇ ସଞ୍ଜୟ ସୁବୁଦ୍ଧି, କନଷ୍ଟେବଳ ଆଶିଷ ପ୍ରଧାନ, ରଞ୍ଜିତ ପଟେଲ, ସୁନିତା ମହାରଣା, କାଳୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# କଳ୍ପତରୁ, ଦୀପ୍ତିରାଣୀ, ପ୍ରଶାନ୍ତଙ୍କୁ 'ପ୍ରତିମା ପୁରସ୍କାର'



ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ମାନିତ ପ୍ରତିଭାଧାରୀ।

ଭୁବନେଶ୍ୱର,୬।୫(ସୌମ୍ୟରଞ୍ଜନ ରାଉତ)

ସାମାଜିକ କର୍ମୀ ପ୍ରତିମା ଦେବୀଙ୍କ ସ୍ମୃତିରେ ପ୍ରତିମା ଫାଉଣ୍ଡେଶନ ପକ୍ଷରୁ ମଙ୍ଗଳବାର ଗୀତଗୋବିନ୍ଦ ସଦନରେ ତୃତୀୟ ପ୍ରତିମା ପୁରସ୍କାର ଉତ୍ସବ ଓ ସ୍ମାରକୀ ବକ୍ତୃତା ସମାରୋହ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବୈଜ୍ଞାନିକ କଳ୍ପତରୁ ପାତ୍ରଙ୍କୁ ବିଜ୍ଞାନ ଶିକ୍ଷାକ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ପାଇଁ ତୃତୀୟ 'ପ୍ରତିମା ଶିକ୍ଷା ସମ୍ମାନ', ପାରମ୍ପରିକ କଳା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ କାଇଁଚ ଶିଳ୍ପୀ ଯୁଗଳ ଦୀପ୍ତିରାଣୀ ବେହେରା ଓ ପ୍ରଶାନ୍ତ ବେହେରାଙ୍କୁ ତୃତୀୟ 'ପ୍ରତିମା ଶିଳ୍ପୀ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଅତିଥିମାନେ ପ୍ରତିଭାମାନଙ୍କୁ ଫଳକ, ମାନପତ୍ର, ଉତ୍ତରୀୟ ଏବଂ ୫ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ଦେଇ ସମ୍ମାନିତ କରିଥିଲେ। ସାମ୍ବାଦିକ କେଦାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କବି ଡ. ଅମରେଶ ପଟ୍ଟନାୟକ ଯୋଗଦେଇ 'ଆମର ସମୟ ଓ ଆମର ଦାୟିତ୍ୱ' ସମ୍ପର୍କରେ ଆଲୋକପାତ କରିଥିଲେ। ସମାଜରେ ଶିକ୍ଷା ଓ ପ୍ରତିମା ଦେବୀଙ୍କ ପରି ଶିକ୍ଷକଙ୍କ ଭୂମିକା ଏବଂ ପାରମ୍ପରିକ କଳାକୁ ବଞ୍ଚାଇ ରଖିବାର ଆବଶ୍ୟକତା ସମ୍ପର୍କରେ ସେ ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରସିଦ୍ଧ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ ଯୋଗଦେଇ ଓଡିଶାର ସମସାମୟିକ କଳା ଓ ପାରମ୍ପରିକ କଳାର ସହାବସ୍ଥାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅଭିନେତ୍ରୀ ମଧୁମିତା ମହାନ୍ତି ଉତ୍ସବର ସଂଯୋଜନା କରିଥିବାବେଳେ ସ୍ତମ୍ଭକାର ପବିତ୍ର ମୋହନ କର ଧନ୍ୟବାଦ ଦେଇଥିଲେ।

# ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପାଳନ ହେବ ମଦର୍ସ ଡେ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା 'ମଦର୍ସ ଡେ ସେଲ୍‌ଫି କଣ୍ଟେଷ୍ଟ' କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

- ମେ ୬ରୁ ୧୦ ପର୍ଯ୍ୟନ୍ତ ପଠାଇପାରିବେ ମା'ଙ୍କ ସହ ସେଲ୍‌ଫି
- ମେ ୧୧ରେ ପୁରସ୍କୃତ ହେବ ଶ୍ରେଷ୍ଠ ଓ ହୃଦୟସ୍ପର୍ଶୀ ପୋଷ୍ଟ

ଭୁବନେଶ୍ୱର,୬।୫(ସୌମ୍ୟରଞ୍ଜନ ରାଉତ)

ସାରା ବିଶ୍ୱରେ ମଦର୍ସ ଡେ' ମେ ୧୧ରେ ପାଳନ ହେବ। ଏହି ଉପଲକ୍ଷେ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ମେ ୬ରୁ ୧୦ ପର୍ଯ୍ୟନ୍ତ ଏକ ସେଲ୍‌ଫି ପ୍ରତିଯୋଗିତା 'ମଦର୍ସ ଡେ ସେଲ୍‌ଫି କଣ୍ଟେଷ୍ଟ' ଆୟୋଜନ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଏହି ଅଭିନବ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ନିଜ ମା'ଙ୍କ ସହ ସେଲ୍‌ଫି ଉଠାଇ, ମା'ଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନରେ ଦୁଇପଦ ଲେଖି ନିଜର ସୋସିଆଲ୍ ମିଡିଆରେ ମହିଳା ଓ ଶିଶୁ ବିକାଶ ବିଭାଗକୁ ଟ୍ୟାଗ୍ କରିବାରୁ କୁହାଯାଇଛି। #MoBou, #WCDOdisha, #Mothersdayରେ ଟ୍ୟାଗ୍ କରି ସେଲ୍‌ଫି ସହ ଭାବାବେଗ ସମ୍ବଳିତ ବାର୍ତ୍ତା ପୋଷ୍ଟ କରିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି। ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ୍ ଏବଂ ଏକ୍ସରେ ପ୍ରତ୍ୟେକରୁ ୩ଟି ଶ୍ରେଷ୍ଠ ଓ ହୃଦୟସ୍ପର୍ଶୀ ବିବେଚିତ ସେଲ୍‌ଫି ଓ ବାର୍ତ୍ତା ପ୍ରେରକଙ୍କୁ ବିଜେତା ଘୋଷଣା କରି ମେ ୧୧ ମଦର୍ସ ଡେ'ରେ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ। ବିଜେତାଙ୍କ ଫଟୋ ବିଭାଗର ଅଫିସିଆଲ ହ୍ୟାଣ୍ଡେଲରେ ପୋଷ୍ଟ କରାଯିବ। ମେ ୧୧ ମଦର୍ସ ଡେ ପାଳନ ଅବସରରେ ଏକାମ୍ର ହାଟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେତାମାନେ ନିଜର ଉପଯୁକ୍ତ ପ୍ରମାଣପତ୍ର ଦର୍ଶାଇ ପୁରସ୍କାର ଗ୍ରହଣ କରିପାରିବେ। ଏହି କାର୍ଯ୍ୟକ୍ରମରେ ମା'ମାନଙ୍କ ପାଇଁ ବହୁ ମଜାଳିଆ ଖେଳର ମଧ୍ୟ ଆୟୋଜନ କରାଯାଇଛି। ଇଚ୍ଛୁକ ମା'ମାନେ ମେ ୧୧ ତାରିଖ ଅପରାହ୍ନ ୩ଟାରେ ଏକାମ୍ର ହାଟଠାରେ ନାମ ପଞ୍ଜୀକରଣ କରି ମଜାଳିଆ ଖେଳରେ ଭାଗ ନେଇପାରିବେ। ବିଜେତାମାନଙ୍କୁ ସେହି କାର୍ଯ୍ୟକ୍ରମରେ ହିଁ ପୁରସ୍କୃତ କରାଯିବ।

# ନନ୍ଦନକାନନ ଦାୟିତ୍ୱରେ ପ୍ରଶାନ୍ତ ପଣ୍ଡା

ବାରଙ୍ଗ,୬।୫(ଲିଙ୍ଗରାଜ ରାଉତ)

ନନ୍ଦନକାନନ ଉପ-ନିର୍ଦ୍ଦେଶକ ଭାବେ ପ୍ରଶାନ୍ତ କୁମାର ପଣ୍ଡା ମଙ୍ଗଳବାରଠାରୁ ଦାୟିତ୍ୱରେ ରହିଛନ୍ତି। ସନତ କୁମାର ଏନ୍ ୨୨ ଦିନ ପାଇଁ ଛୁଟିରେ ଯିବା କାରଣରୁ ପଣ୍ଡା ଅସ୍ଥାୟୀ ଭାବେ ତାଙ୍କ ଦାୟିତ୍ୱରେ ରହିଥିବା ଜଣାପଡ଼ିଛି। ଏବେ ପିସିସିଏଫ୍ କାର୍ଯ୍ୟାଳୟରେ ପ୍ରଶାନ୍ତ କୁମାର ପଣ୍ଡା ଉପ-ବନ ସଂରକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ୬ ତାରିଖଠାରୁ ୨୮ ତାରିଖ ପର୍ଯ୍ୟନ୍ତ ସେ ନନ୍ଦନକାନନ ଦାୟିତ୍ୱରେ ରହିବେ। ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିବା ପରେ ନନ୍ଦନକାନନ ଓ ବଟାନିକାଲ୍ ଗାର୍ଡେନ ଯାଇ ବୁଲିକି ଦେଖିଛନ୍ତି। ଉଭୟ ପାର୍କର ରେଞ୍ଜ ଅଫିସର ଓ ପଦାଧିକାରୀ ତାଙ୍କୁ ଭେଟି ପରିଚାଳନା କ୍ଷେତ୍ର ବିଷୟରେ ବିଭିନ୍ନ ଆଲୋଚନାମାନ କରିଥିବାର ଜଣାପଡ଼ିଛି।

# ଚିଲିକାରୁ ଉଚ୍ଛେଦ ହେଉନି ଘେରି

ଟାଙ୍ଗୀ,୬।୫(ରଘୁନାଥ ସାହୁ)

ଚିଲିକାରୁ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ନିର୍ଦ୍ଦେଶ ସତ୍ତ୍ୱେ ଚିଲିକାରୁ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ହୋଇପାରୁନାହିଁ ବରଂ ଘେରି ସଂଖ୍ୟା ବଢ଼ିଚାଲିଛି। ତେବେ ଜିଲା କିମ୍ବା ସ୍ଥାନୀୟ ପ୍ରଶାସନ ଏହି ଆଦେଶକୁ ଠିକ୍ ଭାବେ କାର୍ଯ୍ୟକାରୀ କରୁ ନ ଥିବାରୁ ଏବେ ବି ଚିଲିକା ଭିତରେ ଶହ ଶହ ଏକର ବେଆଇନ ଚିଙ୍ଗୁଡି ଘେରି ରହିଛି। ଗଞ୍ଜାମ, ଖୋର୍ଦ୍ଧା, ପୁରୀ ଜିଲାର ସମସ୍ତ ଉପକୂଳବର୍ତ୍ତୀ ଅଞ୍ଚଳରେ ମାଫିଆମାନେ ଚିଙ୍ଗୁଡ଼ି ଚାଷ ପାଇଁ ଘେରି କରିଚାଲିଛନ୍ତି। ଗଞ୍ଜାମ ଜିଲାର ସମଲଠାରୁ ଗଜପତି ପର୍ଯ୍ୟନ୍ତ, ପୁରୀ ଜିଲାର କୁମାରପୁରଠାରୁ କୃଷ୍ଣପ୍ରସାଦଗଡ଼ ପର୍ଯ୍ୟନ୍ତ, ଖୋର୍ଦ୍ଧା ଜିଲାର ବାଲୁଗାଁଠାରୁ ସୋରଣ ଘୋଡ଼ାଦୌଡ ପର୍ଯ୍ୟନ୍ତ ଚିଙ୍ଗୁଡ଼ି ଘେରି ରହିଛି। ଜିଲା ପ୍ରଶାସନର ଅବହେଳାରୁ ମାଫିଆମାନେ ଚିଙ୍ଗୁଡ଼ି ଘେରି କରୁଥିବା ମତ୍ସ୍ୟଜୀବୀମାନେ ଅଭିଯୋଗ କରୁଛନ୍ତି। ଚିଲିକା ମତ୍ସ୍ୟଜୀବୀ ମହାସଂଘର ନିଷ୍ପତ୍ତିକ୍ରମେ ସମସ୍ତ ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରାଯିବା ପରେ ମତ୍ସ୍ୟଜୀବୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଭାପତି ଶ୍ୟାମ ସୁନ୍ଦର ବେହେରା, ସମ୍ପାଦକ କାଳନ୍ଦୀ ବେହେରା ପ୍ରମୁଖ ସୂଚନା ଦେଇଛନ୍ତି।



# ସମସ୍ୟାଘେରରେ ଉଦ୍ୟାନ କୃଷି କାର୍ଯ୍ୟାଳୟ

ବାଣପୁର,୬।୫(ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲାର ଦ୍ୱିତୀୟ ବୃହତ୍ତମ ବ୍ଲକ ବାଣପୁର। ଏହା ୧୭ ପଞ୍ଚାୟତ, ଗୋଟିଏ ଏନ୍‌ଏସି, ତଥା ଦୁଇଟି ଆଦିବାସୀବହୁଳ ପଞ୍ଚାୟତରେ ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟାକୁ ନେଇ ଗଠିତ। ଏହି ଅଞ୍ଚଳରେ ବାଣପୁର କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ କେବଳ କାଗଜକଲମରେ ଚାଲିଛି। ପ୍ରାୟ ୩୫ ହଜାରରୁ ଊର୍ଦ୍ଧ୍ୱ ପରିବାର ରହୁଥିବା ବାଣପୁର ବ୍ଲକରେ ଏକ ଚତୁର୍ଥାଂଶ କୃଷି ଉପରେ ନିର୍ଭର କରନ୍ତି। ରାଜ୍ୟ ସରକାର କୃଷିକୁ ପ୍ରୋତ୍ସାହନ ଦେଇ ଚାଷୀଙ୍କୁ ରିହାତି ଦରରେ ଉନ୍ନତ କିସମ ଚାରା ଯୋଗାଇ କୃଷି ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେଉଥିବା ବେଳେ ବିଭାଗୀୟ ଉଦାସୀନତାରୁ ଉଦ୍ୟାନ ବିଭାଗରେ ଏଭଳି ସମସ୍ୟା ଦେଖାଦେଇଛି।

ବାଣପୁର ବ୍ଲକ ଉଦ୍ୟାନ କୃଷି ବିଭାଗ ପାଇଁ ଜଣେ କୃଷି ଅଧିକାରୀଙ୍କ ସହ ୫ ଜଣ ଉଦ୍ୟାନ କୃଷି ସମ୍ପ୍ରସାରଣ କର୍ମୀଙ୍କ ବଦଳରେ ୨ଜଣ ନିଯୁକ୍ତି ପାଇଛନ୍ତି। ବ୍ଲକ ଅଫିସ୍‌ଠାରେ ଏହାର କାର୍ଯ୍ୟାଳୟ ନ ଥିବାରୁ ଉଦ୍ୟାନ କୃଷି ଚାଷୀମାନେ ସେମାନଙ୍କ ସମସ୍ୟା ଓ ପରାମର୍ଶ ପାଇଁ ବ୍ଲକକୁ ଆସୁଥିଲେ ମଧ୍ୟ ସେମାନଙ୍କୁ ନ ପାଇ ଫେରିଯାଉଥିବା ଅଭିଯୋଗ ହେଉଛି। ୨ ଦିନ ପୂର୍ବେ ବ୍ଲକ ପରିସରରେ ଏହାର କାର୍ଯ୍ୟାଳୟ ଖୋଲିଛି। କିନ୍ତୁ କାର୍ଯ୍ୟାଳୟରେ କେବଳ ସହକାରୀ କୃଷି ଅଧିକାରିଣୀଙ୍କୁ ବାଦ୍‌ଦେଲେ କୌଣସି କର୍ମଚାରୀଙ୍କ ଦେଖା ମିଳି ନ ଥାଏ।

ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ଅନ୍ନପୂର୍ଣ୍ଣା ମହାରଣା କହିଛନ୍ତି, ସେ ନାମକୁମାତ୍ର ଅଧିକାରିଣୀ। ତାଙ୍କ ବସିବା ପାଇଁ ଏକ ଭଙ୍ଗା ଚୌକି ଥିବାବେଳେ ଏତେବଡ଼ ବ୍ଲକ ପାଇଁ ୫ ଜଣ ଉଦ୍ୟାନ ସମ୍ପ୍ରସାରଣ କର୍ମୀ ଦରକାର ପଡୁଥିବା ବେଳେ ମାତ୍ର ୨ଜଣଙ୍କୁ ନିଯୁକ୍ତ କରାଯାଇଛି। ଉକ୍ତ ୨ଜଣ ତାଙ୍କୁ ଦେଖାକରନ୍ତି ନାହିଁ କି ତାଙ୍କ କଥା ଶୁଣନ୍ତି ନାହିଁ। ଏହି ଅସୁବିଧା ସମ୍ପର୍କରେ ସେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଲିଖିତ ଅଭିଯୋଗ କଲାପରେ ମଧ୍ୟ କୌଣସି ଉତ୍ତର ମିଳିନାହିଁ।



## ବଳରାମ ମିଶ୍ରଙ୍କୁ ସର୍ବୋଚ୍ଚ ଯନ୍ତ୍ରୀ ପାହ୍ୟା

ଭୁବନେଶ୍ୱର: ପଞ୍ଚାୟତିରାଜ ବିଭାଗର ଗ୍ରାମ୍ୟ ଜଳଯୋଗାଣ ମୁଖ୍ୟଯନ୍ତ୍ରୀ ବଳରାମ ମିଶ୍ରଙ୍କୁ ସର୍ବୋଚ୍ଚ ଯନ୍ତ୍ରୀ ପାହ୍ୟାକୁ ପଦୋନ୍ନତି ମିଳିଛି। ଏ ସଂକ୍ରାନ୍ତରେ ମଙ୍ଗଳବାର ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଜନସ୍ୱାସ୍ଥ୍ୟ ମୁଖ୍ୟଯନ୍ତ୍ରୀ ବଳରାମ ମିଶ୍ର ଏବେ ଗ୍ରାମ୍ୟ ଜଳଯୋଗାଣ ମୁଖ୍ୟଯନ୍ତ୍ରୀ ଭାବେ ଅବସ୍ଥାପିତ ହୋଇଛନ୍ତି। ସରକାରଙ୍କ ପକ୍ଷରୁ ତାଙ୍କୁ ମଙ୍ଗଳବାର ସର୍ବୋଚ୍ଚ ଯନ୍ତ୍ରୀ ଭାବେ ପଦୋନ୍ନତି ଦିଆଯାଇଛି। ଓଡ଼ିଶା ଲୋକସେବା ଆୟୋଗଙ୍କ ପକ୍ଷରୁ ସୁପାରିସ୍ ମିଳିବା ପର୍ଯ୍ୟନ୍ତ ନଚେତ୍ ୧ବର୍ଷ ଲାଗି ସେ ଆଡ୍‌ହକ ଭାବେ ଏହି ଦାୟିତ୍ୱରେ ରହିବେ।

# ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ବିଜୁବାବୁଙ୍କ ଅବଦାନକୁ ସମ୍ମାନ

ଭୁବନେଶ୍ୱର,୬।୫(ସୁନିତ୍ ମିଶ୍ର)

- ରୁଷିଆ ଦୂତାବାସରେ ସ୍ଥାପନ ହେବ ଫଳକ
- ଉତ୍ସବରେ ଯୋଗଦେବାକୁ ଦିଲ୍ଲୀ ଗସ୍ତରେ ନବୀନ

ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ନାଜିବାଦ ବିରୋଧରେ ରୁଷିଆର ବିଜୟ ଉତ୍ସବର ୮୦ତମ ବାର୍ଷିକୀ ଆସନ୍ତା ୯ରେ ପାଳନ କରାଯିବ। ଏହି ଅବସରରେ ବୁଧବାର ନୂଆଦିଲ୍ଲୀସ୍ଥିତ ରୁଷିଆ ଦୂତାବାସରେ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଉଛି। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ଅସୀମ ସାହସିକତା ପ୍ରଦର୍ଶନ କରି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଷ୍ଟାଲିନ୍ ଗ୍ରାଡ ଅଭିଯାନରେ ସାମିଲ ହୋଇ ଅବରୁଦ୍ଧ ଲାଲ ବାହିନୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇ ବିଜୟ ପଥ ସୁଗମ କରିଥିଲେ। ବିଜୁବାବୁଙ୍କ ଏହି ମହାନ୍ ଅବଦାନକୁ ସମ୍ମାନ ଜଣାଇ ନୂଆଦିଲ୍ଲୀସ୍ଥିତ ରୁଷିଆ ଦୂତାବାସରେ ଏକ ସ୍ୱତନ୍ତ୍ର ଫଳକ ଉନ୍ମୋଚନ କରାଯିବ। କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ରାଷ୍ଟ୍ରଦୂତ ମିଃ ଡେନିଶ ଆଲିପୋଭ ନବୀନ ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରିଛନ୍ତି। ଏହି ନିମନ୍ତ୍ରଣ ରକ୍ଷାକରି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନବୀନ ମଙ୍ଗଳବାର ମଧ୍ୟାହ୍ନରେ ଦିଲ୍ଲୀ ଯାତ୍ରା କରିଛନ୍ତି। ସେ ରୁଷିଆ ଦୂତାବାସରେ ମେ ୭ ଓ ୯ ତାରିଖ କାର୍ଯ୍ୟକ୍ରମରେ ଯୋଗଦେବେ।

# ଭାଜପା ସହିତ ସମ୍ପର୍କ କେତେ ଭଲ

ଭୁବନେଶ୍ୱର,୬।୫(ସୁନିତ୍ ମିଶ୍ର)

ବିଜେଡି ପକ୍ଷରୁ ସୋମବାର ଘୋଷଣା କରାଯାଇଥିବା ଏକାଧିକ କମିଟିକୁ ନେଇ ଧୀରେଧୀରେ ଚାପା ଉତ୍ତେଜନା ବଢ଼ିବା ଆରମ୍ଭ ହୋଇଛି। ସିଧାସଳଖ ଗଣମାଧ୍ୟମ ଆଗରେ ମୁହଁ ନ ଖୋଲିଲେ ବି ବହୁ ବରିଷ୍ଠ ନେତା ଟେଲିଫୋନ ଯୋଗେ ଅସନ୍ତୋଷ ବ୍ୟକ୍ତ କରିବା ସହ ଦଳ ଭିତରର ଗୁମର ଖୋଲୁଛନ୍ତି। ୨୫ ବର୍ଷ ପରେ ବିଜେଡି ଗଠନ କରିଥିବା ରାଜନୈତିକ ବ୍ୟାପାର କମିଟି (ପିଏସି) ଦଳରେ ଅସନ୍ତୋଷ ବଢ଼ିବାର ମୂଳ କାରଣ ପାଲଟିଛି। କାରଣ ଏଥିରେ ଗତ ନିର୍ବାଚନରେ ହାରିଥିବା ୬ ନେତାଙ୍କୁ ସ୍ଥାନ ମିଳିଥିବାବେଳେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କୁ ରଖାଯିବା ଚର୍ଚ୍ଚାର ବିଷୟ ପାଲଟିଛି। ସସ୍ମିତ ଗତ ସଂସଦୀୟ ଅଧିବେଶନ ସମୟରେ ୱାକ୍‌ଫ ବିଲ୍‌କୁ ନେଇ ରଖିଥିବା ମନ୍ତବ୍ୟ ଦଳ ଭିତରେ ଝଡ଼ ସୃଷ୍ଟି କରିଥିଲା। ଏହାକୁ ନେଇ ପ୍ରଶ୍ନ ଉଠାଇଥିବା ନେତାମାନଙ୍କ ମଧ୍ୟରୁ ବହୁଜଣଙ୍କୁ କମିଟିରୁ ବାଦ୍ ଦିଆଯାଇଛି। ଆଉ କେତେଜଣଙ୍କୁ ପଦବୀରେ ଥଇଥାନ କରି ପରୋକ୍ଷରେ ସେମାନଙ୍କ ପକ୍ଷ ଛେଦନ କରାଯାଇଛି। ଜଣେ ବରିଷ୍ଠ ନେତାଙ୍କ କହିବା ଅନୁଯାୟୀ, ପ୍ରଥମେ ଭି. କେ. ପଣ୍ଡିଆନଙ୍କ ସ୍ତ୍ରୀ ସୁଜାତା ପଣ୍ଡିଆନଙ୍କ ଭିଆର୍‌ଏସ୍‌କୁ ୫ଦିନ ଭିତରେ କେନ୍ଦ୍ର ଅନୁମୋଦନ ଦେବା, ପୂର୍ବରୁ ବିଜେଡି ସରକାରର ଦୁଇ ଘନିଷ୍ଠ ଆଇପିଏସ୍ ଅଫିସର୍ ଆଶିଷ ସିଂ ଏବଂ ଡି. ଏସ୍. କୁଟେଙ୍କୁ ତୁରନ୍ତ କେନ୍ଦ୍ରୀୟ ଡେପୁଟେଶନରେ ଥଇଥାନ କରିବା ଏବଂ ନିକଟରେ ପୂର୍ବ ସରକାରର ଆଉ ଦୁଇ ଆଇପିଏସ୍ ଅଫିସର ମିତ୍ରଭାନୁ ମହାପାତ୍ର ଏବଂ ରବିକାନ୍ତଙ୍କୁ ମଧ୍ୟ କେତେଶୀଘ୍ର ଡେପୁଟେଶନ ଅନୁମୋଦନ ମିଳିଛି, ଏହା ସାର୍ବଜନୀନ। କୁହାଯାଉଛି, ପଣ୍ଡିଆନଙ୍କ ଆହୁରି କିଛି ଘନିଷ୍ଠ ଆଇଏଏସ୍‌ଅଫିସରଙ୍କ ଡେପୁଟେଶନ ଆବେଦନକୁ ଖୁବ୍‌ଶୀଘ୍ର ଅନୁମୋଦନ ମିଳିଯିବ। ଏଭଳି ସ୍ଥିତିରେ ପିଏସିରେ ସସ୍ମିତଙ୍କୁ ସ୍ଥାନ ମିଳିବା ପରୋକ୍ଷରେ ଭାଜପା ଏବଂ ବିଜେଡିର ଘନିଷ୍ଠତା ଓ ସମ୍ପର୍କ କେଉଁ ଦିଗକୁ ଯାଉଛି, ରାଜନୈତିକ ବ୍ୟକ୍ତିବିଶେଷମାନେ ଏହି କମିଟି ତାଲିକାରୁ ବୁଝି ସାରିଲେଣି ବୋଲି କୁହାଯାଉଛି।

ପିଏସି ତାଲିକାରେ ରହିଥିବା ୯ ସଦସ୍ୟଙ୍କ ଭିତରେ ପୂର୍ବତନ ସାଙ୍ଗଠନିକ ସମ୍ପାଦକ ଥିବା ପ୍ରଣବ ପ୍ରକାଶ ଦାସ (ବବି)ଙ୍କୁ ଯେଉଁମାନେ ୨୦୨୪ ନିର୍ବାଚନ ପରାଜୟ ନେଇ ସିଧାସଳଖ ଦୋଷ ଲଦୁଥିଲେ, ସେମାନଙ୍କୁ ରଖାଯାଇନାହିଁ। ଗଣମାଧ୍ୟମ ଆଗରେ ୱାକ୍‌ଫ ବିଲ୍‌କୁ ନେଇ ବିବେକାନୁଯାୟୀ ଭୋଟଦେବାକୁ ସସ୍ମିତ କହିବା ପରେ ବରିଷ୍ଠ ନେତା ତଥା ରାଜ୍ୟସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ଗଣମାଧ୍ୟମ ଆଗରେ ବିସ୍ଫୋରକ ବୟାନ ରଖିଥିଲେ। ଏଥିପାଇଁ ସେ ସିଧାସଳଖ ପଣ୍ଡିଆନ ଭାଜପା ସହିତ ଡିଲ୍ କରିଥିବା କଥା ଜଣାଇଥିଲେ। ପରେ ଦେବାଶିଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ବହୁ ଆଲୋଚନା ହୋଇଥିଲା। ହେଲେ ତାଙ୍କୁ ଏବେ ଦଳର ସିନିୟର ସିଟିଜେନ ସେଲ୍ ଉପସଭାପତି ଭାବେ ଦାୟିତ୍ୱ ମିଳିଛି। ଅପରପକ୍ଷେ ୱାକ୍‌ଫ ପ୍ରସଙ୍ଗରେ ଦଳର କ୍ଷତି କରିଛନ୍ତି ବୋଲି ସସ୍ମିତଙ୍କ ନାଁରେ ସମସ୍ତେ ଅଭିଯୋଗ କରିବା ସତ୍ତ୍ୱେ ସେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କମିଟି ପିଏସିରେ ଅଛନ୍ତି। ସେହିପରି ରାଜ୍ୟସଭା ସଦସ୍ୟ ମୁଜିବୁଲ୍ଲା (ମୁନ୍ନା) ଖାନ ୱାକ୍‌ଫ ପ୍ରସଙ୍ଗରେ ସସ୍ମିତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ଅଭିଯୋଗ କରିଥିଲେ। ତାଙ୍କୁ ଦକ୍ଷିଣାଞ୍ଚଳ ସଂଖ୍ୟାଲଘୁ ସେଲ୍‌ର ସଂଯୋଜକ ପଦବୀରେ ଅବସ୍ଥାପିତ କରାଯାଇଛି। ୱାକ୍‌ଫ ପ୍ରସଙ୍ଗରେ ଦଳ ନେଇଥିବା ନିଷ୍ପତ୍ତି କାହା ଦ୍ୱାରା ହୋଇଥିଲା ବୋଲି ପ୍ରଶ୍ନ ଉଠାଇ ବହୁ ବରିଷ୍ଠ ନେତା ଗଣମାଧ୍ୟମ ଆଗରେ ମୁହଁ ଖୋଲିଥିଲେ। ସେମାନଙ୍କ ମଧ୍ୟରୁ ବହୁଜଣ ନବୀନଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ ମଧ୍ୟ କରିଥିଲେ। ସେଥିରୁ ଅନେକଙ୍କୁ କୌଣସି କମିଟିରେ ନ ରଖାଯିବା ଏବେ ପଣ୍ଡିଆନ ଗୋଷ୍ଠୀ ଦ୍ୱାରା ହୋଇଥିବା ପକ୍ଷଛେଦନ ରଣନୀତିକୁ ସ୍ପଷ୍ଟ କରୁଛି ବୋଲି ଚର୍ଚ୍ଚା ହେଉଛି। ବରିଷ୍ଠ ନେତା ନୃସିଂହ ସାହୁ, ପ୍ରଫୁଲ୍ଲ ମଲ୍ଲିକ, ଶଶିଭୂଷଣ ବେହେରା, ଭୂପିନ୍ଦର ସିଂଙ୍କ ଭଳି ଅନେକଙ୍କୁ କମିଟିରେ ନ ରଖାଯିବା ପକ୍ଷଛେଦନ ପ୍ରକ୍ରିୟାର ଅଂଶବିଶେଷ ବୋଲି ଚର୍ଚ୍ଚା ହେଉଛି। ବାରମ୍ବାର ନିର୍ବାଚନରେ ଜିତିଆସୁଥିବା ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅରୁଣ ସାହୁଙ୍କୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମୋର୍ଚ୍ଚାର ଉପସଭାପତି କରାଯାଇଛି। ପୂର୍ବତନ ଛାତ୍ର ସଭାପତି ତଥା ବିଧାୟକ ଦେବୀରଞ୍ଜନ ତ୍ରିପାଠୀ କୌଣସି କମିଟିରେ ନାହାନ୍ତି। ପୂର୍ବତନ ବିଧାୟକ ତଥା ଦେବୀରଞ୍ଜନଙ୍କ ବାପା ପ୍ରଭାତ ତ୍ରିପାଠୀଙ୍କୁ କିଛି ଦିନ ତଳେ ନବୀନ ଚିଟ୍‌ଫଣ୍ଡ କାରବାରରେ ସମ୍ପୃକ୍ତ ଥାଇ ଜେଲ ଯାଇଥିଲେ ବୋଲି କହି ଅଭିଯୋଗ କରିଥିଲେ। ଏହିସବୁ ଭିତରେ ଦଳର ଯୁବକ, ଛାତ୍ର ଓ ମହିଳା ସଂଗଠନର ମୁଖିଆ ଚୟନ ଉପରେ ସମସ୍ତଙ୍କ ନଜର ଥିବା ବେଳେ ସେଥିରେ ମଧ୍ୟ ପଣ୍ଡିଆନ ଗୋଷ୍ଠୀର ସମ୍ପୂର୍ଣ୍ଣ ଭୂମିକା ରହିବ ବୋଲି କୁହାଗଲାଣି।

# ଆଜି ସଚିବାଳୟ ସେବା ସଂଘ ନିର୍ବାଚନ

ଭୁବନେଶ୍ୱର,୬।୫(ରବିନାରାୟଣ ଜେନା)

ଓଡ଼ିଶା ସଚିବାଳୟ ସେବା ସଂଘର ନିର୍ବାଚନ ବୁଧବାର ହେବାକୁ ଯାଉଛି। ଗୁରୁବାର ରାଜ୍ୟ ମୁଖ୍ୟ ଦପ୍ତର ଉପଭିତ୍ତିକ ଅଧିକାରୀ ଓ ଅମଲା ସଂଘର କର୍ମକର୍ତ୍ତା ନିର୍ବାଚନ ହେବ। ଏଥିପାଇଁ ଲୋକସେବା ଭବନ, ରାଜୀବ ଭବନ, ଖାରବେଳ ଭବନ ସହ ମୁଖ୍ୟଦପ୍ତର ନ'ଟାରୁ ଏବେ ଚଳଚଞ୍ଚଳ। ପୂର୍ବାହ୍ନ ସାଢ଼େ ୮ଟାରୁ ଅପରାହ୍ନ ୪ଟା ଯାଏ ମତଦାନ କରାଯିବ। ସନ୍ଧ୍ୟା ସାଢ଼େ ୬ଟାରେ ଭୋଟ ଗଣାଯାଇ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା ହେବ ବୋଲି ସଭାପତି ପ୍ରାର୍ଥୀ ବିବେକାନନ୍ଦ ସାମଲ କହିଛନ୍ତି।

# ସମ୍ବିଧାନର ସୁରକ୍ଷା ଆବଶ୍ୟକ: ଭକ୍ତ



ଅନୁଗୋଳରେ ସମ୍ବିଧାନ ବଞ୍ଚାଅ ସମାବେଶରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସହ ଦଳୀୟ ନେତା।

ଅନୁଗୋଳ,୬।୫(ମାନସ ବିଶ୍ୱାଳ)

ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ସଭାଘର ପରିସରରେ ସମ୍ବିଧାନ ବଞ୍ଚାଅ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଭାରତର ସମ୍ବିଧାନ ବର୍ତ୍ତମାନ ବହୁ ଦୁର୍ଦ୍ଦିନ ଦେଇ ଗତି କରୁଥିବାରୁ ଏହାର ସୁରକ୍ଷା ଅତି ଆବଶ୍ୟକ। ସମ୍ବିଧାନ ବଞ୍ଚାଇବାକୁ ପ୍ରତ୍ୟେକ ଭାରତୀୟ ଆଗକୁ ଆସିବା ଉଚିତ। ବହୁ ଘାତ ପ୍ରତିଘାତ ଦେଇ ଦେଶ ସ୍ୱାଧୀନତା ଲାଭ କରିଥିଲା ଓ ଡ. ଆମ୍ବେଦକରଙ୍କ ଅକ୍ଳାନ୍ତ ପରିଶ୍ରମରେ ଯେଉଁ ବିଶ୍ୱବନ୍ଦିତ ଭାରତ ସମ୍ବିଧାନ ପ୍ରଣୟନ କରାଯାଇଛି, ତାହାର ସୁରକ୍ଷା ପାଇଁ ପ୍ରତ୍ୟେକ ଭାରତୀୟ ସଚେତନ ହେବା ଜରୁରୀ। କେନ୍ଦ୍ର ସରକାରଙ୍କ ବିଫଳତାକୁ ଲୁଚାଇବାକୁ ଯାଇ ଆଜି ଦେଶ ଏକ ଯୁଦ୍ଧର ଆହ୍ୱାନକୁ ସାମ୍ନା କରିବାକୁ ଯାଉଛି। ଦେଶ ଭିତର ଓ ବାହାର ଆଜି ସୁରକ୍ଷିତ ନୁହେଁ। ଦେଶବାସୀ ଦରବୃଦ୍ଧି ଓ ସରକାରଙ୍କ ବିଭିନ୍ନ ଶୋଷଣର ଶିକାର ହୋଇଛନ୍ତି। ରାଜ୍ୟରେ ନାରୀ ସୁରକ୍ଷା ସମ୍ପୂର୍ଣ୍ଣ ଭୁଶୁଡ଼ି ଯାଇଥିବା ବେଳେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ସରକାର ୧୦ ମାସ ମଧ୍ୟରେ ଜନତାଙ୍କୁ ଦେଇଥିବା ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ରୂପେ ପ୍ରତାରଣାରେ ପରିଣତ ହୋଇଛି। ରାଜ୍ୟବାସୀ ଏବେ ଡବଲ ଇଞ୍ଜିନ ସରକାରର କାର୍ଯ୍ୟକୁ ଜାଣି ସାରିଲେଣି। ଆଗାମୀ ଦିନରେ ସେମାନେ ତାହାର ଉଚିତ ଜବାବ ଦେବେ ବୋଲି ପିସିସି ସଭାପତି ପ୍ରକାଶ କରିଥିଲେ।

# ଢେଙ୍କାନାଳରୁ ଦୁବାଇ ଗଲା ବେଲ, ତାଳ

ଢେଙ୍କାନାଳ,୬।୫(ରତନ ନାୟକ)




ଢେଙ୍କାନାଳ ସଦର ବ୍ଲକସ୍ଥିତ ଏଫପିଓ ସପ୍ତଶଯ୍ୟା ଆଗ୍ରୋ ପ୍ରଡ୍ୟୁସର କମ୍ପାନୀ ପକ୍ଷରୁ ସୋମବାର ପ୍ରଥମଥର ପାଇଁ ଦୁବାଇକୁ ୧ କ୍ୱିଣ୍ଟାଲ ତାଳ ଓ ୬୦କେଜି ବେଲ ରପ୍ତାନି କରାଯାଇଛି। ସ୍ୱିଡୋଲ ରୁକ ଜଳ ବିଭାଜିକା ମିଶନ ଅଧୀନ ରିୱାର୍ଡ ପ୍ରକଳ୍ପ ଅଞ୍ଚଳରେ ଏଫପିଓ ସପ୍ତଶଯ୍ୟା ଆଗ୍ରୋ ପ୍ରଡ୍ୟୁସର କମ୍ପାନୀ ତାଳ ଓ ବେଲକୁ ସର୍ବେକ୍ଷଣ କରି ପାଲାଡିୟମ ସଂସ୍ଥା ସହଯୋଗରେ ବିଦେଶର ଆମଦାନୀକାରୀଙ୍କ ସହ ଯୋଗାଯୋଗ କରି ଏହି ପଦକ୍ଷେପ ନେଇଛି। ଉତ୍ତମ ଗୁଣବତ୍ତାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ପ୍ରଥମଥର ପାଇଁ ୧ କ୍ୱିଣ୍ଟାଲ ତାଳ ଓ ୬୦କେଜି ବେଲ ଦୁବାଇ ରପ୍ତାନି ହୋଇଛି। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ଅଧିକାରୀ ଆଶିଷ ସେନାପତି, ମାର୍କେଟିଂ ଅଧିକାରୀ ପ୍ରକାଶ ସାହୁ, ପ୍ରକଳ୍ପ ସଂଯୋଜିକା ସୁଜାତା ସାହୁ ସହଯୋଗ କରିଥିଲେ। ପାଲାଡିୟମ ସଂସ୍ଥାର ଦେବରାତି ଘଟକ ବୈଷୟିକ ସହାୟତା ପ୍ରଦାନ କରିଥିଲେ।


**ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର**
**Housing & Urban Development Department, Govt. of Odisha**
**ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ**
**OFFICE OF THE PARADEEP MUNICIPALITY, PARADEEP**
ସ୍ଥାନ–ପାରାଦ୍ୱୀପ, ଜିଲ୍ଲା–ଜଗତସିଂହପୁର, ୭୫୪୧୪୨
At/Po.-Paradeep, Dist.-Jagatsinghpur (Odisha), Pin-754142
**RFP Notice No. 1852 dt. 06.05.2025**

**No.C-248** : The Executive Officer, Paradeep Municipality on behalf of the Municipal Council invites sealed Quotations in two packets from intending registered software firms for **"DEVELOPMENT OF MOBILE APPLICATION FOR SANITATION MONITORING IN RESPECT OF PARADEEP MUNICIPALITY"**. The prescribed RFP can be obtained from Paradeep Municipality Office or from Municipality website i.e. www.paradeepmunicipality.in from 08:00AM dt.07.05.2025 to 12:00 PM dt. 13.05.2025 on payment of ₹10,000.00 as paper cost. The last date of receipt of completed quotation in all respect is dt. 13.05.2025 up to 1:00 P.M. and will be opened on dt. 14.05.2025 at 11:00 A.M.

Sd./- Executive Officer, Paradeep Municipality
OIPR-13120/11/0039/2526



**ବାରିପଦା ପୌର ପରିଷଦ**
**ବାରିପଦା, ମୟୂରଭଞ୍ଜ–୭୫୭୦୦୧**
Tel.06792-252703, www.baripadamunicipality.in, e-mail: baripadam.hud@nic.in
ପତ୍ର ସଂଖ୍ୟା 2735/ଟ୍ୟାକ୍ସ | ତା.03.05.25 ରିଖ
**ନିଲାମ ଇସ୍ତାହାର**

No.C–256:ବାରିପଦା ପୌରପରିଷଦ ଅନ୍ତର୍ଗତ ଏକ ଗୋଟି ସୈରାତ "ଭାରୀଯାନ ପାର୍କିଂ" ବାବଦକୁ ଆଦାୟ କରାଯାଉଥିବା ଫି ଆସନ୍ତା ଏକବର୍ଷ (ଅର୍ଥାତ ତା.୦୧.୦୬.୨୦୨୫ ଠାରୁ ତା.୩୧.୦୫.୨୦୨୬ ରିଖ) ପର୍ଯ୍ୟନ୍ତ ନିବିଦା (Sealed Quotation) ଆହ୍ୱାନ କରାଯାଉଅଛି । ଏଥିପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ତା.୨.୦୫.୨୦୨୫ ରିଖ ଠାରୁ ତା.୧୫.୦୫.୨୦୨୫ ରିଖ ମଧ୍ୟରେ on–line ମାଧ୍ୟମରେ ଫର୍ମ download କରି ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ତା.୧୭.୦୫.୨୦୨୫ ରିଖ ଦିବା ୧.୦୦ ଘଟିକା ସୁଦ୍ଧା Speed Post/ Registered Post ମାଧ୍ୟମରେ ଫର୍ମ ଦାଖଲ କରିପାରିବେ । ଏଥିରେ ବ୍ୟତିକ୍ରମ ହେଲେ ନିବିଦା ଗ୍ରହଣୀୟ ହେବ ନାହିଁ । ଅଧିକ ବିବରଣୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି କାର୍ଯ୍ୟାଳୟ ୱେବସାଇଟ www.baripadamunicipality.in ରେ ଅନୁସନ୍ଧାନ କରିପାରିବେ ।

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ, ବାରିପଦା ପୌରପରିଷଦ
OIPR-13078/11/0041/2526



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର–୭୫୧୦୦୧
ପତ୍ର ସଂଖ୍ୟା 8292/ଭୁ.ଉ.କ., ଭୁବନେଶ୍ୱର | ତା.01.05.25 ରିଖ
URB-218/88
**ସୂଚନା**

**No.CAD-330:** ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ଫେଜ୍–୨, ମୌଜା–ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ ନଂ– S–5/353 କୁ ଶେକ୍ ମହମ୍ମଦ ମୁସଲିମ୍, ପିତା–ଶେକ୍ ଅବଦୁଲ୍ ଲତିଫ, ଗ୍ରାମ/ପୋଷ୍ଟ–ଗୁଜିଦରଡା, ଥାନା–ଭଦ୍ରକ (ଆର), ଜିଲ୍ଲା–ଭଦ୍ରକ, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଶେକ୍ ମହମ୍ମଦ ମୁସଲିମ୍ ଗତ ତା.୦୭.୦୨.୨୦୨୦ ରିଖରେ ମୃତ୍ୟୁବରଣ କରିଅଛନ୍ତି । (Death certificate Issue No.133/2020, date 13.02.2020).

Legal heir certificate No. E-LHC/2020/01655 dated 26.11.2020 ଅନୁଯାୟୀ ଶେକ୍ ମହମ୍ମଦ ମୁସଲିମ୍‌ଙ୍କର ଉତ୍ତରାଧିକାରୀ (୧) ମହଜାବିନା ପରବିନ୍ (ବିବାହିତା କନ୍ୟା), (୨) ମୋହସିନା ପରବିନ (ବିବାହିତା କନ୍ୟା) ଓ (୩) ସୁବେଦା ଖାତୁନ (ସ୍ତ୍ରୀ) ଅଟନ୍ତି ।

ବର୍ତ୍ତମାନ ମୋହସିନା ପରବିନ ପଞ୍ଜିକୃତ ନାଦାବି ପତ୍ର (Registered deed of Relinquishment–Document No.11132307974 dated 11.07.2023) ମାଧ୍ୟମରେ ଉକ୍ତ ପ୍ଲଟ୍‌ରେ ଥିବା ନିଜର ଅଧିକାର/ଅଂଶକୁ ମହଜାବିନା ପରବିନ୍‌ଙ୍କୁ ହସ୍ତାନ୍ତର କରିଅଛନ୍ତି ।

ମହଜାବିନା ପରବିନ୍ ମାଲିକାନା ସ୍ୱତ୍ୱ ତାଙ୍କ ନାମରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ପ୍ଲଟର ମାଲିକାନାସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସ୍ୱତ୍ୱ ମହଜାବିନା ପରବିନ୍ ଓ ସୁବେଦା ଖାତୁନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା./– ଆବଣ୍ଟନ ଅଧିକାରୀ–୧, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0289/2526



**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER DRAINAGE DIVISION, KHORDHA**
No.A-127: email Id:- eeddkhurda@gmail.com

| | | |
|---|---|---|
| 1. | Total Number of Work | 2 No. of Work as mentioned below |
| 2. | Name of Work | 1. Improvement to Dangarabasa Nalla alongwith structures in Nuagaon Block. 2. Improvement to Balanda Nalla alongwith structures in Nuagaon Block. |
| 3. | Tender amount (Excluding GST) | Rs.83.19 Lakh, Rs.83.91 Lakh |
| 4. | Bid Identification No. | EE-DD-KHR-01/2025-26, EE-DD-KHR-02/2025-26 |
| 5. | Period of Completion | 11 (Eleven) Calendar Months |
| 6. | Class of Contractor | As per DTCN |
| 7. | Availability of Tender On-line | 7.05.2025 11.00 hours to 22.05.2025 17.00 hours |
| 8. | Date of Opening of Technical Bid | 23.05.2025 at 11.00 hours in the O/o the Executive Engineer, Drainage Division, Khordha |
| 9. | Date and Time of receipt of bids in the portal | 7.05.2025 11.00 hours to 22.05.2025 17.00 hours |
| 10. | Last date and time of receipt of bids in the portal | 22.05.2025 upto 17.00 hours |
| 11. | Bid Security | As per DTCN |
| 12. | Cost of Tender Paper | Rs.10,000/- |
| 13. | Procurement Officer | Executive Engineer, Drainage Division, Khordha |

Further details can be seen from the Govt. website www.tendersorissa.gov.in. Addendum/ Corrigendum/ Cancellation if any required will be published only in Govt. website www.tendersorissa.gov.in.

Sd./- Executive Engineer, Drainage Division, Khordha
OIPR-32458/11/0003/2526



**SAMAGRA SHIKSHA, GANJAM**
ସମଗ୍ର ଶିକ୍ଷା Samagra Shiksha
Ph.06811-260833/262799, E-mail : dpcganjamssa.opepa@nic.in
No.1442/Ped./2025 | Dated. 02.05.2025
**TENDER CALL NOTICE FOR SUPPLY OF TEACHING LEARNING MATERIALS (TLM)**

**No.n-31** : Sealed tenders under two bid systems are invited from the reputed agency/supplier/manufacturer having valid PAN, GST & IT clearance,registration of firm etc for supply of **Teaching Learning Materials (Wax Crayon, Slate, scale, pencil etc) for Sishu Vatika & FLN Grades under SS scheme**. The tender papers (bid documents) containing detailed specification with terms and conditions,application of Technical Bid & application of Financial Bid can be obtained by downloading from the web site i.e. www.ganjam.odisha.gov.in and www.osepa.odisha.gov.in. The bidders are required to submit demand Draft of Rs. 2000/- (Rupees Two thousand only) drawn in favour of Dist. Project Coordinator, SS, Ganjam, Chatrapur towards cost of tender paper along with the application of technical bid. The last date and time for receiving of tender paper is **22.05.2025 at 2.00 P.M.** and will be opened on the same day **at 3.00 P.M.** in the office of the SS, Ganjam in presence of tenderers or their authorized representatives. Corrigendum/addendum if required, will be uploaded in the above web site. Hence potential bidders are requested to go through with the above web site. The authority reserves the right to reject any or all the tenders without assigning any reason thereof.

Sd./-Collector-cum-Chairman, Samagra Shiksha, Ganjam, Chatrapur
OIPR-27081/11/0009/2526



**GOVERNMENT OF ODISHA**
**DEPARTMENT OF SOCIAL SECURITY & EMPOWERMENT OF PERSONS WITH DISABILITIES**
Red Building, Lokaseva Bhavan, Bhubaneswar-751001
Ph. No. 0674-2390116, Fax. 0674-2390117
Email - ssepdodisha@gmail.com
**No.5015/SSEPD Dated : 06.05.2025**
**REQUEST FOR PROPOSAL**

**No.gg-28** : Proposals are hereby invited from interested Central Govt./ State Govt. Agencies/ Organizations having previous experience and credible past record for Implementation of Comprehensive IT Solutions for the Social Security & Empowerment of Persons with Disabilities (SSEPD) Department. The prospective agencies are to submit the proposal in the prescribed format to reach the Department on or before 26.05.2025 up to 5:30 P.M. through **Speed Post/Registered Post/Courier**. The detail terms and conditions of the RFP are available in the Department website www.ssepd.gov.in. The Department reserves the right to accept or reject any or all proposals without incurring any obligation to inform the affected applicant(s) of the ground.

OIPR-46001/11/0041/2526 | Sd./- Director, SSEPD



**GOVERNMENT OF ODISHA**
**OFFICE OF THE ENGINEER-IN-CHIEF**
**RURAL WATER SUPPLY & SANITATION, BHUBANESWAR**
Jal O Parimal Bhawan, Unit-V, Bhubaneswar-751001,
Tel : 0674-2395734, Fax No.0674-2394946, Email : cerwssodisha@gmail.com
**Request for Proposal (RFP) Notice**
**No.5910/Dated 05.05.2025**
**(BID. No. EIC/RWS&S/02/2025-26)**
**RFP for Hiring of Agency for Professional Manpower Support for Water Testing Laboratory at State, District and Sub-Divisional Level under Rural Water Supply and Sanitation (RWSS), Odisha**

**No.O-123** : The Engineer-in-Chief, RWSS, on behalf of the Government of Odisha in Panchayati Raj Department invites RFP for Hiring of Agency for Professional Manpower Support for Water Testing Laboratory at State, District and Sub-Divisional Level under Rural Water Supply and Sanitation(RWSS), Odisha from established Firm/ Agencies registered for a minimum period of 3 years under the Indian Companies Act, 1956/ Societies Registration Act/ Trust Act/ Any Other relevant Act in India to carry out the work for hiring of Manpower Support for Water Testing Laboratory at State, District and Sub-Divisional Level under Rural Water Supply and Sanitation (RWSS), Odisha.

Interested Agency/ Firms may download the RFP document from Government of Odisha website i.e. https://panchayat.odisha.gov.in/ from **13.05.2025** to **28.05.2025**. The last date for submission of RFP document is 30.05.2025 at 5 P.M.

The Authority reserves the right to accept or reject any/all RFP without assigning any reason thereof.

OIPR-25003/11/0017/2526 | Sd./- Engineer-In-Chief, RWS&S(O)



**DEPUTY DIRECTOR**
**NANDANKANAN ZOOLOGICAL PARK**
**P.O-BARANG, DIST-KHURDA, PIN-754005**
**PHONE/FAX No-0674-2466075, (M) 9437022023**
Email: deputydirector.kanan@gmail.com
NANDANKANAN CONSERVE | EDUCATE | INSPIRE

**No.MM-31:** **Tender Notice No.09/PMU/NKZP/95/2025**
**Dated, Nandankanan the 5th May 2025**
**RE- e TENDER NOTICE**
**FOR OPERATION AND MAINTENANCE OF BOATING FACILITY OVER BOATING ZONE-A OF KANJIA LAKE AT NANDANKANAN ZOOLOGICAL PARK**

No.MM-31: Deputy Director, Nandankanan Zoological Park invites sealed tenders online from interested persons/ firms/entrepreneurs for operation and maintenance of Boating Facility over Zone A of Kanjia lake of Nandankanan Zoological Park. The detailed tender document can be downloaded and apply online through Odisha e-procurement website: **www.tendersodisha.gov.in** from 06.05.2025 of 10.00 AM to 5.00 PM of 28.05.2025. The detailed tender document can also be downloaded from the website of Nandankanan Zoological Park: **www.nandankanan.org.** The last date of receipt of technical and financial bids is till 5.00 PM of 28.05.2025. The technical bids shall be opened on 29.05.2025 at 11.00 AM. Please refer the tender documents for further details. Nandankanan Zoological Park reserves the right to cancel this invitation and / or invite fresh Bid with or without amendments to this invitation, without liability or any obligation for such invitation and without assigning any reason. NKZP reserves the right to accept or reject any or all proposals without assigning any reason whatsoever.

OIPR-08070/11/0081/2526 | Sd./- Deputy Director, Nandankanan Zoological Park



**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**
E-Mail ID: serw_balasore@yahoo.in, Ph.No.-06782/260318, Balia, Balasore
**"e" Procurement Notice for Road Work**
Identification No.Online Tender- Road N.C.B. No. 07 for 2025-26
Letter No. 1361 Date:03.05.2025

**No.O-119:** 1. Name of the Work: SDMF Road, 2. Total No. of Work: 46 Nos. of Work. 3. Estimated Cost: As per Annexure. 4. Eligible Class of Contractor: As per Annexure. 5. Period of Completion: As per Annexure. 6. Other details:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of Opening of Tender in O/O S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No-07 of 2025-26 | 13.05.2025 at 11.00 A.M. | 30.05.2025 Upto 5.00 P.M. | 29.05.2025 Upto 5.00 P.M. | 31.05.2025 at 11.00 A.M. | Will be intimated later |

• Further details can be seen from the website: www.tendersodisha.gov.in

OIPR-25105/11/0050/2526 | Sd./- Chief Construction Engineer, R.W. Circle, Balasore



**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE**
E-Mail Id : serw_balasore@yahoo.in, Ph. No. : 06782/260318
Balia, Balasore
**Repair and Maintenance of Rural Roads Under PMGSY & Other Scheme**
e-Procurement Notice
Bid Identification No. Online-CCE-BLS-NCB-06 of 2025-2026

**No.O-117** : The Chief Construction Engineer, **R. W. Circle, Balasore** on behalf of Odisha State Rural Road Agency invites **percentage rate** bids in electronic tendering system for **Repair/Maintenance of the Rural roads Constructed under Pradhan Mantri Gram Sadak Yojana** in the districts of **Balasore for 4 (Four)** number of packages with estimated cost totaling to **Rs 3.52 Cr** including maintenance for five year from the eligible contractors registered with State PWD/CPWD/MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement dtd. 09.05.2025

**Availability of Bid Documents and mode of submission :** The bid document is available online and should be submitted online in http://www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4B(a)(ii) of ITB with **C.C.E.,R.W.Circle, Balasore**, on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Last Date/Time for receipt of bids through e-procurement :** 19.05.2025 upto 05.00 P.M. For further details please logon to http://www.pmgsytenders.gov.in.

Sd./- Chief Construction Engineer, R.W. Circle, Balasore
OIPR-25105/11/0051/2526



**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**
ବିଜ୍ଞପ୍ତି ନଂ. ୬୫୭ (Exam. Conf.) ତା.୦୫.୦୫.୨୫ ରିଖ
**୨୦୨୫ ମସିହା ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ନିମନ୍ତେ**
**ONLINE ଫର୍ମ ପୂରଣ ଓ ପରୀକ୍ଷା ଫିସ୍ ଦାଖଲ ସମ୍ପର୍କିତ ସୂଚନା**

No.N–40:ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୨୦୨୫ ମସିହା ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ (ରେଗୁଲାର, ଏକ୍ସ–ରେଗୁଲାର, ପତ୍ର ମାଧ୍ୟମ ରେଗୁଲାର ଓ ଏକ୍ସ–ରେଗୁଲାର) ପରୀକ୍ଷା ପାଇଁ ଫର୍ମ ପୂରଣ ଓ ପରୀକ୍ଷା ଫିସ୍ ଦାଖଲ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ।

୧. ONLINE ଫର୍ମ ପୂରଣ ନିମନ୍ତେ Link, ସବିଶେଷ ନିର୍ଦ୍ଦେଶାବଳୀ ଏବଂ Step by Step Instruction, **www.bseodisha.ac.in** website ମାଧ୍ୟମରେ ଉପଲବ୍ଧ ହେବ ।
୨. School Regular ଏବଂ Ex-Regular ପରୀକ୍ଷାର୍ଥୀମାନଙ୍କ ଫର୍ମ ପୂରଣ ସେମାନଙ୍କ ବିଦ୍ୟାଳୟ ମୁଖ୍ୟମାନଙ୍କ ଦ୍ୱାରା ଏବଂ ପତ୍ରମାଧ୍ୟମ ପରୀକ୍ଷାର୍ଥୀମାନଙ୍କ ଫର୍ମ ପୂରଣ ବୋର୍ଡର ଶାଖା କାର୍ଯ୍ୟାଳୟର ସହ ସମ୍ପାଦକଙ୍କ ଦ୍ୱାରା ସମ୍ପାଦିତ ହେବ ।
୩. **ONLINE** ଫର୍ମ ପୂରଣ କରିବାର ଧାର୍ଯ୍ୟ ତାରିଖ ଓ ସମୟ
ଆରମ୍ଭ ତାରିଖ — ତା.**14.05.2025** ରିଖ ସକାଳ ୦୮ ଘଟିକା
ଫିସ୍ ଓ ଫର୍ମ ଦାଖଲର ଶେଷ ତାରିଖ:– ତା.**26.05.2025** ରିଖ ରାତ୍ର ୧୧.୪୫

ସ୍ୱା./– ସମ୍ପାଦକ
OIPR-27004/11/0080/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**KANUPUR REHABILITATION, CAMPS & BUILDING DIVISION**
At/PO- Basudevpur, Dist-Keonjhar, PIN-758047
**e-PROCUREMENT NOTICE**
No.A-122 **Bid Identification No.SE,KRC & BD-04/2025-26**
**Email:eekrcbdbasudevpur@gmail.com**

| Sl. No. | Name of Work | Approx. value of work (Rs. in lakh) | E.M.D./ Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & Address of the division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Providing Sanitation facilities to each house at Dhoblabeda (Daduan) R and R Colony for the DPs of village Daduan of KIP." | 65.57 | 65600.00 | 10,000/- | 08 (Eight) Calendar Months | "B" | Kanupur Reh. Camps & Building Division, At/ PO- Basudevpur, Dist-Keonjhar |
| 02 | "Providing Sanitation facilities to each house at Phase II Basudevpur R and R Colony for the DPs of village Basudevpur, Rugudi and Dhobakuchuda of KIP." | 55.18 | 55200.00 | 10,000/- | 08 (Eight) Calendar Months | "B" | Kanupur Reh. Camps & Building Division, At/ PO- Basudevpur, Dist-Keonjhar |

| Procurement Officer | Bid Identification No. | Availability of tender online for bidding | | Date & time of opening of tender (Technical Bid) | Last Date of seeking clarification | Place of Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh. C&B Division, Basudevpur, Dist-Keonjhar | SE, KRC & BD-04/ 2025-26 | 07.05.25 From 10.00 Hours | 21.05.25 Upto 17.00 Hours | 22.05.25 at 11.00 Hours | 21.05.25 Upto 11.00 Hours | O/o the Superintending Engineer, Kanupur Reh. C&B Division, Basudevpur, Dist-Keonjhar |

Sd./- Superintending Engineer, Kanupur Reh. C & B Division, Basudevpur
OIPR-32053/11/0009/2526


See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତରେ ହ୍ୟୁଣ୍ଡାଇର ଐତିହାସିକ ମାଇଲଖୁଣ୍ଟ

**ଚେନ୍ନାଇ,୬।୫**

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ (ଏଚ୍‌ଏମ୍‌ଆଇଏଲ୍)କୁ ନିକଟରେ ଆଉ ଏକ ବଡ଼ ସଫଳତା ମିଳିଛି। ଏପରିକି କମ୍ପାନୀ ଭାରତରେ ୨୯ ତମ ପୂର୍ତ୍ତି ଉତ୍ସବ ପୂରଣ ସହ ୩୦ ବର୍ଷରେ ପ୍ରବେଶକରି ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି। ଏହି ପରିପ୍ରେକ୍ଷୀରେ ଏଚ୍‌ଏମ୍‌ଆଇଏଲ୍‌ର ୨୯ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଭାରତୀୟ ବଜାରରେ ପାଳିତ ହୋଇଯାଇଛି।

ଉଲ୍ଲେଖଯୋଗ୍ୟ, ଏଚ୍‌ଏମ୍‌ଆଇଏଲ୍ ଇତିମଧ୍ୟରେ ମୋଟ ୧୨.୭ ମିଲିୟନ ୟୁନିଟ୍ ଯାନ ବିକ୍ରି କରିଥିଲାବେଳେ ୩.୭ ମିଲିୟନରୁ ଅଧିକ ୟୁନିଟ୍ ଯାନ ୧୫୦ରୁ ଊର୍ଦ୍ଧ୍ୱ ଦେଶକୁ ରପ୍ତାନୀ କରିଛି। ଏପରିକି ଏହି ୨୯ ବର୍ଷରେ କମ୍ପାନୀ ପ୍ରାୟ ୬ ବିଲିୟନ ଆମେରିକୀୟ ଡଲାର ନିବେଶ ସହ ପରିଚାଳନାରେ ଖର୍ଚ୍ଚ କରିଛି। ସେହିଭଳି କମ୍ପାନୀ ନିକଟରେ ଆଧୁନିକୀକରଣ ଓ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ୧୫୦୦ କୋଟି ଟଙ୍କାର ପୁଞ୍ଜି ନିବେଶ କରିଛି। ଚେନ୍ନାଇ ଏବଂ ମହାରାଷ୍ଟ୍ରର ତାଲେଗାଓଁରେ ନୂତନ ସୁବିଧା କେନ୍ଦ୍ର ଓ ଉତ୍ପାଦନ କ୍ଷମତା ବୃଦ୍ଧିକରି ବ୍ରାଣ୍ଡ୍‌ର ଉପସ୍ଥିତିକୁ ବଜାରରେ ପରିପ୍ରକାଶ କରାଉଛି।

ଏ ସମ୍ପର୍କରେ ଏଚ୍‌ଏମ୍‌ଆଇଏଲ୍‌ର ଏମ୍‌ଡି ଉନ୍‌ସୋ କିମ୍ କହିଥିଲେ, ଭାରତୀୟ ବଜାରରେ ଆମେ ୨୯ତମ ପୂର୍ତ୍ତି ଉତ୍ସବ ପାଳନକରି ବେଶ୍ ଉତ୍ସାହିତ ଅଛୁ। ଏହି ୨୯ ବର୍ଷରେ ଆମେ ଅନେକ ସଫଳତା ହାସଲ ସହ ଉପଲବ୍ଧି ହାସଲ କରିଛୁ। ବିଶେଷ କରି ହ୍ୟୁଣ୍ଡାଇ ସୋଣ୍ଟ୍ରୋଠାରୁ କ୍ରେଟା ଏବଂ ଆଇଓଏନ୍‌ଆଇକ୍ୟୁ୫ ମଡେଲରୁ ଆଇପିଓ କାରବାର ପର୍ଯ୍ୟନ୍ତ ଆମେ ଅନେକ ପ୍ରକାର ଅଭିବୃଦ୍ଧି ଦେଖିଛୁ। ସେହିଭଳି ଏହି ୨୯ ବର୍ଷରେ ଆମେ ମୋଟ ୧୨.୭ ମିଲିୟନ ୟୁନିଟ୍ ଯାନ ବିକ୍ରି କରିଥିଲାବେଳେ ୩.୭ ମିଲିୟନରୁ ଅଧିକ ୟୁନିଟ୍ ଯାନ ୧୫୦ରୁ ଊର୍ଦ୍ଧ୍ୱ ଦେଶକୁ ରପ୍ତାନୀ କରିଛୁ। ବିଶେଷକରି ୨୦୦୮ରେ ଆମେ ୦.୫ ମିଲିୟନ ଗାଡି ରପ୍ତାନୀ ହାସଲ କରିଥିଲାବେଳେ ୨୦୧୦ରେ ୧ ମିଲିୟନ, ୨୦୧୪ରେ ୨ ମିଲିୟନ, ୨୦୨୦ରେ ୩ ମିଲିୟନ ଏବଂ ୨୦୨୫ରେ ୩.୭ ମିଲିୟନ ଗାଡି ବିଭିନ୍ନ ରାଷ୍ଟ୍ରକୁ ରପ୍ତାନୀକରି ଐତିହାସିକ ରପ୍ତାନୀ ମାଇଲଷ୍ଟୋନ୍ ମଧ୍ୟ ହାସଲ କରିପାରିଛୁ।



୨୯ତମ ପୂର୍ତ୍ତି ଉତ୍ସବ ପାଳନ ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀ ଉପସ୍ଥିତ ଅଛନ୍ତି।

# ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ,୬।୫**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୫୬ (୧୫୫.୭୭) ପଏଣ୍ଟ ହ୍ରାସ ଘଟି ୮୦,୬୪୧ (୮୦,୬୪୧.୦୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୮୧ (୮୧.୫୫) ପଏଣ୍ଟ କମି ୨୪,୩୮୦ (୨୪,୩୭୯.୬୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ବିଓବିର ୪ର୍ଥ ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୬।୫**

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର କାରବାର ଓ ଆଗାମୀ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ସହ ୨୦୨୪-୨୫ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ଏହି ଫଳାଫଳରେ ବ୍ୟାଙ୍କ ୧୦.୧% ଅଭିବୃଦ୍ଧି ହାର ହାସଲକରି ୧୯,୫୮୧କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିପାରିଛି। ସେହିଭଳି ବ୍ୟାଙ୍କର କାର୍ଯ୍ୟକାରୀ ଲାଭ ୪.୭% ଅଭିବୃଦ୍ଧି ହାରରେ ୩୨,୪୩୫ କୋଟିଟଙ୍କା ହୋଇଛି। ବ୍ୟାଙ୍କର ଘରୋଇ କାସା ଜମାରେ ୬.୪ % ବୃଦ୍ଧି ଘଟି ୪,୧୬,୪୬୨ କୋଟି ଏବଂ ଘରୋଇ ଜମା ପୂର୍ବ ବର୍ଷ ତୁଳନାରେ ୯.୩ % ବୃଦ୍ଧି ପାଇ ୧୨,୪୨,୧୬୯ କୋଟିରେ ପହଞ୍ଚିଛି। ସେହିପରି ବ୍ୟାଙ୍କର ଅନ୍ତର୍ଜାତୀୟ ଜମା ୧୦.୩% ବୃଦ୍ଧି ପାଇ ୧୪,୭୨,୦୩୫ କୋଟି ଏବଂ ଦେଶ ମଧ୍ୟରେ ବ୍ୟାଙ୍କର ଋଣ ୧୦,୨୧,୧୧୨ କୋଟି ଟଙ୍କାକୁ ବୃଦ୍ଧି ପାଇବା ସହ ବୈଶ୍ୱିକ ଋଣ ୧୨,୩୦,୪୬୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ବ୍ୟାଙ୍କର ପୁଞ୍ଜି ସ୍ୱଚ୍ଛଳତା ହାର (ସିଆର୍‌ଏଆର୍)ରେ ୧୭.୧୯ % ଏବଂ ବ୍ୟାଙ୍କର ସ୍ଲିପେଜ୍ ରେସିଓ ୦.୭୮% ରେ ପହଞ୍ଚିଛି। ୨୦୨୫ ମାର୍ଚ୍ଚ ୩୦ ସୁଦ୍ଧା ବ୍ୟାଙ୍କର ଲିକ୍ୟୁଡିଟି କଭରେଜ ରେସିଓ (ଏଲ୍‌ସିଆର୍) ୧୨୩% ରହିଛି। ବ୍ୟାଙ୍କର ମୋଟ୍ ସୁଧ ଆୟରେ ୨.୧% ବୃଦ୍ଧି ଘଟି ୪୫,୬୫୯ କୋଟିରେ ପହଞ୍ଚିଛି। ବ୍ୟାଙ୍କର ପ୍ରୋଭିଜନ କଭରେଜ ରେସିଓ (ପିସିଆର୍) ୯୩.୨୯% ରହିଛି। ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ୨.୨୬%କୁ ହ୍ରାସ ପାଇଥିବାବେଳେ ନେଟ୍ ଏନ୍‌ପିଏ ୦.୫୮%କୁ ହ୍ରାସ ପାଇଛି। ଉଲ୍ଲେଖଯୋଗ୍ୟ, ବିଓବିର ୮,୪୨୪ଟି ଶାଖା ରହିଥିବା ବେଳେ ୧୦,୯୮୭ଟି ଏଟିଏମ୍ ଏବଂ ୧୭ଟି ଦେଶରେ ୮୪ଟି ଶାଖା ନେଟ୍‌ୱର୍କ ରହିଛି।

# କୋଇପାରା ଓଡ଼ିଶା ଶାଖାର ୨ୟ ତ୍ରୟବାର୍ଷିକ ସାଧାରଣ ସଭା



ଦ୍ୱିତୀୟ ତ୍ରୟବାର୍ଷିକ ଅଧିବେଶନରେ ସଂଘର କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୬।୫ (ଅଭୟ ଦାଶ)**

ବ୍ୟାଙ୍କ ଅଫ୍ ଇଣ୍ଡିଆ ପେନ୍‌ସନଭୋଗୀ ଏବଂ ସେବାନିବୃତ୍ତ କର୍ମଚାରୀ ସଂଘ ବା କୋଇପାରା ଓଡ଼ିଶା ଶଖାର ଦ୍ୱିତୀୟ ତ୍ରୟବାର୍ଷିକ ଅଧିବେଶନ ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଅମିତ କୁମାର ମୋତାୟଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଅଧିବେଶନରେ ସର୍ବଭାରତୀୟ ମହାସଂଘର ଅଧ୍ୟକ୍ଷ ଆର୍.ଏସ୍. ତ୍ରିବେଦୀ, ସଭାପତି ପି.ଏସ୍ ପାଟ୍‌କି, ସାଧାରଣ ସମ୍ପାଦକ ହରବିନ୍ଦର ସିଂ, କାର୍ଯ୍ୟକାରୀ ସଭାପତି ଦେବାଶିଷ ସେନଗୁପ୍ତା, ଏଆଇବିପାର୍କ ଓଡ଼ିଶା ଶାଖାର ସମ୍ପାଦକ ନିରଞ୍ଜନ ଯୋଗାଣିଆ, ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର କ୍ଷେତ୍ରୀୟ ମହାପ୍ରବନ୍ଧକ ବିକାଶ କ୍ରିଷ୍ଣାଙ୍କ ସମେତ ଅନ୍ୟାନ୍ୟ ସଂଘର ନେତୃବୃନ୍ଦ ତଥା ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନ୍‌ର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। କୋଇପାରା ଓଡ଼ିଶାର ସାଧାରଣ ସମ୍ପାଦକ ମନୋରଞ୍ଜନ ଦାଶ ସ୍ୱାଗତ ଅଭିଭାଷଣ ସହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ଦଶରଥ ସେନାପତି ଅତିଥିମାନଙ୍କ ପରିଚୟ କରାଇଥିଲେ। କୋଇପାରା ଓଡ଼ିଶାର ସଭାପତି ଅମିତ କୁମାର ମୋତାୟଦ ତାଙ୍କ ଅଭିଭାଷଣରେ ସାମ୍ପ୍ରତିକ ପରିସ୍ଥିତିରେ ବ୍ୟାଙ୍କ ପେନ୍‌ସନ୍ ଉପଭୋକ୍ତାଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ମହାସଂଘର ଅଧ୍ୟକ୍ଷ ତ୍ରିବେଦୀ ଓ ସଭାପତି ପାଟ୍‌କୀ ପେନ୍‌ସନ୍ ଅପଡେସନ୍, ମହଙ୍ଗାଭତ୍ତାରେ ପାତରଅନ୍ତର, ବର୍ଦ୍ଧିତ ସ୍ୱାସ୍ଥ୍ୟବୀମା ପ୍ରିମିୟମ୍, ସ୍ପେସିଆଲ ପେ'କୁ ମୂଳ ପେନ୍‌ସନ ସହ ମିଶ୍ରଣ ଇତ୍ୟାଦି ଅବସରକାଳୀନ ସୁବିଧା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସମ୍ପାଦକ ହରବିନ୍ଦର ସିଂ ପେନ୍‌ସନ ଅପ୍‌ଡେସନ ଓ ପେନ୍‌ସନଭୋଗୀଙ୍କ ବିଭିନ୍ନ ଦାବି ଉପରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକାରୀ ସଦସ୍ୟ ଶତପଥୀ ଦେବାଶିଷ ସେନଗୁପ୍ତା ଏକ୍ସ ପ୍ରାସିଆର ବାର୍ଷିକ ରିଭ୍ୟୁ ଦାବି କରିଥିଲେ। ଏଆଇବିପାର୍କ ଓଡ଼ିଶା ଶାଖାର ସମ୍ପାଦକ ନିରଞ୍ଜନ ଯୋଗାଣିଆ ସରକାରଙ୍କ ବ୍ୟାଙ୍କ ପେନ୍‌ସନ ଉପଭୋକ୍ତାଙ୍କ ପ୍ରତି ବୈମାତୃକ ଚିନ୍ତାଧାରାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। କ୍ଷେତ୍ରୀୟ ମହାପ୍ରବନ୍ଧକ ବିକାଶ କ୍ରିଷ୍ଣା ବ୍ୟାଙ୍କର ଅଭିବୃଦ୍ଧି ପାଇଁ ଅବସରପ୍ରାପ୍ତ କର୍ମଚାରୀଙ୍କର ସହାଯୋଗ କାମନା କରିଥିଲେ। ଉପ-ସଭାପତି ଦେବାନନ୍ଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ସମ୍ପାଦକ ତାଙ୍କର ତ୍ରୟବାର୍ଷିକ ବିବରଣୀ ପାଠ କରିସାରିଲା ପରେ କୋଷାଧ୍ୟକ୍ଷ ଗୁହକୁ ସଂଘର ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ। ଏହି ସଭାରେ ଓଡ଼ିଶାର ସମସ୍ତ ପ୍ରାନ୍ତରୁ ପ୍ରାୟ ୨୦୦ ସଦସ୍ୟ ଯୋଗ ଦେଇଥିଲେ। ଏହା ପରେ ଆସନ୍ତା ୩ ବର୍ଷ ପାଇଁ (୨୦୨୫-୨୦୨୮) ଦଶରଥ ସେନାପତି ସଂଘର ଅଧ୍ୟକ୍ଷ ଏବଂ ଅମିତ କୁମାର ମୋତାୟଦ୍‌ଙ୍କ ସମେତ ଦିଲ୍ଲୀପ କୁମାର କାନୁନ୍‌ଗୋ ଓ ଅନ୍ୟ କାର୍ଯ୍ୟକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।


## ମନେ ପଡ଼ନ୍ତି

୧୩ତମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଡଃ ପଦ୍ମିନୀ ମିଶ୍ର
ଆବିର୍ଭାବ - ୦୧.୦୨.୧୯୪୫
ତିରୋଧାନ - ୦୨.୦୫.୨୦୧୨

ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୬୮୭୦



# Classified Everyday
0674-2580101, 9692975378


MATRIMONIAL

**BRIDE WANTED**

୩୪ବର୍ଷ ସୁନ୍ଦର ବିନମ୍ର (MBA ଦିଲ୍ଲୀ) ଲ ଲ ବି କ୍ୱାଲିଫାଏଡ ପୁରୀରେ ଆଇନଜୀବୀ ବ୍ରାହ୍ମୀନ ପୁଅ ପାଇଁ ଘରୋଇ ଶିକ୍ଷିତ ବ୍ରାହ୍ମୀନ ପାତ୍ରୀ ଦରକାର। ଯୋଗାଯୋଗ- 7978626462. D-377

**GROOM WANTED**

Retd ଏକାକୀ ରହୁଥିବା Govt. ଶିକ୍ଷୟିତ୍ରୀ ବ୍ରାହ୍ମଣ ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। ଘରଜ୍ୱାଇଁ ପ୍ରାଥମିକତା। 8327715036. D-379

47 ବର୍ଷ, Govt. High School Teacher, ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 8455853154. D-378


AUTOMOBILE
**SALE**

Hywa Model 2018, 2017 & 2016, Creata 2023, Audi sale with Refinance. 7008612835. D-419


REAL ESTATE
**SALE**


**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200

CV Raman କଲେଜ ପାଖରେ 3132sqft. Gharabari plot sale ହେବ। Phone No.- 9778928492 and 9937910363. D-74728


CONSTRUCTION

Do you want to construct a building on your own plot please contact K.K. Construction. 7008268129, 9439143273. D-71397

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Medical coworking space strategic location Chandrasekharpur, Bhubaneswar Ground Floor. 9437008388. D-74729




**Relax, Refresh your body, mind at Saikrupa SPA with best therapies. 7848011468.** D-363

Newly open Jyoti SPA positively health benefits (Expert therapist). 8458067955. D-76912

**LOST**

I, Manish Kumar have lost my Original B.Tech. Final Degree Certificate affiliated to BPUT, Reg. No.- 1101314161. If found, please contact 7280888813. D-418

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

Notice is hereby given to all concerned that Smt. Lopinti Janaki, W/o- Lopinti Simanchal resident of At- Nimasahi, Buxibazar, Cuttack has sworn an affidavit on dated 03.05.2025 regarding the Loss of Original RSD No.- 11832102562, dated 11.10.2021, ROR No.- 239/494, Mouza- Madhupur, Baranga, Cuttack, Smt. Lopinti Janaki has applied to the loan LIC Housing Finance Ltd. to avail Housing Loan by mortgaging Loan the said document. All concerned therefore having any claim over the property purchased under the said document RSD No.- 11832102562, ROR No.- 239/494 are required to file their claim with the undersigned within 15 (Fifteen) days from the date of publication of this notice failing which it will be presumed that the property having link with the said documents is/are free from encumbrances and any claim in respect there of against the applicant as a mortgagor & the compart as the mortgagee shall be void and in effective after the lapse of 15 (Fifteen) days of publication of this Notice. Sanjib Kumar Sharma, Advocate, LIC Housing Finance Ltd. Plot No.-M16, Phase-1, Chhend, Rourkela-15, Dist.-Sundargarh, Odisha. Mob- 7978747882. D-421

**AFFIDAVIT**

By virtue of an affidavit sworn before Executive Magistrate, Erasama, dated 03.05.2025, I, Raj Kumar Samanta, Address: At- Khurantutha, P.O.- Kunjakothi, P.S.- Erasama, Dist.- Jagatsinghpur, PIN- 754139 declare that I have changed my son's name from R.RAGUL (Old name) to RAHUL SAMANTA (New name). Henceforth, he shall be known as RAHUL SAMANTA (New name) for all purposes.
Raj Kumar Samanta D-425

By virtue of an affidavit sworn before the Executive Magistrate, Nayagarh on dated 5th May 2025, I, Mrs. Sasmita Mishra, behind Nayagarh Women's College, Dist.- Nayagarh, Odisha, PIN-752069 have changed my name from Sashmita Padhiary to Sasmita Mishra. Henceforth, I shall be known as "Sasmita Mishra" for all purposes. D-424

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Bhubaneswar, dated 19.04.2025, I, Megha Swikruti Behera, D/o- Ranjan Kumar Behera, resident At- Andilo, P.O./P.S.- Balianta, Dist.- Khurda, Odisha, PIN-752101 declare that I have changed my name from Megha Sikruti Behera (Old name) to Megha Swikruti Behera (New name). Henceforth, I shall be known as Megha Swikruti Behera for all purposes. D-71238

By virtue of an affidavit sworn before the Executive Magistrate, Bhubaneswar, dated 05.5.25, I, Khushboo Sao, Address: At- Narsingarh, P.O./P.S.- Dhalbhumgarh, Dist.- East Singhbhum 832302 declare that I have changed my name from Khushboo Rani to Khushboo Sao. Henceforth, I shall be known as Khushboo Sao for all purposes. Khushboo Sao. D-422

I, Kailas Chandra Suabi, aged about 24 years, Son of Bhagaban Suabi, resident of At/P.O.- Bilaput, P.S.- Padwa, Dist.- Koraput, Odisha, have changed my name to KAILASH CHANDRA SUABI vide affidavit sworn before the Notary Public, Sunabeda on dated 02.05.2025 vide Sl. No.- 742. Henceforth, I shall be known as KAILASH CHANDRA SUABI for all purposes. D-426

I, Pan Khilla, aged about 46 years, Wife of Khilo Saniya, resident of Village- Chikapar, P.O.- Sunabeda-01, P.S.- Sunabeda, Dist.- Koraput, Odisha have changed my name to PANA KHILO and Husband's name is KHILO SANIYA vide affidavit sworn before the Notary Public, Sunabeda on dated 01-05-2025 vide Sl. No.- 736. Henceforth, I shall be known as PANA KHILO for all purposes. D-427

By virtue of affidavit No.- 954, dtd. 05.05.2025, I, Susanta Sahu, S/o- Gopal Sahu, P.O.- Balimela (Aurobinda Line), P.S.- ORKEL, Dist.- Malkangiri my daughter's actual name is "Hansika Sahu" mentioned in her School Register. But her Aadhaar Card No.- xxxx xxxx 1519 her name wrongly mentioned as "Sanjana Sahu" instead of "Hansika Sahu". Both are same & one person. D-428

By virtue of affidavit No.-953, dtd. 05.05.2025, I, Susanta Sahu, S/o- Gopal Sahu, P.O.- Balimela (Aurobinda Line), P.S.- ORKEL, Dist.- Malkangiri my son's actual name is "Ansuman Sahu" mentioned in his School Register. But his Aadhaar Card No.- xxxx xxxx 0120 his name wrongly mentioned as "Sameer Sahu" instead of "Ansuman Sahu". Both are same and one person. D-429

# ରଜନୀଗନ୍ଧାରେ ସାର ପ୍ରୟୋଗ



ଆଗରୁ ଲଗାଯାଇଥିବା ରଜନୀଗନ୍ଧା ୩୦ଦିନର ହୋଇଯାଇଥିଲେ ଏକର ପ୍ରତି ୮୫କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ରଜନୀଗନ୍ଧା ନ ଲଗାଇଥିଲେ ଏହା ମେ ମାସ ପର୍ଯ୍ୟନ୍ତ ଲଗାଇପାରିବେ। କୋଲକାତା ସିଙ୍ଗଲ,ଶ୍ରୀଙ୍ଗାର,କୋଏମ୍ବାଟୁର ସିଙ୍ଗଲ୍ ଓ ସୁହାସିନୀ(ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୧୭୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ। କନ୍ଦାଗୁଡ଼ିକ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କି.ଗ୍ରା. ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ।

# ଆଖୁରେ ପିଲ ବାହାରୁଥିଲେ...



ଆଖୁ ଫସଲ ଲଗାଇବାର ୧୦୫ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୩୩କି.ଗ୍ରା ଯବକ୍ଷାରଜାନ ଓ ୧୨କି.ଗ୍ରା. ପଟାସ ସାର ପ୍ରୟୋଗକରି ହୁଡ଼ା ଟେକିଦିଅନ୍ତୁ। ବର୍ତ୍ତମାନ ଆଖୁରେ ପିଲ ବାହାରିବା ସମୟ। ତେଣୁ ପ୍ରତି ୧୦ଦିନ ଅନ୍ତରରେ ଜଳସେଚନ କରନ୍ତୁ। ଗଛମୂଳ ଓଦା ରହିବା ଲାଗି ଶୁଖିଲା ପତ୍ରଦ୍ୱାରା ନାଳୀଗୁଡିକୁ ଆଚ୍ଛାଦ କରନ୍ତୁ। ଗ୍ରୀଷ୍ମଋତୁରେ ଜଳାଭାବରୁ ଫସଲକୁ ରକ୍ଷାକରିବା ସକାଶେ ଶତକଡ଼ା ୪ ଭାଗ (୧ ଲିଟର ପାଣିରେ ୪୦ଗ୍ରାମ ହିସାବରେ ) ପଟାସ ସାର ପତ୍ରସିଞ୍ଚା କରନ୍ତୁ। ଶୁଖିଲା ଆଖୁପତ୍ରକୁ ଗଛରୁ ଛଡାଇ ଦେଇ ଆଖୁ ଲଗାଇବାର ୫ ମାସ ହୋଇଥିଲେ ଭେଳା ବାନ୍ଧନ୍ତୁ। ୨ଧାଡ଼ିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡ଼ିଯାଏ ନାହିଁ।

# ଖରାଦିନେ ପ୍ରାଣୀଙ୍କ ଯତ୍ନ



ଡା. ବୀର କିଶୋର ପରିଡ଼ା

କୃଷି ସହ ପଶୁପାଳନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ତେଣୁ ଜନ ସଂଖ୍ୟାକୁ ଦୃଷ୍ଟିରେ ରଖି ସେହି ସୀମିତ ଜମି ମଧ୍ୟରେ ଉନ୍ନତ ଧରଣର ଅଧିକ ଉତ୍ପାଦନଭିତ୍ତିକ ଚାଷ ସହ ଅଧିକ ଉତ୍ପାଦନକ୍ଷମ ପଶୁପାଳନର ଆବଶ୍ୟକତା ରହିଛି । ବର୍ତ୍ତମାନ ସରକାରଙ୍କ ତରଫରୁ ପ୍ରାଣୀସମ୍ପଦ କୃତ୍ରିମ ପ୍ରଜନନ ଦ୍ୱାରା ଆମେ ଦେଶୀଗାଇଠାରୁ ସଙ୍କର ଜାତୀୟ ଅଧିକ ଉତ୍ପାଦନକ୍ଷମ ଜର୍ସି, ରେଡ୍ ସିନ୍ଧି, ହରିଆନା ପ୍ରଭୃତି ଦୁଧିଆଳୀ ଗାଈ ଉତ୍ପନ୍ନ କରାଯିବା ସହ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଉନ୍ନତ ସଙ୍କର ଜାତୀୟ ଦୁଧିଆଳୀ ଗାଈ ଋଣ ମାଧ୍ୟମରେ ଯୋଗାଇ ଦିଆଯାଉଛି। ଖରାଦିନେ ପ୍ରଜନନ ଶକ୍ତିହୀନତା ସୃଷ୍ଟି ହୋଇଥାଏ । ଖରାଦିନେ ସୂର୍ଯ୍ୟତାପର ପ୍ରଭାବରେ ସମସ୍ତ ସବୁଜଘାସ ବା ପତ୍ର ତନ୍ତୁଯୁକ୍ତ ଓ ଟାଣୁଆ ହୋଇଥାଏ ଏବଂ ଖାଦ୍ୟସାର ବା ଧାତବଲବଣ କମ୍ ପରିମାଣରେ ଥାଏ । ତେଣୁ ଖାଦ୍ୟସାର ଅଭାବ ଯୋଗୁ ଗାଈ ବା ଛଡ଼ାର ଋତୁଚକ୍ର ବନ୍ଦ ହୋଇ ଅସ୍ଥାୟୀ ବନ୍ଧ୍ୟାଦୋଷ ସୃଷ୍ଟି କରାଇଥାଏ ।

**ଉତ୍ତାପର ପ୍ରଜନନ ଶକ୍ତି ଉପରେ ପ୍ରତ୍ୟକ୍ଷ ପ୍ରଭାବ :** ଉତ୍ତାପ ଥାଇରଏଡ୍ ହର୍‌ମୋନ୍ ଉପରେ ସିଧା ପ୍ରଭାବ ପକାଇଥାଏ । ଫଳରେ ଥାଇରଏଡ୍ ନିର୍ଗତ ହରମୋନ୍ ମସ୍ତିଷ୍କରେ ଥିବା ଆଣ୍ଟେରିଅର ପିଟ୍ୟୁଟାରି ଉପରେ ପ୍ରଭାବ ପଡ଼େ ଏବଂ ଏହା ଲିଙ୍ଗର କାର୍ଯ୍ୟଦକ୍ଷତା ନିୟନ୍ତ୍ରଣ କରିଥାଏ । ଗ୍ରୀଷ୍ମଋତୁରେ ଏଫ୍‌ଏସ୍‌ଏଚ୍ ଓ ଏଲ୍‌ଏଚ୍ ହର୍‌ମୋନର ଅଭାବ ଦେଖାଦେଇଥାଏ। ଏଥିପାଇଁ ଡିମ୍ବାଣୁ ଡିମ୍ବକୋଷରୁ ଖସେ ନାହିଁ । ଗରମଦିନରେ ରକ୍ତରେ ପ୍ରୋଲାକ୍ଟିନ୍ ହର୍‌ମୋନ୍ ଅଧିକ ଥାଏ, ଯାହାକି ହାଇପୋଥାଲାମସ୍‌ରୁ ବାହାରୁଥିବା ଗୋନାଡୋଟ୍ରଫିନ୍ ହର୍‌ମୋନ୍ କ୍ଷରଣରେ ବାଧା ସୃଷ୍ଟିକରେ । ଫଳରେ ଗାଈ ପ୍ରଜନନ ଶକ୍ତି ଅସ୍ଥାୟୀ ଭାବେ ହରାଇ ବସନ୍ତି।

**ରୌଦ୍ରତାପରୁ ସୁରକ୍ଷା ପ୍ରଦାନ**

ଖରାଦିନେ ପ୍ରଚଣ୍ଡ ଖରା ବା ଗରମରୁ ରକ୍ଷାପାଇବା ପାଇଁ ଗୋରୁଙ୍କ ଗୁହାଳ ବା ଫାର୍ମ ନିକଟରେ ବିଭିନ୍ନ କିସମର ଗଛ ଯଥା – ସୁବାବୁଲ୍, ନିମ୍ବ, କୃଷ୍ଣଚୂଡ଼ା, ଅଗସ୍ତି ପ୍ରଭୃତି ଗଛ ଲଗାଇ ଛାଇ ସୃଷ୍ଟି କରିବା ପାଇଁ ପଦକ୍ଷେପ ନେବା ଉଚିତ । ଗୁହାଳେ ମୁକ୍ତ ବାୟୁ ଚଳାଚଳ ପାଇଁ ପ୍ରଶସ୍ତ ଝରକା ବିପରୀତମୁଖୀ ଦିଗରେ ହେବା ଆବଶ୍ୟକ । ଗୁହାଳେ ଉତ୍ତାପ ଓ ଆର୍ଦ୍ରତା କମାଇବା ପାଇଁ ପଦକ୍ଷେପ ନେବା ଉଚିତ । ଖରାଦିନେ ଦେଶୀ ଗାଈଙ୍କୁ ନ ବାନ୍ଧି ଖୋଲା ହିସାବରେ ଗୁହାଳେ ଛାଡ଼ି ଦିଆଯାଇଥାଏ । ସଙ୍କର ଜାତୀୟ ଗାଈ ଜଳବାୟୁର ଉତ୍ତାପ ବୃଦ୍ଧି ଯୋଗୁ ଧଇଁସଇଁ ହୋଇଥାଏ। ଦେହରୁ ଜଳୀୟଅଂଶ କମିଯାଏ । କ୍ଷୀର ଉତ୍ପାଦନରେ ବାଧା ସୃଷ୍ଟି ହୁଏ । ତେଣୁ ପ୍ରତ୍ୟେକ ଦିନ ଗାଈଙ୍କୁ ଗାଧୋଇଦେବା ଉଚିତ । ଆବଶ୍ୟକସ୍ଥଳେ ଦିନକୁ ଦୁଇଥର ମଧ୍ୟ ଗାଧୋଇ ଦିଆଯାଏ । ପରିଷ୍କାର ଥଣ୍ଡା ପିଇବା ପାଣି ଯଥେଷ୍ଟ ପରିମାଣରେ ବ୍ୟବସ୍ଥା କରିବା ଉଚିତ । ଗୋଟିଏ ଗୋରୁ ପାଇଁ ଦିନକୁ ୩୫ଲିଟର ପାଣି ଦରକାର ଏବଂ ୨ ଲିଟର ପାଣି

> "ଖରାଦିନେ ପ୍ରଚଣ୍ଡ ଖରା ବା ଗରମରୁ ରକ୍ଷାପାଇବା ପାଇଁ ଗୋରୁଙ୍କ ଗୁହାଳ ବା ଫାର୍ମ ନିକଟରେ ବିଭିନ୍ନ କିସମର ଗଛ ଯଥା - ସୁବାବୁଲ୍, ନିମ୍ବ, କୃଷ୍ଣଚୂଡ଼ା, ଅଗସ୍ତି ପ୍ରଭୃତି ଗଛ ଲଗାଇ ଛାଇ ସୃଷ୍ଟି କରିବା ପାଇଁ ପଦକ୍ଷେପ ନେବା ଉଚିତ । ଗୁହାଳେ ମୁକ୍ତ ବାୟୁ ଚଳାଚଳ ପାଇଁ ପ୍ରଶସ୍ତ ଝରକା ବିପରୀତମୁଖୀ ଦିଗରେ ହେବା ଆବଶ୍ୟକ ।"



ପ୍ରତି ୧ ଲିଟର କ୍ଷୀର ଉତ୍ପାଦନ ହିସାବରେ ଆବଶ୍ୟକ କରିଥାନ୍ତି। ମୋଟ ଉପରେ ଦିନକୁ ୧୦୦ଲିଟର ପାଣି ଗୋଟିଏ ଗୋରୁ ପିଛା ପିଇବା ଏବଂ ଅନ୍ୟାନ୍ୟ ବାବଦରେ ଖର୍ଚ୍ଚ ହୋଇଥାଏ। ବାହାରେ ମଇଳା, ନାଳନର୍ଦ୍ଦମା ପାଣି ପିଇଲେ ନାଳରକ୍ତ ଝାଡ଼ା ଆଶଙ୍କା ଥାଏ।

**ଗୁହାଳକୁ ଥଣ୍ଡା ରଖିବା ଉପାୟ**

ବେଣାମୁଠା ଟେରର ପରଦା, ଛଣର ପରଦା, ବାଉଁଶ ପାଦ ପରଦା କିମ୍ବା ଅଖା ଓଦାକରି ସମସ୍ତ ଝରକା ବା ଦ୍ୱାରରେ ଟାଙ୍ଗିବା ଆବଶ୍ୟକ । ଆଜିକାଲି ଏୟାରକୁଲର, ପଙ୍ଖାର ବ୍ୟବହାର ସହରରେ ହେଲାଣି । ଗୁହାଳର ଛପର ଉପରେ ଛଣ, ଜାମୁଡ଼ାଳ ଇତ୍ୟାଦି ପକାଇବାର ବ୍ୟବସ୍ଥା କଲେ ସୁଫଳ ମିଳେ।

**ଉତ୍ତମ ପୁଷ୍ଟିକର ଖାଦ୍ୟର ବ୍ୟବସ୍ଥା :** ଯଦି ସବୁଜ ଗୋଚର ବା ଘାସର ସୁବିଧା ଥାଏ, ତା'ହେଲେ ପ୍ରାତଃ ସକାଳେ ଚରାଇବା ଦରକାର। ଦିନବେଳା ଗୋରୁଙ୍କ ଖାଦ୍ୟ କମାଇ ରାତ୍ରର ଥଣ୍ଡା ସମୟରେ ସୁଷମ ଦାନାଯୁକ୍ତ ଖାଦ୍ୟ ଖୁଆଇବା ଆବଶ୍ୟକ। ଖରାଦିନେ ଗୋରୁମାନେ ସବୁଜଘାସ ପାଇବାରୁ ବଞ୍ଚିତ ହୋଇଥାନ୍ତି । ଫଳରେ ଶରୀରରେ ଧାତବଲବଣ ବା ଭିଟାମିନ୍‌ର ଅଭାବ ପରିଲକ୍ଷିତ ହୁଏ । ତେଣୁ ଧାତବ ଲବଣ ବା ମିନେରାଲ ମିକ୍ସଚର ୪ରୁ ୬ ଚାମଚ ଗୋରୁଙ୍କ ଖୁଆଇବା ଆବଶ୍ୟକ । ଖାଇବା ଲୁଣ ଦିନକୁ ୫୦ ଗ୍ରାମ ଦେଲେ ଭଲ । ସବୁଜ ଘାସ ୬-୮କେ.ଜି. ଏବଂ ନଡ଼ା ବା କୁଟା ୨କେ.ଜି. ପ୍ରତି ୧୦୦କେ.ଜି. ଶରୀରର ଓଜନ ହିସାବରେ ଖୁଆଯିବା ଉଚିତ । ଫାର୍ମମାନଙ୍କରେ ଖଣିରେ ସାଇତା ହୋଇଥିବା ସାଇଲେଜ୍ ମଧ ଖାଇବାକୁ ଦିଆଯାଇଥାଏ।

**ପ୍ରଜନନ ଶକ୍ତିହୀନତା ଏବଂ ବନ୍ଧ୍ୟାତ୍ୱ ଦୂରୀକରଣ ପାଇଁ ବ୍ୟବସ୍ଥା :** ରୌଦ୍ରତାପ ପ୍ରଭାବରୁ ରକ୍ଷାପାଇବା ପାଇଁ ଛଡ଼ା, ଦୁଗ୍ଧ ଦେଉଥିବା ଗାଈ, ପଡ଼ିଆ ଗାଈ, ପ୍ରଜନନକ୍ଷମ ଷଣ୍ଢମାନଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନ କରିବା ଉଚିତ । ନିକଟରୁ ପର୍ଯ୍ୟବେକ୍ଷଣକରି ଗରମ ଗାଈର ଲକ୍ଷଣ ଜାଣି ଚିହ୍ନଟ କରିବା ସହ ଏହାର ନିର୍ଗତ ଲାଳ ପରୀକ୍ଷା ଏବଂ ଆବଶ୍ୟକ କୃତ୍ରିମ ପ୍ରଜନନ ବ୍ୟବସ୍ଥା କରନ୍ତୁ। ନିୟମିତ ଗରମ ଚିହ୍ନଟର ପଦ୍ଧତି ଏବଂ କୃତ୍ରିମ ପ୍ରଜନନ ଦିନ ଓ ରାତିର ଥଣ୍ଡା ପ୍ରହରରେ କିମ୍ବା ପ୍ରାତଃକାଳ ବା ବିଳମ୍ବ ଅପରାହ୍ନରେ ଅଭ୍ୟାସ କରିବା ଉଚିତ । ଗରମ ହେବାର ଠିକ୍ ସମୟରେ କୃତ୍ରିମ ପ୍ରଜନନ ବା ଗରମ ଲକ୍ଷଣ ଆରମ୍ଭ ହେବାର ୧୨ ରୁ ୧୮ଘଣ୍ଟା ମଧ୍ୟରେ ଭଲ ଗୁଣ ଶୁକ୍ରାଣୁ ଦ୍ୱାରା କୃତ୍ରିମ ପ୍ରଜନନ କରାଇନେବା ଆବଶ୍ୟକ । ପ୍ରଜନନ ପରେ ଗାଈକୁ ଧୀରେ ସୁସ୍ଥେ ଘରକୁ ନେବା ଏବଂ ଗାଈକୁ ଥଣ୍ଡା ପାଣିରେ ଗାଧୋଇ ଦେବା ଆବଶ୍ୟକ । ବୁଲା ଷଣ୍ଢଠାରୁ ସର୍ବଦା ଦୂରେଇ ରଖିବା ଆବଶ୍ୟକ।

**ଗୋରୁଙ୍କ ଖାଦ୍ୟର ବିକଳ୍ପ ବ୍ୟବସ୍ଥା**

ସାଧାରଣତଃ ଖରାଦିନେ ସବୁଜ ଘାସର ଘୋର ଅଭାବ ଦେଖାଦେଇଥାଏ । ତେଣୁ ଖରାଦିନେ ସବୁଜ ଘାସ ବଦଳରେ ଗଛପତ୍ର ଯଥା – ସୁବାବୁଲ ପତ୍ର, ଅଶ୍ୱତ୍ଥ ପତ୍ର, ବରପତ୍ର, ଆମ୍ବପତ୍ର, ଶାଳପତ୍ର, ଅଗସ୍ତି ପତ୍ର ଆଦି ଖୁଆଇବା ଦରକାର । ଗାଁ ଗହଳିରେ ମୁଖ୍ୟତଃ ନଡ଼ା ବା କୁଟା ବେଶି ପରିମାଣରେ ଗୋରୁଙ୍କୁ ଖାଇବାକୁ ଦେଇଥାନ୍ତି । ଏହି ନଡ଼ାରେ ଖାଦ୍ୟସାର ପ୍ରାୟ ନାହିଁ କହିଲେ ଚଳେ । ଏହା ଗୋରୁଙ୍କ ପେଟ ଭରିବାରେ ଏବଂ ଝାଡ଼ା କରିବାରେ ସହାୟକ ହୋଇଥାଏ। ପେଟ ଭରିବା ଯୋଗୁ ଗୋରୁ ସନ୍ତୋଷ ଲାଭ କରନ୍ତି । ନଡ଼ାରେ ଅକ୍‌ଜାଲିକ୍ ଏସିଡ୍ ନାମକ ଏକ ଅମ୍ଳ ନିହିତ ଥାଏ । ଏହି ନଡ଼ା ଗୋରୁ ଖାଇଲେ ଅକ୍‌ଜାଲିକ୍ ଅମ୍ଳ ଶରୀରର କ୍ୟାଲ୍‌ସିୟମ୍ ସହ ମିଶି କ୍ୟାଲ୍‌ସିୟମ୍ ଅକ୍‌ଜାଲେଟ୍‌ରେ ପରିଣତ ହୋଇ ଝାଡ଼ାରେ ମିଶି ବାହାରି ଆସେ। (କ୍ରମଶଃ...)

-ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଚାଷୀଙ୍କ ପାଇଁ



➤ସୂର୍ଯ୍ୟମୁଖୀ ଚାଷରେ ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ ।

➤ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।

➤ଚିନାବାଦମ ବୁଣିବାର ୨/୩ ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ୨ପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶୁଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ ।

➤ସୋରିଷ ଚାଷ କରୁଥିଲେ ଆବଶ୍ୟକତା ନେଇ ଜଳସେଚନ କରନ୍ତୁ । ଜଉପୋକ



ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍‌ଏଲ୍ ୧୨୦ ମି.ଲି. ସିଞ୍ଚନ କରନ୍ତୁ । କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

➤ଲିଚୁ ଓ ସପେଟା ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ



ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ । ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ ।

# ଖରାଟିଆ ମୁଗ ଫସଲରେ ଜଳସେଚନ



ଖରାଟିଆ ମୁଗ ଫସଲରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟ କାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁ ଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ । ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉଙ୍କୁଣି, ଝାଉଁଳା ରୋଗ, ପତ୍ରଦାଗ ରୋଗ, ସାହେବୀ ରୋଗ ଆଦି ଲାଗିବା ସମ୍ଭାବନା ରହିଛି । ପୋକ ଓ ସାହେବୀ ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ପାଇରିପ୍ରୋକ୍‌ସିଫେନ୍ (୧୦ ଇ.ସି.) ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ । ରୋଗ ନିୟନ୍ତ୍ରଣ କରିବାକୁ ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ ବା ୧୨୫ ମି.ଲି. ଫାଣ୍ଟାକ୍‌କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନକଲେ ଅଧିକ ସଂଖ୍ୟାରେ ଫୁଲ ହେବା ସଙ୍ଗେ ସଙ୍ଗେ ଛୁଇଁଗୁଡ଼ିକ ଲମ୍ବା ଓ ହୃଷ୍ଟପୁଷ୍ଟ ହୁଏ ।

## ମେ ମାସରେ ସାରୁ ଚାଷ



ଜଳସେଚନର ସୁବିଧା ଥିଲେ ମେ'ରୁ ଜୁନ୍ ମାସରେ ସାରୁ ଲଗାନ୍ତୁ। ତେଲିଆ, ମୁକ୍ତାକେଶୀ, ଟୋପି, ସାତମୁଖ ଓ ଝାଙ୍କଡ଼ି ଆଦି କିସମ ଲଗାନ୍ତୁ। ସାଧାରଣତଃ ସାରୁ ପୁଆ ବିହନ ଆକାରରେ ବ୍ୟବହାର କରାଯାଏ। ପୁଆଗୁଡ଼ିକ ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ। ଏକ ଏକର ଫସଲ ପାଇଁ ୪କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ। ପ୍ରତି କି.ଗ୍ରା. ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନକରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨-୩ ଓଡ଼ ଗଭୀର ଚାଷକରି ମଇଦେଇ ମାଟି ଭଲ ଭାବରେ ଗୁଣ୍ଡକରି ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ଟନ୍ ସଢ଼ା ଗୋବର ଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬କି.ଗ୍ରା. ଯବକ୍ଷାରଜାନ , ୨୪କି.ଗ୍ରା. ଫସ୍‌ଫରସ୍,୧୬କି.ଗ୍ରା. ପଟାସ ପ୍ରୟୋଗ କରନ୍ତୁ। ପରେ ଗଜା ବାହାରିବାର ୭ରୁ ୧୦ଦିନ ପରେ ୨୦କି.ଗ୍ରା. ଯବକ୍ଷାରଜାନ ,୨୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ।

# ସବୁଜ ଗୋଖାଦ୍ୟ ଫସଲ



ବର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ । ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ସଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ ,୪୦କି.ଗ୍ରା. ଫସ୍‌ଫରସ୍ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା . ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

# ଡାଲୁଅଧାନରେ କାଣ୍ଡବିନ୍ଧା ପୋକ ଦମନ



ଡାଲୁଅଧାନରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍, ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଡାଲୁଅ ଧାନରେ ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ସମ୍ଭାବନା ଅଛି। ଏହି ପୋକ ଲାଗିଲେ ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧/୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନ୍‌ପ୍ରକ୍‌ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ।

ଧରିତ୍ରୀ DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ମେ ୭/୨୦୨୫ Bhubaneswar, Wednesday, May 7/ 2025

# ଶେଷ ବଲ୍‌ରେ ଜିତିଲା ଗୁଜରାଟ



ଉଇକେଟ ନେବା ପରେ ସାଇ କିଶୋରଙ୍କୁ ଶୁବମନ ଗିଲ୍ ବଧେଇ ଜଣାଉଛନ୍ତି।

**ମୁମ୍ବାଇ,୬।୫**

ଚଳିତ ଆଇପିଏଲ୍‌ରେ ମଙ୍ଗଳବାର ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ରୋମାଞ୍ଚକ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ଡିଏଲ୍‌ଏସ୍ ମେଥଡରେ ୩ ଉଇକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଏହି ପରାଜୟ ସହ ମୁମ୍ବାଇର ବିଜୟ ଧାରା ଭଙ୍ଗ ହୋଇଛି। ଏହା ଗୁଜରାଟର ଅଷ୍ଟମ ବିଜୟ ହୋଇଥିବାବେଳେ ମୁମ୍ବାଇ ଲାଗି ଏହା ପଞ୍ଚମ ପରାଜୟ। ଏହି ବିଜୟ ସହ ଗୁଜରାଟ ପଏଣ୍ଟ ଟେବୁଲର ଶୀର୍ଷକୁ ଉଠିଛି।

ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୦ ଓଭରରେ ୮ ଉଇକେଟ ହରାଇ ୧୫୫ ରନ କରିଥିଲା। ୱିଲ ଜ୍ୟାକ୍ସ ୫୩ (୫ ଚୌକା ଓ ୩ ଛକା), ସୂର୍ଯ୍ୟକୁମାର ଯାଦବ ୩୫ (୫ ଚୌକା) ଏବଂ କର୍ବିନ ବୋଶ୍ଟ ୨୭ ରନ କରିଥିଲେ। ଗୁଜରାଟ ପକ୍ଷରୁ ଆର୍ ସାଇ କିଶୋର ୨ ଉଇକେଟ ନେଇଥିଲେ। ଜବାବରେ ଗୁଜରାଟ ଆରମ୍ଭରୁ ସାଇ ସୁଦର୍ଶନ (୫)ଙ୍କୁ ହରାଇଥିଲା। ଜୋଶ ବଟଲରଙ୍କ ସହ ଅଧିନାୟକ ଶୁବମନ ଗିଲ ଦ୍ୱିତୀୟ ଉଇକେଟରେ ୭୨ ରନ ଯୋଡ଼ିଥିଲେ। ବଟଲର (୩୦ ରନ, ୩ ଚୌକା ଓ ୧ ଛକା) ଆଉଟ୍ ହେବା ପରେ ଗିଲ ଓ ଶେର୍ଫାନେ ରଦରଫୋର୍ଡଙ୍କ ସହ ମିଶି ତୃତୀୟ ଉଇକେଟରେ ଦ୍ରୁତ ୪୪ ରନ କରିଥିଲେ। ବର୍ଷା ଯୋଗୁ ମ୍ୟାଚ୍ ବାଧାପ୍ରାପ୍ତ ହେବା ପରେ ଗୁଜରାଟ କ୍ରମାଗତ ଓଭରରେ ଉଇକେଟ ହରାଇଥିଲା। ଏକଦା ୧୪ ଓଭର ସୁଦ୍ଧା ୧୦୭/୨ ସ୍କୋର କରିଥିବା ଗୁଜରାଟ ୧୮ ଓଭର ଶେଷ ସୁଦ୍ଧା ୧୩୨ ରନରେ ୬ ଉଇକେଟ ହରାଇଥିଲା। ପୁଣି ଥରେ ବର୍ଷା ହେବାରୁ ଡିଏଲ୍‌ଏସ୍ ମେଥଡରେ ଗୁଜରାଟକୁ ୧୯ ଓଭରରେ ୧୪୭ ରନର ଟାର୍ଗେଟ ଦିଆଯାଇଥିଲା, ଯାହାକୁ ଦଳ ୭ ଉଇକେଟରେ ହାସଲ କରିନେଇଥିଲା। ଗିଲ ୪୩ (୩ ଚୌକା ଓ ୧ ଛକା) ଏବଂ ରଦରଫୋର୍ଡ ୨୮ (୨ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ମୁମ୍ବାଇ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ, ଯଶପ୍ରୀତ ବୁମରା ଓ ଅଶ୍ୱନୀ କୁମାର ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୧୫୫/୮ (ୱିଲ ଜ୍ୟାକ୍ସ-୫୩, ସୂର୍ଯ୍ୟକୁମାର ଯାଦବ-୩୫, କର୍ବିନ ବୋଶ୍ଟ-୨୭, ଆର୍ ସାଇ କିଶୋର-୨/୩୪)। ଗୁଜରାଟ ଟାଇଟନ୍ସ: ୧୯ ଓଭରରେ ୧୪୭/୭ (ଶୁବମନ ଗିଲ-୪୩, ଜୋଶ ବଟଲର-୩୦, ଶେର୍ଫାନେ ରଦରଫୋର୍ଡ-୨୮, ଯଶପ୍ରୀତ ବୁମରା-୨/୧୯, ଟ୍ରେଣ୍ଟ ବୋଲ୍ଟ-୨/୨୨, ଅଶ୍ୱନି କୁମାର-୨/୨୮)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
କୋଲକାତା
ବନାମ ଚେନ୍ନାଇ
ସ୍ଥାନ: କୋଲକାତା
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୧ | ୮ | ୩ | ୦ | ୧୬ | +୦.୭୯୩ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୮ | ୩ | ୦ | ୧୬ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୧ | ୭ | ୩ | ୧ | ୧୫ | +୦.୩୭୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୬ | ୪ | ୧ | ୧୩ | +୦.୩୬୨ |
| କୋଲକାତା ନାଇଟ ରାଇଡର୍ସ | ୧୧ | ୫ | ୫ | ୧ | ୧୧ | +୦.୨୪୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୩ | ୭ | ୧ | ୭ | -୧.୧୯୨ |
| ରାଜସ୍ଥାନ ରୟାଲ୍ସ | ୧୨ | ୩ | ୯ | ୦ | ୬ | -୦.୭୧୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୨ | ୯ | ୦ | ୪ | -୧.୧୧୭ |

# ଜାତୀୟ ଦଳରେ ଆର୍ଯ୍ୟନ, ରଞ୍ଜିତ

**ଏସିଆନ ପୁରୁଷ ବିଚ୍ ହ୍ୟାଣ୍ଡବଲ**

**ଭୁବନେଶ୍ୱର, ୬।୫ (ତପନ ସ୍ୱାଇଁ)**

ଚଳିତ ମାସ ୬ରୁ ୧୫ ପର୍ଯ୍ୟନ୍ତ ଓମାନର ମସ୍କଟଠାରେ ୧୦ମ ଏସିଆ ପୁରୁଷ ବିଚ୍ ହ୍ୟାଣ୍ଡବାଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ମଙ୍ଗଳବାର ଭାରତୀୟ ଦଳ ଘୋଷିତ ହୋଇଛି। ଏଥିରେ ଓଡ଼ିଶାର ଯୁବ ଅନ୍ତର୍ଜାତୀୟ ଖେଳାଳି ଆର୍ଯ୍ୟନ ବ୍ରାହ୍ମୀନ ଓ ବରିଷ୍ଠ ଖେଳାଳି ରଞ୍ଜିତ ମହାନ୍ତି ସ୍ଥାନ ପାଇ ଇତିହାସ ରଚିଛନ୍ତି। ପ୍ରତିଯୋଗିତାରେ ଏସୀୟ ମହାଦେଶର ୯ଟି ଦେଶ ଭାଗ ନେଉଛନ୍ତି। ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ର ନାଥ ଦାସ ଓ ଭୁବନେଶ୍ୱର ହ୍ୟାଣ୍ଡବଲ ସଂଘ ସମ୍ପାଦକ ପ୍ରଶାନ୍ତ ନାୟକ, କୋଚ ଗୌରୀଶଙ୍କର ମିଶ୍ର ଆର୍ଯ୍ୟନ ଓ ରଞ୍ଜିତଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।



ଆର୍ଯ୍ୟନ ବ୍ରାହ୍ମିନ ଓ ରଞ୍ଜିତ ମହାନ୍ତି।

# ମୁହଁ ଖୋଲିଲେ କୋହଲି

**ଭାରତ, ଆର୍‌ସିବି ନେତୃତ୍ୱ ଛାଡ଼ିବା ପ୍ରସଙ୍ଗ**



ବିରାଟ କୋହଲି

ବେଙ୍ଗାଲୁରୁ,୬।୫: ପ୍ରତ୍ୟେକ ଆଥଲେଟ୍‌ଙ୍କ ଜୀବନରେ ଏମିତି ସମୟ ଆସେ, ଯେତେବେଳେ ସମର୍ଥକଙ୍କ ଆଶା ଆହୁରି ଭଲ ପ୍ରଦର୍ଶନ କରିବାକୁ ମୋଟିଭେଶନ ଯୋଗାଇବା ବଦଳରେ ଏକ ବୋଝ ପାଲଟିଯାଏ। ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ କ୍ୟାରିୟରରେ ୨୦୧୬ରୁ ୨୦୧୯ ମଧ୍ୟରେ ସେଭଳି ସମୟ ଆସିଥିଲା। ଏହି ବୋଝ ଅତ୍ୟଧିକ ହେବାରୁ କୋହଲି ଭାରତୀୟ ଦଳ ଓ ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ନେତୃତ୍ୱ ଛାଡ଼ିଥିଲେ। ଏ ନେଇ କୋହଲି ମଙ୍ଗଳବାର ଆର୍‌ସିବି ପଡକାଷ୍ଟରେ ପ୍ରକାଶ କରିଛନ୍ତି।

'ମୁଁ ୮ରୁ ୯ ବର୍ଷ ହେଲା ଭାରତୀୟ ଦଳ ଓ ୯ ବର୍ଷ ଧରି ଆର୍‌ସିବି ଦଳର ନେତୃତ୍ୱ ନେଉଥିଲି। ଏଥିସହିତ ପ୍ରତ୍ୟେକ ମ୍ୟାଚ୍‌ରେ ମୁଁ ବ୍ୟାଟରେ ପ୍ରଦର୍ଶନ କରିବି ବୋଲି ସମର୍ଥକଙ୍କ ଆଶା ମଧ୍ୟ ରହିଥିଲା। ଏହା ଅତ୍ୟଧିକ ହୋଇଯାଇଥିଲା। ଏହାକୁ ନେଇ ଅତ୍ୟଧିକ ଚର୍ଚ୍ଚା ଓ ତୀବ୍ରତା ଯୋଗୁ ମୋ ପାଖରେ ନିଃଶ୍ୱାସ ନେବାକୁ ସ୍ଥାନ ନ ଥିଲା। ମୁଁ କଦାପି ଚର୍ଚ୍ଚାରେ ନ ଥିବା ଭଳି ଅନୁଭବ କରିନାହିଁ। ଲଗାତର ମୋ ନେତୃତ୍ୱ ଓ ପ୍ରଦର୍ଶନକୁ ସମୀକ୍ଷା କରାଯାଉଥିଲା। ଶେଷରେ ମୋତେ ନିଜକୁ ପଚାରିବାକୁ ପଡ଼ିଥିଲା ଯେ, ମୁଁ ଏବେ ବି ଖୁସି ଅଛି କି। ମୁଁ ଏହାକୁ ଜାରି ରଖିବାକୁ ଚାହୁଁଛି କି' ବୋଲି କୋହଲି କହିଛନ୍ତି। ୨୦୨୧ ଆଇପିଏଲ୍ ଶେଷ ହେବା ପରେ କୋହଲି ଆର୍‌ସିବି ନେତୃତ୍ୱରୁ ଓହରି ଯାଇଥିଲେ। ଏହାପରେ ସେ ଭାରତୀୟ ଟି୨୦ ଦଳର ନେତୃତ୍ୱ ମଧ୍ୟ ଛାଡ଼ିବା ପରେ ତାଙ୍କୁ ଦିନିକିଆ ଦଳର ନେତୃତ୍ୱରୁ ବିସିସିଆଇ ହଟାଇଥିଲା। ୨୦୨୨ ଆରମ୍ଭରେ କୋହଲି ଟେଷ୍ଟ ଦଳର ନେତୃତ୍ୱ ମଧ୍ୟ ଛାଡ଼ିଥିଲେ।

### ଏକଦା ଆର୍‌ସିବି ଛାଡ଼ିବାକୁ ଚିନ୍ତା କରିଥିଲି

କୋହଲି ଆଇପିଏଲ୍ ଆରମ୍ଭରୁ ଆର୍‌ସିବି ସହ ଯୋଡ଼ି ହୋଇରହିଛନ୍ତି। ହେଲେ ଏକଦା ସେ ଆର୍‌ସିବି ଛାଡ଼ି ଅନ୍ୟ ଦଳରେ ସାମିଲ ହେବାକୁ ଚିନ୍ତା କରିଥିଲେ ବୋଲି ସେ ପ୍ରକାଶ କରିଛନ୍ତି।

ମୁଁ ଆର୍‌ସିବି ଛାଡ଼ିବା ଲାଗି ବ୍ୟଗ୍ର ନ ଥିଲି। କିନ୍ତୁ ମୁଁ ଏ ସମ୍ପର୍କରେ ଚିନ୍ତା କରିଥିଲି। ମୋତେ ଦଳ ପରିବର୍ତ୍ତନ କରିବାକୁ ପରାମର୍ଶ ମିଳୁଥିଲା। ମୁଖ୍ୟତଃ, ମୁଁ ମୋ କ୍ୟାରିୟରର ଶୀର୍ଷରେ ଥିଲା ବେଳେ ମୋତେ ସୁଯୋଗ ମିଳିଥିଲା। କିନ୍ତୁ ଶେଷରେ ମୁଁ ନିଜକୁ ପଚାରିଥିଲି ଯେ, ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ କ'ଣ। ମୋ ପାଇଁ ବିଶ୍ୱସ୍ତତା ଓ ଦୀର୍ଘ ବର୍ଷ ଧରି ଗଢ଼ିଉଠିଥିବା ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ। ଏହା ମୋ ଘର। ଆମେ ହାରୁ କି ଜିତୁ, ତାହା ଚଳିବ। ମୁଁ ଭାରତ ଲାଗି ଅନେକ କିଛି ଜିତିଛି। ମୋତେ କିଛି ନୂଆ ଉପଲବ୍ଧି ପଛରେ ଦୌଡ଼ିବାର ଆବଶ୍ୟକତା ନାହିଁ। ମୋତେ ଯେଉଁ ସ୍ଥାନ ସର୍ବଦା ସମର୍ଥନ କରିଆସିଛି, ସେଥିଲାଗି ମୁଁ ସଚ୍ଚୋଟ ରହିବାକୁ ଚାହେଁ ବୋଲି କୋହଲି କହିଛନ୍ତି।

# ଅକ୍ଟୋବର ୨ରୁ କଳିଙ୍ଗ କପ୍

**ଭୁବନେଶ୍ୱର, ୬।୫ (ତପନ ସ୍ୱାଇଁ)**

ଗୋପବନ୍ଧୁ କ୍ଲବ ଆନୁକୂଲ୍ୟରେ କଳିଙ୍ଗ କପ୍ ୨୦୨୫ର ୪ର୍ଥ ସଂସ୍କରଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରତିଯୋଗିତା ଅକ୍ଟୋବର ୨ରୁ ୫ ପର୍ଯ୍ୟନ୍ତ ହେବ। ସ୍ଥାନୀୟ ଗୋପବନ୍ଧୁ ପଡ଼ିଆରେ ମ୍ୟାଚ ଗୁଡ଼ିକ ଖେଳାଯିବ। ଚଳିତ ବର୍ଷ ଏହି ଟୁର୍ନାମେଣ୍ଟ ପାଇଁ କୌଣସି ଏଣ୍ଟ୍ରି ଫି ରଖା ଯାଇନାହିଁ ବୋଲି ଆୟୋଜକଙ୍କ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଚାମ୍ପିୟନ ଦଳକୁ ୧.୫ ଲକ୍ଷ, ରନରଅପ୍‌କୁ ୧ ଲକ୍ଷ, ୩ୟ, ୪ର୍ଥ, ୫ମ, ୬ଷ୍ଠ ଓ ଶୃଙ୍ଖଳିତ ଦଳକୁ ୫୦ ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯିବ। ଟୁର୍ନାମେଣ୍ଟ ଟେନିସ୍ ବଲରେ ଖେଳାଯିବାକୁ ଥିବା ବେଳେ ଲିଗ୍ ପର୍ଯ୍ୟାୟ ମ୍ୟାଚଗୁଡ଼ିକ ୧୦ ଓଭର ଏବଂ ସେମିଫାଇନାଲ ଓ ଫାଇନାଲ ୧୫ ଓଭର ବିଶିଷ୍ଟ ହେବ। ସମ୍ମିଳନୀରେ କ୍ଲବ କର୍ମକର୍ତ୍ତାଙ୍କ ମଧ୍ୟରେ ମହମ୍ମଦ ମୋସିନ, ସତ୍ୟ ନାରାୟଣ ସେଠୀ, ସମୀର ଦାସ, ନବଘନ ମିଶ୍ର, ଦେବାଶିଷ ପଟ୍ଟନାୟକ, ସୋମନାଥ ଦାସ, ଦେବ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

## ସୋହିନୀ, ଆହାନଙ୍କ ଅଭିଯାନ

**ଭୁବନେଶ୍ୱର, ୬।୫ (ତପନ ସ୍ୱାଇଁ):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଆଇଟିଏଫ୍ ୱାର୍ଲ୍ଡ ଜୁନିୟର ର୍‍ୟାଙ୍କିଙ୍ଗ୍ ଟେନିସ୍ ଟୁର୍ନାମେଣ୍ଟର ଉଭୟ ବାଳିକା ଓ ବାଳକ ସିଙ୍ଗଲ୍ସ ଏବଂ ଡବଲ୍ସରେ ଅଧିକାଂଶ ସିଡେଡ୍ ଖେଳାଳି ବିଜୟୀ ହୋଇ ଆଗକୁ ବଢ଼ିଛନ୍ତି। ୧୮ ବର୍ଷରୁ କମ୍ ବର୍ଗ ସିଙ୍ଗଲ୍ସର ଦ୍ୱିତୀୟ ରାଉଣ୍ଡ ଏବଂ ଡବଲ୍ସର ପ୍ରି-କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବାଳିକା ସିଙ୍ଗଲ୍ସରେ ଟପ୍ ସିଡ୍ ଓଡ଼ିଶାର ସୋହିନୀ ସଞ୍ଜୟ ମହାନ୍ତି ୬-୪, ୬-୩ ସେଟ୍‌ରେ ମିରାୟା ଅଗ୍ରୱାଲଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟତମ ଓଡ଼ିଶା ଖେଳାଳି ତଥା ଦ୍ୱିତୀୟ ସିଡ୍ ଆହାନ ୬-୨, ୬-୨ ସେଟ୍‌ରେ ଶ୍ରୀନିଦି ଚୌଧୁରୀଙ୍କୁ ପରାସ୍ତ କରିଛନ୍ତି। ବୁଧବାର ସିଙ୍ଗଲ୍ସରେ ରାଉଣ୍ଡ ଅଫ୍ ୧୬ ଏବଂ ଡବଲ୍ସରେ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଖେଳାଯିବ।

# ବିଶ୍ୱ ଆଥ୍‌ଲେଟିକ୍ସ ଦିବସ

**ନୂଆଦିଲ୍ଲୀ,୬।୫**

ଆଜି ବିଶ୍ୱ ଆଥ୍‌ଲେଟିକ୍ସ ଦିବସ। ଶାରୀରିକ ଫିଟନେସର ପ୍ରଚାର, ଆଥ୍‌ଲେଟିକ୍ସରେ ଯୁବପିଢ଼ିକୁ ଉତ୍ସାହିତ କରିବା ଏବଂ କ୍ରୀଡ଼ା ମାଧ୍ୟମରେ ସୁସ୍ଥ ଜୀବନ ଯାପନର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରତ୍ୟେକ ବର୍ଷ ମେ ୭ ତାରିଖରେ ବିଶ୍ୱ ଆଥ୍‌ଲେଟିକ୍ସ ଦିବସ ପାଳନ କରାଯାଏ। ୱାର୍ଲ୍ଡ ଆଥଲେଟିକ୍ସ ଭାବେ ଏବେ ପରିଚିତ ଅନ୍ତର୍ଜାତୀୟ ଆମେଚର ଆଥଲେଟିକ୍ସ ଫେଡେରେଶନ (ଆଇଏଏଏଫ୍) ପକ୍ଷରୁ ଟ୍ରାକ ଓ ଫିଲ୍ଡ ଇଭେଣ୍ଟ ମାଧ୍ୟମରେ ଯବପିଢ଼ି ମଧ୍ୟରେ ଏକ ସଶକ୍ତ କ୍ରୀଡ଼ା ପରମ୍ପରା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜିର ଦିନକୁ ଉତ୍ସର୍ଗ କରାଯାଇଛି। ଏହାକୁ ପୂରା ବିଶ୍ୱରେ ପାଳନ କରାଯାଏ। ଏହା ଖେଳୁଆଡ଼ ମନୋଭାବ, ଶୃଙ୍ଖଳା ଓ ସକ୍ରିୟ ଜୀବନଶୈଳୀର ଗୁରୁତ୍ୱକୁ ଦର୍ଶାଏ। ଚଳିତ ବର୍ଷର ବିଶ୍ୱ ଆଥଲେଟିକ୍ସ ଦିବସ ଲାଗି ୱାର୍ଲ୍ଡ ଆଥଲେଟିକ୍ସ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ଥିମ ଘୋଷଣା କରାଯାଇ ନାହିଁ। ପ୍ରତ୍ୟେକ ବର୍ଷ ଥିମ କ୍ରୀଡ଼ା ବିକାଶର ବିଭିନ୍ନ ଦିଗକୁ ପ୍ରଦର୍ଶିତ କରେ।

ବିଶ୍ୱ ଆଥଲେଟିକ୍ସ ଦିବସ ପ୍ରଥମେ ୧୯୯୬ରେ ପାଳିତ ହୋଇଥିଲା। ପ୍ରିମୋ ନେବିଓଲୋଙ୍କ ନେତୃତ୍ୱାଧୀନ ଆଇଏଏଏଫ୍ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଥ୍‌ଲେଟିକ୍ସ ପ୍ରତି ଇଚ୍ଛା ସୃଷ୍ଟି କରିବା ପାଇଁ ଏହାକୁ ଆରମ୍ଭ କରାଯାଇଥିଲା।



# ଦିବ୍ୟଦର୍ଶିନୀ, କାଜଲଙ୍କ ଶତକ

**ଆନ୍ତଃ ଜିଲା ମହିଳା କ୍ରିକେଟ**

**ଭୁବନେଶ୍ୱର, ୬।୫ (ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ମହିଳା ଟି୨୦ କ୍ରିକେଟ ସୁପର ଲିଗ୍ ପର୍ଯ୍ୟାୟରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ଗୁଡ଼ିକରେ କଟକ, ଯାଜପୁର ବଲାଙ୍ଗୀର, ଭୁବନେଶ୍ୱରର ସହଜ ବିଜୟ ହାସଲ କରିଛନ୍ତି। କଟକସ୍ଥିତ ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ମ୍ୟାଚରେ କଟକ ୧୦୧ରନରେ ଭଦ୍ରକକୁ ହରାଇ ଦେଇଛି। ଏଥିରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କଟକ ମୋନାଲିସା ରାଉତଙ୍କ ଅପରାଜିତ ୮୧ରନ (୫୨ ବଲ୍) ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ବିନିମୟରେ ୧୭୩ ରନ କରିଥିଲା। ଜବାବରେ ଭଦ୍ରକ ନିର୍ଦ୍ଧାରିତ ଓଭରରେ ୯ଉଇକେଟ ହରାଇ ୭୨ ରନ କରିପାରିଥିଲା। ବିପକ୍ଷ ଦଳର ଜାହ୍ନବୀ ଷଡ଼ଙ୍ଗୀ ୩ ଓ ଶୁଭ୍ରା ସ୍ୱାଇଁ ୨ ଉଇକେଟ ନେଇଥିଲେ। ବିଜୟୀ ଦଳର ମୋନାଲିସା ରାଉତ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ସମ୍ବଲପୁରକୁ ୯୭ ରନରେ ପରାସ୍ତ କରିଛି ଯାଜପୁର। ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଯାଜପୁର ନିର୍ଦ୍ଧାରିତ କାଜଲ ଜେନା (୧୦୧, ୬୬ ବଲ୍)ଙ୍କ ଅପରାଜିତ ଶତକ ଓ ଆଲିପ୍ସା ବିଶ୍ୱାଳ (୫୦ରନ, ୩୬ ବଲ୍)ଙ୍କ ଅର୍ଦ୍ଧଶତକ ସହାୟତାରେ ସହାୟତାରେ ୨ ଉଇକେଟରେ ୧୮୮ ରନ କରିଥିଲା। ଜବାବରେ ସମ୍ବଲପୁର ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୯୧ରନ କରିବାରେ ସମର୍ଥ ହୋଇଥିଲା। ଯାଜପୁର ଦଳର କାଜଲ ଜେନା ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ବଲାଙ୍ଗୀର ୮ଉଇକେଟରେ କିଟ୍‌କୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ୧୪.୪ ଓଭରରେ ମାତ୍ର ୩୮ରନ କରି ଅଲ୍‌ଆଉଟ ହୋଇ ଯାଇଥିଲା। ବିପକ୍ଷ ଦଳର ଶାରଦା ମହାନନ୍ଦ(୩-୨-୧-୩) ଓ ରସନାରା ପରବିନ(୨.୪-୦-୬-୩) ତିନୋଟି ଲେଖାଏଁ ଉଇକେଟ ହାସଲ କରିଥିଲେ। ବଲାଙ୍ଗୀର ୬.୧ ଓଭରରେ ୨ ଉଇକେଟରେ ୪୧ ରନ କରି ମ୍ୟାଚ ଜିତି ନେଇଥିଲା। ସେହିପରି ବିଡ଼ାନାସୀ ଗ୍ରାଉଣ୍ଡରେ ବରଗଡ଼ ବିପକ୍ଷରେ ଭୁବନେଶ୍ୱର ୧୨୧ରନରେ ବୃହତ୍ ବିଜୟ ହାସଲ କରିଛି। ଏଥିରେ ସୁଶ୍ରୀ ଦିବ୍ୟଦର୍ଶନୀ (୧୧୧ ରନ*, ୬୭ବଲ୍)ଙ୍କ ଅପରାଜିତ ଶତକ ସହାୟତାରେ ୨ଉଇକେଟ ବିନିମୟରେ ୧୮୦ରନ କରିଥିଲା। ଜବାବରେ ବଲାଙ୍ଗୀର ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୫୯ରନ କରିବାରେ ସକ୍ଷମ ହୋଇଥିଲା। ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅପରାଜିତ ଶତକ ବ୍ୟତୀତ ସେ ୧୫ ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ।



ସୁଶ୍ରୀ ଦିବ୍ୟଦର୍ଶିନୀ



କାଜଲ ଜେନା

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ